

ଜାନୁଆରୀ ୨୯ରେ
'ଲଭ୍ ଆଣ୍ଡ ୱାର୍'

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-75 ◆TUESDAY ◆8 SEPTEMBER 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୭୫ ◆ମଙ୍ଗଳବାର ◆୮ ସେପ୍ଟେମ୍ବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଉତ୍ତରପ୍ରଦେଶରେ କ୍ୟାଣ୍ଟର ଓଲଟି ୧୨ ଶ୍ରଦ୍ଧାଳୁ ମୃତ



■ ବାଘପତ, ୭।୯(ଏଜେନ୍ସି): ଉତ୍ତରପ୍ରଦେଶର ବାଘପତ ଜିଲ୍ଲା ଇଷ୍ଟର୍ଣ୍ଣ ପେରିଫେରାଲ୍ ଏକ୍ସପ୍ରେସୱେରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣାରେ ୧୨ ଜଣ ପ୍ରାଣ ହରାଇଛନ୍ତି। ରାଜସ୍ଥାନର ବାଗଡ଼ ଧାମରୁ ଦର୍ଶନ ସାରି ବଦାୟୁଁ ଫେରୁଥିବା ଶ୍ରଦ୍ଧାଳୁଙ୍କ ଏକ କ୍ୟାଣ୍ଟର ଗାଡ଼ି ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ୧୬ରୁ ଅଧିକ ଲୋକ ଗୁରୁତର ଭାବେ ଆହତ ହୋଇଛନ୍ତି। ରବିବାର ବିଳମ୍ବିତ ରାତିରେ ବାଘପତ ଜିଲ୍ଲା ମୁଖ୍ୟାଳୟଠାରୁ ପ୍ରାୟ ୧୫ କିଲୋମିଟର ଦୂରରେ ଥିବା ଖେକ୍ରା କୋତବାଲି ଅଞ୍ଚଳର ବାସୀ ଏବଂ ବାଡ଼ା ଗାଁ ନିକଟରେ ଏହି ଦୁର୍ଘଟଣା ଘଟିଥିଲା। ଗାଡ଼ିଟିରେ ବୁଦାଉଁର ପ୍ରାୟ ୩୨ ଜଣ ଶ୍ରଦ୍ଧାଳୁ ଯାତ୍ରା କରୁଥିଲେ। ଖବର ପାଇ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଜିଲ୍ଲା ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଡାକ୍ତର ୬ ଜଣଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ଆହତଙ୍କ ମଧ୍ୟରୁ ଆଜି ଆଉ ୬ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ପ୍ରାଥମିକ ସୂଚନାରୁ ଜଣାପଡ଼ିଛି ଯେ, ରାତିରେ ଶ୍ରଦ୍ଧାଳୁ ଶୋଇଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା।। ପଛରୁ ଆସୁଥିବା ଅନ୍ୟ ଏକ ଗାଡ଼ି ଧକ୍କା ଦେବାରୁ କ୍ୟାଣ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ଜଣେ ଆହତ ଯାତ୍ରୀ କହିଛନ୍ତି।

## ହିମାଳୟ ବରଫ ତରଳିବା ପଛରେ ମଣିଷ ପରିସ୍ରା!



■ ନୂଆଦିଲ୍ଲୀ,୭।୯(ଏଜେନ୍ସି): ବିଶ୍ୱର ସର୍ବୋଚ୍ଚ ଶୃଙ୍ଗ ଏଭରେଷ୍ଟର ବେସ୍ କ୍ୟାମ୍ପରେ ବୃଦ୍ଧି ପାଉଥିବା ଜନଗହଳି ଓ ମାନବୀୟ କାର୍ଯ୍ୟକଳାପ ବର୍ତ୍ତମାନ ସେଠାକାର ପରିବେଶ ପାଇଁ ବିପଦ ସୃଷ୍ଟି କରିଛି। ରିଜିଓନାଲ ଏନଭାଇରନମେଣ୍ଟାଲ ଚେଞ୍ଜ ପତ୍ରିକାରେ ପ୍ରକାଶିତ ଗବେଷଣା ଅନୁଯାୟୀ, ବିଶ୍ୱତାପନ ବ୍ୟତୀତ ବେସ୍ କ୍ୟାମ୍ପରେ ବ୍ୟବହୃତ ଇନ୍ଧନ ଏବଂ ପର୍ବତାରୋହୀଙ୍କ ପରିସ୍ରାରୁ ନିର୍ଗତ ଉତ୍ତାପ ଯୋଗୁଁ ଖୁମ୍ବୁ ହିମପର୍ବତ ଦ୍ରୁତ ଗତିରେ ତରଳିବାରେ ଲାଗିଛି। ରିପୋର୍ଟ ଅନୁସାରେ, ପ୍ରତିବର୍ଷ ପ୍ରାୟ ୮୦୦ ରୁ ୧,୨୦୦ ପର୍ବତାରୋହୀ ଏଭରେଷ୍ଟ ନିକଟକୁ ଯାତ୍ରା କରିଥାନ୍ତି। ସେମାନଙ୍କୁ ସାହାଯ୍ୟ କରିବା ପାଇଁ ୫୦୦ ରୁ ୭୦୦ ସ୍ଥାନୀୟ ପର୍ବତାରୋହୀ ମୂଳ ଶିବିରରେ ଏକତ୍ରିତ ହୁଅନ୍ତି। ତଥ୍ୟ ଅନୁଯାୟୀ ୨୦୨୩ ପର୍ବତାରୋହଣ ଋତୁରେ, ବେସ୍ କ୍ୟାମ୍ପରେ ପର୍ବତାରୋହୀମାନଙ୍କ ଦ୍ୱାରା ଦୈନିକ ପ୍ରାୟ ୬,୭୬୬ ଲିଟର ପରିସ୍ରା ନିର୍ଗତ ହୋଇଥିଲା। ଶରୀରରୁ ବାହାରୁଥିବା ଏହି ପରିସ୍ରାର ଉତ୍ତାପ ବରଫ ତରଳାଇବାରେ ସହାୟକ ହେଉଛି। ମାନବୀୟ ବିଭିନ୍ନ କାର୍ଯ୍ୟକଳାପ ଯୋଗୁଁ ତରଳୁଥିବା ବରଫ ମଧ୍ୟରୁ ପରିସ୍ରାର ଉତ୍ତାପ ପ୍ରାୟ ୬% ପାଇଁ ଦାୟୀ ରହିଥିବା ଜଣାପଡ଼ିଛି। ଏହା ବ୍ୟତୀତ ରନ୍ଧନ, ଗରମ ଏବଂ ବିଦ୍ୟୁତ ପାଇଁ ବ୍ୟବହୃତ ଏଲ୍‌ପିଜି, କିରୋସିନି ଓ ପେଟ୍ରୋଲ ପରି ଜୀବାଶ୍ମ ▶ପୃଷ୍ଠା-୭

# ଜଟିଳ ହେଉଛି ଡିଜିପି ନିଯୁକ୍ତି ମାମଲା

## ନିଜ ଆଡୁ ପକ୍ଷଭୁକ୍ତ ହେଲେ ଆଇପିଏସ୍ ସୁଶାନ୍ତ ନାଥ

■ ଭୁବନେଶ୍ୱର,୭।୯(ସମିସ): ପଦ୍ମ ଘୁଞ୍ଚି ଘୁଞ୍ଚି ଗଲା ଭଳି ସୁପ୍ରିମକୋର୍ଟରେ ଓଡ଼ିଶା ଡିଜିପି ଚୟନ ମାମଲା ଗଡ଼ି ଚାଲିଛି। ସୋମବାର ସୁପ୍ରିମ୍‌କୋର୍ଟରେ ଡିଜିପି ଚୟନ ମାମଲାର ଶୁଣାଣି ଥିଲା। ହେଲେ ମାତ୍ର ୭ ମିନିଟ୍ ଶୁଣାଣି ପରେ ଏହି ମାମଲାର ଶୁଣାଣି ଆସନ୍ତା ୧୬ ତାରିଖକୁ ଘୁଞ୍ଚି ଯାଇଛି। ତେବେ ଏହା ମଧ୍ୟରେ ସୁପ୍ରିମକୋର୍ଟରେ ଏକାଧିକ କଥା ସାମ୍ନାକୁ ଆସିଛି। ପ୍ରଥମ ଥର ପାଇଁ ଏହି ମାମଲାରେ ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଜଣେ ବରିଷ୍ଠ ଆଇପିଏସ୍ ଅଫିସର ତଥା ଜେଲ୍ ଡିଜି ସୁଶାନ୍ତ ନାଥଙ୍କ ଏହି ମାମଲାରେ ଏଣ୍ଟ୍ରି ହୋଇଛି। ତାଙ୍କ ପକ୍ଷକୁ ବି ଶୁଣିବା ଆବଶ୍ୟକ ବୋଲି ସୁଶାନ୍ତ ତାଙ୍କ ଓକିଲଙ୍କ ଜରିଆରେ ସୁପ୍ରିମକୋର୍ଟଙ୍କୁ ନିବେଦନ କରିଛନ୍ତି। ପୂର୍ବ ଶୁଣାଣି ବେଳେ ଆମିକସ୍ କ୍ୟୁରୀ ରାଜୁ ରାମଚନ୍ଦ୍ରନ୍ ତାଙ୍କ ସ୍ୱାଧୀନ ମତ କୋର୍ଟଙ୍କ ସମ୍ମୁଖରେ ଉପସ୍ଥାପନା କରିଥିଲେ। ଯାହାର ଜବାବ ନେବାକୁ ସମୟ ଲାଗିବ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟା ଅନୁରୋଧ କରିବା ପରେ ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣି ତାରିଖ ଧାର୍ଯ୍ୟ କରିଥିଲେ।

ଡିଜିପି ଚୟନ ମାମଲାରେ ସୁଶାନ୍ତ ନାଥଙ୍କ ଏଣ୍ଟ୍ରି ଏବେ ଅନେକ କିଛି ଦିଗକୁ ଇଙ୍ଗିତ କରୁଛି। ପ୍ରଥମରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ଏଜି ପୀତାମ୍ବର ଆଚାର୍ଯ୍ୟ ସୁପ୍ରିମକୋର୍ଟଙ୍କ ପାଖରେ ଗୋଟିଏ ଯୁକ୍ତି

### ପୁଣି ୧୬କୁ ଘୁଞ୍ଚିଲା ଶୁଣାଣି

ଉପସ୍ଥାପନା କରି ଏହା ସେବା ସମ୍ପର୍କିତ ମାମଲା ଦର୍ଶାଇବାରୁ ପିଆଇଏଲ୍‌ର ପ୍ରାସଙ୍ଗିକତାକୁ ନେଇ ପ୍ରଶ୍ନ କରାଯାଇଥିଲା। ହେଲେ ସୁଶାନ୍ତଙ୍କ ଏଣ୍ଟ୍ରୀ ପରେ ଏହି ମାମଲାରେ ଏକପ୍ରକାର 'ଲୋକସ୍ ଷ୍ଟାଣ୍ଡିଙ୍ଗ୍' ଆସିଯାଇଛି ବୋଲି ଆଲୋଚନା ହୋଉଛି। ଏହାର ଅର୍ଥ ପ୍ରଭାବିତ ପାର୍ଥୀ ନିଜେ ସିଧାସଳଖ ସାମ୍ନାକୁ ଆସି ମାମଲାରେ ପକ୍ଷଭୁକ୍ତ ହୋଇଛନ୍ତି। ରାଜ୍ୟ ସରକାର କିଭଳି ଭାବେ ୟୁପିଏସ୍‌ସିକୁ ନିଜ ଦ୍ୱାରା ପଠାଯାଇଥିବା ଏକ ତାଲିକାରୁ ସୁଶାନ୍ତଙ୍କୁ ହଟାଇବାକୁ ଚାହୁଁଛନ୍ତି ସେ ନେଇ ଆପତ୍ତି ଉଠାଇଛନ୍ତି। ଜେଲ୍ ଡିଜିପି ସୁଶାନ୍ତ ନାଥ ସୁପ୍ରିମକୋର୍ଟର ବିଚାର ପ୍ରକ୍ରିୟାରେ ହସ୍ତକ୍ଷେପକାରୀ ଭାବରେ ଯୋଗ ଦେଉଛନ୍ତି।

ସେହିପରି ରବିବାର ମଧ୍ୟ ପିଟିସନରଙ୍କ ପକ୍ଷରୁ ଅତିରିକ୍ତ ପିଟିସନ ଦାଖଲ କରାଯାଇଥିଲା। ଯେଉଁଥିରେ ଉଲ୍ଲେଖ କରାଯାଇଥିଲା ଯେ ରାଜ୍ୟ ସରକାର ଏହି ମାମଲାରେ ବହୁତ କିଛି ତଥ୍ୟ ଲୁଚାଇଛନ୍ତି। ଏହାସହ ଗୁରୁତ୍ୱପୂର୍ଣ୍ଣ ଚିଠିର ନକଲ ସଂଲଗ୍ନ କରି ନାହାନ୍ତି। ଆବେଦନକାରୀ ଅତିରିକ୍ତ ସତ୍ୟପାଠରେ ଦର୍ଶାଇଛନ୍ତି ଯେ, ଓଡ଼ିଶା ସରକାରଙ୍କ ଯବାବରେ ଯଦିଓ କେନ୍ଦ୍ର ସରକାରଙ୍କ ଗୃହ ମନ୍ତ୍ରଣାଳୟର ରାଜ୍ୟ ନିଯୁକ୍ତି ଚିଠି ସମ୍ପର୍କିତ ୨୦୨୬ ଫେବ୍ରୁଆରୀ ୯ର ଚିଠି ଉଲ୍ଲେଖ ରହିଛି, କିନ୍ତୁ ଏହାକୁ ସଂଲଗ୍ନ କରାଯାଇ ନାହିଁ। ଏହା ମଧ୍ୟରେ ଆମିକସ୍ କ୍ୟୁରୀ ମଧ୍ୟ ପୂର୍ବ ଶୁଣାଣିରେ ନିଜର ସ୍ୱାଧୀନ ମତ ଉପସ୍ଥାପନା କରି ସାରିଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ▶ପୃଷ୍ଠା-୭

**ଖଣି ଆଇନ ସଂଶୋଧନକୁ ବିରୋଧ**

## ୯ରେ ଲୋକଭବନ ସମ୍ମୁଖରେ ବିଜେଡିର ଗଣଧାରଣା

ଭୁବନେଶ୍ୱର,୭।୯(ସମିସ): ଏମଏମଡିଆର ସଂଶୋଧନ ଆଇନକୁ ଓଡ଼ିଶାର ସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରି ଏହାକୁ ବିରୋଧ କରିଆସୁଥିବା ବିଜୁ ଜନତା ଦଳ ଆନ୍ଦୋଳନାତ୍ମକ ରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛି। ଆସନ୍ତା ୯ ତାରିଖରେ ବିଜେଡି ପକ୍ଷରୁ ଲୋକଭବନ ଆଗରେ ଗଣଧାରଣା ଦିଆଯିବ। ଏହା ସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଆଇନର ପ୍ରତ୍ୟାହାର

- ■ ଆଇନ ପ୍ରତ୍ୟାହାର ଲାଗି ରାଷ୍ଟ୍ରପତିଙ୍କୁ ଦିଆଯିବ ଦାବିପତ୍ର
- ■ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ପାଇଁ ରାଜ୍ୟପାଳଙ୍କ ନିକଟରେ ହେବ ଦାବି

ଦାବିରେ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କୁ ପ୍ରଦାନ କରାଯିବ। ସୋମବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ସଞ୍ଜୟ ଦାସବର୍ମା, ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ପଣ୍ଡା ଏନେଇ ସୂଚନା ପ୍ରଦାନ କରିଛନ୍ତି।

ବିଜେଡି ନେତାମାନେ କହିଛନ୍ତି ଯେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଏମଏମଡିଆର ଆଇନ ଓଡ଼ିଶାର ସ୍ୱାର୍ଥ ବିରୋଧୀ ଓ ଏହି ଆଇନ ଯୋଗୁଁ ▶ପୃଷ୍ଠା-୭

## ଫେବୃଆରୀ-ମାର୍ଚ୍ଚରେ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ସମ୍ଭାବନା

■ ନୂଆଦିଲ୍ଲୀ, ୭।୯(ଏଜେନ୍ସି): ଆସନ୍ତା ବର୍ଷ ଫେବୃଆରୀ-ମାର୍ଚ୍ଚରେ ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ, ଗୋଆ ଓ ମଣିପୁରରେ ବିଧାନସଭା ନିର୍ବାଚନ ହେବାର ସମ୍ଭାବନା ରହିଛି। ଜନଗଣନା-୨୦୨୭ର କାର୍ଯ୍ୟସୂଚୀରେ ପରିବର୍ତ୍ତନ ପରେ ଏହି ୫ ରାଜ୍ୟର ନିର୍ବାଚନ ସମୟ ପ୍ରାୟ ସ୍ପଷ୍ଟ ହୋଇଛି। ଏହି ୫ ରାଜ୍ୟ ମଧ୍ୟରୁ ମଣିପୁର ବିଧାନସଭାର କାର୍ଯ୍ୟକାଳ ୨୦୨୭ ମାର୍ଚ୍ଚ ୧୩ରେ ଶେଷ ହେଉଛି। ଗୋଆର ମାର୍ଚ୍ଚ ୧୪, ପଞ୍ଜାବର ମାର୍ଚ୍ଚ ୧୬ ଓ ଉତ୍ତରାଖଣ୍ଡର ମାର୍ଚ୍ଚ ୨୮ରେ କାର୍ଯ୍ୟକାଳ ଶେଷ ହେବ। ଉତ୍ତରପ୍ରଦେଶ ବିଧାନସଭାର କାର୍ଯ୍ୟକାଳ ମେ' ୨୨ରେ ଶେଷ ହେବ।

ଏହିସବୁ ରାଜ୍ୟରେ ଏକ ସମୟରେ ବିଧାନସଭା ନିର୍ବାଚନ ହେଲେ ମାର୍ଚ୍ଚ ୧୩ ପୂର୍ବରୁ ନିର୍ବାଚନ ପ୍ରକ୍ରିୟା ସଂପନ୍ନ କରିବାକୁ ପଡ଼ିବ। ଏହା ହେଲେ ଉତ୍ତରପ୍ରଦେଶରେ ବିଧାନସଭା କାର୍ଯ୍ୟକାଳ ଶେଷ ହେବାର ପ୍ରାୟ ଦୁଇ ମାସ ପୂର୍ବରୁ ମତଦାନ ହେବ। ବଡ଼ ରାଜ୍ୟ ହୋଇଥିବାରୁ ଉତ୍ତରପ୍ରଦେଶରେ ଏକାଧିକ ପର୍ଯ୍ୟାୟରେ ଭୋଟ ହେବାର ସମ୍ଭାବନା ରହିଛି। ନିର୍ବାଚନ କାର୍ଯ୍ୟସୂଚୀ ଜାନୁଆରୀ ୨୦୨୭ରେ ଘୋଷଣା ହୋଇପାରେ। ଏହି ୫ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ମଧ୍ୟ ଚାଲିଛି। ନିର୍ବାଚନ ଓ ଜନଗଣନା କାର୍ଯ୍ୟ ଏକ ସମୟରେ ନ ପଡ଼ିବା ପାଇଁ କେନ୍ଦ୍ର ସରକାର ଉତ୍ତରପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡର ବରଫ ନ ପଡୁଥିବା ଅଞ୍ଚଳ ଏବଂ ଗୋଆରେ ଜନସଂଖ୍ୟା ଗଣନା ପର୍ଯ୍ୟାୟକୁ ଡିସେମ୍ବର ୧, ୨୦୨୬ରୁ ଜାନୁଆରୀ ୪, ୨୦୨୭ ମଧ୍ୟରେ କରିବାକୁ ନିଷ୍ପତ୍ତି ନେଇଛି। ମଣିପୁରରେ ଜନଗଣନାର ଘର ତାଲିକା ପ୍ରସ୍ତୁତି ପର୍ଯ୍ୟାୟକୁ ପରେ ▶ପୃଷ୍ଠା-୭

### ଅକ୍ଟୋବରରେ ବିଧାନସଭାର ୫ ଆସନ, ଲୋକସଭାର ଗୋଟିଏରେ ଉପନିର୍ବାଚନ

■ ନୂଆଦିଲ୍ଲୀ, ୭।୯(ଏଜେନ୍ସି): ଆସନ୍ତା ଅକଟୋବର ମାସ ୬ ତାରିଖରେ ତିନିଟି ରାଜ୍ୟ ବିଧାନସଭାର ୫ଟି ଆସନରେ ଏବଂ ଆସାମର ନଗାଓଁ ଲୋକସଭା ଆସନରେ ଉପନିର୍ବାଚନ ହେବାକୁ ଯାଉଛି। ନିର୍ବାଚନ କମିସନ ପକ୍ଷରୁ ଆଜି ଏହି ସୂଚନା ଦିଆଯାଇଛି। ତାମିଲନାଡୁରେ ଦୁଇଟି, ପଶ୍ଚିମବଙ୍ଗରେ ଦୁଇଟି ଏବଂ ପୁଡୁଚେରୀର ଗୋଟିଏ ଆସନରେ ଉପନିର୍ବାଚନ ହେବ। ଆସନ୍ତା ୯ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବ। ଅକଟୋବର ୯ ତାରିଖରେ ଭୋଟ ଗଣତି କରାଯିବ ବୋଲି କମିସନଙ୍କ ପକ୍ଷରୁ କୁହାଯାଇଛି।

## ବଜ୍ରପାତରେ ଚାଷୀ ମୃତ, ଝିଅ।ରୀ ଗୁରୁତର

■ ବାରିପଦା, ୭।୯(ସମିସ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ନାଡ଼ି ପଞ୍ଚାୟତ ଆନ୍ଦୋଳା ଗ୍ରାମ ନିକଟରେ ସୋମବାର ଅପରାହ୍ନରେ ବଜ୍ରପାତ ଘଟି ଜଣେ ବୃଦ୍ଧ ଚାଷୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ତାଙ୍କ ଝିଅାରୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ମୃତକ ଜଣକ ଆନ୍ଦୋଳା ଗ୍ରାମର ସୁରେନ୍ଦ୍ର ପାତ୍ର (୬୫) ଓ ଗୁରୁତର ଆହତ ଝିଅାରୀ ପଦ୍ମାବତୀ ପାତ୍ର (୫୫) ବୋଲି ଚିହ୍ନଟ ହୋଇଛନ୍ତି। ସୂଚନା ମୁତାବକ, ଉଭୟ ସୁରେନ୍ଦ୍ର ଓ ତାଙ୍କ ଝିଅାରୀ ପଦ୍ମାବତୀ ଗାଁ ନିକଟସ୍ଥ ଧାନ ବିଲରେ ଘାସ ବାଛିବା କାମରେ ନିୟୋଜିତ ଥିଲେ। ଅପରାହ୍ନ ପ୍ରାୟ ୩ଟାବେଳେ ହଠାତ୍ ପାଗ ବଦଳିବା ସହ ପ୍ରବଳ ବଜ୍ରପାତ ଘଟିଥିଲା। ବଜ୍ରାଘାତର ମାତ୍ରା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ସୁରେନ୍ଦ୍ରଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ନିକଟରେ ଥିବା ପଦ୍ମାବତୀ ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନା ପଠାଇବା ସହ ସ୍ଥାନୀୟ ପୁଲିସକୁ ସୂଚନା ଦେଇଥିଲେ। ଖବର ପାଇ ବାଙ୍ଗିରିପୋଷି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

**ମିଶିବ ଦଶମ ଓ ଦ୍ୱାଦଶ ବୋର୍ଡ**

## କଟକରୁ ଉଠିଯିବ ବୋର୍ଡ କାର୍ଯ୍ୟାଳୟ !

■ ଭୁବନେଶ୍ୱର, ୭।୯(ସମିସ): ଆଉ ରହିବନି କଟକସ୍ଥିତ ମାଧ୍ୟମିକ ଶିକ୍ଷା ପରିଷଦ (ବିଏସ୍‌ଇ)ର ଅସ୍ତିତ୍ୱ। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ସହିତ ମିଶ୍ରଣ ହେବ। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଢାଞ୍ଚାରେ ଗୋଟିଏ ବୋର୍ଡ ଅଧୀନରେ ଉଭୟ ଦଶମ ଓ ଦ୍ୱାଦଶ ପରୀକ୍ଷା ପରିଚାଳନା ହେବ। ଏନେଇ ରାଜ୍ୟ ସରକାର ଯୋଜନା କରୁଥିବାବେଳେ ସରକାର ଚିଠା ଆଇନ ପ୍ରସ୍ତୁତ କରୁଛନ୍ତି। ଚିଠା ଆଇନ କାର୍ଯ୍ୟକାରୀ ହେବା ପରେ ନୂଆ ବୋର୍ଡ ଗଠନ ପ୍ରକ୍ରିୟା ଆନୁଷ୍ଠାନିକ ଭାବେ ଆଗକୁ ବଢ଼ିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସଚିବ ଡ. ଏନ୍ ତିରୁମାଳା ନାୟକ ସୂଚନା ଦେଇଛନ୍ତି।

ସିଏଚ୍‌ଏସ୍‌ଇର ୪୪ ତମ ପ୍ରତିଷ୍ଠା ଦିବସ ଅବସରରେ ସେ ଆହୁରି କହିଛନ୍ତି ଯେ ଉଭୟ ବୋର୍ଡ ମିଶ୍ରଣ ହେଲେ ମଧ୍ୟ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଶୈଳୀ କିମ୍ବା ପାଟର୍ନରେ କୌଣସି ପରିବର୍ତ୍ତନ ହେବ ନାହିଁ। କେବଳ ପ୍ରଶାସନିକ ବ୍ୟବସ୍ଥାକୁ ଏକାଠି କରାଯିବ। ନୂତନ ଏକକ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟ କେଉଁଠି ରହିବ, ସେନେଇ ସରକାର ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଷ୍ପତ୍ତି ନେବେ। ମାତ୍ର ସଚିବଙ୍କ ମନ୍ତବ୍ୟ ପରେ କଟକସ୍ଥିତ ଦଶମ ବୋର୍ଡ କାର୍ଯ୍ୟାଳୟର ଅସ୍ତିତ୍ୱ ଲୋପ ପାଇବ ବୋଲି ଏକ ପ୍ରକାର ସ୍ପଷ୍ଟ ବାରି ହେଉଛି। ପର୍ଯ୍ୟାପ୍ତ ସ୍ଥାନ ଥିବା ସିଏଚ୍‌ଏସ୍‌ଇ କାର୍ଯ୍ୟାଳୟକୁ ବୋର୍ଡ ଅଫିସ୍ ଉଠାଇ ଆଣିବାକୁ ଏକ ପ୍ରକାର ନିଷ୍ପତ୍ତି ହୋଇସାରିଛି। କଟକରୁ ଆଉ ଏକ କାର୍ଯ୍ୟାଳୟ ଭୁବନେଶ୍ୱରକୁ ଉଠିଯିବା ପାଇଁ ନିଷ୍ପତ୍ତି ପ୍ରାୟତଃ ଚୂଡ଼ାନ୍ତ ହୋଇଥିବାବେଳେ ସରକାରଙ୍କ ପକ୍ଷରୁ କେବଳ ବିଧିବଦ୍ଧ ଘୋଷଣା ବାକି ରହିଛି।

- ■ ସିବିଏସ୍‌ଇ ଢାଞ୍ଚାରେ ଗୋଟିଏ ବୋର୍ଡ ଅଧୀନରେ ପରୀକ୍ଷା
- ■ ନୂଆ ଚିଠା ଆଇନ ପ୍ରସ୍ତୁତି ଚାଲିଛି: ଗଣଶିକ୍ଷା ସଚିବ

ଶିକ୍ଷାର ଖର୍ଚ୍ଚ ବଢ଼ିବା ସହ ଅନେକ ଛାତ୍ରଛାତ୍ରୀ ଟ୍ୟୁସନ ଉପରେ ନିର୍ଭର କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଡିଜିଟାଲ୍ ମାଧ୍ୟମରେ ମାଗଣା ଶିକ୍ଷାଦାନର ବ୍ୟବସ୍ଥା କରିବାକୁ ଯୋଜନା କରାଯାଉଛି। ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପାଇଁ ସିଏଚ୍‌ଏସ୍‌ଇ ସିଲାବସ୍ ପ୍ରସ୍ତୁତ କରୁଛି। ଡିଜିଟାଲ୍ ମାଧ୍ୟମରେ ମାଗଣାରେ ପାଠପଢ଼ା ଉପଲବ୍ଧ ହେଲେ ଛାତ୍ରଛାତ୍ରୀଙ୍କୁ ଆଇଆଇଟି ଓ ନିଟ୍ ପରି ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତିରେ ସହାୟତା ମିଳିବ। ଏଥିପାଇଁ ସିଏଚ୍‌ଏସ୍‌ଇକୁ ୧୦ କୋଟି ଟଙ୍କା ଯୋଗାଇ ଦିଆଯାଇଥିବା ସଚିବ ଡ. ନାୟକ କହିଛନ୍ତି। ସେହିପରି ଓପନ୍ ଲର୍ଣ୍ଣିଂ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରାଯିବ। ଓପନ୍ ଲର୍ଣ୍ଣିଂରେ ଯୁକ୍ତ ଦୁଇ ଶିକ୍ଷାକୁ ଯୋଡ଼ିବା ପାଇଁ ପଦକ୍ଷେପ ନିଆଯିବ। ଫଳରେ ନିୟମିତ ଶିକ୍ଷା ବ୍ୟବସ୍ଥାରୁ ବଞ୍ଚିତ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ଜାରି ରଖିବେ। ଶିକ୍ଷାକୁ କେବଳ ପରୀକ୍ଷା ଓ ମାର୍କ ମଧ୍ୟରେ ସୀମିତ ନରଖି ଦକ୍ଷତା, ପ୍ରାକ୍ଟିକାଲ ଲର୍ଣ୍ଣିଂ, ଡିଜିଟାଲ୍ ଶିକ୍ଷା ଓ ରୋଜଗାର ସହ ଯୋଡ଼ିବାକୁ ଗୁରୁତ୍ୱାରୋପ କରାଯାଉଛି।

ଏହି ଘଟଣା ଉପରେ ପ୍ରତିକ୍ରିୟା ରଖି ଓଡ଼ିଶା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ସଭାପତି ବ୍ରହ୍ମାନନ୍ଦ ମହାରଣା କହିଛନ୍ତି ଯେ ପ୍ରାଥମିକ ଶିକ୍ଷକମାନେ ସ୍ୱତନ୍ତ୍ର ଏଲିମେଣ୍ଟାରୀ ▶ପୃଷ୍ଠା-୭

## ୯ରୁ ରାଜ୍ୟରେ ପୁଣି ବଢ଼ିବ ବର୍ଷା

■ ଭୁବନେଶ୍ୱର,୭।୯(ସମିସ): ଆସନ୍ତା ୯ ତାରିଖରୁ ରାଜ୍ୟରେ ବର୍ଷାର ପରିମାଣ ବଢ଼ିବାର ସମ୍ଭାବନା ରହିଛି। ଆଗାମୀ ସେପ୍ଟେମ୍ବର ୯ ତାରିଖ ବେଳକୁ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ବର୍ଷାର ପରିମାଣ ବଢିବା ସହ କେତେକ ସ୍ଥାନରେ ପ୍ରବଳ ବର୍ଷା ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ମୌସୁମୀ ଜନିତ ଟ୍ରଫ୍ ଗଙ୍ଗାନଗର, ଉତ୍ତପ୍ରଦେଶଠାରୁ ନେଇ ଉତ୍ତରପୂର୍ବ ବଙ୍ଗୋପସାଗର ମଧ୍ୟରେ ରହିଛି। ଏହାଫଳରେ କାଁ ଭାଁ ସ୍ଥାନରେ ବର୍ଷା ହେଉଛି। ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ ବିଶେଷ ବର୍ଷା ନ ଥିଲେ ମଧ୍ୟ ଏହି ସମୟରେ କିଛି କିଛି ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହବାର ସମ୍ଭାବନା ରହିଛି।

**ଆଗକୁ ସୃଷ୍ଟି ହେବ ୨ ଟି ଲଘୁଚାପ**



ମଙ୍ଗଳବାର ଗଜପତି, ଗଞ୍ଜାମ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କଟକ, ଜଗତସିଂହପୁର, କେନ୍ଦ୍ରାପଡା, କଟକ, ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ, ଝାରସୁଗୁଡା ଓ ସୁନ୍ଦରଗଡ ଏହି ୧୫ ଜିଲ୍ଲାରେ ବିଜୁଳି ଘଡଘଡି ସହ କାଁ ଭାଁ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ତେବେ ଆସନ୍ତା ୯ ତାରିଖରୁ ବର୍ଷା ବଢିବା ସହ ମୟୂରଭଞ୍ଜ ବାଲେଶ୍ୱର ଓ କେନ୍ଦୁଝରରେ ପ୍ରବଳ ବର୍ଷା ସହ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ କିଛି କିଛି ଅଞ୍ଚଳରେ ଭଲ ବର୍ଷା ଆଶଙ୍କା କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲା ପାଇଁ ୟେଲୋ ଆଲର୍ଟ ଜାରି କରିଛି। ଅନ୍ୟପଟେ ପାଣିପାଗ ▶ପୃଷ୍ଠା-୭

### ଓଲଟ ପାଲଟ



ବିରୋଧୀ କହିଲେ ଓଡିଶା ପାଇଁକି
କେନ୍ଦ୍ର କରେ ଅବହେଳା,
ଖଣି-ପାଣି ସବୁ ଲୁଟ୍ ଚାଲିଛି
ଦୁର୍ନୀତି ପୁଳା ପୁଳା।
ପ୍ରତ୍ୟେକ କଥାରେ ଶାସକ ଦଳଟା
ଝାଡ଼ିଲା ମୁହଁ ଫୁଟାଣି,
ଏବେ ଦୁଇ ମନ୍ତ୍ରୀ ବିରୋଧ କରନ୍ତି
କଳିଜା ହୁଅଇ ପାଣି ।
କି କରିବ ଧନ ମଣୀ ॥

-ଯାଯାବର

**ବିଜେପିରେ ଫାଟ ଜଳଜଳ**

## କାର୍ଯ୍ୟକାରିଣୀକୁ ଆସିଲେନି ୬ ନେତା

■ ଭୁବନେଶ୍ୱର,୭।୯(ସମିସ): ଗତ ୫ ଓ ୬ ତାରିଖ ଦୁଇଦିନ ଧରି କଟକରେ ରାଜ୍ୟ ବିଜେପିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଦଳର ନେତାମାନେ ଓଡ଼ିଶାରେ ବିଜେପିର ସଂଗଠନ, ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବ୍ୟାପକ ମାନସମନ୍ଥନ ସହ ଆବଶ୍ୟକ ପରାମର୍ଶ, ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଦଳର ଶକ୍ତି ବୃଦ୍ଧି ପାଇଁ ଏହି ବୈଠକ ବେଶ୍ ଉପଯୋଗୀ ହେବ ବୋଲି ଦଳର କେତେକ ନେତା ଦମ୍ଭୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟକାରିଣୀରେ ରାଜ୍ୟର ୬ ଜଣ ବଡ଼ ନେତାଙ୍କ ଅନୁପସ୍ଥିତି ସ୍ୱାଭାବିକ ଭାବରେ ଦଳରେ ଚାଲିଥିବା ଅର୍ନ୍ତକନ୍ଦଳକୁ ସ୍ପଷ୍ଟ କରିଦେଇଛି। ଏପରିକି ଏହି ନେତାମାନେ ଓଡ଼ିଶାରେ ଥାଇ ଅନ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଉଥିବାବେଳେ କାର୍ଯ୍ୟକାରିଣୀରେ ଅନୁପସ୍ଥିତି ଅନେକ ଦିଗକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ରାଜ୍ୟ ବିଜେପିରେ ଚାଲିଥିବା ଛକାପଞ୍ଝା ରାଜନୀତି ସଭିଙ୍କୁ ଅଳ୍ପ ବହୁତେ ଜଣା ଅଛି। ମାତ୍ର ବୈଠକରେ ବିଏଲ୍ ସନ୍ତୋଷ, ସୁନୀଲ ବଂଶଲଙ୍କ ପରି ଜାତୀୟସ୍ତରର ପ୍ରଭାବଶାଳୀ ନେତା ଯୋଗ ଦେଇଥିବାବେଳେ ଏହି ନେତାମାନଙ୍କ ଅନୁପସ୍ଥିତି ଦଳରେ ଚାଲିଥିବା ଭୟଙ୍କର ଗୋଷ୍ଠୀବାଦ ଓ ଅର୍ନ୍ତକନ୍ଦଳର ଝଲକ ବୋଲି ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି।

କାର୍ଯ୍ୟକାରିଣୀରେ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ଼ ସାଂସଦ ଜୁଏଲ ଓରାମ, ପୂର୍ବ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଷ୍ଟ୍ରୀୟ ଉପ ସଭାପତି ବୈଜୟନ୍ତ ପଣ୍ଡା, ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ,

- ■ ରାଜ୍ୟରେ ଥାଇ ବି ଆସିଲେନି କେନ୍ଦ୍ରମନ୍ତ୍ରୀ
- ■ ବୟକଟ୍ ପଛର କାରଣ ତୀବ୍ର ଅନ୍ତଃକନ୍ଦଳ!

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, କେନ୍ଦ୍ରମନ୍ତ୍ରୀ ତଥା ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିବା ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଅନୁପସ୍ଥିତ ଥିବା କୁହାଯାଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ମନୋନୀତ ହୋଇ ଅପରାଜିତା ସଂସଦୀୟ ଦଳରେ ବିଦେଶ ଗସ୍ତରେ ଯାଇଥିବା କାରଣରୁ ସେ ଅନୁପସ୍ଥିତ ଥିବା କୁହାଯାଉଛି। ସେହିପରି ରାଜ୍ୟ ରାଜନୀତି ସହ ବିଶେଷ ସମ୍ପର୍କ ରଖୁ ନ ଥିବା ଅଶ୍ୱିନୀ ବୈଷ୍ଣବ କେବେ ଦଳର ରାଜ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଉଥିବା ଦେଖାଯାଇ ନାହିଁ ଓ ସରକାରୀ କାର୍ଯ୍ୟକ୍ରମ ଯୋଗୁଁ ସେ ଅନୁପସ୍ଥିତ ରହିଥାଇପାରନ୍ତି ବୋଲି ବିଜେପି ସୂତ୍ରରୁ ଜଣାପଡ଼ିଛି। ତେବେ ଅନ୍ୟମାନେ କାହିଁକି ବୈଠକକୁ ଆସିଲେ ନାହିଁ, ତାହାର ସନ୍ତୋଷଜନକ ଉତ୍ତର କେହି ଦେଇପାରୁ ନାହାନ୍ତି।

ଜୁଏଲ ଓରାମ ରାଜ୍ୟ ବିଜେପିର ପୂର୍ବତନ ସଭାପତି। ସୁନ୍ଦରଗଡ଼ର ସାଂସଦ ଓ କେନ୍ଦ୍ରରେ କ୍ୟାବିନେଟ୍ ମନ୍ତ୍ରୀ। ସୁନ୍ଦରଗଡରେ ଉପସ୍ଥିତ ଥିବା ସତ୍ତ୍ୱେ ସେ କାର୍ଯ୍ୟକ୍ରମକୁ ନ ଆସିବା ଏକ ଭିନ୍ନ ବାର୍ତ୍ତା ଦେଇଛି। ନିକଟରେ ତାଙ୍କର ଘନିଷ୍ଠ ସହଯୋଗୀ ପ୍ରକାଶ ପାଶୱାନଙ୍କ ଗିରଫଦାରୀ ପରେ ସେ ଦଳ ଉପରେ ଖପ୍ପା ଥିବା କୁହାଯାଉଛି। ପୁଣି ଆଗାମୀ ଦିନରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ତାଙ୍କ ପଦ ଯାଇପାରେ ବୋଲି ଦଳର କିଛି ନେତା କରୁଥିବା ପ୍ରଚାରରେ ସେ କ୍ଷୁବ୍ଧ। ଦଳରେ ତାଙ୍କ ଗୁରୁତ୍ୱ କମୁଥିବା ବେଳେ ସମାନ ସମୟରେ ଅନ୍ୟ ଦଳରୁ ଆମଦାନୀ ନେତାଙ୍କୁ ଅଧିକ ଗୁରୁତ୍ୱ ▶ପୃଷ୍ଠା-୭

**■ ସ୍କୁଲ ଯାଉଥିବା ବେଳେ ଶିକ୍ଷକଙ୍କୁ ପିଟିଲା କାର୍**

## ବାପ, ପୁଅ ମୃତ; ଝିଅ ଓ ଅନ୍ୟ ଜଣେ ଛାତ୍ର ଗୁରୁତର

■ ପାଣିକୋଇଲି,୭।୯(ସମିସ): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ଠାରେ ଏକ ସଡ଼କ ଦୁର୍ଘଟଣାରେ ବାପ ପୁଅଙ୍କର ମୃତ୍ୟୁ ହୋଇଥିବା ବେଳେ ଝିଅ ଛିଟିକି ପଡି ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଅନ୍ୟ ଏକ ଛାତ୍ର ଗୁରୁତର ଭାବେ ଆହତ ହୋଇଥିବା ଜଣାପଡ଼ିଛି।



ପ୍ରକାଶଯେ ଶିକ୍ଷକତା କରୁଥିବା କରଦା ଗ୍ରାମର ଅଶୋକ କୁମାର ସାହୁ ଆଜି ସକାଳ ୧୦ଟା ବେଳେ ତାଙ୍କ ବାଇକ ଯୋଗେ ମୂଳାପାଳ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ମନ୍ଦିରକୁ ତାଙ୍କ ପୁଅ ଆଦିଶ ସାହୁ (୫ମ ଶ୍ରେଣୀ) ଓ ଝିଅ ଅଦ୍ୟାଶା ସାହୁଙ୍କୁ ନେଇ ଯାଉଥିବା ବେଳେ ବ୍ରଜନଗର ଠାରେ ଭଦ୍ରକ ପଟୁ ଆସୁଥିବା ଏକ କାର (୨୩ବିଏଚ ୦୧୫୧ଜେ) ତାଙ୍କୁ ପଛ ପଟୁ ଧକ୍କା ଦେଇଥିଲା। ଫଳରେ ▶ପୃଷ୍ଠା-୭



# ଦେଶ ବିଦେଶ



## ଆରାବଳୀ କମିଟିର ଆବେଦନ ଖାରଜ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୭।୯(ଏଜେନ୍ସି): ଆରାବଳୀ ପର୍ବତମାଳାର ସଜ୍ଞା ଓ ସୀମା ନିର୍ଦ୍ଧାରଣ ନିମିତ୍ତ ଉଚ୍ଚସ୍ତରୀୟ କମିଟି (ଏଚ୍‌ପିସି)ର ୬ ମାସ ସମୟ ସୀମା ବୃଦ୍ଧି ଆବେଦନକୁ ସୁପ୍ରିମକୋର୍ଟ ସୋମବାର ସମ୍ପୂର୍ଣ୍ଣ ରୂପେ ଖାରଜ କରିଦେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏଚ୍‌ପିସିକୁ ତାଗିଦ କରିଛନ୍ତି।



ଏହି କମିଟିକୁ ଆସନ୍ତା ନଭେମ୍ବର ୩୦ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ନହେଲେ କମିଟିର ପୁନର୍ଗଠନ କରାଯିବ ବୋଲ କୋର୍ଟ ଚେତାବନୀ ଦେଇଛନ୍ତି। ଶୁଣାଣି ସମୟରେ, ଏଚ୍‌ପିସି ତରଫରୁ ବିଳମ୍ବ ନେଇ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ତାଙ୍କ ଅବସର ଫେବୃଆରୀ ୯ରେ ଥିବାରୁ କମିଟି ଜାଣିଶୁଣି ସମୟ ବୃଦ୍ଧି ଆବେଦନ କରୁଥିବା ଭଳି ମନେ ହେଉଛି ବୋଲି ସେ କହିଥିଲେ। କମିଟି ତୁରନ୍ତ ରିପୋର୍ଟ ଦାଖଲ କରୁ ଏବଂ ସେଥିପାଇଁ ଦିନରାତି ଏକ କରି କାମ କରୁ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟାରେ ରାଜସ୍ଥାନ ଓ ଗୁଜରାଟର ଆଦିବାସୀ ସମ୍ପ୍ରଦାୟ ସମେତ ସମସ୍ତ ପକ୍ଷଙ୍କ ସହ ବିଚାରବିମର୍ଶ କରିବାକୁ କୋର୍ଟ କହିଛନ୍ତି।

## ଫ୍ରିଜରୁ ମିଳିଲା ଯୁବତୀଙ୍କ ମୁଣ୍ଡ, କଟା ଆଙ୍ଗୁଠି: ସ୍ୱାମୀ ଗିରଫ

ଗୌହାଟୀ, ୭।୯(ଏଜେନ୍ସି): ଆସାମର ଗୌହାଟୀ ସ୍ଥିତ ବଶିଷ୍ଠପୁର ଅଞ୍ଚଳରେ ଏକ ବିଭତ୍ସ ହତ୍ୟାକାଣ୍ଡ ଘଟିଛି। ଜଣେ ୨୫ ବର୍ଷୀୟା ଯୁବତୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିବା ବେଳେ ତାଙ୍କର କଟା ମୁଣ୍ଡକୁ ଏକ ପଲିଥିନ୍ ବ୍ୟାଗରେ ଭର୍ତ୍ତି କରାଯାଇ ଫ୍ରିଜ୍ ଭିତରେ ରଖାଯାଇଥିଲା। ଏପରିକି ତାଙ୍କର ଆଙ୍ଗୁଠିଗୁଡ଼ିକ ମଧ୍ୟ କାଟି ଦିଆଯାଇଥିଲା। ନିହତ ଯୁବତୀ ଜଣକ ହେଉଛନ୍ତି ରିୟା ତାଲୁକଦାର ଗୋସ୍ୱାମୀ। ପୁଲିସର ସୂଚନା ଅନୁଯାୟୀ, ରିୟା ଏବଂ ତାଙ୍କ ସ୍ୱାମୀ ରମାନୁଜନ ଗୋସ୍ୱାମୀଙ୍କର ମାତ୍ର ଛଅ ମାସ ପୂର୍ବରୁ ପ୍ରେମ ବିବାହ ହୋଇଥିଲା ଏବଂ ସେମାନେ ଏହି ଭଡ଼ା ଫ୍ଲାଟରେ ରହୁଥିଲେ। ଗତ ରବିବାର ଦିନ ରାତିରେ ଫ୍ଲାଟରୁ ଏକ ଦୁର୍ଗନ୍ଧ ବାହାରିବାରୁ ପଡ଼ୋଶୀମାନେ ପୁଲିସକୁ ଖବର ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଫ୍ଲାଟରୁ ମୃତଦେହ ଉଦ୍ଧାର କରିବା ସହ ହତ୍ୟାରେ ବ୍ୟବହୃତ ହୋଇଥିବା ଅସ୍ତ୍ରଶସ୍ତ୍ର ଜବତ କରିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ମୃତଦେହ ମିଳିବାର ପ୍ରାୟ ୪୮ ଘଣ୍ଟା ପୂର୍ବରୁ ଏହି ଜଘନ୍ୟାକାଣ୍ଡ ଘଟିଥିଲା। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ତଥା ମୃତକଙ୍କ ସ୍ୱାମୀ ରମାନୁଜନ ଗୋସ୍ୱାମୀ ନିଜେ ପୁଲିସ ନିକଟରେ ଆତ୍ମସମର୍ପଣ କରି ନିଜର ଅପରାଧ ସ୍ୱୀକାର କରିଛନ୍ତି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଗୁଆହାଟୀ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇବା ସହ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ଦିଲ୍ଲୀ କୋଠା ତଳେ ଏବେ ବି ଫସିଛନ୍ତି ୪୦ ଛାତ୍ର

■ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି, ୧୨ ଉଦ୍ଧାର
■ ୫ ଏମ୍‌ସିଡି ଅଧିକାରୀ ନିଲମ୍ବିତ

ନୂଆଦିଲ୍ଲୀ, ୭।୯(ଏଜେନ୍ସି): ଗତକାଲି ଦିଲ୍ଲୀରେ କୋଠା ଭୁଶୁଡ଼ିବା ଘଟଣାରେ ୭ ଜଣ ଛାତ୍ର ପ୍ରାଣ ହରାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୨ ଜଣଙ୍କୁ ଉଦ୍ଧାର କରାଯାଇଛି। ଭଗ୍ନାବଶେଷ ତଳେ ଏବେ ବି ୪୦ରୁ ଅଧିକ ଛାତ୍ର ଚାପି ହୋଇ ରହିଛନ୍ତି ବୋଲି ଅନୁମାନ କରାଯାଉଛି। ସେମାନଙ୍କୁ ଉଦ୍ଧାରକରିବା ଲାଗି ଉଦ୍ୟମ ଚାଲିଛି। କେତେକ ପିଲା ଭଗ୍ନାବଶେଷ ଭିତରୁ ଫୋନ କରି ଜୀବନ ରକ୍ଷା ପାଇଁ ଆକୁଳ ନିବେଦନ କରୁଛନ୍ତି। ଆଉ କେତେକ ପିଲା ଭିଡିଓ କଲ କରୁଥିବା ମଧ୍ୟ ଜଣାପଡ଼ିଛି। ଏନ୍‌ଡିଆରଏଫ୍, ଦିଲ୍ଲୀ ଅଗ୍ନିଶମ ବାହିନୀ, ପୁଲିସ ଓ ବିପର୍ଯ୍ୟୟ ପରିଚାଳନା ଦଳ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। ଏପର୍ଯ୍ୟନ୍ତ ୧୨ ଜଣଙ୍କୁ ଭଗ୍ନାବଶେଷରୁ ଉଦ୍ଧାର କରାଯାଇଛି।

ଘଟଣାକୁ ନେଇ ଦିଲ୍ଲୀ ସରକାର ୫ ଜଣ ଏମ୍‌ସିଡି ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି। ନିଲମ୍ବିତଙ୍କ ମଧ୍ୟରେ ପ୍ରଶାସନିକ ଅଧିକାରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, ଅଧୀକ୍ଷଣ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଅଛନ୍ତି। ରବିବାର ମରାମତି କାମ ଚାଲିଥିବା ବେଳେ ପ୍ରାୟ ଅପରାହ୍ନ ୧ଟା ୩୦ରେ ବହୁମହଲା କୋଠାଟି ଭୁଶୁଡ଼ି ପଡ଼ିଥିଲା। କୋଠାର ତଳ ମହଲାରେ ଜମିଥିବା ପାଣି ଓ ଚାଲିଥିବା ମରାମତି କାମ ଭୁଶୁଡ଼ିବାର କାରଣ ହୋଇଥାଇପାରେ ବୋଲି ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି। ଘଟଣା ପରେ ଦିଲ୍ଲୀର ପୁରୁଣା ଓ ସମାନ ଧରଣର କୋଠାଗୁଡ଼ିକର ଢାଞ୍ଚାଗତ ଯାଞ୍ଚ ନିର୍ଦ୍ଦେଶ ଦିଆଯାଇଛି। କୋଠା ମାଲିକଙ୍କ ବିରୋଧରେ ମାମଲା ରୁଜୁ ସହ ମାଜିଷ୍ଟ୍ରେଟ୍ ତଦନ୍ତ ମଧ୍ୟ ଆଦେଶ ହୋଇଛି। ଦୁର୍ଘଟଣା ପରେ ଫେରାର ଥିବା ଅଟ୍ଟାଳିକାର ମାଲିକ ହରିରାମ ଗୁପ୍ତାଙ୍କୁ ରାଜସ୍ଥାନର ଭିୱାଡ଼ି ଅଞ୍ଚଳରୁ ପୁଲିସ ଅଟକ ରଖିଛି। ତାଙ୍କୁ ଧରିବା ପାଇଁ ପୁଲିସ ବ୍ୟାପକ ତଲାସୀ ଅଭିଯାନ ଚଳାଇଥିଲା।



## ଏମ୍‌ସିଡି ଉପରେ ବର୍ଷିଲେ ହାଇକୋର୍ଟ

ନୂଆଦିଲ୍ଲୀ, ୭।୯(ଏଜେନ୍ସି): ଗତକାଲି ଦିଲ୍ଲୀରେ କୋଠା ଭୁଶୁଡ଼ିବା ଘଟଣାରେ ୭ ଜଣ ଛାତ୍ର ପ୍ରାଣ ହରାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୨ ଜଣଙ୍କୁ ଉଦ୍ଧାର କରାଯାଇଛି। ଭଗ୍ନାବଶେଷ ତଳେ ଏବେ ବି ୪୦ରୁ ଅଧିକ ଛାତ୍ର ଚାପି ହୋଇ ରହିଛନ୍ତି ବୋଲି ଅନୁମାନ କରାଯାଉଛି। ସେମାନଙ୍କୁ ଉଦ୍ଧାର କରିବା ଲାଗି ଉଦ୍ୟମ ଚାଲିଥିବା ବେଳେ ସମଗ୍ର ଘଟଣାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି ଦିଲ୍ଲୀ ହାଇକୋର୍ଟ। ଏହାକୁ ଦୁର୍ଭାଗ୍ୟଜନକ ବୋଲି ବର୍ଣ୍ଣନା କରି କୋର୍ଟ କହିଛନ୍ତି ଯେ ଏଥିପାଇଁ କୋଠା ମାଲିକଙ୍କୁ ଦାୟୀ କଲେ ଚଳିବ ନାହିଁ। ଏଥିପାଇଁ ଦିଲ୍ଲୀ ମୁନିସିପାଲ କର୍ପୋରେସନ (ଏମ୍‌ସିଡି) ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ମଧ ସମାନ ପରିମାଣର ଦାୟୀ। ବାହାରୁ ଆସୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଉପଯୁକ୍ତ ରହିବା ବ୍ୟବସ୍ଥା କରିବାରେ ସେମାନେ ବିଫଳ ହୋଇଛନ୍ତି। ଯାହାଫଳରେ ପିଲାମାନେ ଘରୋଇ ସଂସ୍ଥା ଦ୍ୱାରା ପରିଚାଳିତ ହଷ୍ଟେଲରେ ରହିବାକୁ ବାଧ ହେଉଛନ୍ତି। ବାହାର ରାଜ୍ୟରୁ ଦିଲ୍ଲୀକୁ ପାଠପଢ଼ିବାକୁ ଆସୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ହଷ୍ଟେଲ ଓ ରହିବା ବ୍ୟବସ୍ଥାର ଅବସ୍ଥା ଅତ୍ୟନ୍ତ ଦୟନୀୟ ବୋଲି ହାଇକୋର୍ଟ ଚିନ୍ତା ପ୍ରକାଶ କରିଛନ୍ତି। କୋଠା ଭୁଶୁଡ଼ିବା ଭଳି ଦୁର୍ଘଟଣା ଯେପରି ଆଗକୁ ନ ଘଟେ, ସେଥିପାଇଁ ଛାତ୍ରାବାସ ଓ ପିଜି ବ୍ୟବସ୍ଥାର ସୁରକ୍ଷା ମାନଦଣ୍ଡ ଯାଞ୍ଚ ଏବଂ ଦାୟିତ୍ୱ ନିର୍ଦ୍ଧାରଣ ଉପରେ ଗୁରୁତ୍ୱ ଦିଆଯାଇଛି। ଘଟଣାର ସମସ୍ତ ଦିଗରୁ ତଦନ୍ତ କରି ଦାୟୀ ବ୍ୟକ୍ତିଙ୍କ ବିରୋଧରେ ପଦକ୍ଷେପ ନେବା ନେଇ ମଧ ଅଦାଲତ ଗୁରୁତ୍ୱାରୋପ କରିଛନ୍ତି। କୋର୍ଟ କହିଛନ୍ତି ଅନେକ ପିଲା ଏବେ ବି ଭଗ୍ନାବଶେଷ ତଳେ ଫସି ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରିବା ଲାଗି ପ୍ରଶାସନ ଜୋରଦାର ଉଦ୍ୟମ କରୁ। ପ୍ରତିଦୁଇ ବର୍ଷରେ ରାଜଧାନୀରେ ଏଭଳି ଦୁର୍ଘଟଣା ଘଟୁଛି। ଏହାକୁ ରୋକିବା ଲାଗି ଦିଲ୍ଲୀ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ଦିଲ୍ଲୀ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ କହିଥିଲେ ଯେ ଫସିରହିଥିବା ପିଲାମାନଙ୍କୁ ଉଦ୍ଧାର କରିବା ଲାଗି ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି।

## ହର୍ମୁଜ୍ ନିକଟରେ 'ନିଷିଦ୍ଧାଞ୍ଚଳ' ଘୋଷଣା କଲା ଇରାନ



ତେହରାନ, ୭।୯(ଏଜେନ୍ସି): ଆମେରିକା ସହ ତିକ୍ତତା ବଢ଼ୁଥିବା ବେଳେ ହର୍ମୁଜ୍ ପ୍ରଣାଳୀ ନିକଟରେ ଏକ 'ନିଷିଦ୍ଧ ଅଞ୍ଚଳ' ଘୋଷଣା କରିବାକୁ ଇରାନ ଯୋଜନା କରିଛି। ଇରାନର ସର୍ବୋଚ୍ଚ ଜାତୀୟ ସୁରକ୍ଷା ପରିଷଦର ନୂତନ ମୁଖ୍ୟ ମୋହସେନ ରେଜାଇ କହିଛନ୍ତି, ଆସନ୍ତା କିଛି ଦିନ କିମ୍ବା ସପ୍ତାହ ମଧ୍ୟରେ ଏହି ଅଞ୍ଚଳ ସମ୍ପର୍କରେ ଘୋଷଣା କରାଯାଇପାରେ। ରେଜାଇଙ୍କ ଅନୁସାରେ, ଏହି ଅଞ୍ଚଳ ଆମେରିକାର ନୌସେନା ଅବରୋଧ ରେଖାରୁ ଆରମ୍ଭ ହୋଇ ହର୍ମୁଜ୍ ପ୍ରଣାଳୀ ଦିଗକୁ ବିସ୍ତାରିତ ହେବ ଏବଂ ପାରସିକ ଉପସାଗର ଦିଗରେ ମଧ ରହିବ। ଏହି ଅଞ୍ଚଳ ଦେଇ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିବାକୁ ଯାଉଥିବା ଜାହାଜ ଉପରେ ଇରାନ କଟକଣା ଲଗାଇପାରେ। ଇରାନର ଏହି ଘୋଷଣା ପୂର୍ବରୁ ଆମେରିକା ୩ଟି ଇରାନୀ ତୈଳବାହୀ ଜାହାଜ ଉପରେ ଆକ୍ରମଣ କରିଥିବା ଖବର ଆସିଛି। ଏହାର ପୂର୍ବଦିନ ଇରାନ ଆମେରିକୀୟ ଯୁଦ୍ଧଜାହାଜକୁ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଫଳରେ ଉଭୟ ଦେଶ ମଧ୍ୟରେ ସାମରିକ ଉତ୍ତେଜନା ଆହୁରି ବଢ଼ିଛି। ଆମେରିକା ପକ୍ଷରୁ ହର୍ମୁଜ୍ ପ୍ରଣାଳୀ ଅଞ୍ଚଳରେ ୨୦ରୁ ଅଧିକ ଯୁଦ୍ଧଜାହାଜ ମୁତୟନ କରାଯାଇଥିବା ଦାବି କରାଯାଇଛି। ଆମେରିକୀୟ ଅବରୋଧ ଯୋଗୁଁ ୯୨ଟି ବାଣିଜ୍ୟିକ ଜାହାଜର ଗତିପଥ ପରିବର୍ତ୍ତନ ହୋଇଥିବା ଏବଂ ୩ଟି ଜାହାଜ ଅଚଳ କରାଯାଇଥିବା ଜଣାପଡ଼ିଛି। ହର୍ମୁଜ୍ ପ୍ରଣାଳୀ ବିଶ୍ୱର ତୈଳ ଓ ପ୍ରାକୃତିକ ଗ୍ୟାସ୍ ପରିବହନର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୁଦ୍ରପଥ। ଯୁଦ୍ଧ ପୂର୍ବରୁ ଏହାକୁ ଏକ ଅନ୍ତର୍ଜାତୀୟ ଜଳପଥ ଭାବେ ଦେଖାଯାଉଥିଲା। ଏବେ ଏହି ଅଞ୍ଚଳରେ ଉତ୍ତେଜନା ବଢ଼ିବାରୁ ବିଶ୍ୱ ଶକ୍ତି ବଜାର ଉପରେ ମଧ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ଆମେରିକାର ଶକ୍ତିମନ୍ତ୍ରୀ କ୍ରିସ୍ ରାଇଟ୍‌ଙ୍କ ଅନୁସାରେ, ବର୍ତ୍ତମାନ ଦୈନିକ ହାରାହାରି ପ୍ରାୟ ୯୦ ଲକ୍ଷ ବ୍ୟାରେଲ୍ ତୈଳ ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ ହେଉଛି। ତେବେ ଏହି ଯୋଗାଣ ମୁଖ୍ୟତଃ ଆମେରିକୀୟ ନୌସେନାର ସୁରକ୍ଷା ଓ ଜାହାଜଗୁଡ଼ିକର ଯାତାୟାତ ଉପରେ ନିର୍ଭର କରୁଛି। ଇରାନ ପକ୍ଷରୁ ମଧ ଦେଶର ତୈଳ ବିକ୍ରି ଜାରି ରହିଥିବା ଦାବି କରାଯାଇଛି। ରେଜାଇ କହିଛନ୍ତି, ଇରାନ ପ୍ରତିଦିନ ପ୍ରାୟ ୧୦ ଲକ୍ଷରୁ ୧୫ ଲକ୍ଷ ବ୍ୟାରେଲ୍ ତୈଳ ବିକ୍ରି କରୁଛି। ହର୍ମୁଜ୍ ପ୍ରଣାଳୀ ନିକଟରେ ଇରାନର ସମ୍ଭାବ୍ୟ 'ନିଷିଦ୍ଧ ଅଞ୍ଚଳ' ଘୋଷଣା ଆମେରିକା-ଇରାନ ସଂଘର୍ଷକୁ ଆହୁରି ତୀବ୍ର କରିପାରେ। ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ପଥ ହୋଇଥିବାରୁ ଏହି ଅଞ୍ଚଳରେ ଅସ୍ଥିରତା ବଢ଼ିଲେ ଅନ୍ତର୍ଜାତୀୟ ତୈଳ ଯୋଗାଣ ଓ ଶକ୍ତି ବଜାର ଉପରେ ଏହାର ପ୍ରଭାବ ପଡ଼ିପାରେ।

## ପ୍ରଶ୍ନ କଲେ ଉତ୍ତର ମିଳୁଛି ଦିମାଗୀ ନକ୍ସଲ: ରାହୁଲ

ନୂଆଦିଲ୍ଲୀ, ୭।୯(ଏଜେନ୍ସି): ଦିଲ୍ଲୀରେ ଘରୋଇ ହଷ୍ଟେଲ କୋଠା ଭୁଶୁଡ଼ିବା ଘଟଣା ନେଇ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ଗତକାଲିର ଘଟଣା କିଛି ନୂଆ ନୁହେଁ। ଏହାପୂର୍ବରୁ ମଧ ଏଭଳି ଦୁର୍ଘଟଣା ଘଟିଛି। ଏହାକୁ ରୋକିବା ଲାଗି ସରକାର କୌଣସି ପଦକ୍ଷେପ ନେଉ ନାହାନ୍ତି। ଦୁର୍ଘଟଣା ପରେ ସରକାର ସକ୍ରିୟ ହୋଇପଡୁଛନ୍ତି। ଏଭଳି ଘଟଣା ପାଇଁ ଯେଉଁମାନେ ପ୍ରକୃତରେ ଦୋଷୀ ସେମାନଙ୍କୁ ସରକାର ସୁରକ୍ଷା ଦେଉଛନ୍ତି। ତଳିଆ କର୍ମଚାରୀଙ୍କ ମୁଣ୍ଡ ଉପରେ ଦୋଷ ଦେଇ ସରକାର ଖସିଯିବାକୁ ଚେଷ୍ଟା କରୁଛନ୍ତି।




କେବଳ ଏତିକି ନୁହେଁ, ଏସଂପର୍କରେ କେହି ପ୍ରଶ୍ନ ପଚାରିଲେ ସରକାରୀ ନେତା ସେମାନଙ୍କୁ ଦିମାଗୀ ନକ୍ସଲ କହୁଛନ୍ତି। ସରକାରଙ୍କୁ ପ୍ରଶ୍ନ କରୁଥିବା ଲୋକମାନଙ୍କୁ ନିରବ କରିବା ଲାଗି ସରକାର ଏଭଳି ଚାଲ ଖେଳୁଛନ୍ତି। ସରକାରଙ୍କର ଏକି ପ୍ରକାର ମାନସିକତା ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ଛୋଟ ପିଲାମାନଙ୍କ ଜୀବନକୁ ନଷ୍ଟ କରାଯାଉଛି। ସେମାନଙ୍କର ସ୍ୱପ୍ନ ଓ ଭବିଷ୍ୟତକୁ ଧ୍ୱଂସ କରାଯାଉଛି। ଏଥିପାଇଁ କାହାରିକୁ ଅନୁମତି ଦିଆଯିବା ଉଚିତ ନୁହେଁ। ଏସଂପର୍କରେ ସରକାରଙ୍କୁ ପ୍ରଶ୍ନ କରାଯିବ ଏବଂ ସରକାରଙ୍କୁ ଏହାର ଉତ୍ତର ଦେବାକୁ ପଡ଼ିବ ବୋଲି ରାହୁଲ କହିଛନ୍ତି।


## ୩୬ ହଜାର ଫୁଟ୍ ଉଚ୍ଚରେ ବିମାନରୁ ତେଲ ଲିକ୍

### କୋଚି ଫେରିଲା ଏୟାର ଇଣ୍ଡିଆ ଏକ୍ସପ୍ରେସ୍

କୋଚି, ୭।୯(ଏଜେନ୍ସି): ଆବୁଧାବି ଯାଉଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବୋଇଂ-୭୩୭ ବିମାନରେ ଉଡ଼ାଣ ସମୟରେ ଇଞ୍ଜିନ୍ ତେଲର ପରିମାଣ ଦ୍ରୁତ ହ୍ରାସ ପାଇବାରୁ ଏହାକୁ ମଝି ଆକାଶରୁ କୋଚି ଫେରାଇ ଅଣାଯାଇଛି। ଉଡ଼ାଣର ପ୍ରାୟ ୫୦ ମିନିଟ୍ ପରେ ୩୬ ହଜାର ଫୁଟ୍ ଉଚ୍ଚତାରେ ପାଇଲଟ୍‌ମାନେ ଇଞ୍ଜିନ୍-୧ର ତେଲ ପରିମାଣ ଦ୍ରୁତ ହ୍ରାସ ପାଉଥିବା ଲକ୍ଷ୍ୟ କରିଥିଲେ। ସୁରକ୍ଷା ପ୍ରକ୍ରିୟା ଅନୁସରଣ କରି ପାଇଲଟ୍‌ମାନେ ଆବୁଧାବି ଯାତ୍ରା ବାତିଲ କରି କୋଚି ବିମାନବନ୍ଦରକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ପରେ ଇଞ୍ଜିନ୍‌ର ତେଲ ଚାପ ବିପଜ୍ଜନକ ସୀମାକୁ ପହଞ୍ଚିବାରୁ ଇଞ୍ଜିନ୍-୧କୁ ବନ୍ଦ କରାଯାଇଥିଲା। ଘଟଣା ସମୟରେ ବିମାନଟି ପ୍ରାୟ




୩୬ ହଜାର ଫୁଟ୍ ଉଚ୍ଚତାରେ ଉଡ଼ୁଥିଲା। ତେଲ ପରିମାଣ କ୍ରମାଗତ ଭାବେ କମିବାରୁ ପାଇଲଟ୍‌ମାନେ ପରିସ୍ଥିତିର ମୂଲ୍ୟାୟନ କରି ତୁରନ୍ତ ଫେରିବା ନିଷ୍ପତ୍ତି ନେଇଥିଲେ। କମାଣ୍ଡର ମୁମ୍ବାଇ ରେଡିଓ ମାଧ୍ୟମରେ ବିମାନ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କୁ ଜଣାଇ କୋଚି ଦିଗକୁ ବିମାନ ଫେରାଇଥିଲେ। ପ୍ରାୟ ୪୫ ମିନିଟ୍ ପରେ ଇଞ୍ଜିନ୍-୧ର ତେଲ ଚାପରେ ଅସ୍ଥିରତା ଦେଖାଦେଇଥିଲା ଏବଂ ଏହା ବିପଦ ସଙ୍କେତ ଦେଉଥିବା ସୀମାକୁ ପହଞ୍ଚିଥିଲା। ଏହାପରେ ପାଇଲଟ୍‌ମାନେ ନିର୍ଦ୍ଧାରିତ ଜରୁରୀ ପ୍ରକ୍ରିୟା ଅନୁସରଣ କରି ଇଞ୍ଜିନ୍-୧କୁ ବନ୍ଦ କରିଦେଇଥିଲେ। ଇଞ୍ଜିନ୍ ବନ୍ଦ ହୋଇଯିବା ପରେ ମଧ ପାଇଲଟ୍‌ମାନେ ବିମାନକୁ ସୁରକ୍ଷିତ ଭାବେ କୋଚି ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରାଇଥିଲେ। ବିମାନଟି ଅଧିକ ଓଜନରେ ଥିବା ସତ୍ତ୍ୱେ ଗୋଟିଏ ଇଞ୍ଜିନ୍‌ର ସହାୟତାରେ ଅବତରଣ ସଫଳ ହୋଇଥିଲା। ବିମାନରେ ଥିବା ଯାତ୍ରୀମାନେ କକ୍‌ପିଟ୍‌ରେ ସୃଷ୍ଟି ହୋଇଥିବା ପରିସ୍ଥିତିର ଗୁରୁତ୍ୱ ସମ୍ପର୍କରେ ଅବଗତ ନଥିବା ଜଣାପଡ଼ିଛି। ଭାରତୀୟ ବିମାନ ସେବା କ୍ଷେତ୍ରରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବିମାନ ଫେରାଇ ଅଣାଯିବା ଘଟଣା ବଢ଼ୁଥିବା ସମୟରେ ଏହି ଘଟଣା ସାମ୍ନାକୁ ଆସିଛି। ଏହା ବିମାନ ସୁରକ୍ଷା ଯାଞ୍ଚ ଓ ନିରୀକ୍ଷଣ ବ୍ୟବସ୍ଥାକୁ ନେଇ ପୁଣି ପ୍ରଶ୍ନ ଉଠାଇଛି।



## ପୁଣି ଭାଙ୍ଗିବ ଉଦ୍ଧବ ସେନା!

ମୁମ୍ବଇ, ୭।୯(ଏଜେନ୍ସି): ମହାରାଷ୍ଟ୍ର ରାଜନୀତିରେ ପୁଣିଥରେ ଶିବସେନାରେ ବିଭାଜନ ନେଇ ଚର୍ଚ୍ଚା ଜୋର ଧରିଛି। ଶିନ୍ଦେ ଗୋଷ୍ଠୀର ବିଧାୟକ ମୁର୍ଜି ପଟେଲ ଦାବି କରିଛନ୍ତି ଯେ, ଉଦ୍ଧବ ଠାକରେ ଗୋଷ୍ଠୀର ପ୍ରାୟ ୧୪ ଜଣ ବିଧାୟକ ଏକନାଥ ଶିନ୍ଦେଙ୍କ ସହ ଯୋଗାଯୋଗରେ ଅଛନ୍ତି। ଏହାକୁ ନେଇ 'ଅପରେସନ୍ ଟାଇଗର-୪' ଆରମ୍ଭ ହେବା ନେଇ ସେ ଦାବି କରିଛନ୍ତି। ଠାକରେ ଗୋଷ୍ଠୀରେ ବର୍ତ୍ତମାନ ୨୦ ଜଣ ବିଧାୟକ ଅଛନ୍ତି। ତେବେ ୧୪ ବିଧାୟକ ଶିନ୍ଦେଙ୍କ ସହ ଯିବା ନେଇ ହୋଇଥିବା ଦାବିର କୌଣସି ଆନୁଷ୍ଠାନିକ ସୂଚନା ଏପର୍ଯ୍ୟନ୍ତ ମିଳିନାହିଁ। କିଛି ବିଧାୟକ ଗୋପନ ସ୍ଥାନରେ ଶିନ୍ଦେଙ୍କୁ ଭେଟିଥିବା ନେଇ ମଧ ଚର୍ଚ୍ଚା ହେଉଛି। ଏହା ପୂର୍ବରୁ ଉଦ୍ଧବ ଠାକରେ ଗୋଷ୍ଠୀର ୯ ଲୋକସଭା ସାଂସଦଙ୍କ ମଧ୍ୟରୁ ୬ ଜଣ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ଯୋଗ ଦେଇଥିଲେ। ଫଳରେ ଶିନ୍ଦେ ଗୋଷ୍ଠୀର ଲୋକସଭା ସାଂସଦ ସଂଖ୍ୟା ୭ରୁ ବଢ଼ି ୧୩ ହୋଇଛି। ଏବେ ବିଧାୟକମାନଙ୍କ ମଧ୍ୟରେ ମଧ ଦଳବଦଳ ହେବା ନେଇ ଆଶଙ୍କା ବଢ଼ିଛି। ୨୦୨୪ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ୨୮୮ ଆସନରୁ ମହାଯୁତି ୨୩୫ଟି ଆସନ ଜିତିଥିଲା। ଅନ୍ୟପକ୍ଷରେ ମହାବିକାଶ ଅଘାଡ଼ି ୫୦ଟି ଆସନ ପାଇଥିଲା। ଉଦ୍ଧବ ଠାକରେଙ୍କ ଶିବସେନା ୨୦ଟି ଆସନରେ ସୀମିତ ରହିଥିଲା। ଶିବସେନାରେ ଦଳୀୟ ବିଭାଜନର ଇତିହାସ ମଧ ପୁରୁଣା। ୧୯୯୧ରେ ବାଲାସାହେବ ଠାକରେଙ୍କ ନେତୃତ୍ୱ ସମୟରେ ଛଗନ ଭୁଜବଳ ୧୪ ଜଣ ବିଧାୟକଙ୍କ ସହ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଥିଲେ।

**'ସିନ୍ଦେଙ୍କ ହାତ ମିଳାଇବେ ୧୪ ବିଧାୟକ'**


## ଅକାଶରେ ଡ୍ରୋନ୍ ଦେଖାଯିବାରୁ ଅମୃତସର ବିମାନବନ୍ଦର ବନ୍ଦ

ଅମୃତସର, ୭।୯(ଏଜେନ୍ସି): ବିମାନବନ୍ଦର ଉପରେ ଡ୍ରୋନ ଉଡୁଥିବା ଦେଖାଯିବା ପରେ ପଞ୍ଜାବର ଅମୃତସର ବିମାନବନ୍ଦରରେ ରବିବାର ରାତିରେ ଏକ ଘଣ୍ଟାରୁ ଅଧିକ ସମୟ ପାଇଁ ବିମାନ ଚଳାଚଳ ବନ୍ଦ ରହିଥିଲା।



ଫଳରେ ଅବତରଣ ପାଇଁ ଅପେକ୍ଷାରତ ୭ଟି ବିମାନକୁ ଦିଲ୍ଲୀ ଓ ଚଣ୍ଡୀଗଡ଼କୁ ପଠାଇ ଦିଆଯାଇଥିଲା। ସୂଚନା ଅନୁସାରେ, ରାତି ପ୍ରାୟ ୯ଟା ୫୦ ମିନିଟ୍‌ରେ ଭାରତୀୟ ବାୟୁସେନା ପକ୍ଷରୁ ବିମାନ ନିୟନ୍ତ୍ରଣ କକ୍ଷକୁ ବିମାନବନ୍ଦର ଅଞ୍ଚଳରେ ଡ୍ରୋନ୍ ଚଳାଚଳ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଡ୍ରୋନ୍ ଯୋଗୁଁ ବିମାନ ଚଳାଚଳ ପ୍ରତି କୌଣସି ବିପଦ ରହିଛି କି ନାହିଁ, ତାହା ଯାଞ୍ଚ କରିବା ପାଇଁ ନିୟମ ଅନୁସାରେ ଏକ କମିଟି ଗଠନ କରାଯାଇଥିଲା। କମିଟି ପରିସ୍ଥିତିର ସମୀକ୍ଷା କରିବା ପରେ ସାମୟିକ ଭାବେ ବିମାନ ଚଳାଚଳ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ସମୟରେ ଅମୃତସରରେ ଅବତରଣ କରିବାକୁ ଥିବା ୭ଟି ବିମାନର ଗତିପଥ ପରିବର୍ତ୍ତନ କରାଯାଇଥିଲା। ସେଥିରୁ ୨ଟି ବିମାନକୁ ଚଣ୍ଡିଗଡ଼ ଏବଂ ୫ଟି ବିମାନକୁ ଦିଲ୍ଲୀ ପଠାଯାଇଥିଲା। ଦିଲ୍ଲୀ ପଠାଯାଇଥିବା ବିମାନଗୁଡ଼ିକ ମଧ୍ୟରେ ଏୟାର ଇଣ୍ଡିଆର ୨ଟି, ଇଣ୍ଡିଗୋର ୨ଟି ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଗୋଟିଏ ବିମାନ ଥିଲା। ପରେ ଡ୍ରୋନ୍ ସମ୍ପର୍କରେ ଆଉ କୌଣସି ଖବର ନମିଳିବାରୁ ରାତି ପ୍ରାୟ ୧୧ଟାରେ ପରିସ୍ଥିତିର ପୁନଃସମୀକ୍ଷା କରାଯାଇଥିଲା।

## ମସ୍କୋରେ ନୋଏଡା ଇଞ୍ଜିନିୟରଙ୍କୁ ନିର୍ଯାତନା



**ରୁଷ ସେନାରେ ଯୋଗଦେବା ପାଇଁ ମୋ ସ୍ୱାମୀ ଉପରେ ଚାପ ଦିଆଯାଉଛି**

ମସ୍କୋ, ୭।୯(ଏଜେନ୍ସି): ରୁଷିଆର ମସ୍କୋରେ ଜଣେ ଭାରତୀୟ ଇଞ୍ଜିନିୟରଙ୍କୁ ପୁଲିସ ଅଟକ ରଖିଥିବା ବେଳେ ତାଙ୍କୁ ରୁଷ ସେନାରେ ଯୋଗଦେଇ ୟୁକ୍ରେନ ବିରୋଧରେ ଯୁଦ୍ଧ କରିବାକୁ ଚାପ ଦିଆଯାଉଥିବା ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି। ଘଟଣା ନେଇ ଭାରତୀୟ ଦୂତାବାସ ରୁଷ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ରହିଛି। ପତ୍ନୀ ସ୍ନେହା ଗୁପ୍ତା ସୋସିଆଲ ମିଡିଆରେ ଏକ ଭିଡିଓ ଜାରି କରି ପ୍ରଧାନମନ୍ତ୍ରୀ ଓ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି। ସେ କହିଛନ୍ତି, ତାଙ୍କ ସ୍ୱାମୀ ଚନ୍ଦନ ଗୁପ୍ତା କାନପୁରର ଇଞ୍ଜିନିୟର ଏବଂ ନୋଏଡାସ୍ଥିତ ଏକ କମ୍ପାନି ମାଧ୍ୟମରେ ମିଳିଥିବା ବିଶେଷଜ୍ଞ କର୍ମଚାରୀ ଭିସାରେ ପରିବାର ସହ ମସ୍କୋରେ ରହୁଥିଲେ। ସୂଚନା ଅନୁସାରେ, ସେପ୍ଟେମ୍ବର ୫ ରାତି ପ୍ରାୟ ୧୧ଟା ୩୦ରେ ମସ୍କୋର ରେଡ୍ ସ୍କୋୟାର ଅଞ୍ଚଳରୁ ଚନ୍ଦନ ଓ ତାଙ୍କ ବନ୍ଧୁ ଆଶିଷଙ୍କୁ ପୁଲିସ ଅଟକ କରିଥିଲା। ସାର୍ବଜନୀନ ସ୍ଥାନରେ ମଦ୍ୟପାନ କରିବା ଏବଂ ନିକଟରେ ଥିବା ଏକ ଆମ୍ବୁଲାନ୍ସର କାଚ ଭାଙ୍ଗିବା ଅଭିଯୋଗରେ ସେମାନଙ୍କୁ ଅଟକ ରଖାଯାଇଥିବା ରୁଷ ପକ୍ଷରୁ ସୂଚନା ମିଳିଛି। ଦୁହେଁ ବାଉମାନ୍ସକାୟା ପୁଲିସ ଥାନାରେ ଅଟକ ଥିବା ଜଣାପଡ଼ିଛି। ଭାରତୀୟ ଦୂତାବାସ ରୁଷ କର୍ତ୍ତୃପକ୍ଷଙ୍କୁ ସେମାନଙ୍କ ମୁକ୍ତି ପାଇଁ ଅନୁରୋଧ କରିବା ସହ ଚନ୍ଦନଙ୍କ ସହ କୂଟନୈତିକ ଯୋଗାଯୋଗ ସୁବିଧା ଦେବାକୁ ଦାବି କରିଛି। ତେବେ ଚନ୍ଦନଙ୍କୁ ରୁଷ ସେନାରେ ଯୋଗଦେବାକୁ ଚାପ ଦିଆଯାଉଥିବା ପତ୍ନୀଙ୍କ ଅଭିଯୋଗ ନେଇ ଅଧିକାରୀମାନେ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ଦେଇନାହାନ୍ତି। ରୁଷ ସେନାରେ ଭାରତୀୟଙ୍କ ନିଯୁକ୍ତିକୁ ନେଇ ପୂର୍ବରୁ ମଧ ଚିନ୍ତା ପ୍ରକାଶ ପାଇଛି। ବିଦେଶ ମନ୍ତ୍ରଣାଳୟ ଅନୁସାରେ, ରୁଷ ସେନାରେ ଏପର୍ଯ୍ୟନ୍ତ ୨୨୭ ଜଣ ଭାରତୀୟ ନିଯୁକ୍ତ ହୋଇଥିବା ଜଣାପଡ଼ିଛି।



## ଟିଏମ୍‌ସି ସାଂସଦଙ୍କ ଘରେ ପଶିଲା ଇଡି

ନୂଆଦିଲ୍ଲୀ, ୭।୯(ଏଜେନ୍ସି): ମନି ଲଣ୍ଡରିଂ ମାମଲାରେ ଇଡି ସୋମବାର ଟିଏମସି ରାଜ୍ୟସଭା ସାଂସଦ ନଦିମୁଲ ହକଙ୍କ ବାସଭବନ ସମେତ ଦିଲ୍ଲୀ, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ମୋଟ ୭ଟି ସ୍ଥାନରେ ଚଢ଼ଉ କରିଛି। 'ଅଖବାର-ଏ-ମସରିକ୍' ନାମକ ଏକ ଉର୍ଦ୍ଦୁ ଖବରକାଗଜ ସହ ଜଡିତ ଆର୍ଥିକ ଅନିୟମିତତା ଏବଂ ମନି ଲଣ୍ଡରିଂ ଘଟଣାରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୋମବାର ସକାଳୁ ଇଡିର କୋଲକାତା ଜୋନାଲ୍ ଅଫିସ୍ ପକ୍ଷରୁ କୋଲକାତା, ଦିଲ୍ଲୀ ଏବଂ ରାଞ୍ଚିରେ ଏହି ଚଢ଼ଉ କରାଯାଇଥିଲା। ସୁରକ୍ଷାକର୍ମୀ ଏବଂ ସ୍ଥାନୀୟ ପୋଲିସର ସହଯୋଗରେ 'ଅଖବାର-ଏ-ମସରିକ୍ ପ୍ରାଇଭେଟ୍ ଲିମିଟେଡ୍' ଏବଂ ଏହାର ନିର୍ଦ୍ଦେଶକ ମହମ୍ମଦ ନଦିମୁଲ ହକଙ୍କ ବିରୋଧରେ ଏହି ଅଭିଯାନ ଚାଲିଛି। ବେଆଇନ ଟଙ୍କା କାରବାର, ହିସାବ ବହିରେ ନଥିବା ନଗଦ କାରବାର ଏବଂ ସନ୍ଦିଗ୍ଧ ସୂତ୍ରରୁ ପାଣ୍ଠି ସଂଗ୍ରହ ଅଭିଯୋଗକୁ ନେଇ ମଧ ତଦନ୍ତ କରାଯାଉଛି।

## ଅକ୍ଟୋବର ୭ ଭଳି ଆକ୍ରମଣ ହେଲେ ପୂର୍ଣ୍ଣାଙ୍ଗ ଯୁଦ୍ଧ: ଇସ୍ରାଏଲ

ଜେରୁଜେଲେମ, ୭।୯(ଏଜେନ୍ସି): ୨୦୨୩ ଅକ୍ଟୋବର ୭ ଭଳି ଆକ୍ରମଣ ପାଲେଷ୍ଟିନୀ କର୍ତ୍ତୃପକ୍ଷଙ୍କ ପକ୍ଷରୁ ହେବାର ଆଶଙ୍କା ଦେଖାଦେଲେ ପାଲେଷ୍ଟିନୀ କର୍ତ୍ତୃପକ୍ଷ ବିରୋଧରେ 'ପୂର୍ଣ୍ଣାଙ୍ଗ ଯୁଦ୍ଧ' ଆରମ୍ଭ କରିବ ଇସ୍ରାଏଲ୍। ଇସ୍ରାଏଲର ପ୍ରତିରକ୍ଷାମନ୍ତ୍ରୀ ଇସ୍ରାଏଲ୍ କାଟ୍ଜ୍ ସୋମବାର ଏହି କଠୋର ଚେତାବନୀ ଦେଇଛନ୍ତି। ଉତ୍ତର ପଶ୍ଚିମତଟରେ ଜଣେ ଇସ୍ରାଏଲୀ ବସତିବାସୀଙ୍କ ଉପରେ ଛୁରି ଆକ୍ରମଣ ଘଟଣା ପରେ କାଟ୍ଜଙ୍କ ଏହି ବୟାନ ଆସିଛି। ଇସ୍ରାଏଲୀ ସେନା ଆକ୍ରମଣକାରୀ ପାଲେଷ୍ଟିନୀଙ୍କୁ ଗୁଳି କରି ହତ୍ୟା କରିଥିବା କହିଛି। କାଟ୍ଜ୍ କହିଛନ୍ତି, ପାଲେଷ୍ଟାଇନ୍ କର୍ତ୍ତୃପକ୍ଷର ସୁରକ୍ଷା ବ୍ୟବସ୍ଥା କିମ୍ବା ସମ୍ପୃକ୍ତ ସଂସ୍ଥା ଇହୁଦୀ ବସତି ଉପରେ ଅକ୍ଟୋବର ୭ ଭଳି ଆକ୍ରମଣ କରିବାର ପ୍ରସ୍ତୁତି ନେଉଥିବା ନିଶ୍ଚିତ ହେଲେ ଇସ୍ରାଏଲୀ ସେନାକୁ ପୂର୍ଣ୍ଣାଙ୍ଗ ଯୁଦ୍ଧ ପାଇଁ ପ୍ରସ୍ତୁତ କରାଯିବ। ଏହି ସାମରିକ ଅଭିଯାନରେ ପାଲେଷ୍ଟିନୀ କର୍ତ୍ତୃପକ୍ଷର ଶୀର୍ଷ ନେତୃତ୍ୱ, ଏହାର ସୁରକ୍ଷା ବ୍ୟବସ୍ଥା ଏବଂ ଆତଙ୍କବାଦୀ ଢାଞ୍ଚାକୁ ଲକ୍ଷ୍ୟ କରାଯିବ ବୋଲି ସେ କହିଛନ୍ତି। ଆବଶ୍ୟକ ହେଲେ ଆକ୍ରମଣପ୍ରବଣ ଅଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ସେଠାରେ ଇସ୍ରାଏଲୀ ସେନାର ସ୍ଥାୟୀ ଉପସ୍ଥିତି ରହିବ ବୋଲି ମଧ ସେ ସୂଚାଇଛନ୍ତି। ୨୦୨୩ ଅକ୍ଟୋବର ୭ରେ ହାମାସ୍‌ର ଆକ୍ରମଣ ପରେ ଗାଜା ଯୁଦ୍ଧ ଆରମ୍ଭ ହୋଇଥିଲା। ଏହା ପରଠାରୁ ଇସ୍ରାଏଲ୍ ଅଧିକୃତ ପଶ୍ଚିମତଟରେ ମଧ ହିଂସା ବଢ଼ିଛି। ନୂଆ ଚେତାବନୀ ଯୋଗୁଁ ଏହି ଅଞ୍ଚଳରେ ଉତ୍ତଜନା ଆହୁରି ବଢ଼ିବା ଆଶଙ୍କା ଦେଖାଦେଇଛି।

### ୭ ଦିନିଆ ମହଲତକୁ ଶୁଣିଲେନି ସରକାର

# ସମୂହ ଛୁଟି ନେଇ ଗାନ୍ଧୀ ମାର୍ଗରେ ଯୋଗାଣ ସହାୟକ




ଭୁବନେଶ୍ୱର,୭।୯(ସମିସ): ରାଜ୍ୟର ୨୦ ଜିଲ୍ଲାରେ କାର୍ଯ୍ୟରତ ଯୋଗାଣ ସହାୟକ ଗାନ୍ଧୀ ମାର୍ଗରେ ଧାରଣା ଆରମ୍ଭ କରିଛନ୍ତି। ସମୂହ ଛୁଟି ନେଇ ଯୋଗାଣ ସହାୟକମାନେ ନିଜର ନ୍ୟାଯ୍ୟ ଦାବି ପୂରଣ ପାଇଁ ଭୁବନେଶ୍ୱର ସ୍ଥିତ ଗାନ୍ଧୀ ମାର୍ଗରେ ଧାରଣାରେ ବସିଛନ୍ତି। ୭ ଦିନ ମଧ୍ୟରେ ସରକାର ସେମାନଙ୍କ ଦାବି ନ ଶୁଣିଲେ, ସେମାନେ ଗାନ୍ଧୀ ମାର୍ଗରେ ଧାରଣା ଆରମ୍ଭ କରିବେ ବୋଲି ଚେତାବନୀ ଦେଇ ଛୁଟିରେ ଚାଲି ଯାଇଥିଲେ। ମାତ୍ର ୭ ଦିନ ମଧ୍ୟରେ ସରକାରଙ୍କ ପକ୍ଷରୁ ସେମାନଙ୍କ ସହ କୌଣସି ଆଲୋଚନା କରାଯିବା ନ ପରେ ଯୋଗାଣ ସହାୟକମାନେ ଏବେ ଗାନ୍ଧୀମାର୍ଗରେ ଧାରଣା ଆରମ୍ଭ କରିଛନ୍ତି। ଏହା ଫଳରେ ରାଜ୍ୟର ୨୦ଟି ଜିଲ୍ଲା ସାଧାରଣ ବଣ୍ଟନ ବ୍ୟବସ୍ଥା ବନ୍ଦ ହୋଇଯାଇଛି। ସରକାର ସେମାନଙ୍କ ଦାବି ପୂରଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରି ରାଜ୍ୟ ଯୋଗାଣ ସହାୟକ ମହାସଂଘ ଏହି ନିଷ୍ପତ୍ତି ନେଇଛି। ଯେପର୍ଯ୍ୟନ୍ତ ରାଜ୍ୟ ସରକାର ଯୋଗାଣ ସହାୟକମାନଙ୍କ ଦାବି ପୂରଣ କରି ନ ଥିବେ ସେପର୍ଯ୍ୟନ୍ତ ଭୁବନେଶ୍ୱର ଲୋୟର ପିଏମଜିରେ ଅହୋରାତ୍ର ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛି ସହାୟକ ମହାସଂଘ। ଏଥିରେ ୨୦ ଜିଲ୍ଲାର ଯୋଗାଣ ସହାୟକମାନେ ଯୋଗ ଦେଇଛନ୍ତି। ଗତ ୧୪ ବର୍ଷ ଧରି ରାଜ୍ୟର ପଞ୍ଚାୟତ ସ୍ତରରେ ଯୋଗାଣ ସହାୟକମାନେ ସରକାରୀ ଜନସେବାର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିଷ୍ଠାର ସହିତ ସମ୍ପାଦନ କରିଆସୁଛନ୍ତି। ଏଥିରେ ପିଡିଏସ୍ ମାଧ୍ୟମରେ ରାସନ ସାମଗ୍ରୀ ବଣ୍ଟନ, ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ, ନିର୍ବାଚନୀ କାର୍ଯ୍ୟ, କୋଭିଡ୍-୧୯ ସମୟରେ ଜନସେବା ଏବଂ ବର୍ତ୍ତମାନ ଚାଲିଥିବା ଇ-କେୱାଇସି କାର୍ଯ୍ୟ ସାମିଲ ରହିଛି। ଦୀର୍ଘ ୧୪ ବର୍ଷର ସେବା ଏବଂ ଅଭିଜ୍ଞତା ସତ୍ତ୍ୱେ ସେମାନେ ଏପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ କାର୍ଯ୍ୟରତ ଅଛନ୍ତି ଏବଂ ମାତ୍ର ୮ ହଜାର ଟଙ୍କା ମାସିକ ପାରିଶ୍ରମିକ ପାଉଛନ୍ତି। ବର୍ତ୍ତମାନର ଦ୍ରବ୍ୟମୂଲ୍ୟ ବୃଦ୍ଧି ପରିସ୍ଥିତିରେ ଏହି ପାରିଶ୍ରମିକରେ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ୍ୟ ହୋଇପଡ଼ିଛି ବୋଲି ମହାସଂଘ କହିଛି। ତେଣୁ ମହାସଂଘ ସଭାପତି ସଞ୍ଜୀବ ଦାଶଙ୍କ ନେତୃତ୍ୱରେ ପ୍ରାୟ ୩୫୦୦ ଯୋଗାଣ ସହାୟକ ଆସନ୍ତା ଆନ୍ଦୋଳନ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି।

**● ଖରାରେ ହଜାର ହଜାର ଯୋଗାଣ ସହାୟକଙ୍କ ଧାରଣା**
**● ୨୦ ଜିଲ୍ଲାରେ ବନ୍ଦ ହେଲା ରାସନ ସାମଗ୍ରୀ ବଣ୍ଟନ**

ଗ୍ରାମ ରୋଜଗାର ସେବକ ବା ଜିଆର୍‌ଏସ୍ ମାନଙ୍କୁ ପୂର୍ବରୁ ସ୍ଥାୟୀକରଣ କରି ଏଡିଇଓ ପଦବୀ ପ୍ରଦାନ କରାଯାଇଥିବା ବେଳେ, ଯୋଗାଣ ସହାୟକମାନଙ୍କ ପ୍ରତି ମଧ୍ୟ ସମାନ ନ୍ୟାୟ ଦିଆଯିବା ଆବଶ୍ୟକ ରହିଛି। ଏହା ପୂର୍ବରୁ ଜୁଲାଇ ୧୭ ରେ ଯୋଗାଣ ସହାୟକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଗାନ୍ଧୀମାର୍ଗରେ ୧୧ ଦିନ ରହିବା ପରେ ସରକାର ସେମାନଙ୍କ ଦାବି ପୂରଣ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ ଏଥିପାଇଁ ଗୋଟିଏ ମାସ ସମୟ ନେଇଥିଲେ। ହେଲେ ଏହି ସମୟ ବିତିଯାଇଥିଲେ ମଧ୍ୟ ଦାବି ପୂରଣ ଦିଗରେ ସରକାର କୌଣସି ପଦକ୍ଷେପ ନେଇ ନାହାନ୍ତି। ସେଥିପାଇଁ ମହାସଂଘ ପୁଣି ଥରେ ଆନ୍ଦୋଳନକୁ ଓହ୍ଲାଇଛି।

**● ଆଇଏଏସ ସ୍ତରରେ ଅଦଳବଦଳ**

## ସୁରେଶ ବଶିଷ୍ଠ ହେଲେ ସାଧାରଣ ପ୍ରଶାସନ ବିଭାଗର ପ୍ରମୁଖ ସଚିବ

ଭୁବନେଶ୍ୱର,୭।୯(ସମିସ): ରାଜ୍ୟ ସରକାର ଆଇଏଏସ ସ୍ତରରେ ଏକ ଛୋଟ ଧରଣର ଅଦଳବଦଳ କରିଛନ୍ତି। ଏନେଇ ସୋମବାର ସଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ୧୯୯୮ ମସିହା ବ୍ୟାଚର ବରିଷ୍ଠ ଆଇଏଏସ ସୁରେଶ କୁମାର ବଶିଷ୍ଠଙ୍କୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ପ୍ରମୁଖ ଶାସନ ସଚିବ ଭାବେ ଦାୟିତ୍ୱ ମିଳିଛି। ଏହାସହ ତାଙ୍କୁ ସଂସଦୀୟ ବ୍ୟାପାର ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ୨୦୧୦ ବ୍ୟାଚର ଆଇଏଏସ ସୁଧାଂଶୁ ମୋହନ ସାମଲଙ୍କୁ ଓଡ଼ିଶା ଖଣି ନିଗମ(ଓଏମସି)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ଏହାସହ ତାଙ୍କୁ କଟକସ୍ଥିତ ରାଜସ୍ୱ ମଣ୍ଡଳ ଆୟୁକ୍ତ(କେନ୍ଦ୍ରାଞ୍ଚଳ)ର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ସମାନ ବ୍ୟାଚର ଆଇଏଏସ ଡା. ବୃନ୍ଦା ଡି.ଙ୍କୁ ସାମାଜିକ ସୁରକ୍ଷା ଓ ବିନ୍ନକ୍ଷମ ସଶକ୍ତିକରଣ ବିଭାଗର କମିଶନର ତଥା ଶାସନ ସଚିବ ଭାବରେ ଅବସ୍ଥାପିତ କରାଯାଇଛି।

**ଓଏମ୍‌ସି ଏମଡି ଭାବରେ ଦାୟିତ୍ୱ ସମ୍ଭାଳିବେ ସୁଧାଂଶୁ**

## ଧଳସାମନ୍ତ ଭ୍ରାତାଙ୍କୁ ସୁପ୍ରିମକୋର୍ଟରୁ ଜାମିନ

କଟକ,୭।୯(ସମିସ): କୁଖ୍ୟାତ ଗ୍ୟାଙ୍ଗଷ୍ଟର ଧଳସାମନ୍ତ ଭ୍ରାତା ସୁଶୀଲ କୁମାର ଧଳସାମନ୍ତ ଓ ସୁଶାନ୍ତ କୁମାର ଧଳସାମନ୍ତଙ୍କୁ ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି। ଓଡ଼ିଶା ହାଇକୋର୍ଟଙ୍କ ଜାମିନ୍ ଖାରଜ ଆଦେଶକୁ ରଦ୍ଦ କରି ସୁପ୍ରିମକୋର୍ଟ ଉଭୟ ଭ୍ରାତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଉଭୟ ସୁଶୀଲ ଓ ସୁଶାନ୍ତ ୨୦୧୬ ମସିହାରୁ ଗିରଫ ହୋଇ ଜେଲ୍‌ରେ ଅଛନ୍ତି। କଟକର ଚୌଦ୍ୱାର ଓ ମର୍କତନଗର ଥାନାରେ ସେମାନଙ୍କ ବିରୋଧରେ ଅପରାଧିକ ଷଡ଼ଯନ୍ତ୍ର ଏବଂ ବେଆଇନ୍ ଅସ୍ତ୍ରଶସ୍ତ୍ର ଆଇନ ଅଧୀନରେ ମାମଲା ୨୦୧୬ ଓ ୨୦୨୦ରେ ଦୁଇଟି ମାମଲା ରୁଜୁ ହୋଇଥିଲା। ପୂର୍ବରୁ ଓଡ଼ିଶା ହାଇକୋର୍ଟ ସେମାନଙ୍କ ଜାମିନ୍ ଆବେଦନକୁ ଖାରଜ କରିଦେଇଥିବାରୁ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଦୀର୍ଘ ୧୦ବର୍ଷ ଧରି ଜେଲରେ ସେମାନେ ରହିଥିବାରୁ ଟ୍ରାଏଲ କୋର୍ଟ ଆବଶ୍ୟକୀୟ କଡ଼ା ସର୍ତ୍ତାବଳୀ ଧାର୍ଯ୍ୟ କରି ଉଭୟଙ୍କୁ ଜାମିନ୍‌ରେ ମୁକ୍ତ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ଏମ୍‌ଏମ୍‌ଡିଆର୍ ବିରୋଧରେ ୯ରେ ଆପ୍‌ର ପ୍ରତିବାଦ ସଭା




ଭୁବନେଶ୍ୱର,୭।୯(ସମିସ): କେନ୍ଦ୍ରର ବିଜେପି ସରକାର ଷଡଯନ୍ତ୍ର କରି ଏମ୍‌ଏମ୍‌ଡିଆର୍ ଆଇନ୍‌ରେ ସଂଶୋଧନ କରିଛି। ଏହି ନୂତନ ଆଇନ୍ ବଳରେ ଓଡ଼ିଶାର ଖଣି ଏବଂ ଖଣି ଥିବା ଜମିକୁ ନିଜ ଅଧୀନକୁ କେନ୍ଦ୍ର ସରକାର ନେଇ ଯାଇଛନ୍ତି। କିନ୍ତୁ ଓଡ଼ିଶାର ବିଜେପି ସରକାର ଏବଂ ଓଡ଼ିଶାରୁ ନିର୍ବାଚିତ ୨୦ ଜଣ ବିଜେପି ସାଂସଦ ଏହି ଖଣି ଏବଂ ଖଣିଥିବା ଜମିର ଚୋରିକୁ ସମର୍ଥନ କରିଛନ୍ତି। ଜମି ଓଡ଼ିଶାବାସୀଙ୍କର ହୋଇଥିବା ବେଳେ ଏହାକୁ କେନ୍ଦ୍ର ନିଜ ଅଧୀନକୁ ନେବା ଓଡ଼ିଶାବାସୀଙ୍କ ପ୍ରତି ବିଶ୍ୱାସଘାତକତା ବୋଲି ଆମ୍‌ଆଦମୀ ପାର୍ଟି କହିଛି। ତେଣୁ ଏହା ବିରୋଧରେ ପାର୍ଟି ପକ୍ଷରୁ ଆସନ୍ତା ୯ ତାରିଖରେ ଭୁବନେଶ୍ୱରରେ ଏକ ବିରାଟ ପ୍ରତିବାଦ ସଭା କରାଯିବ ବୋଲି ପାର୍ଟିର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର କହିଛନ୍ତି।

ସୋମବାର ପାର୍ଟି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି, ଏହି ଆଇନ୍ ବଳରେ ଓଡ଼ିଶାର ଖଣି ଥିବା ଜମି ଉପରେ ଓଡ଼ିଶା ସରକାର କେନ୍ଦ୍ରର ବିନା ଅନୁମତି ରେ କୌଣସି ଟ୍ୟାକ୍ସ ବସାଇ ପାରିବ ନାହିଁ। ଏହାଦ୍ୱାରା ଖଣି ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତାଘାଟ, ବୃକ୍ଷ ରୋପଣ ଏବଂ ଜିଲ୍ଲାର ଅଧିବାସୀଙ୍କ ବିକାଶ ପାଇଁ ବ୍ୟବହୃତ ଟଙ୍କା ମିଳିବ ନାହିଁ। ପୁନଶ୍ଚ କେନ୍ଦ୍ର ସରକାରଙ୍କ ଏହି ସଂଶୋଧନ ଯୋଗୁଁ ସୁପ୍ରିମ କୋର୍ଟର ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ସରକାର ଏବଂ ଓଡିଶାବାସୀ ପାଇବାକୁ ଥିବା ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ବକେୟା ପ୍ରାପ୍ୟ ମଧ୍ୟ ପାଇବ ନାହିଁ। ଓଡିଆ ଅସ୍ମିତାର ସ୍ଲୋଗାନ ଦେଇ ଏବଂ ଡବଲ ଇଞ୍ଜିନ ସରକାର ଆସିଲା। ଓଡ଼ିଶାର ବିକାଶ ହେବ ବୋଲି ପ୍ରତିଶୃତି ଦେଇଥିବା ଭାରତୀୟ ଜନତା ପାର୍ଟି ବର୍ତ୍ତମାନ ଓଡ଼ିଶାର ଖଣି ଏବଂ ଖଣିଥିବା ଜମିକୁ ନିଜର କର୍ପୋରେଟ ବନ୍ଧୁମାନଙ୍କୁ ଶାଗମାଛ ମୂଲ୍ୟରେ ବିକିବା ପାଇଁ ଓଡ଼ିଶାବାସୀଙ୍କୁ ପ୍ରତାରିତ କରିଛି। ଏହି ଷଡଯନ୍ତ୍ର ବିରୋଧରେ ସାରା ଓଡ଼ିଶାରେ ଜନମତ ତିଆରି କରିବା ପାର୍ଟି ନିଷ୍ପତ୍ତି ନେଇଛି।

# ଧାମନଗର ଏନ୍‌ଏସିରେ ଫର୍ମ-୭ ଅନିୟମିତତା ଅଭିଯୋଗ



ଭୁବନେଶ୍ୱର,୭।୯(ସମିସ): ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଧାମନଗର ଏନ୍‌ଏସିରେ ମତଦାତା ତାଲିକାର ଯାଞ୍ଚ ପ୍ରକ୍ରିୟା ସମୟରେ ଫର୍ମ-୭ ଆବେଦନର ଅପବ୍ୟବହାର ଅଭିଯୋଗ ଆଣି ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ ଦାବି କରିଛି ବିଜେଡି। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଏହି ପ୍ରସଙ୍ଗ ଉତ୍ଥାପନ କରିବା ସହ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ନିକଟରେ ରାଜ୍ୟର ବିଭିନ୍ନ ସ୍ଥାନରେ ଫର୍ମ-୭ର ଅପବ୍ୟବହାର ନେଇ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲା ବିଜେଡି। ଏହି ପରିପ୍ରେକ୍ଷୀରେ ଯାଞ୍ଚ ପ୍ରକ୍ରିୟାରେ ନିୟୋଜିତ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ପକ୍ଷରୁ ଧାମନଗର ଏନ୍‌ଏସି ସମ୍ପର୍କରେ ଧାମନଗର ଥାନାରେ ଦାଖଲ ହୋଇଥିବା ଏକ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ଅଭିଯୋଗରେ ଥିବା ତଥ୍ୟ ଅନୁଯାୟୀ ଧାମନଗର ଏନ୍‌ଏସିର ନିର୍ବାହୀ ଅଧିକାରୀ-ସହକାରୀ ସହାୟକ ନିର୍ବାଚନ ଅଧିକାରୀ ସନ୍ତୋଷ କୁମାର ନାୟକ ଫର୍ମ-୭ ସମ୍ପର୍କିତ କାର୍ଯ୍ୟକଳାପରେ ବୁଥସ୍ତରୀୟ ଅଧିକାରୀମାନଙ୍କ ଉପରେ ଚାପ ପକାଉଛନ୍ତି। ଏଥିରେ ଏକକାଳୀନ ପାସ୍‌ୱାର୍ଡ ହାସଲ କରିବା ଏବଂ ନିର୍ଦ୍ଧାରିତ ନିର୍ବାଚନୀ ପ୍ରକ୍ରିୟା ଓ ସୁରକ୍ଷା ବ୍ୟବସ୍ଥା ପାଳନ ନକରି ମତଦାତାମାନଙ୍କ ନାମ ବାଦ୍ ଦେବା ପାଇଁ ପ୍ରୟାସ କରାଯାଇଛି। ଏପରି ନିର୍ଦ୍ଦେଶ ପାଳନ କରିବାକୁ ଅମଙ୍ଗ ହୋଇଥିବା ବୁଥସ୍ତରୀୟ ଅଧିକାରୀମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ସହ ଧମକ ଦିଆଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି ପରିପ୍ରେକ୍ଷୀରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଜିଲ୍ଲା ପ୍ରଶାସନର ଜଣେ ଉପଯୁକ୍ତ ଅଧିକାରୀଙ୍କ ଦ୍ୱାରା ସ୍ୱଚ୍ଛ ଓ ନିରପେକ୍ଷ ତଦନ୍ତ କରାଇବାକୁ ଦାବି କରିଛି ବିଜେଡି। ତଦନ୍ତରେ ବୁଥସ୍ତରୀୟ ଅଧିକାରୀମାନଙ୍କୁ ଫର୍ମ-୭ ଆବେଦନ ସମ୍ପର୍କରେ କୌଣସି ମୌଖିକ କିମ୍ବା ଲିଖିତ ନିର୍ଦ୍ଦେଶ ଦିଆଯାଇଥିଲା କି ନାହିଁ, ସେହି ନିର୍ଦ୍ଦେଶ ପ୍ରଚଳିତ ନିର୍ବାଚନୀ ପ୍ରକ୍ରିୟା ସହ ସମନ୍ୱିତ ଥିଲା କି ନାହିଁ ଏବଂ ସ୍ୱାଧୀନ ଭାବେ ନିଜ ଦାୟିତ୍ୱ ନିର୍ବାହ କରିବାରେ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ଉପରେ କୌଣସି ପ୍ରକାର ଚାପ ପକାଇବାକୁ ଚେଷ୍ଟା କରାଯାଇଥିଲା କି ନାହିଁ, ତାହା ଯାଞ୍ଚ କରାଯିବା ଉଚିତ। ତଦନ୍ତ ଶେଷ ହେବା ପର୍ଯ୍ୟନ୍ତ ସନ୍ତୋଷ କୁମାର ନାୟକଙ୍କୁ ଫର୍ମ-୭ ସମ୍ପର୍କିତ ଦାୟିତ୍ୱରୁ ଅବ୍ୟାହତି ଦିଆଯାଉ। ଧାମନଗର ଏନ୍‌ଏସି ସମ୍ପର୍କିତ ଫର୍ମ-୭ ଆବେଦନ, ଏକକାଳୀନ ପାସ୍‌ୱାର୍ଡ ସମ୍ପର୍କିତ ରେକର୍ଡ, ଡିଜିଟାଲ ଓ ବୈଦ୍ୟୁତିକ ତଥ୍ୟ, ସ୍ୱୀକୃତିପତ୍ର, ସହାୟକ ଦଲିଲ, ବୁଥସ୍ତରୀୟ ଅଧିକାରୀଙ୍କ ରିପୋର୍ଟ, ସରକାରୀ ନିର୍ଦ୍ଦେଶ, ଯୋଗାଯୋଗ ଏବଂ ବୈଠକ ସମ୍ପର୍କିତ ରେକର୍ଡ ଅନ୍ତର୍ଭୁକ୍ତ ହେବା ଉଚିତ। ଫର୍ମ-୭ ମାଧ୍ୟମରେ ଯେଉଁ ସମସ୍ତ ମତଦାତାଙ୍କ ନାମ ବାଦ୍ ଦେବା ପାଇଁ ପ୍ରସ୍ତାବ ରହିଛି କିମ୍ବା ବାଦ୍ ଦିଆଯାଇଛି, ସେମାନଙ୍କୁ ଚିହ୍ନଟ କରି ଉପଯୁକ୍ତ ଭାବେ ପୁନଃ ଯାଞ୍ଚ କରାଯିବା ଉଚିତ। ବିଶେଷକରି ଯେଉଁଠାରେ ସମ୍ପୃକ୍ତ ମତଦାତା ନିଜ ନାମ ବାଦ୍ ଦିଆଯିବାକୁ ନେଇ ଆପତ୍ତି ଉଠାଇଛନ୍ତି କିମ୍ବା କୌଣସି ପ୍ରକ୍ରିୟାଗତ ଅନିୟମିତତା ଚିହ୍ନଟ ହୋଇଛି, ସେଠାରେ ପୁନଃ ଯାଞ୍ଚ କରାଯାଉ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି।

ଦଳର ଦାବି ଅନୁଯାୟୀ ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ଓ ଅଖଣ୍ଡତା ପାଇଁ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କ ସ୍ୱାଧୀନତା ଓ ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ। ଅଧିକାରୀମାନଙ୍କୁ ତଦନ୍ତ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ସ୍ୱାଧୀନ ଭାବେ ନିଜ ବୟାନ ଦେବାର ସୁଯୋଗ ଦିଆଯାଉ। କେବଳ ତଦନ୍ତରେ ଅଂଶଗ୍ରହଣ କରିଥିବା କାରଣରୁ ସେମାନଙ୍କ ବିରୋଧରେ ପ୍ରତିଶୋଧମୂଳକ କିମ୍ବା ଚାପମୂଳକ ପ୍ରଶାସନିକ ପଦକ୍ଷେପ ନିଆଯିବା ଉଚିତ ନୁହେଁ। ଧାମନଗର ଘଟଣାରେ ଯଦି ଏକ ନିରପେକ୍ଷ ଓ ନ୍ୟାୟସଂଗତ ତଦନ୍ତ ପରେ ଏହି ଅଭିଯୋଗଗୁଡ଼ିକ ପ୍ରମାଣିତ ହୁଏ, ଦାୟୀ ବ୍ୟକ୍ତିମାନଙ୍କ ବିରୋଧରେ ପ୍ରଚଳିତ ଆଇନ, ନିର୍ବାଚନୀ ନିୟମ ଓ ସେବା ନିୟମାବଳୀ ଅନୁଯାୟୀ ଉପଯୁକ୍ତ ଶୃଙ୍ଖଳାଗତ ଓ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବା ଉଚିତ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି। ଏହି ପ୍ରତିନିଧିମଣ୍ଡଳୀରେ ପ୍ରତାପ ଜେନା, ବିଜୟ ନାୟକ, ଡ. ଲେନିନ ମହାନ୍ତି, ଶେଖ୍ ନିଜାମୁଦ୍ଦିନ, ରିଜୱାନା ବେଗମ, ନିବେଦିତା ଜେନା, ବିଜୟକେତନ ସାହୁ, ରହିମା ଖାତୁନ, ସୁଶାନ୍ତ କୁମାର ରାଉତ, ନଜମା ଖାତୁନ, ମହମ୍ମଦ ଫକିରଉଦ୍ଦିନ, ଯାସିନ ଯାସନ୍ତାନି କାଦିର, ଜଇନୁର ହକ୍ ପ୍ରମୁଖ ସାମିଲ ଥିଲେ।

**● ସିଇଓଙ୍କୁ ଭେଟି ତଦନ୍ତ ଦାବିକଲା ବିଜେଡି**
**● ମତଦାତାଙ୍କ ନାମ ବାଦ୍ ଦେବାକୁ ସହକାରୀ ନିର୍ବାଚନ ଅଧିକାରୀ ପକାଉଛନ୍ତି ଚାପ**
**● ଫର୍ମ-୭ ଆବେଦନଗୁଡ଼ିକର ସ୍ୱଚ୍ଛ ଓ ନିରପେକ୍ଷ ଯାଞ୍ଚ କରାଯାଉ**
**● ନିର୍ବାଚନୀ ସମୟସୀମା ନିକଟତର ହେଉଥିବାରୁ ତୁରନ୍ତ ପଦକ୍ଷେପ ନିଆଯାଉ**

# କ୍ୱାର୍ଟର୍ସ ଜବରଦଖଲ କରିଛନ୍ତି ବାଲେଶ୍ୱର ଡିଇଓ



ନୟାଗଡ଼,୭।୯(ସମିସ): ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ) ବସନ୍ତ କୁମାର ନାୟକ ନୟାଗଡ଼ ସହର ଖୋର୍ଦ୍ଧା-ବଲାଙ୍ଗିର ଜାତୀୟ ରାଜପଥ କଡ଼ରେ ଅବସ୍ଥିତ ଏକ ସରକାରୀ କ୍ୱାର୍ଟର୍ସକୁ ଦୁଇବର୍ଷ ହେବ ଜବରଦଖଲ କରି ରଖିଥିବା ଅଭିଯୋଗ ହୋଇଛି। ବସନ୍ତ ନୟାଗଡ଼ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ସମୟରେ ନୟାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀଙ୍କ କ୍ୱାର୍ଟର୍ସରେ ରହୁଥିଲେ। ଏହି କ୍ୱାର୍ଟର୍ସ ତାଙ୍କୁ ବ୍ୟବହାର କରିବାକୁ ଜିଲ୍ଲା ଶିକ୍ଷା ବିଭାଗ ଅନୁମତି ଦେଇଛି ନା ନାହିଁ ତାହା ସ୍ପଷ୍ଟ ହୋଇନାହିଁ। କିନ୍ତୁ ସେ ଉକ୍ତ କ୍ୱାର୍ଟର୍ସକୁ ଦୁଇ ବର୍ଷ ହେବ ତାଲା ପକାଇ ରଖିଥିବା ବେଳେ ବାଳିକା ଉଚ୍ଚ ବିଦ୍ୟାଳୟ ପାର୍କିଂରେ ତାଙ୍କ କାର୍ ରଖାଯାଇଛି। ବସନ୍ତ କାହିଁକି ଉକ୍ତ କ୍ୱାର୍ଟର୍ସରେ ତାଲା ପକାଇଛନ୍ତି, ଏହା ପଛର ଉଦ୍ଦେଶ୍ୟ କ'ଣ ସେ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ମୁହଁ ଖୋଲୁନାହାନ୍ତି। ଏ ସମ୍ପର୍କରେ ବାଳିକା ଉଚ୍ଚ ବିଦ୍ୟାଳୟ ଡିଡିଓ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତଙ୍କୁ ପଚାରିବାରେ, ସେ କ୍ୱାର୍ଟର୍ସ ବିଷୟରେ କିଛି ଜାଣି ନ ଥିବା କହିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କୁ ପଚାରିବାରେ କହିଲେ, ଏଭଳି ହୋଇଥିଲେ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରିପୋର୍ଟ କରିବା କଥା। ରିପୋର୍ଟ କଲେ ତାହାକୁ ଉଚ୍ଛେଦ କରାଇବୁ ବୋଲି କହିଛନ୍ତି। ଅନ୍ୟପକ୍ଷେ, ଉକ୍ତ କ୍ୱାର୍ଟର୍ସ ଏବେ ଅବ୍ୟବହୃତ ଅବସ୍ଥାରେ ତାଲା ଝୁଲି ରହିଥିବାରୁ ଏହାର ପରିସରରେ ଗଛଲତା ଉଠି ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି। ଏହି ଘଟଣାକୁ ନେଇ ନୟାଗଡ଼ର ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ମହଲରେ ସାଙ୍ଘାତିକ ଆଲୋଚନା ହୋଇଛି।

ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ ନାୟକ ନୟାଗଡ଼ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀରୁ ପଦୋନ୍ନତି ସହ ବଦଳି ହୋଇ ପ୍ରଥମେ ରାୟଗଡ଼ା ଯାଇଥିଲେ। ସେଠାରୁ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଏବେ ବାଲେଶ୍ୱର ଜିଲ୍ଲା ଶିକ୍ଷା ଅଧିକାରୀ ଭାବେ ଅବସ୍ଥାପିତ ହୋଇଥିବା ସୂଚନା ମିଳିଛି। ନୟାଗଡ଼ ଛାଡ଼ିବା ପରେ ସେ ୩ ଜିଲ୍ଲାରେ କାର୍ଯ୍ୟ କରିସାରିଥିଲେ ମଧ୍ୟ ଏଠାରୁ କ୍ୱାର୍ଟର୍ସ ନ ଛାଡ଼ିବା ପଛର ରହସ୍ୟକୁ ନେଇ ନାନା ପ୍ରଶ୍ନ ଉଠିଛି।

## ସିଏଚ୍‌ଏସ୍‌ଇର ୪୪ ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର, ୭।୯(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)ର ୪୪ ତମ ପ୍ରତିଷ୍ଠା ଦିବସ ଆଜି ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ କୋଟପାଡ ବିଧାୟକ ରୁପୁ ଭତ୍ରା ଯୋଗଦେଇ ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନାକୁ ପ୍ରଶଂସା କରିଛନ୍ତି। ସମ୍ମାନିତ ଅତିଥି ଭାବେ ଗଣଶିକ୍ଷା ବିଭାଗର ସଚିବ ଡ. ଏନ୍. ତିରୁମାଲା ନାୟକ ଯୋଗଦେଇ ଯୁକ୍ତ ଦୁଇ ଉତ୍ତୀର୍ଣ୍ଣ ହେଉଥିବା ପିଲାଙ୍କୁ ଅନ୍ତତଃ ଗୋଟିଏ ଟ୍ରେଡ୍‌ରେ ଦକ୍ଷ କରିବାକୁ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ କରାଯାଉଥିବା କହିଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶିକା ନିୟତି ପଟ୍ଟନାୟକ ସିଏଚ୍‌ଏସ୍‌ଇର ଉପଲବ୍ଧି ସମ୍ପର୍କରେ ଆଲୋକପାତ କରିଥିଲେ। ପରିଷଦର ଅଧ୍ୟକ୍ଷ ମୃଣାଳକାନ୍ତି ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପାଦିକା ଶୁଭ୍ରାବାଳା ବେହେରା ବାର୍ଷିକ ବିବରଣୀ ଉପସ୍ଥାପନ କରିଛନ୍ତି। ପରିଷଦର ବାର୍ଷିକ ସ୍ମରଣିକା 'ପ୍ରଜ୍ଞା'କୁ ଅତିଥିମାନେ ଉନ୍ମୋଚିତ କରିବା ସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପରୀକ୍ଷା ନିୟନ୍ତ୍ରକ ଡ଼ ପ୍ରଶାନ୍ତ କୁମାର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗ: ଅଭିଯୁକ୍ତକୁ ୨୦ ବର୍ଷ କାରାଦଣ୍ଡ



ଯାଜପୁର,୭।୯(ସମିସ): ଯାଜପୁର ଜିଲ୍ଲା କଳିଙ୍ଗ ନଗର ଥାନା ଅଞ୍ଚଳରେ ୨୦୨୫ ମସିହାରେ ଜଣେ ୧୫ବର୍ଷୀୟ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଘଟଣାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ କେନ୍ଦୁଝର ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କୀର୍ତ୍ତନପାଟିଆ ଗାଁର ବିଜୟ ମୁଣ୍ଡାଙ୍କ ପୁଅ ସଂଗ୍ରାମ ମୁଣ୍ଡା (୨୦)ଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି ପୋକ୍‌ସୋ ସ୍ପେସାଲ ଅଦାଲତ।

୨୧ଜଣ ସାକ୍ଷ୍ୟ ପ୍ରମାଣ ଓ ୧୩ ଗୋଟି ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧୨ମାସ ପାଇଁ ଜେଲଦଣ୍ଡ ନିର୍ଦ୍ଦେଶ ଦେଲେ ସ୍ୱତନ୍ତ୍ର ପୋକ୍‌ସୋ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତର ବିଚାରପତି ଅଭିଲାଷ ସେନାପତି। ଗତ ତା.୨୯-୯-୨୫ରେ କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କୀର୍ତ୍ତନପାଟିଆ ଗାଁର ବିଜୟ ମୁଣ୍ଡାଙ୍କ ପୁଅ ସଂଗ୍ରାମ ମୁଣ୍ଡା (୨୦) କଳିଙ୍ଗ ନଗର ଥାନା ଅଞ୍ଚଳର ଜନୈକା ୧୫ ବର୍ଷୀୟା ନାବାଳିକାକୁ ଅପହରଣ କରି ଅଭିଯୁକ୍ତର ଘରେ ନେଇ ବଳାତ୍କାର କରିଥିଲା। ଏ ନେଇ ନାବାଳିକାର ମା' କଳିଙ୍ଗନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ କେସ ନଂ ୩୪୦/୨୫ରେ ମାମଲା ରୁଜୁ କରି ଅଭିଯୁକ୍ତ ସଂଗ୍ରାମ ମୁଣ୍ଡାକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସୋମବାର ଏହି ମାମଲାର ୨୧ଜଣ ସାକ୍ଷ ପ୍ରମାଣ ଓ ୧୩ ଟି ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତଙ୍କୁ ୨୦ବର୍ଷ କାରାଦଣ୍ଡାଦେଶ ସହ ୫୦ ହଜାର ଟଙ୍କା ଜରିମାନା ଓ ଅନାଦେୟ ଅଧିକ ୧୨ମାସ ପାଇଁ ଜେଲଦଣ୍ଡ ନିର୍ଦ୍ଦେଶ ଦେଲେ ସ୍ୱତନ୍ତ୍ର ପୋକ୍‌ସୋ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଅଦାଲତର ବିଚାରପତି ଅଭିଲାଷ ସେନାପତି। ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ ୮ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାଟିକୁ ସ୍ୱତନ୍ତ୍ର ସରକାରୀ ଓକିଲ ଶ୍ରୀନିବାସ ସାହୁ ପରିଚାଳନା କରିଥିଲେ।

### ମଧ୍ୟାହ୍ନ ଭୋଜନରେ ଝିଟିପିଟି

# ସେବାଶ୍ରମରେ ୧୩୦ ଛାତ୍ରଛାତ୍ରୀ ଅସୁସ୍ଥ



ଧାମନଗର,୭।୯(ସମିସ): ଧାମନଗର ଏନ୍‌ଏସି ଅନ୍ତର୍ଗତ ସୁନ୍‌ସିପାଟଣା ଗ୍ରାମର ୧୯୫୦ ମସିହାରେ ସ୍ଥାପିତ ବହୁ ପୁରାତନ ଶିକ୍ଷାନୁଷ୍ଠାନ ଜୟନଗର ସେବାଶ୍ରମ ତଥା ଅନୁସୂଚିତଭୁକ୍ତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଝିଟିପିଟି ପଡ଼ିଥିବା ଖାଦ୍ୟ ଖାଇ ୧୩୦ ଛାତ୍ରଛାତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ପୁଲିସ ପହଞ୍ଚି ଥାନା ଗାଡ଼ି, ଅଟୋ ଓ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଧାମନଗର ମେଡିକାଲରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ କେତେକ ପିଲାଙ୍କୁ ଛାଡ଼ି ଦିଆଯାଇଥିବା ବେଳେ ଆଉ କିଛି ପିଲାଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ରଖାଯାଇଛି। ସୁସ୍ଥ ହେବା ପରେ ଛାଡ଼ି ଦିଆଯିବ ବୋଲି ଡାକ୍ତରଙ୍କଠାରୁ ସୂଚନା ମିଳିଛି। ଏହି ସମ୍ବେଦନଶୀଳ ଘଟଣା ପାଇଁ ଦାୟୀ କିଏ ସେନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଘଟଣାକୁ ନେଇ ଅଭିଭାବକ ଓ ସ୍ଥାନୀୟ ମହଲରେ ଚିନ୍ତା ପ୍ରକାଶ ପାଇଛି। ଘଟଣାର ସଠିକ୍ କାରଣ ଓ ଖାଦ୍ୟର ମାନ ସମ୍ପର୍କରେ ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯିବାକୁ ଅଭିଭାବକ ମହଲରେ ଦାବି ହୋଇଛି। ବିଦ୍ୟାଳୟ ଶିକ୍ଷକଶିକ୍ଷୟିତ୍ରୀ, ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ୍ ଦାଶଙ୍କ ତତ୍ତ୍ୱାବଧାନରେ ପୁଲିସ ଫୋର୍ସ ଏବଂ ପ୍ରଶାସନ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ଚିକିତ୍ସା କରିଥିଲେ। ଏହି ଘଟଣା ପ୍ରସାରିତ ହେବା ପରେ ଅଧ୍ୟକ୍ଷା ନିବେଦିତା ଜେନା, ଉପାଧ୍ୟକ୍ଷ ଓସିମ୍ ଏଜଦାନି କାଦିରୀ, ବିଜେପି ନେତା ଅଶୋକ ପୁହାଣ, କୈଳାସ ଚନ୍ଦ୍ର ମହାପାତ୍ର, ସରୋଜ ମହାପାତ୍ର, ବିଜେଡି ନେତା ତଥା ଆଇନଜୀବୀ ଅମରେନ୍ଦ୍ର ମହାନ୍ତି, ସୁଶାନ୍ତ କୁମାର ରାଉତଙ୍କ ସମେତ ବିଭିନ୍ନ ଦଳର ନେତା, ନେତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ମେଡିକାଲରେ ପହଞ୍ଚି ପିଲାମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝି ଅଭିଭାବକମାନଙ୍କୁ ସମବେଦନା ଜଣାଇଛନ୍ତି।

# ନକଲି ଲୁବ୍ରିକାଣ୍ଟ ପ୍ରସ୍ତୁତ ରାକେଟ ଠାବ; ୪ ଗିରଫ

## ୧୮୨ ବାଲ୍‌ଟି ନକଲି ଲୁବ୍ରିକାଣ୍ଟ ସହ ଗାଡ଼ି ଓ ପ୍ରସ୍ତୁତ ସାମଗ୍ରୀ ଜବତ



ବଡ଼ବିଲ/ଯୋଡ଼ା,୭।୯(ସମିସ): ଜିଲ୍ଲାର ଖଣି ଅଞ୍ଚଳରେ ନକଲି ଲୁବ୍ରିକାଣ୍ଟ ପ୍ରସ୍ତୁତ ରାକେଟ୍ ଠାବ ହୋଇଛି। ଏହି ଘଟଣାରେ ପୁଲିସ ୪ଜଣଙ୍କୁ ଗିରଫ କରିଛି। ନାମିଦାମି କମ୍ପାନୀର ବ୍ରାଣ୍ଡ ବ୍ୟବହାର କରି ନକଲି ଲୁବ୍ରିକାଣ୍ଟ ପ୍ରସ୍ତୁତ, ଯୋଗାଣ ଓ ବିକ୍ରୟ କରୁଥିବା ଏହି ରାକେଟ୍‌କୁ ବଡ଼ବିଲ ପୁଲିସ ପର୍ଦ୍ଦାଫାସ କରିଛି। ଚଢ଼ଉବେଳେ ବିପୁଳ ପରିମାଣର ନକଲି ଲୁବ୍ରିକାଣ୍ଟ ସହ ଦୁଇଟି ଗାଡ଼ି, ଉତ୍ପାଦନ ଯନ୍ତ୍ରପାତି ଓ ନକଲି ହେଲୋଗ୍ରାମ ଜବତ ହୋଇଛି। ପୁଲିସ ସୂଚନା ଅନୁସାରେ, ବଡ଼ବିଲ ଅଞ୍ଚଳରେ ଟାଟା ଓ ଗଲ୍ଫ ବ୍ରାଣ୍ଡ ନାମରେ ନକଲି ଡିଇଏଫ ବିକ୍ରି ହେଉଥିବା ନେଇ ସୂଚନା ମିଳିବା ପରେ ସେପ୍ଟେମ୍ବର ୨ ତାରିଖରେ ବଡ଼ବିଲ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଭଦ୍ରାସାହି ଅଞ୍ଚଳର ଜୟଶ୍ରୀ ଶ୍ୟାମ ଲୁବ୍ରିକାଣ୍ଟସ୍‌ରୁ ୩୧ ବାଲ୍‌ଟି, କାସିଆ ନିକଟ ଉଜାଲା ମୋଟର୍ସରୁ ୮୦ ବାଲ୍‌ଟି ଏବଂ ଭଦ୍ରାସାହିର ବସନ୍ତ କୁମାର ପୃଷ୍ଟିଙ୍କ ନିକଟରୁ ୨୧ ବାଲ୍‌ଟି ନକଲି ଲୁବ୍ରିକାଣ୍ଟ ଜବତ ହୋଇଥିଲା। ଏ ନେଇ ବଡ଼ବିଲ ଥାନାରେ ୩ ଟି ମାମଲା ରୁଜୁ ହୋଇଥିଲା। କେନ୍ଦୁଝର ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ରାକେଟ୍‌ର ମୂଳ ଉତ୍ସ ଠାବ କରିବା ପାଇଁ ବଡ଼ବିଲ ଥାନା ଅଧିକାରୀ ଅଶୋକ କୁମାର ନାୟକ ଦୁଇଟି ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରି ସେପ୍ଟେମ୍ବର ୬ ତାରିଖରେ ମାଷ୍ଟରମାଇଣ୍ଡ ଶ୍ରୀକାନ୍ତ କୁମାର ହୋତା ଓ ତାଙ୍କ ସହଯୋଗୀ ରେଖା ରାମଙ୍କୁ ଗିରଫ କରିଥିଲା। ସେମାନେ ଟାଟା ବ୍ରାଣ୍ଡ ଥିବା ୫୦ ବାଲ୍‌ଟି ନକଲି ଡିଇଏଫ ଜବତ କରିଥିଲା। ପଚରାଉଚରା ପରେ ଢେଙ୍କାନାଳ ଜିଲ୍ଲା ସଦାଶିବପୁରରେ ଶ୍ରୀକାନ୍ତଙ୍କ ଜମିରେ ନକଲି ଡିଇଫ ପ୍ରସ୍ତୁତି ପାଇଁ କାରଖାନା ଚାଲୁଥିବା ଜାଣି ବଡ଼ବିଲ ପୁଲିସ ସେଠାରେ ଚଢ଼ଉ କରି ରାଜସ୍ଥାନରୁ ଆସିଥିବା କର୍ମଚାରୀଙ୍କ ସହାୟତାରେ ନକଲି ଲୁବ୍ରିକାଣ୍ଟ ପ୍ରସ୍ତୁତ କରି ନାମୀଦାମୀ ବ୍ରାଣ୍ଡର ନକଲି ପ୍ୟାକେଜିଂରେ ଓଡ଼ିଶାର ବିଭିନ୍ନ ଶିଳ୍ପାଞ୍ଚଳ ସମେତ ପଡ଼ୋଶୀ ରାଜ୍ୟରେ ବିକ୍ରି କରାଯାଉଥିବା ଜଣାପଡ଼ିଥିଲା। କାରଖାନା ଠାବ ପରେ ଆଇନଗତ ପଦକ୍ଷେପ ପାଇଁ ପଦକ୍ଷେପ ନିଆଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ସଦାଶିବପୁରର ଶ୍ରୀକାନ୍ତ କୁମାର ହୋତା (ଉତ୍ପାଦକ), ରାଜସ୍ଥାନ ବାଲୋତ୍ରା ଅଞ୍ଚଳର ଦୀପା ରାମ ଓ ରେଖା ରାମ (ଯୋଗାଣକାରୀ) ଏବଂ ରାଜସ୍ଥାନ ଝୁନଝୁନୁ ଜିଲ୍ଲାର ଶ୍ରମିକ ମହେଶ କୁମାର। ସମୁଦାୟ ୩,୬୪୦ ଲିଟର ନକଲି ଲୁବ୍ରିକାଣ୍ଟ ଜବତ ହୋଇଛି। ଏ ନେଇ ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ର ପିଙ୍ଗୁଆ ସୂଚନା ଦେଇଛନ୍ତି।

## ରୋଷେଇ ଘରୁ ସାପ ଉଦ୍ଧାର



ତୁରୁମୁଙ୍ଗା,୭।୯(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ପୋଇପାଣି ବିଟ୍ ଅନ୍ତର୍ଗତ ପୋଇପାଣିଗ୍ରାମର ପ୍ରଦୀପ କୁମାର ମହାନ୍ତଙ୍କ ରୋଷେଇଘରୁ ସୋମବାର ଅପରାହ୍ନରେ ଏକ ସାପ ଉଦ୍ଧାର ହୋଇଛି। ଘର ଭିତରେ ବିଷଧର ସାପ ଦେଖି ପରିବାର ଲୋକେ ଭୟଭୀତ ହୋଇ ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନ ବିଭାଗର ସ୍ନେକ ହେଲ୍ପଲାଇନ କର୍ମଚାରୀ ଏମ୍‌ଡି ୱାସିମଙ୍କ ନେତୃତ୍ୱରେ କାର୍ତ୍ତିକ ମହାନ୍ତ ଓ ଗୌରହରି ମହାନ୍ତ ସାପଟିକୁ ଉଦ୍ଧାର କରି ପୋଇପାଣି ସଂରକ୍ଷିତ ଜଙ୍ଗଲରେ ଛାଡ଼ିଛନ୍ତି।

## ଭାଗବତ ଟୁଙ୍ଗୀରେ ଆତ୍ମ ଜାଗୃତି ସତସଙ୍ଗ



ଆନନ୍ଦପୁର,୭।୯(ସମିସ): ଆନନ୍ଦପୁରର ପଦ୍ମପୁରସ୍ଥିତ ଶ୍ରୀଶ୍ରୀ ପତିତପାବନ ରଘୁନାଥଜିଉ ଭାଗବତ ଟୁଙ୍ଗୀରେ ଶ୍ରୀଶ୍ରୀ ପତିତପାବନ ରଘୁନାଥଜିଉ କୁଞ୍ଜବିହାରୀ ବିଜେର ପୁରୋଧା ଶାନ୍ତିଲତା ମାତାଙ୍କ ଅଧ୍ୟକ୍ଷତାରେ ସନ୍ଧ୍ୟା ୬ଟାରେ ଆତ୍ମ ଜାଗୃତି ସତସଙ୍ଗ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଗୋପାଳଜିଉଙ୍କ ପୂଜାର୍ଚ୍ଚନା କରି ମଙ୍ଗଳ ଆଳତି କରାଯାଇଥିଲା। କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନ ଏକାଦଶ ସ୍କନ୍ଧ ୩୦ ଅଧ୍ୟାୟ ପାଠ କରି ଆତ୍ମ କଲ୍ୟାଣ ମାର୍ଗରେ ଅଗ୍ରସର ହେବାକୁ ହେଲେ ଗୁରୁ ଉପଦିଷ୍ଟ ହୋଇ ଆତ୍ମଜ୍ଞାନ ଲାଭ ପୂର୍ବକ ସାଧନ ଭଜନ କଲେ ଜୀବ ମନୁଷ୍ୟ ଜନ୍ମକୁ ସାର୍ଥକ କରିପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଆଶ୍ରମ ଅନ୍ତେବାସୀ ମାଧବ, ସୁଦାମ, ସୁବଳ, ମଧୁମଙ୍ଗଳ ଶ୍ରୀବତ୍ସ ଓ ଶାନ୍ତି ଏବଂ ଜଗନ୍ନାଥ ଜେନା, ଜିତେନ୍ଦ୍ର ବେହେରା, ମାର୍କଣ୍ଡ ବେହେରା, ମଦନମୋହନ ବେଜ, ପ୍ରଣବଧ୍ୱଜ କବି, ରାମଚନ୍ଦ୍ର ପଲେଇ, ରତିକାନ୍ତ ପତି, ପଦ୍ମଲାଭ ପାତ୍ର ଓ ପଦ୍ମଲାଭ ମିଶ୍ର ପ୍ରମୁଖ ଉପସ୍ଥିତ ହୋଇ ବିଭୁ କୃପା ଲାଭ କରିଥିଲେ।

## ଆଲମିରା ଭାଙ୍ଗି ଲକ୍ଷାଧିକ ଟଙ୍କା ସହ ଗହଣା ଲୁଟ୍





ତୁରୁମୁଙ୍ଗା: କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଲକ୍ଷ୍ମୀପଶି ଗ୍ରାମରେ ସୋମବାର ଦିନ ଦ୍ୱୀପହରରେ ଘରେ ପଶି ଆଲମୀରା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ସାଙ୍ଗକୁ ନଗଦ ଏକ ଲକ ଟଙ୍କା ଲୁଟିନେଇଛନ୍ତି ଦୁର୍ବୃତ୍ତ। କଳ୍ପନା ମହାନ୍ତଙ୍କ ଘରେ ଦିନ ଦ୍ୱିପହରେ କେହି ନଥିବାର ସୁଯୋଗ ନେଇ ଘରେ ପଶି ଦୁର୍ବୃତ୍ତ ମାନେ ଘରର ତାଲା ଭାଙ୍ଗିବା ସହ ଆଲମିରା ଭାଙ୍ଗି ସେଥିରେ ଥିବା ନଗଦ ଏକ ଲକ୍ଷ ଟଙ୍କା ସହ ସୁନା ନେକଲେସ ,ଚେନ ବ୍ରେସଲେଟ, ପାଉଁଜି, କାନଫୁଲ ଅଡିଭିଲକ୍ଷାଧିକ ଟଙ୍କା ମୂଲ୍ୟର ସୁନାଗହଣା ଲୁଟି ନେଇଛନ୍ତି।ଏଥି ସହ ବଣ୍ଡ ପେପର ଦୁଇଟି ମୋବାଇଲ ଲୁଟିନେଇଛନ୍ତି ଦୁର୍ବୃତ୍ତ। କଳ୍ପନା ଏବଂ ତାଙ୍କ ଭଉଣୀ ଘାସ କାଟିବାକୁ ଯାଇଥିବା ସମୟରେ ଦୁର୍ବୃତ୍ତମାନେ ପ୍ରଥମେ ବାହାର ଗ୍ରୀଲର ତାଲା ଭାଙ୍ଗି ଘରେ ପଶି ଆଲମୀରା ଭାଙ୍ଗି ଲୁଟିନେଇଛନ୍ତି। ଘଟଣା ଜଣାପଡ଼ିବା ପରେ ତୁରୁମୁଙ୍ଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରି ଲୁଟେରାଙ୍କୁ ଧରିବା ପାଇଁ ଛାନଭିନ୍ ଜାରି ରଖିଛି। ଦିନ ଦ୍ୱିପହରେ ଘରେ ପଶି ଏଭଳି ଲୁଟ୍ ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବାରଣ ଖେଳି ଯାଇଛି।

## ଦିବଂଗତ ସାମ୍ବାଦିକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା

କେନ୍ଦୁଝର,୭।୯(ସମିସ): କେନ୍ଦୁଝର ଜିଲ୍ଲାର ଦୁଇ ଦିବଂଗତ ସାମ୍ବାଦିକଙ୍କ ପରିବାରବର୍ଗଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ (ଏକ୍ସ-ଗ୍ରାସିଆ) ସହାୟତା ରାଶି ପ୍ରଦାନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଜିଲ୍ଲାର ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ବିଭୂତି ଭୂଷଣ ପଟ୍ଟନାୟକ (୭୧) ଦୀର୍ଘ ବର୍ଷ ଧରି 'ହିନ୍ଦୁସ୍ଥାନ ସମାଚାର' ମାଧ୍ୟମରେ ନିରପେକ୍ଷ ଖବର ପରିବେଷଣ କରି ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଥିଲେ। ଗତ ୫ ଜୁନ୍ ୨୦୨୫ରେ ତାଙ୍କର ପରଲୋକ ଘଟିଥିବା ବେଳେ ତାଙ୍କର ଏହି ଅତୁଳନୀୟ ବୃତ୍ତିଗତ ସେବା ପାଇଁ ତାଙ୍କ ଧର୍ମପତ୍ନୀ ଛନ୍ଦା ପଟ୍ଟନାୟକଙ୍କୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଉଛି। ସେହିପରି, ଘଟଗାଁ ପଣ୍ଡାପଡ଼ାର ସ୍ୱର୍ଗତ ନିରଞ୍ଜନ ମହାନ୍ତ (୪୯) 'ସମାଜ' ଖବରକାଗଜ ମାଧ୍ୟମରେ ସ୍ଥାନୀୟ ଜନସାଧାରଣଙ୍କ ସମସ୍ୟା ଉତ୍ଥାପନ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଗତ ୧୧ ମଇ ୨୦୨୪ରେ ତାଙ୍କର ଅକାଳ ବିୟୋଗ ପରେ, ପାଠ ପଢ଼ୁଥିବା ଦୁଇ ପିଲାଙ୍କ ଭବିଷ୍ୟତକୁ ଆଖିଆଗରେ ରଖି ତାଙ୍କ ପତ୍ନୀ ବିଦ୍ୟୁତ୍‌ଲତା ମହାନ୍ତଙ୍କ ପାଇଁ ମଧ୍ୟ ୪ ଲକ୍ଷ ଟଙ୍କାର ସହାୟତା ରାଶି ମଞ୍ଜୁର କରାଯାଇଛି। କୌଣସି ଆର୍ଥିକ ସହାୟତା ପରିବାରର ସଦସ୍ୟଙ୍କ ଅଭାବକୁ ପୂରଣ କରିପାରିବ ନାହିଁ, କିନ୍ତୁ ବିପଦ ସମୟରେ ମିଳୁଥିବା ଏହି ସାହାଯ୍ୟ ଶୋକସନ୍ତପ୍ତ ପରିବାରକୁ ଆଶ୍ୱାସନା ସହ କଠିନ ପରିସ୍ଥିତିର ସାମ୍ନା କରିବାକୁ ବଳ ଯୋଗାଇବ ବୋଲି ମତ ପ୍ରକାଶ ପାଇଥିଲା।

## 'ଜନଆନ୍ଦୋଳନ ଦ୍ୱାରା ମଦମୁକ୍ତ ଓଡ଼ିଶା ସମ୍ଭବ'

ଆନନ୍ଦପୁର,୭।୯(ସମିସ): ସାଲିସବିହୀନ ସଂଘର୍ଷ ଦ୍ୱାରା ଓଡ଼ିଶାକୁ ମଦମୁକ୍ତ କରାଯାଇପାରିବ ବୋଲି ଘଷିପୁରାଠାରେ ଆୟୋଜିତ 'ଯୁବ ସମ୍ବାଦ' କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଯଜ୍ଞ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ 'ସରକାରୀ ମଦ ଓ ଡ୍ରଗ୍ସ' ବିରୋଧରେ 'ଯୁବ ସମ୍ବାଦ' ଆୟୋଜିତ ହୋଇଥିଲା। ଏହି ରାଜ୍ୟସ୍ତରୀୟ ଆଲୋଚନାଚକ୍ରରେ ମଦମୁକ୍ତ ଯୁବ ବାହିନୀର ରାଜ୍ୟ ଆବାହକ ସତ୍ୟବ୍ରତ ପୃଷ୍ଟି କହିଥିଲେ ଯେ ଯେଉଁ ସରକାରର ପ୍ରତ୍ୟକ୍ଷ ସହଯୋଗରେ ଓଡ଼ିଶାର ଗାଁ ଗହଳି, ବଜାରରେ ୪ ହଜାର ୩ ଶହରୁ ଅଧିକ ମଦ ଦୋକାନ ଖୋଲିଛି, ସେହି ସରକାର ହିଁ ପ୍ରବଳ ଜନମତର ଚାପରେ ସେଗୁଡ଼ିକୁ ବନ୍ଦ କରିପାରିବ। ଆଉ ଜନଆନ୍ଦୋଳନ ଦ୍ୱାରା 'ମଦମୁକ୍ତ ଓଡ଼ିଶା' ସମ୍ଭବ ବୋଲି ଶ୍ରୀ ପୃଷ୍ଟି କହିଥିଲେ। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶ୍ୱର ସାହୁ ଅନ୍ୟତମ ଆଲୋଚକ ଭାବେ ଯୋଗଦେଇ କହିଲେ, ମଦ ବିକ୍ରି ପଛରେ ବିଦେଶୀ ଶକ୍ତିର ହାତ ରହିଛି। ମଦ ବିକ୍ରି ଯୋଗୁଁ ସାମାଜିକ ସମ୍ପର୍କ ନଷ୍ଟ ହେଉଛି।




ହିଂସାକାଣ୍ଡ ବୃଦ୍ଧି ପାଉଛି। ଦାରିଦ୍ର୍ୟର ଏହା ପ୍ରମୁଖ କାରଣ ବୋଲି ଶ୍ରୀ ସାହୁ କହିଥିଲେ। ସାମାଜିକ କର୍ମୀ ହିମାଂଶୁ ଶେଖର ନାୟକ କହିଲେ ରାଜସ୍ୱ ବୃଦ୍ଧି ପାଇଁ ନୁହେଁ ବରଂ ଶସ୍ତା ରାଜନୀତି ପାଇଁ ମଦବିକ୍ରି ବଢୁଛି। ଯଦି ଗୋଟିଏ ନିଷ୍ପତ୍ତିରେ ଧାରା ୩୭୦ ଉଚ୍ଛେଦ ହୋଇପାରୁଛି, ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ନିର୍ମାଣ ହୋଇ ପାରୁଛି, ତେବେ ମଦମୁକ୍ତ ଓଡ଼ିଶା କାହିଁକି ସମ୍ଭବ ନୁହେଁ? ଦୃଢ଼ ରାଜନୈତିକ ସଂକଳ୍ପର ଅଭାବରୁ ଏହା ହୋଇପାରି ନଥିବା ଶ୍ରୀ ନାୟକ କହିଥିଲେ। ଦୁର୍ନୀତି ବିରୋଧୀ ପ୍ରଗତିଶୀଳ ମଞ୍ଚର ଆବାହକ ଯଜ୍ଞ ପ୍ରସାଦ ସାହୁ ଅଧ୍ୟକ୍ଷତା କରି କହିଛନ୍ତି, ଯୁବ ଶକ୍ତିକୁ ପଙ୍ଗୁ କରିଦେବା ପାଇଁ ମଦ ଏକ ବଡ଼ ରାଜନୈତିକ ଷଡ଼ଯନ୍ତ୍ର। ରାଜନୈତିକ ଛତ୍ରଛାୟା ତଳେ ରହି ମାଫିଆଙ୍କୁ ଏହା ସୁହାଉଛି। ମଦ ଓ ଡ୍ରଗ୍ସ ଜରିଆରେ ସମସ୍ତ ବେଆଇନ କାର୍ଯ୍ୟ ହେଉଛି। ଗାଁର ୪/୫ ଜଣ ମଦୁଆ ଓ ଡ୍ରଗ୍ସ ସେବନକାରୀଙ୍କୁ ହାତ କରି ମାଫିଆମାନେ ସାରା ଜିଲ୍ଲାରେ ବେଆଇନ ପଥର ଓ ବାଲି ପରିବହନ କରୁଛନ୍ତି। ନିଶା ଯୋଗୁଁ ହିଁ ଅଧିକାଂଶ ଦୁଷ୍କର୍ମ, ହତ୍ୟାକାଣ୍ଡ, ଗୋଷ୍ଠୀ ସଂଘର୍ଷ, ଘରୋଇ ହିଂସା, ଦୁର୍ଘଟଣା ଘଟୁଥିବା ଶ୍ରୀ ସାହୁ କହିଥିଲେ। ମଦରୁ ଆୟ ରାଜସ୍ୱ ସରକାରୀ ରାଜକୋଷକୁ ଭରିବା ଅପେକ୍ଷା ବରଂ ଚାପ ଗ୍ରସ୍ତ କରିଥାଏ ବୋଲି ଶ୍ରୀ ସାହୁ କହିଛନ୍ତି। ଆୟକର ପରାମର୍ଶଦାତା ସମାସ ଷଡ଼ଙ୍ଗୀ ମଦମୁକ୍ତ ଓଡ଼ିଶା ସଙ୍ଗୀତ ଗାନ କରିଥିଲେ।

ଏହି ରାଜ୍ୟସ୍ତରୀୟ ଆଲୋଚନା ଚକ୍ରରେ ବରିଷ୍ଠ ବିଜେପି ନେତା ଭଗବାନ ସାହୁ, ଗୋଲକ ଜେନା, ତ୍ରିଲୋଚନ ଦାସ, କଂଗ୍ରେସ ନେତା ବୃନ୍ଦାବନ ଜେନା, ଦୈତାରୀ ମହାକୁଡ଼, ସରପଞ୍ଚ ଦୀପ୍ତି ସାହୁ, ସମାଜସେବୀ ଦେବ ରଞ୍ଜନ ସାହୁ, ଟୁକୁନ ହୋତା, ବରିଷ୍ଠ ସାମ୍ବାଦିକ ସୁବାସ ମହାପାତ୍ର, ଶିଶୁ ସାହିତ୍ୟିକ ଶ୍ରୀଧର ମହାରଣା, କାଉନସିଲର କୃଷ୍ଣଚନ୍ଦ୍ର ରଣା, ଛାତ୍ରନେତା ପ୍ରସନ୍ନଜିତ ସାହୁ, ବ୍ୟବସାୟୀ ଜୟ ନାରାୟଣ ସାହୁ, ଅକ୍ଷୟ ସାମଲ, ଜ୍ୟୋତିର୍ବିଦ କୈଳାସ ନାୟକ, ସୌମ୍ୟ ରଞ୍ଜନ ସାହୁ, ଶାଶ୍ୱତ ରଞ୍ଜନ ସାହୁ, ଦାମୋଦର ସାହୁ, ଆଦିତ୍ୟ ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆନନ୍ଦପୁର ଅଞ୍ଚଳରେ ମଦ ବିରୋଧରେ ଆନ୍ଦୋଳନ କରୁଥିବା ମହିଳା ଗୁଣ୍ଠି ଦଳେଇ, ବାସନ୍ତୀ ଦେହୁରୀ, ସୁମ ଦଳେଇ, ବସନ୍ତ ଦେହୁରୀ, ସରୋଜ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ପ୍ରହସନ ପାଲଟିଛି ସଚେତନତା କାର୍ଯ୍ୟକ୍ରମ




ଆନନ୍ଦପୁର,୭।୯(ସମିସ): କେନ୍ଦ୍ର ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ କଟକ ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓ ଏବଂ କେନ୍ଦୁଝର ଜିଲ୍ଲା ଶିଳ୍ପ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଝାଡ଼େଶ୍ୱର ମନ୍ଦିର କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଜିଲ୍ଲାସ୍ତରୀୟ 'ପିଏମ୍ ବିଶ୍ୱକର୍ମା ସଚେତନତା କାର୍ଯ୍ୟକ୍ରମ'ରେ ଅନେକ ବ୍ୟତିକ୍ରମ ହୋଇଥିବା ଅଭିଯୋଗ ହୋଇଛି। କାରିଗରଙ୍କ ଅସନ୍ତୋଷକୁ ବିଭାଗୀୟ ଅଧିକାରୀ ହେୟ ମନେକରିବା ଘଟଣାରେ ପ୍ରତିକ୍ରିୟା ପ୍ରକାଶ ପାଇଛି କର୍ମଶାଳାରେ କେବଳ ଆଲୋଚନା ଓ ଭୋଜି କରାଯାଉଥିବା ଛଡ଼ା କୌଣସି ସଫଳତା ମିଳୁନଥିବା ନେଇ କାରିଗରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଣ୍ଡିଆନ ପୋଷ୍ଟାଲ ପେମେଣ୍ଟ୍ସ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଦୀପନ କୁମାର ସାହୁ କଟକ ଏମ୍‌ଏସ୍‌ଏମ୍‌ଇ-ଡିଏଫ୍‌ଓର ବରିଷ୍ଠ ସହକାରୀ ନିର୍ଦ୍ଦେଶକ ସୁବାସ କୁମାର ସାହୁ ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ଶିଳ୍ପ ବିକାଶ ଅଧିକାରୀ ଅତିଶ କୁମାର ରାଉତ, କେନ୍ଦୁଝର ପ୍ରଶିକ୍ଷିକା ତଥା ବିଶ୍ୱକର୍ମା ଯୋଜନାର ଜିଲ୍ଲା ସଂଯୋଜିକା ଲକ୍ଷ୍ମୀପ୍ରିୟା ମହନ୍ତ, ରାଜ୍ୟ ପ୍ରକଳ୍ପ ସଂଯୋଜକ ଅଙ୍କିତ ମିଶ୍ର ଏବଂ ଡିଜିଟାଲ ମାର୍କେଟିଂ ବିଶେଷଜ୍ଞ ସତ୍ୟଜିତ ପରିଜା ପ୍ରମୁଖ ଯୋଗଦେଇ ଥିଲେ। ପ୍ରଚାର ପ୍ରସାର ଓ ଉପଯୁକ୍ତ ସୂଚନା ଅଭାବ ରୁ ଏହି କର୍ମଶାଳାରେ ଅନେକ କାରିଗର ଯୋଗଦେଇ ପାରିନଥିଲେ। କାର୍ଯ୍ୟକ୍ରମକୁ ଏମ୍‌ଏସ୍‌ଏମ୍‌ଇର ବରିଷ୍ଠ ସହକାରୀ ନିର୍ଦ୍ଦେଶକ ତଥା କେନ୍ଦୁଝର ଜିଲ୍ଲା ଅଧିକାରୀ ଅଭିମନ୍ୟୁ ମୋଦି ସଂଯୋଜନା କରିଥିଲେ। "ପରିବାର' ଅନୁଷ୍ଠାନର ସମ୍ପାଦକ ପ୍ରମୋଦ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କାଗଜ ମଣ୍ଡ ହସ୍ତଶିଳ୍ପରେ ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଶିକ୍ଷିକା ପ୍ରଭାତୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ଶ୍ରୀଧର ନାୟକ ଏବଂ ପ୍ରଭାତୀ ନାୟକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଫିଜିଓଥେରାପି ଦିବସରେ ସ୍ୱାସ୍ଥ୍ୟ ସେବା ଓ ରକ୍ତଦାନ

ଆନନ୍ଦପୁର,୭।୯(ସମିସ): ବିଶ୍ୱ ଫିଜିଓଥେରାପି ଦିବସ ପାଳନ ଅବସରରେ କେନ୍ଦୁଝର ଫିଜିଓଥେରାପିଷ୍ଟ ଆସୋସିଏସନ୍ ପକ୍ଷରୁ ସତ୍ୟସାଇ ସେବା ସମିତି ପରିସରରେ ଏକ ସ୍ୱାସ୍ଥ୍ୟସେବା ଓ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦୁଝର ଡିଏଫ୍‌ଓ ଧନରାଜ ହନୁମନ୍ତ ଧନ୍ଦେରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶାରୀରିକ ସୁସ୍ଥତା, ରୋଗ ପ୍ରତିରୋଧ ଓ ପୁନର୍ବାସନା କ୍ଷେତ୍ରରେ ଫିଜିଓଥେରାପିର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କେନ୍ଦୁଝର ସିଡିଏମ୍‌ଓ ଡ. ଧନେଶ୍ୱର ସେଠୀ, ମୁଖ୍ୟବକ୍ତା ଭାବେ ଯୋଗଦେଇ ହୃଦ୍‌ରୋଗ, ଷ୍ଟ୍ରୋକ୍ ଓ ଅନ୍ୟାନ୍ୟ ଅସୁସ୍ଥତା ପରେ ପୁନର୍ବାସନ ପ୍ରକ୍ରିୟାରେ ଫିଜିଓଥେରାପିର ଭୂମିକା ଉପରେ ଆଲୋଚନା କରିଥିଲେ। କେନ୍ଦୁଝର ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆୟୋଜକମାନଙ୍କ ଏଭଳି ଜନସେବାମୂଳକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଆସୋସିଏସନ୍‌ର କନଭେନର ଡ. ଶୈଳେଶ, ସଭାପତି ଡ. କୌଶଲ କୁମାର ରାୟ, ମହାସଚିବ ଡ. ଲୋକନାଥ ମହାନ୍ତି, କୋଷାଧ୍ୟକ୍ଷ ଡ.ତପନ ନାୟକଙ୍କ ସମେତ ସମସ୍ତ କାର୍ଯ୍ୟନିର୍ବାହୀ ସଦସ୍ୟ ଓ ସଂଘର ସଦସ୍ୟମାନେ ଯୋଗ ଦେଇଥିଲେ। ରକ୍ତଦାନ ଶିବିରରେ ବହୁ ସ୍ୱେଚ୍ଛାସେବୀ ରକ୍ତଦାନ କରି ସାମାଜିକ ଦାୟିତ୍ୱ ଓ ମାନବିକତାର ପରିଚୟ ଦେଇଥିଲେ।




## ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୨୧ତମ ପ୍ରତିଷ୍ଠା ଦିବସ



ଚମ୍ପୁଆ,୭।୯(ସମିସ): ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୨୧ତମ ପ୍ରତିଷ୍ଠା ଦିବସ ଚମ୍ପୁଆ ଶାଖା ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପରିସରରେ ଗ୍ରାହକ ଓ ବ୍ୟାଙ୍କ କର୍ମଚାରୀଙ୍କ ଉପସ୍ଥିତିରେ କେକ୍ କାଟି ଉତ୍ସବ ପାଳନ କରାଯିବା ସହ ଉପସ୍ଥିତ ଗ୍ରାହକଙ୍କୁ ମିଠା ବଣ୍ଟନ କରାଯାଇଥିଲା। ଶାଖା ପରିଚାଳକ ଲିଙ୍ଗରାଜ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଉତ୍ସବକୁ ବ୍ୟାଙ୍କର ବରିଷ୍ଠ ଗ୍ରାହକ ନିରଞ୍ଜନ ବେହେରା ଶୁଭାରମ୍ଭ କରିଥିଲେ। ପରେ ବ୍ୟାଙ୍କ ଅଧିକାରୀମାନେ ମଧ୍ୟ କେକ୍ କାଟି ପରସ୍ପରକୁ ଖୁଆଇ ଖୁସି ବାଣ୍ଟିଥିଲେ।ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଧିକାରୀ ରଶ୍ମୀ ରଞ୍ଜନ ରାୟ, ତ୍ରିଲୋଚନ ନାୟକ, ରଜତ କୁମାର ଦାସ, ଛବି ଦେବୀ, ଶୁଭ୍ରାଂଶୁ ସାହୁଙ୍କ ସମେତ ବ୍ୟାଙ୍କର କର୍ମଚାରୀ, ଗ୍ରାହକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପ୍ରତିଷ୍ଠା ଦିବସ ଅବସରରେ ବ୍ୟାଙ୍କ ଓ ଗ୍ରାହକଙ୍କ ମଧ୍ୟରେ ଥିବା ଦୀର୍ଘଦିନର ସମ୍ପର୍କକୁ ଆହୁରି ମଜବୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ଗଣେଶ ପୂଜା ପ୍ରସ୍ତୁତି ଆରମ୍ଭ
## ମେଳାରେ ଶୃଙ୍ଖଳା ଓ ସୁରକ୍ଷାକୁ ଗୁରୁତ୍ୱ

ଯୋଡ଼ା,୭।୯(ସମିସ): ଅଗ୍ରପୂଜ୍ୟ ପ୍ରଭୁ ଗଜାନନଙ୍କ ପୂଜା ଓ ଉତ୍ସବକୁ ନେଇ ଖଣି ଅଞ୍ଚଳ ଯୋଡ଼ାର ବନେଇକଳାଠାରେ ପୂଜା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତବର୍ଷ ଗଣେଶ ପୂଜାକୁ ଅଧିକ ଆକର୍ଷଣୀୟ ଓ ଶୃଙ୍ଖଳିତ ଭାବେ ଆୟୋଜନ କରିବା ପାଇଁ କମିଟିର କର୍ମକର୍ତ୍ତା ଓ ସଦସ୍ୟମାନେ ବୈଠକ ପରେ ବୈଠକ କରି ବିଭିନ୍ନ ବିଷୟରେ ଆଲୋଚନା ଜାରି ରଖିଛନ୍ତି। ପୂଜା ସମୟରେ ଶ୍ରଦ୍ଧାଳୁଙ୍କ ଭିଡ଼, ମେଳାର ଆୟୋଜନ, ଆଲୋକସଜ୍ଜା, ମେଢ଼ ଓ ମନୋରଞ୍ଜନ କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା ନେଇ କମିଟି ପକ୍ଷରୁ ବିଭିନ୍ନ ଯୋଜନା ପ୍ରସ୍ତୁତ କରାଯାଉଛି। ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରାୟ ଦଶରୁ ବାର ଦିନ ଧରି ମେଳା ଚାଲିବ ବୋଲି ପୂଜା କମିଟିର ସଭାପତି ଆର.କେ. ଦାସ ଓ ସମ୍ପାଦକ ପି. ଭେଙ୍କଟ ରାଓ ସୂଚନା ଦେଇଛନ୍ତି।

ଖଣି ଅଞ୍ଚଳ ଯୋଡ଼ାରେ ପୂଜାପାର୍ବଣ ସମୟରେ ସ୍ୱତନ୍ତ୍ର ଉତ୍ସବର ମାହୋଲ ସୃଷ୍ଟି ହୋଇଥାଏ। ବର୍ଷସାରା ପାର୍ବଣ ଋତୁକୁ ଅପେକ୍ଷା କରିଥିବା ଲୋକଙ୍କ ମଧ୍ୟରେ ଗଣେଶ ପୂଜାକୁ ନେଇ ବିଶେଷ ଉତ୍ସାହ ଦେଖାଦେଇଥାଏ। ବିଶେଷକରି ବନେଇକଳାର ଗଣେଶ ପୂଜା ଓ ମେଳା ଖଣି ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ ଲୋକପ୍ରିୟ। ଗଜାନନଙ୍କ ସୁନ୍ଦର ମୂର୍ତ୍ତି ସାଙ୍ଗକୁ ଆକର୍ଷଣୀୟ ମେଢ଼, ଆଲୋକସଜ୍ଜା, ବିସ୍ତୀର୍ଣ୍ଣ ପଡ଼ିଆରେ ମୀନାବଜାରର ପସରା ଏବଂ ବିଭିନ୍ନ ପ୍ରକାର ଦୋଳି, ମେଲୋଡି କାର୍ଯ୍ୟକ୍ରମ ମେଳାର ମୁଖ୍ୟ ଆକର୍ଷଣ ପାଲଟିଥାଏ। ମେଳାରେ ଛୋଟ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ମନୋରଞ୍ଜନର ସୁଯୋଗ ପାଇଥାନ୍ତି। ଏହାସହ ବିଭିନ୍ନ ଦୋକାନ, ଖାଦ୍ୟ ସାମଗ୍ରୀ ଓ ଘରୋଇ ଉପକରଣର ଷ୍ଟଲ୍ ମଧ୍ୟ ମେଳାରେ ଲୋକଙ୍କୁ ଆକର୍ଷିତ କରିଥାଏ। ଦୀର୍ଘ ଦଶରୁ ବାର ଦିନ ଧରି ଚାଲିବାକୁ ଥିବା ମେଳାକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରିବା ସହ ଶ୍ରଦ୍ଧାଳୁ ଓ ମେଳାକୁ ଆସୁଥିବା ଲୋକଙ୍କ ସୁରକ୍ଷାକୁ କମିଟି ପକ୍ଷରୁ ପ୍ରାଥମିକତା ଦିଆଯାଇଛି। ଏଥିପାଇଁ ପୋଲିସ ବିଭାଗ, ଅଗ୍ନିଶମ ବିଭାଗ ଓ ବିଦ୍ୟୁତ ବିଭାଗର ସାହାଯ୍ୟ ଓ ସହଯୋଗ ଲୋଡ଼ାଯାଇଥିବା କମିଟି ପକ୍ଷରୁ ସୂଚନା ମିଳିଛି। ପୂଜାକୁ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ଉତ୍ସବମୁଖର କରିବା ପାଇଁ କମିଟିର ସମସ୍ତ ସଦସ୍ୟଙ୍କ ସହ ସ୍ଥାନୀୟ ପ୍ରଶାସନ ଓ ବିଭିନ୍ନ ବିଭାଗର ସହଯୋଗ ରହିବ ବୋଲି କମିଟି ଆଶା ପ୍ରକାଶ କରିଛି। ଗଣେଶ ପୂଜାକୁ ନେଇ ଏବେଠାରୁ ବନେଇକଳା ଅଞ୍ଚଳରେ ଉତ୍ସାହର ପରିବେଶ ସୃଷ୍ଟି ହୋଇଥିବା ଦେଖାଯାଉଛି।



## ଦୁର୍ଦ୍ଦଶାରେ ୫ ହଜାର ଶ୍ରମଜୀବୀ ପରିବାର; ମୁଣ୍ଡ ଟେକୁଛି ଆନ୍ଦୋଳନ

ଆନନ୍ଦପୁର,୭।୯(ସମିସ)




କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡସ୍ଥିତ ବଉଳା ଖଣିକୁ କାର୍ଯ୍ୟକ୍ଷମ କରିବା ପାଇଁ କଂଗ୍ରେସ ନେତା ଜୟଦେବ ଜେନା ଅଣ୍ଟା ଭିଡ଼ିଛନ୍ତି। ବନ୍ଦ ହୋଇଯାଇଥିବା ଖଣି କାର୍ଯ୍ୟକ୍ଷମ ନହେଲେ ଜନ ଆନ୍ଦୋଳନ ଆରମ୍ଭ ହେବ ବୋଲି ଶ୍ରୀ ଜେନା ପ୍ରକାଶ କରିଛନ୍ତି। ଓଡ଼ିଶା ଖଣି ନିଗମ, ଇମ୍ପା ଓ ଫେକର କମ୍ପାନୀ ଦ୍ୱାରା ଖଣି ଉତ୍ତୋଳନ କାର୍ଯ୍ୟରେ ବଉଳା ସମେତ ଆଖପାଖ ୮ଟି ପଞ୍ଚାୟତର ପ୍ରାୟ ୩୦ ହଜାର ଶ୍ରମଜୀବୀ ପରିବାର ବଉଳା କ୍ରୋମାଇଟ ଖଣି ଉପରେ ନିର୍ଭର କରୁଥିବାବେଳେ ଏହି ଖଣି ବନ୍ଦ ଯୋଗୁଁ ପ୍ରାୟ ୫ ହଜାର ଶ୍ରମଜୀବୀ ହତାଶ ହୋଇ ଆର୍ଥିକ ଅନଟନରେ କାଳାତିପାତ କରିବା ଅତ୍ୟନ୍ତ ପରିତାପର ବିଷୟ। ସରକାର ଖଣିଜ ସମ୍ପଦ ଓ ପ୍ରକୃତିର ଉତ୍ସଗୁଡ଼ିକୁ ସୁବିନିଯୋଗ କରି ରାଜ୍ୟର ସମୃଦ୍ଧି ସହିତ ନିଯୁକ୍ତି ସୃଷ୍ଟି କରି ସାଧାରଣ ଲୋକମାନଙ୍କର ଆର୍ଥିକ ସ୍ଥିତି ସୁଧାରିବା ପାଇଁ ଶିଳ୍ପ କାରଖାନା ପ୍ରତିଷ୍ଠା କରିବା ଘୋଷଣା କରୁଥିବା ବେଳେ ବାସ୍ତବରେ ଏହା ଫସର ଫାଟି ଯାଇଛି। ଖଣିଜ ସମ୍ପଦ ସୁବିନିଯୋଗ କରାଯାଇ ଶିଳ୍ପ ପ୍ରତିଷ୍ଠା କରାଗଲେ କେନ୍ଦୁଝର ଜିଲ୍ଲା ରାଜ୍ୟରେ ତଥା ଦେଶରେ ନିଜ ସ୍ଥିତି ସୁଦୃଢ଼ କରିବା ସହ ବହୁ ରାଜ୍ୟ ଓ ଜିଲ୍ଲା କେନ୍ଦୁଝର ଉପରେ ନିର୍ଭର କରନ୍ତେ। କିନ୍ତୁ କେନ୍ଦୁଝର ଜିଲ୍ଲାର ଖଣିଜ ସମ୍ପଦ ଓ ଲଘୁ ଖଣିର ସୁବିନିଯୋଗ ହୋଇ ନପାରିବା ଏବଂ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ବିଫଳ ଜିଲ୍ଲାବାସୀ ଦାରିଦ୍ର୍ୟ ଆଡ଼କୁ ଠେଲି ହୋଇଯାଉଥିବା ବେଳେ ହାଟଡିହି ବ୍ଲକ୍ ବଉଳା ଅଞ୍ଚଳରେ ରହିଥିବା କ୍ରୋମାଇଟ ଖଣିଗୁଡ଼ିକ ୧୦ ବର୍ଷ ଧରି ବନ୍ଦ ହୋଇ ପଡ଼ିରହିଛି। ପ୍ରଥମେ ଏହି ଅଞ୍ଚଳର ଖଣିଗୁଡିକ ଭୂତଳ ଖଣି ମାଧ୍ୟମରେ କ୍ରୋମାଇଟ୍ ଉତ୍ତୋଳନ କରି ଚର୍ଚ୍ଚାକୁ ଆସିଥିଲା। ବଉଳା ଅଞ୍ଚଳରେ ଫେକର, ନୂଆସାହି ଇମ୍ପା ଓ ଓଡ଼ିଶା ଖଣିନିଗମ ବାଙ୍ଗୋରର କ୍ରୋମାଇଟ ଖଣି ରହିଛି। ସେଥିମଧ୍ୟରୁ ବଉଳା ଫେକର ଓ ନୂଆ ସାହି ଇମ୍ପାର କ୍ରୋମାଇଟ ମାଇନ୍ସ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ବନ୍ଦ ହୋଇ ପଡ଼ିବାରୁ ଏ ଅଞ୍ଚଳ ଶ୍ରୀହୀନ ହୋଇପଡ଼ିଛି। ଏହି ଦୁଇଟି କ୍ରୋମାଇଟ ଖଣିର ପାଖାପାଖି ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ ନିଯୁକ୍ତି ପାଇଥିଲେ। ଫଳରେ ଏହି ଅଞ୍ଚଳରେ ଆର୍ଥିକ ସ୍ଥିତି ସୁଦୃଢ଼ ହେବା ସହ ଖାଦାନ ହାଟ, ବିଦ୍ୟାଧରପୁର ବଜାର, ଆଗରପଡ଼ା, ଛେନାପଦି, ଭଦ୍ରକ, ଯାଜପୁର ଓ ଆନନ୍ଦପୁର ପର୍ଯ୍ୟନ୍ତ ଏହାର ପ୍ରଭାବ ରହି ବ୍ୟବସାୟ ବୃଦ୍ଧି ପାଇଥିଲା। ଫଳରେ ବ୍ୟବସାୟ କରୁଥିବା ଦୋକାନୀମାନେ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଉଥିଲେ। କିନ୍ତୁ ଖଣିଗୁଡ଼ିକ ବନ୍ଦ ହୋଇ ପଡ଼ିଥିବାରୁ ନିର୍ଭର କରୁଥିବା ଶ୍ରମିକମାନଙ୍କର ଆର୍ଥିକ ସ୍ଥିତି ଭୁଶୁଡ଼ି ପଡ଼ିବା ସହିତ ବହୁ ଲୋକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯିବାକୁ ବାଧ୍ୟ ହେଉଛନ୍ତି। ଜିଲ୍ଲା ପ୍ରଶାସନ ଓ କୌଣସି ରାଜନେତା ଏଥିପ୍ରତି ଦୃଷ୍ଟି ଦେଇ ଖଣିଗୁଡ଼ିକୁ ଖୋଲିବାକୁ ପ୍ରୟାସ ନ କଲେ ଆଗାମୀ ଦିନରେ ଅଞ୍ଚଳର ଯୁବଗୋଷ୍ଠୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଶ୍ରୀ ଜେନା ଚେତାବନୀ ଦେଇଛନ୍ତି।

### ଜବତ ଏକାଧିକ ଗାଡ଼ିକୁ କବାଡ଼ିଆକୁ ବିକିଦେବା ଘଟଣାରେ ନୂଆ ମୋଡ଼

# ସନ୍ଦେହ ଘେରରେ ତଦନ୍ତ ରିପୋର୍ଟ, ଡିଜିପିଙ୍କୁ ଅଭିଯୋଗ

**ବାଲେଶ୍ୱର, ୭।୯ (ସମିସ)**

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ପରିସରରୁ ବିଭିନ୍ନ ମାମଲାରେ ଜବତ ହୋଇଥିବା ଗାଡ଼ିଗୁଡ଼ିକୁ ବେଆଇନ ଭାବେ ଥାନାର ଆଇଆଇସି କବାଡ଼ିଆଙ୍କୁ ବିକ୍ରି କରିଦେବା ଘଟଣା ଏବେ ବିସ୍ଫୋରକ ମୋଡ଼ ନେଇଛି। ଘଟଣାରେ ଜବତ ଗାଡ଼ିଗୁଡ଼ିକୁ ଥାନା ପରିସରରୁ ନେଇଯାଉଥିବା ଦୃଶ୍ୟ ସମ୍ପର୍କିତ ଭିଡିଓ ପୂର୍ବରୁ ସାମ୍ନାକୁ ଆସିଥିବାବେଳେ ଏହାର ତଦନ୍ତ ରିପୋର୍ଟକୁ ନେଇ ଏବେ ଗୁରୁତର ପ୍ରଶ୍ନ ଉଠିଛି। ଘଟଣାର ତଦନ୍ତ କରିଥିବା ଅତିରିକ୍ତ ଏସ୍‌ପି ଉପଯୁକ୍ତ ଭାବେ ତଦନ୍ତ ନକରି ତଦନ୍ତକୁ ବାଟବଣା କରିଥିବା ଏବଂ ଭୁଲ ତଥ୍ୟ ଆଧାରରେ ରିପୋର୍ଟ ପ୍ରଦାନ କରିଥିବା ନେଇ ଅଭିଯୋଗ ଡିଜିପିଙ୍କ ନିକଟରେ ପହଞ୍ଚିଛି। ଘଟଣାର ଆରମ୍ଭ ହୋଇଥିଲା ଥାନା ପରିସରରେ ଜବତ ହୋଇ ରହିଥିବା ଗାଡ଼ିଗୁଡ଼ିକୁ ନେଇ। ବିଭିନ୍ନ ମାମଲାରେ ଜବତ ହୋଇଥିବା ଏକାଧିକ ମୋଟରସାଇକେଲ ଥାନା ପରିସରରେ ରହିଥିବା ସମୟରେ ସେଗୁଡ଼ିକୁ ଏକ ପିକ୍‌ଅପ୍ ଗାଡ଼ିରେ ଲୋଡ୍ କରାଯାଇଥିଲା। ଗାଡ଼ିଗୁଡ଼ିକୁ ତାରପୋଲିନ୍‌ରେ ଢାଙ୍କି ଥାନା ପରିସରରୁ ବାହାରକୁ ନିଆଯାଉଥିବା ଦୃଶ୍ୟର ଭିଡିଓ ମଧ୍ୟ ସାମ୍ନାକୁ ଆସିଥିଲା। ଜବତ ଗାଡ଼ି ଥାନାରୁ ବାହାରକୁ ଯିବା ଘଟଣା ସ୍ୱାଭାବିକ ଭାବେ ପୁଲିସର କେସ୍ ପ୍ରପର୍ଟି ପରିଚାଳନା ଉପରେ ପ୍ରଶ୍ନ ଉଠାଇଥିଲା। ଏହା ପରେ ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଘଟଣାର ସତ୍ୟତା ଯାଞ୍ଚ ପାଇଁ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ଦାୟିତ୍ୱ ଏସ୍‌ପିଙ୍କ କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କୁ ଦିଆଯାଇଥିଲା। ତଦନ୍ତ ରିପୋର୍ଟ ପରେ ହିଁ ଘଟଣା ଅଧିକ ରହସ୍ୟମୟ ହୋଇଥିବା ଅଭିଯୋଗ ଉଠିଛି। ତଦନ୍ତ ସମୟରେ ଘଟଣାର ମୂଳ ଦିଗକୁ ଯଥାଯଥ ଭାବେ ଅନୁସନ୍ଧାନ କରାଯାଇନଥିଲା କି। ଥାନାର ମାଲଖାନା ରେଜିଷ୍ଟରରେ ଜବତ ଗାଡ଼ିଗୁଡ଼ିକର ଏଣ୍ଟ୍ରି କ'ଣ ରହିଛି, କେଉଁ ମାମଲାରେ କେଉଁ ଗାଡ଼ି ଜବତ ହୋଇଥିଲା, କେବେ ଗାଡ଼ି ଥାନାରୁ ବାହାରିଥିଲା, କାହା ନିର୍ଦ୍ଦେଶରେ ବାହାରିଥିଲା ଏବଂ କେଉଁଠାକୁ ନିଆଯାଇଥିଲାଏସବୁ ପ୍ରଶ୍ନର ସ୍ପଷ୍ଟ ଉତ୍ତର ତଦନ୍ତରେ ଖୋଜାଯାଇଥିଲା କି ନାହିଁ, ତାହା ଏବେ ବଡ଼ ପ୍ରଶ୍ନ। ଘଟଣାକୁ ଆହୁରି ଗୁରୁତର କରିଛି ଗାଡ଼ି କିଣିଥିବା କବାଡ଼ିଆଙ୍କ ସମ୍ପର୍କରେ ଆସିଥିବା ତଥ୍ୟ। ଗାଡ଼ି



କିଣିଥିବା କବାଡ଼ିଆ ଶିଳ୍ପାଞ୍ଚଳ ଥାନା ରେମୁଣା ଗୋଲେଇ ଅଞ୍ଚଳର ବୋଲି ଖୋଦ୍ ଆଇଆଇସି ରୋହିତ କୁମାର ବଳ ସହ ଆଲୋଚନା ବେଳେ ସ୍ପଷ୍ଟ ଭାବେ ସ୍ୱୀକାର କରିଥିଲେ। ଏହା ସହିତ ଗାଡ଼ିରେ ଲୋଡ୍ ହେଉଥିବା ସମୟର ଭିଡିଓ କିଛି କନେଷ୍ଟବଳ ରେକର୍ଡ କରିଥିଲେ ଏବଂ ପରେ ସେହି ଭିଡିଓ ଭାଇରାଲ ହୋଇଥିବା କଥା ମଧ୍ୟ ଆଇଆଇସିଙ୍କ ଖୋଦ ପ୍ରକାଶ କରିଥିଲେ। ଯଦି ଏହି ବୟାନ ଓ ଭିଡିଓ ତଦନ୍ତକାରୀ ଅଧିକାରୀଙ୍କ ନଜରକୁ ଆସିଥିଲା, ତେବେ ପ୍ରଶ୍ନ ଉଠୁଛି ତଦନ୍ତରେ ଏସବୁ ତଥ୍ୟର ଯାଞ୍ଚ କରାଗଲା କି? ଗାଡ଼ି କିଣିଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରି ପଚରାଉଚରା କରାଗଲା କି ? ଗାଡ଼ି ତାଙ୍କ ନିକଟକୁ ପହଞ୍ଚିଥିଲା କି ନାହିଁ, ତାହା ଯାଞ୍ଚ ହେଲା କି ? ଗାଡ଼ି ଲୋଡ୍ ସମୟରେ ଉପସ୍ଥିତ ଥିବା ଏଏସଆଇ ଏବଂ କନେଷ୍ଟବଳମାନଙ୍କ ବୟାନ ନିଆଗଲା କି ? ଭିଡିଓର ମୂଳ ଫାଇଲ୍ ଓ ତାହାର ମେଟାଡାଟା ଯାଞ୍ଚ କରାଗଲା କି ?ଏହି ସମସ୍ତ ପ୍ରଶ୍ନ ତଦନ୍ତର ନିରପେକ୍ଷତା ଉପରେ ସିଧାସଳଖ ପ୍ରଶ୍ନଚିହ୍ନ ଲଗାଇଛି। ଅନ୍ୟପକ୍ଷରେ, ଜବତ ଗାଡ଼ିଗୁଡ଼ିକ ଯଦି ବେଆଇନ ଭାବେ ବିକ୍ରି ହୋଇନଥିଲା, ତେବେ ସେଗୁଡ଼ିକ ଥାନାରୁ କେଉଁ ପ୍ରକ୍ରିୟାରେ ବାହାରିଥିଲା, ତାହାର ସ୍ପଷ୍ଟ ଦସ୍ତାବିଜ ସାମ୍ନାକୁ ଆସିବା ଦରକାର। ଅଦାଲତଙ୍କ କୌଣସି ଆଦେଶ ଥିଲା କି, ବିଭାଗୀୟ ଭାବେ ନିଷ୍ପତ୍ତି ପାଇଁ ଅନୁମତି ଥିଲା କି? କିମ୍ବା ନିୟମିତ ନିଲାମ ପ୍ରକ୍ରିୟା ହୋଇଥିଲା କି ? ଯଦି ଏସବୁର କୌଣସି ରେକର୍ଡ ନାହିଁ, ତେବେ ଜବତ ସମ୍ପତ୍ତି ଥାନାରୁ ବାହାରିବାର ଦାୟିତ୍ୱ କାହାର ବୋଲି ପ୍ରଶ୍ନ ଉଠିଛି। ଏହି ଘଟଣାରେ ଆଇଆଇସିଙ୍କ ସହ ଅନ୍ୟ କୌଣସି ଉପରିସ୍ଥ ଅଧିକାରୀଙ୍କ ସମ୍ପୃକ୍ତି ଥିଲା କି ନାହିଁ, ସେ ଦିଗକୁ ମଧ୍ୟ ତଦନ୍ତର ପରିସରକୁ ଆଣିବା ଆବଶ୍ୟକ ବୋଲି ଦାବି ହୋଇଛି। ଯଦି କୌଣସି ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ, ସହଯୋଗ କିମ୍ବା କାହାର ଚାପ ରହିଥିଲା, ତେବେ ତାହା ମଧ୍ୟ ତଦନ୍ତରେ ସ୍ପଷ୍ଟ ହେବା ଦରକାର। ସବୁଠାରୁ ବଡ଼ ପ୍ରଶ୍ନ ଏବେ ହେଉଛିଯଦି ଘଟଣା ସମ୍ପର୍କରେ ଭିଡିଓ ଥିଲା, ଗାଡ଼ି ଲୋଡ୍ ହେବାର ଦୃଶ୍ୟ ଥିଲା, କବାଡ଼ିଆଙ୍କ ପରିଚୟ ସମ୍ପର୍କରେ ତଥ୍ୟ ଥିଲା ଏବଂ ଆଇଆଇସିଙ୍କ ବୟାନ ମଧ୍ୟ ରହିଛି, ତେବେ ତଦନ୍ତରେ କ'ଣ ଖୋଜାଗଲା ? ଏତେ ତଥ୍ୟ ସତ୍ତ୍ୱେ ଯଦି କୌଣସି ଦୃଢ଼ ପଦକ୍ଷେପ ନିଆଯାଇନଥାଏ, ତେବେ ତଦନ୍ତ ପ୍ରକ୍ରିୟା ଉପରେ ସନ୍ଦେହ ଉଠିବା ସ୍ୱାଭାବିକ। ଘଟଣାରେ କୌଣସି ଚାପରେ ଜିଲ୍ଲା ପୁଲିସ ନିରବ ରହିଛି କି, ନା ପ୍ରକୃତରେ ତଦନ୍ତରେ ଅଭିଯୋଗର ସତ୍ୟତା ମିଳିନାହିଁତାହା ମଧ୍ୟ ଏବେ ସ୍ପଷ୍ଟ ହେବା ଆବଶ୍ୟକ। କାରଣ ଏହା କେବଳ ଏକାଧିକ ଜବତ ଗାଡ଼ିର ପ୍ରସଙ୍ଗ ନୁହେଁ; ପୁଲିସ ହେପାଜତରେ ଥିବା କେସ୍ ପ୍ରପର୍ଟିର ସୁରକ୍ଷା ଓ ପୁଲିସ ତଦନ୍ତର ବିଶ୍ୱସନୀୟତା ସହ ଏହା ଜଡ଼ିତ ରହିଛି। ଏହି ପରିପ୍ରେକ୍ଷୀରେ ଡିଜିପିଙ୍କ ନିକଟରେ ଘଟଣାର ସ୍ୱାଧୀନ ଓ ନିରପେକ୍ଷ ପୁନଃତଦନ୍ତ ଦାବି ହୋଇଛି। ପୂର୍ବ ତଦନ୍ତ ରିପୋର୍ଟର ସମୀକ୍ଷା ସହ ଜବତ ଗାଡ଼ିର ମାଲଖାନା ରେଜିଷ୍ଟର, କେସ୍ ପ୍ରପର୍ଟି ରେକର୍ଡ, ଥାନା ଡାଏରୀ, ସିସିଟିଭି ଫୁଟେଜ୍, ଗାଡ଼ି ଚଳାଚଳ ରେକର୍ଡ, ଅଦାଲତୀ ଆଦେଶ, ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କ ବୟାନ ଏବଂ ଗାଡ଼ି କିଣିଥିବା କବାଡ଼ିଆଙ୍କ ଭୂମିକାର ଯାଞ୍ଚ କରିବାକୁ ଦାବି ହୋଇଛି।

ଏ ନେଇ ପୂର୍ବାଞ୍ଚଳ ଆଇଜି ପିନାକ ମିଶ୍ରଙ୍କ ପ୍ରତିକ୍ରିୟା ନିଆଯିବାରୁ ସେ କୁହନ୍ତି ସବୁ ଜବତ ରେଜିଷ୍ଟାର ଯାଞ୍ଚ କରାଯାଇଥିଲା, ଥାନାରେ ଥିବା ଅନ କ୍ଲେମ ଗାଡ଼ି ଗୁଡ଼ିକୁ ସଠିକ ପ୍ରକ୍ରିୟାରେ ହଟାଇ ଦେବାକୁ ସେ କହିଥିଲେ, ହେଲେ ଆଇଆଇସି ଉଚିତ ପ୍ରକ୍ରିୟାକାରଣ ଫଲୋ କରି ନ ଥିଲେ ଯାହାକୁ ଆଇଆଇସି ମଧ୍ୟ ସ୍ୱୀକାର କରିଥିଲେ ବୋଲି ପ୍ରତିକ୍ରିୟା ରଖିଛନ୍ତି।

## ନୀଳକଣ୍ଠ ବିଦ୍ୟାଳୟରେ ଉତ୍ତର ଜୋନ୍ କ୍ରୀଡ଼ା ପ୍ରତିଯୋଗିତା

**ଚନ୍ଦନେଶ୍ୱର, ୭।୯ (ସମିସ):** ଭୋଗରାଇ ବ୍ଲକ ଅନ୍ତର୍ଗତ ବେଲଦାସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉତ୍ତର ଜୋନ୍ କ୍ରୀଡ଼ା ପ୍ରତିଯୋଗିତା-୨୦୨୬-୨୭ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରୀଡ଼ା ଉତ୍ସବରେ ସିଆଁରୋଇ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଅତିଥି ଭାବେ ଦେବଦତ୍ତ ପତି, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶୁକ୍ରାଚାର୍ଯ୍ୟ ପଟ୍ଟାୟତ ପ୍ରମୁଖ ଯୋଗ ଦେଇଥିଲେ। ଉତ୍ତର ଜୋନ୍ କମିଟିର ସଭାପତି ତଥା ପ୍ରଧାନ ଶିକ୍ଷିକା ଚଂପାମଣି ସୋରେନ୍, ଉତ୍କଳା ରାଣୀ ସାହୁ, ସମ୍ପାଦକ ମନୋଜ କୁମାର ଜେନା, ଲିଜା ରାଣୀ ପାତ୍ର, ସିଆରସିସି ଜଗବନ୍ଧୁ ଖଟୁଆ, ସୁଦର୍ଶନ ଦାସ, ଜ୍ୟୋତିର୍ମୟ ସାହୁ ଓ ସୁଧାଂଶୁ କୁମାର ପାତ୍ର ପ୍ରମୁଖଙ୍କ ଉପସ୍ଥିତି ଓ ସହଯୋଗରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ପରିଚାଳନା କମିଟିର ସଭାପତି ଅଶ୍ୱିନୀ କୁମାର ପରିଡ଼ା, ଆଲୁମନି କମିଟିର ସଭାପତି ସଚିଦାନନ୍ଦ ଜେନାଙ୍କ ସମେତ ଉଭୟ କମିଟିର ସମସ୍ତ ସଭ୍ୟସଭ୍ୟା କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ପଚାଶରୁ ଅଧିକ ପ୍ରତିଯୋଗୀ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାକୁ ଉନ୍ନୀତ ହୋଇଥିବା ଜଣାପଡ଼ିଛି।

## ସଂସ୍କୃତ ପ୍ରଫେସର ପ୍ରଶାନ୍ତଙ୍କୁ ବିଦ୍ୟାସାଗର ଶିକ୍ଷା ସମ୍ମାନ



**ଖଇରା, ୭।୯ (ସମିସ):** ଖଇରା ବ୍ଲକ ସୁଣ୍ଡିରା-ଗଣ୍ଡିବେଡ ଗ୍ରାମ ପଞ୍ଚାୟତ ଅଧୀନ ତ୍ରିଲୋଚନପୁର ଗ୍ରାମ ନିବାସୀ ତଥା ପଶ୍ଚିମବଙ୍ଗ ରାଇଗଞ୍ଜ ବିଶ୍ୱବିଦ୍ୟାଳୟର ସଂସ୍କୃତ ପ୍ରଫେସର ଡ. ପ୍ରଶାନ୍ତ କୁମାର ମହଲାଙ୍କୁ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ସମ୍ମାନ ଜନକ ବିଦ୍ୟାସାଗର ଶିକ୍ଷା ସମ୍ମାନରେ ସମ୍ମାନିତ କରାଯାଇଛି। କୋଲକାତାର ନିଉ ଟାଉନ ସମ୍ମିଳନୀ କକ୍ଷରେ ଆୟୋଜିତ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ପ୍ରଫେସର ମହଲାଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ଏହି ଉତ୍ସବ ରେ ଉଚ୍ଚଶିକ୍ଷା ଓ ମାଧ୍ୟମିକ ଶିକ୍ଷାବିଭାଗର କ୍ୟାବିନେଟ ଓ ରାଷ୍ଟ୍ରମନ୍ତ୍ରୀ ଜଗନ୍ନାଥ ଚଟୋପାଧ୍ୟାୟ,ଡ. ହରେକ୍ରିଷ୍ଣ ବେରା, ଦିପକ ବର୍ମନ, କୌଶିକ ଚୌଧୁରୀଙ୍କ ସମେତ ବହୁ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ। ପୁରସ୍କାର ବାବଦକୁ ନଗଦ ୨୫ ହଜାର ଟଙ୍କା, ପଦକ,ସ୍ମୃତି ଫଳକ,ସାଲ ସମେତ ଅନ୍ୟାନ୍ୟ ସାମଗ୍ରୀ ପ୍ରଦାନ କରାଯାଇଛି। ଏହା ପୂର୍ବରୁ ପ୍ରଫେସର ମହଲା ଅଲିପୁର ଶ୍ୟାମରାଇ ସଂସ୍କୃତ ବିଦ୍ୟାଳୟ ମଧ୍ୟମା ପରୀକ୍ଷାରେ ରାଜ୍ୟରେ ଟପ୍ପର ହୋଇ ବିଦ୍ୟାଳୟର ସମ୍ମାନ ବଢାଇଥିବା ବେଳେ ଉପଶାସ୍ତ୍ରୀ, ଶାସ୍ତ୍ରୀ ଓ ଆଚାର୍ଯ୍ୟ ପରୀକ୍ଷାରେ ମଧ୍ୟ ପୁର୍ବର ସ୍ୱତନ୍ତ୍ରତା ବଜାୟ ରଖିଥିଲେ। ସେ ତାଙ୍କର ଏହି ସମ୍ମାନକୁ ଶିକ୍ଷାଗୁରୁ,ଶୁଭେଚ୍ଛୁ, ପ୍ରଶଂସକ, ସାଙ୍ଗସାଥିଙ୍କୁ ପ୍ରଦାନ କରିଛନ୍ତି। ନିଜର ଜ୍ଞାନକୁ ସମାଜ ହିତରେ ଲଗାଇବାକୁ ସେ ପ୍ରତିଶ୍ରୁତି ବଦ୍ଧ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ଓଡ଼ିଶାର ପ୍ରଥମ ବାଚସ୍ପତି ନନ୍ଦକିଶୋର ଦାସଙ୍କ ଜୟନ୍ତୀ

**ସୋର, ୭।୯(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀତଥାସ୍ୱାଧୀନତାପରରପ୍ରଥମବାଚସ୍ପତି ନନ୍ଦକିଶୋର ଦାସଙ୍କ ୧୩୪ତମ ଜୟନ୍ତୀ ନନ୍ଦକିଶୋର ମେମୋରିଆଲ ଫାଉଣ୍ଡେସନ ତରଫରୁ ସ୍ଥାନୀୟ ଷ୍ଟେସନ ଛକସ୍ଥିତ ରୟାଲ କଲ୍ୟାଣ ମଣ୍ଡପରେ କୃତଜ୍ଞତାର 'ମହାପର୍ବ ନନ୍ଦିତ ନନ୍ଦକିଶୋର' ଶୀର୍ଷକ ଏକ ବର୍ଣ୍ଣାଢ଼୍ୟ



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ସାହିତ୍ୟପ୍ରେମୀ ଏବଂ ପରିବେଶବିତ୍‌ଙ୍କୁ ଏକାଠି କରି ଏହି ଅନୁଷ୍ଠାନ ଏକ ବୌଦ୍ଧିକ ଓ ସାଂସ୍କୃତିକ ପରିବେଶ ସୃଷ୍ଟି କରିପାରିଛି। ଏହି କାର୍ଯ୍ୟକ୍ରମରେ ଫାଉଣ୍ଡେସନର ସଭାପତି ଜଗନ୍ନାଥ ଦାସଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଦୈନିକ ସମ୍ବାଦପତ୍ର ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ନନ୍ଦବାବୁଙ୍କ ପୁତ୍ର ପରମାନନ୍ଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଚିତ୍ତରଂଜନ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ବିବରଣୀ ପାଠ କରିଥିଲେ ସଂପାଦକ ତୁଷାର ଧଡା। ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସରୋଜ କୁମାର ବିଶ୍ୱାଳ ଓ ଶ୍ରୀ ପାଣିଗ୍ରାହୀ "ଆଜିର ପରିବେଶ: ସଙ୍କଟ ଓ ସମାଧାନ' ଶୀର୍ଷକ ଏକ ବିସ୍ତୃତ ଆଳାପ ଆଲୋଚନା କରିଥିଲେ। ବର୍ତ୍ତମାନର ଜଳବାୟୁ ପରିବର୍ତ୍ତନ, ବଣଜଙ୍ଗଲକ୍ଷୟ ଏବଂ ପ୍ରଦୂଷଣ ଯୋଗୁଁ ଆମ ସମାଜ ଯେପରି ଗମ୍ଭୀର ସମସ୍ୟାର ସମ୍ମୁଖୀନ ହେଉଛି, ସେ ସମ୍ପର୍କରେ ସେ ଗଭୀର ଚିନ୍ତାବ୍ୟକ୍ତ କରିବା ସହ ଏହାର ପ୍ରତିକାର ପାଇଁ ଯୁବପିଢ଼ି ଓ ସାଧାରଣ ଜନତାଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ।

## ବିଜେପି ଓ କଂଗ୍ରେସ ଛାଡ଼ି ବିଜେଡିରେ ମିଶିଲେ ଶତାଧିକ



**ସୋର, ୭।୯(ସମିସ) :** ସୋର ବ୍ଲକ ତଳନଗର ପଞ୍ଚାୟତର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ଦଳ ଛାଡି ବିଜେଡିରେ ଯୋଗଦେଇଛନ୍ତି। ଏହି ଅବସରରେ ପଞ୍ଚାୟତର ଗଣ୍ଡତରା ଗଣେଶ ମଣ୍ଡପରେ ଆୟୋଜିତ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା, ମୁଖ୍ୟବକ୍ତା ଭାବେ ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ଦାଶ, ସମ୍ମାନିତ ଅତିଥି ଭାବେ ବିଜେଡି ବ୍ଲକ ସଭାପତି ଶଙ୍କର୍ଷଣ ବାରିକ ଓ ବିଜେଡିର ତଳନଗର ପଞ୍ଚାୟତ ସଭାପତି ଗୌରାଙ୍ଗ ନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ବିଭିନ୍ନ ୱାର୍ଡର ବିଜେପି ଓ କଂଗ୍ରେସ କର୍ମୀମାନେ ଦଳ ଛାଡି ବିଜେଡିରେ ବିଧିବଦ୍ଧ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଶ୍ରୀନିବାସ ଜେନା ପରିଚାଳନା କରିଥିବା ବେଳେ ଚିତ୍ତରଞ୍ଜନ ମୁଦୁଲି, କାନ୍ତିଭୁଷଣ ରାଉତ ଓ ରାଜେନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ରବିନ୍ଦ୍ର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କଲାମ ମେମୋରିଆଲ ଚାରିଟେବଲ ଟ୍ରଷ୍ଟ ତରଫରୁ ପ୍ରତିଯୋଗିତା

**ବାଲେଶ୍ୱର, ୭।୯ (ସମିସ):** ଡ. ଏ.ପି. ଜେ. ଅବଦୁଲ କାଲାମଙ୍କ ଜାତୀୟ ସ୍ତରୀୟ ଜୟନ୍ତୀ ଅବସରରେ ବାଲେଶ୍ୱର ଆର୍ଟ ଆଣ୍ଡ କ୍ରାଫ୍ଟ ମହାବିଦ୍ୟାଳୟ ପରିସରରେ ଆଜି କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ତପନ ଖୁଣ୍ଟିଆ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ବସନ୍ତ କୁମାର ନାୟକ, ଟ୍ରଷ୍ଟ ର ସଭାପତି ତଥା ଆଇ ଟି ଆର ର ଅତିରିକ୍ତ ନିର୍ଦ୍ଦେଶକ ଡ଼ଃ ନୀଳାଦ୍ରି ରାୟ, ମହାବିଦ୍ୟାଳୟ ଅଧକ୍ଷ ନିକୁଞ୍ଜ ବିହାରୀ ଦାସ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କାଲାମଙ୍କ ଜୀବନ, ତାଙ୍କର ବୈଜ୍ଞାନିକ ଚିନ୍ତାଧାରା, ଶିକ୍ଷା ପ୍ରତି ଅବଦାନ, ଯୁବସମାଜ ପାଇଁ ତାଙ୍କର ପ୍ରେରଣା ଏବଂ "ସ୍ୱପ୍ନ ଦେଖ, ସ୍ୱପ୍ନକୁ ଲକ୍ଷ୍ୟରେ ପରିଣତ କର ଏବଂ ଲକ୍ଷ୍ୟ ପାଇଁ କଠିନ ପରିଶ୍ରମ କର ଏହି ଚିନ୍ତାଧାରାକୁ କେନ୍ଦ୍ର କରି କୁଇଜ୍ ପ୍ରତିଯୋଗିତା





ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ଚିତ୍ରାଙ୍କନ ପ୍ରତିଯୋଗିତାରେ କାଲାମଙ୍କ ବ୍ୟକ୍ତିତ୍ୱ, ଭାରତର ବିକାଶ, ବିଜ୍ଞାନ ଓ ପ୍ରଯୁକ୍ତି, ଯୁବଶକ୍ତି ଏବଂ "ବିକଶିତ ଭାରତ'ର ସ୍ୱପ୍ନକୁ ଛାତ୍ରଛାତ୍ରୀମାନେ ନିଜ ତୁଳି ଓ ରଙ୍ଗରେ ଅତ୍ୟନ୍ତ ସୁନ୍ଦର ଭାବେ ଫୁଟାଇଥିଲେ। ଟ୍ରଷ୍ଟ ପ୍ରତିଷ୍ଠାତା ତଥା ଅଗ୍ନିଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ଅଧ୍ୟାପକ ଡ଼ଃ ପଙ୍କଜ କୁମାର ଜେନା ସଭା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଇଞ୍ଜିନିୟର ଗୋପାଳ ଚନ୍ଦ୍ର ଜେନା, ସଂଜୀବ କୁମାର ନାୟକ, ଉପେନ୍ଦ୍ର ବେହେରା, ଇନ୍ଦ୍ରଜିତ ପାତ୍ର, ସତ୍ୟ ନାରାୟଣ ସାହୁ, ଡ଼ଃ ସଂଗ୍ରାମ ରାଉତ, ଦିଲ୍ଲୀପ ନାୟକ, ହେମନ୍ତ ବେହେରା, ବିଜୟ କୁମାର ସ, ଜିତେନ୍ଦ୍ର ମହାଳିକ, ବଳରାମ ସ, ସୁଚିତ୍ରା ଜେନା, ଶୁଭଶ୍ରୀ ମିଶ୍ର, ବିଚିତ୍ରା ପ୍ରଧାନ, ଦମୟନ୍ତୀ ମହାପାତ୍ର, ରାଜେଶ୍ୱରୀ ପଣ୍ଡା, ଦୟାନନ୍ଦ ଶତପଥୀ ପରିଚାଳନା କରିଥିଲେ। ହରିପଦ ଭୂୟାଁ ଧନ୍ୟବାଦ ଦେଇଥିଲେ।

## ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ

**ସିମୁଳିଆ, ୭।୯ (ସମିସ):** ସିମୁଳିଆ ବ୍ଲକ ବାଉରୀପଦା ପଞ୍ଚାୟତର ନାଲପୁର ଠାରେ ଗ୍ରାମବାସୀଙ୍କ ସହାୟତାରେ ଓ ଶ୍ରୀ ଜଗନ୍ନାଥ ପୂଜା କମିଟି ପକ୍ଷରୁ ଜଗନ୍ନାଥ ମନ୍ଦିରର ରତ୍ନମୁଦ ଉତ୍ସବ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟପୂଜକ ହରିହର ପଣ୍ଡା ଓ ସିନ୍ଧୁକେଶ୍ୱର ପଣ୍ଡାଙ୍କ ନେତୃତ୍ୱରେ ୮ ଜଣ ବ୍ରାହ୍ମଣଙ୍କ ପୂଜାକାର୍ଯ୍ୟ ଓ ଯଜ୍ଞ କାର୍ଯ୍ୟ ସମ୍ପୂର୍ଣ ହୋଇଥିଲା । ସନ୍ଧ୍ୟା ୬ଟା ସମୟରେ ପୂର୍ଣ୍ଣାହୁତି ଦିଆଯାଇଛି । ପ୍ରାୟ ତିନି ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବାର କମିଟିର ସଭାପତି ଅରୁଣ କୁମାର ପାଣିଗ୍ରାହୀ ଓ ସମ୍ପାଦକ ଉମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

## ନାବାଳିକାଙ୍କୁ ଅସଦାଚରଣ, ବୃଦ୍ଧ ଗିରଫ

ବାଲିଆପାଳ, ୭।୯ (ସମିସ): ଏହି ଥାନା ଅନ୍ତର୍ଗତ ନୂଆଗାଁ ଅଞ୍ଚଳରେ ଜଣେ ୬୦ ବର୍ଷର ବୃଦ୍ଧ ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ଆଠ ବର୍ଷର ନାବାଳିକାଙ୍କ ଘର ପାଖରେ ଜଗତିପୁର ପଞ୍ଚାୟତର ଜୈନିକ ବ୍ୟକ୍ତି ୬୦ ବର୍ଷର ବୃଦ୍ଧାଙ୍କର ଗୋଟିଏ ଫର୍ଣ୍ଣିଚର ଦୋକାନ ରହିଛି। ବିଭିନ୍ନ ସମୟରେ ନାବାଳିକାକୁ ଡାକି ଚକୋଲେଟ୍ କୁରକୁରୀ ପ୍ରଲୋଭନ ଦେଇ ଦୋକାନ ଭିତରକୁ ନେଇ ଅସଦାଚରଣ ସହ କାହାକୁ କହିଲେ ଜୀବନରୁ ମାରିଦେବାର ଧମକ ଦେଇ ଆସୁଥିଲେ ବୋଲି ନାବାଳିକାଙ୍କ ମା ଜାମକୁଣ୍ଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୁଲିସ ଅଭିଯୁକ୍ତକୁ ଗିରଫ କରି ବାଲିଆପାଳ ଥାନାରେ ଅଟକ ରଖିଥିବା ଜଣାପଡିଛି।

## ଗଡ଼ିଆରେ ପଡ଼ି ଶିଶୁକନ୍ୟା ମୃତ

**ବାଲିଆପାଳ, ୭।୯ (ସମିସ):** ଗଡ଼ିଆରେ ପଡି ଶିଶୁ କନ୍ୟାର ମୃତ୍ୟୁ ଘଟିଛି। ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବିରାଇ ଗ୍ରାମର ରବୀନ୍ଦ୍ର ଦଳାଇଙ୍କ ଦେଢ଼ ବର୍ଷର ଶିଶୁ କନ୍ୟା ସୋନାଲି ଗଙ୍ଗାଇ ଖେଳୁଥିବା ସମୟରେ ଘର ଆଗରେ ଥିବା ଗଡିଆରେ ପଡ଼ିଯାଇଥିଲା। ପିଲାଟି ଘରେ ନଥିବା ଦେଖି ପରିବାର ଲୋକେ ଖୋଜାଖୋଜି କରିବା ପରେ ପିଲାଟିକୁ ଗଡିଆରେ ଭାସୁଥିବାର ଦେଖିବାକୁ ପାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ସଙ୍ଗେ ସଙ୍ଗେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ, ମାତ୍ର ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ବାଲିଆପାଳ ପୁଲିସ ପହଞ୍ଚି ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ କରି ଶିଶୁକନ୍ୟାର ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

**ସୋର, ୭।୯(ସମିସ):** ସୋର ଥାନା ଗୁଲୁଣିଆ ଗ୍ରାମରେ ଦିନ ଦ୍ୱିପ୍ରହରରେ ଘରେ କେହି ନଥିବାର ସୁଯୋଗ ନେଇ ଘରେ ଦୁର୍ବୃତ୍ତମାନେ କଳାକାନା ବୁଲାଇଛନ୍ତି। ସୋର ଥାନା ମାଣିପୁର ପଂଚାୟତ ଗୁଲୁଣିଆ ଗ୍ରାମର କେଳୁଚରଣ ବେହେରାଙ୍କ ସ୍ତ୍ରୀ ଓ ପୁଅ ବାଗୁଡି ବଜାରରେ ଏକ ପରିବା ଦୋକାନ କରିଛନ୍ତି। ପ୍ରତିଦିନ ଭଳି ଗତକାଲି ତାଙ୍କ ଦୋକାନକୁ ଯାଇଥିବା ବେଳେ ରାତିରେ ଘରକୁ ଫେରିଥିଲେ। ପରେ ଘରର ପଛ ପଟରୁ କବାଟ ଭଙ୍ଗାଯାଇ ଘରେ ଥିବା ଲକ୍ଷାଧିକ ଟଙ୍କାର ଗହଣା ଓ ନଗଦ ୫୦ ହଜାର ଟଙ୍କା ଚୋରି ହୋଇଥିବା ଜାଣିବାକୁ ପାଇ ସୋର ପୁଲିସକୁ ଖବର ଦେଇଥିଲେ। ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ସିମୁଳିଆ, ୭।୯ (ସମିସ):** ସିମୁଳିଆ ଥାନା ଅନ୍ତର୍ଗତ କହ୍ନେଇବିନ୍ଧା ପଞ୍ଚାୟତର ପ୍ରଫୁଲ୍ଲ ମଲ୍ଲିକ (୩୬) ସ୍ତ୍ରୀ ପିଲାମାନଙ୍କୁ ନେଇ ବାଟି ଅଞ୍ଚଳରେ ଏକ ଭଡା ରହି ନିଜର ବେପାର କରି ପରିବାର ଚଳେଇ ଆସୁଥିଲେ। କିଛି ଦିନ ଧରି ସ୍ୱାମୀ ସ୍ତ୍ରୀ ମଧ୍ୟରେ କଳହ ଲାଗୁଥିଲା। ରବିବାର ଦିନ ପ୍ରଫୁଲ୍ଲ ରାଗିଯାଇ ସ୍ତ୍ରୀ ଓ ପିଲାମାନଙ୍କୁ ବାହାରକୁ କାଡି ଦେଇ ଘର ଭିତରୁ କବାଟ ବନ୍ଦ କରି ଦେଇଥିଲା । ସନ୍ଧ୍ୟା ବେଳକୁ ସନ୍ଦେହ କରି ଗାଁ ଲୋକେ କବାଟ ଭାଙ୍ଗିଥିଲେ। ପ୍ରଫୁଲ୍ଲ ଓଡଣୀ ସାହାଯ୍ୟରେ ଫ୍ୟାନରେ ଓହଳିଥିବା ଅବସ୍ଥାରେ ଉଦ୍ଧାର କରିଥିଲେ । ତାକୁ ସଙ୍ଗେ ସଙ୍ଗେ ଚିକିତ୍ସା ନିମନ୍ତେ ଆମ୍ବୁଲାନ୍ସ ଯୋଗେ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ପୁଲିସ ପ୍ରଫୁଲ୍ଲର ମୃତଦେହକୁ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

## ୨୧ ବୁଲେଟ୍‌ରୁ କଢ଼ାଗଲା ମୋଡିଫାଏଡ୍ ସାଇଲେନ୍ସର

**ବାଲେଶ୍ୱର, ୭।୯ (ସମିସ):** ଅନଧିକୃତ, ମୋଡିଫାଏଡ୍ ସାଇଲେନ୍ସର ଲଗାଇ ଅତ୍ୟଧିକ ଶବ୍ଦ କରୁଥିବା ବୁଲେଟ୍ ବିରୋଧରେ ବାଲେଶ୍ୱର ପୁଲିସ ତଥା ଟ୍ରାଫିକ ଥାନା ପକ୍ଷରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଡ୍ରାଇଭ୍। ମାସର ପ୍ରଥମ ସପ୍ତାହକୁ "ଜିରୋ ଫାଟାଲିଟି ଦିବସ' ଭାବେ ପାଳନ କରାଯାଉଥିବାବେଳେ ଏହି ଅଭିଯାନରେ ମାତ୍ର ୫ ଦିନ ମଧ୍ୟରେ ୨୧ଟି ବୁଲେଟ୍‌ର ସାଇଲେନ୍ସର ପାଇପ୍ କଢ଼ାଯାଇଛି। ତେବେ ଏହି ଚାଳକମାନଙ୍କଠାରୁ ଏପର୍ଯ୍ୟନ୍ତ ଜୋରିମାନା ଆଦାୟ କରାଯାଇନାହିଁ। ମୋଡିଫାଏଡ୍ ସାଇଲେନ୍ସର କାଢ଼ି ନିର୍ମାତା କମ୍ପାନୀ ଅନୁମୋଦିତ ନର୍ମାଲ ସାଇଲେନ୍ସର ଲଗାଇବାକୁ ଚାଳକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

**ବାଲେଶ୍ୱର, ୭।୯ (ସମିସ):** ରେମୁଣା ବ୍ଲକ ତେନ୍ତୁଳିଦା ପଞ୍ଚାୟତ ଅନ୍ତର୍ଗତ ବୋଇତବାଙ୍କ ଗ୍ରାମ ଭୀମେଶ୍ୱର ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଜୟନ୍ତ କୁମାର ପାଣିଗ୍ରାହୀ(୭୦)ଙ୍କ ପରଲୋକ ଘଟିଛି। ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ବିଦ୍ୟୁତପ୍ରଭା, ସାନ ଭାଇ ତଥା ବରିଷ୍ଠ ଆଇନଜୀବୀ ବିଜୟ ପାଣିଗ୍ରାହୀ, ଭାରତୀୟ ସେନାରେ ଅଧିକାରୀ ଭାବେ କାର୍ଯ୍ୟରତ ବଡ଼ ପୁଅ ଯଯାତି, ସାନ ପୁଅ ତଥା ଆଇନଜୀବୀ ଚିରଞ୍ଜିବି ପାଣିଗ୍ରାହୀ, ଦୁଇ ବୋହୁ ଓ ନାତି ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର ହୋଇଥିବାବେଳେ ବଡ଼ ପୁଅ ଯଯାତି ମୁଖାଗ୍ନି ଦେଇଥିଲେ।

## ଧର୍ମପରାୟଣଙ୍କ ବିୟୋଗ


**ନୀଳଗିରି, ୭।୯ (ସମିସ):** ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ ରାଉଲଖୁଣ୍ଟା ଗ୍ରାମର ନରହରୀ ମହାନ୍ତି ୮୨ ବର୍ଷରେ ଦେହାନ୍ତ ହୋଇଯାଇଛି। ସେ କିଛି ଦିନ ହେବ ପିତ୍ତକୋଷ କର୍କଟ ରୋଗରେ ପୀଡିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ ଓ ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ବାନ୍ଧବ ଓ ପରିବାର ସମସ୍ତ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାର ନିଆଯାଇ ସୋମବାର ସେଠାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ ପୁଅ ଅନିଲ୍ ମହାନ୍ତି ମୁଖାଗ୍ନି ଦେଇଥିଲେ।

## ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସଂସ୍କୃତ ଦିବସ

**ନୀଳଗିରି, ୭।୯ (ସମିସ) :** ଭାଷାର ସମୃଦ୍ଧି ହେଲେ ସମାଜ ଅଗ୍ରଗତି କରେ। ସଂସ୍କୃତ ଭାଷା ଭଗବାନଙ୍କ ଭାଷା। ପବିତ୍ର ସଂସ୍କୃତ ଭାଷା ପ୍ରତ୍ୟେହ ବ୍ୟବହାର କଲେ ବ୍ୟକ୍ତିର ଆଧ୍ୟାତ୍ମିକ ଉନ୍ନତି ହେବାସହ ନୈତିକ ଅଭିବୃଦ୍ଧି ଘଟେବୋଲି ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳନ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ସଂସ୍କୃତ ବିଶାରଦ ଅଧ୍ୟାପକ ସଞ୍ଜୟ କୁମାର ପତି ଯୋଗଦେଇ ସଂସ୍କୃତ ଭାଷାର ମହିମା ବଖାଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତ ବିଭାଗର ଡ. ହରିପଦ ଦାଶ ଓ ଓଡିଆ ବିଭାଗର ଡ଼. ପ୍ରଦୀପ୍ତ କୁମାର ମିଶ୍ର ସମ୍ମାନିତ ବକ୍ତାଭାବରେ ଯୋଗଦେଇ ଥିଲେ। ଛାତ୍ରୀ ପୁଷ୍ପଲତା ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

### ଘରୋଇ ନର୍ସିଂହୋମ୍‌ରେ ବେଆଇନ ଅଲଟ୍ରାସାଉଣ୍ଡ

# ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସନ୍ତୋଷ ସାହୁ ନିଲମ୍ବିତ




**ବାଲେଶ୍ୱର, ୭।୯ (ସମିସ)**

ସୋରସ୍ଥିତ ମହାପାତ୍ର ନର୍ସିଂ ହୋମ ଓ ହେଲଥ କେୟାର ଉପରେ ହୋଇଥିବା ପ୍ରଶାସନିକ ଚଢ଼ଉର ୫୯ ଦିନ ପରେ ମାମଲାରେ ପ୍ରଥମ ବଡ଼ ବିଭାଗୀୟ ଆକ୍ସନ ସାମ୍ନାକୁ ଆସିଛି। ଘରୋଇ ନର୍ସିଂ ହୋମରେ ବେଆଇନ ଭାବେ ଅଲଟ୍ରାସାଉଣ୍ଡ କରିଥିବା ଅଭିଯୋଗରେ ସରକାରୀ ଡାକ୍ତର ସନ୍ତୋଷ କୁମାର ସାହୁଙ୍କୁ ଆଜି ସ୍ୱାସ୍ଥ୍ୟ ବିଭାଗ ନିଲମ୍ବିତ କରିଛି। ଜିଲ୍ଲାପାଳଙ୍କ ନେତୃତ୍ୱରେ ହୋଇଥିବା ଚଢ଼ଉ ପରେ ହୋଇଥିବା ତଦନ୍ତ ଓ ଜିଲ୍ଲାପାଳଙ୍କ ରିପୋର୍ଟ ଆଧାରରେ ଏହି ପଦକ୍ଷେପ ନିଆଯାଇଥିବା ସୂଚନା ମିଳିଛି।

ଗତ ଜୁଲାଇ ୯ରେ ସୋର ବଡ଼ଖୁରୀ ଛକସ୍ଥିତ ମହାପାତ୍ର ହେଲଥ କେୟାର ଏବଂ ମହାପାତ୍ର ନର୍ସିଂ ହୋମ ଉପରେ ବାଲେଶ୍ୱର ଜିଲ୍ଲାପାଳ ଓ ଉପଜିଲ୍ଲାପାଳଙ୍କ ନେତୃତ୍ୱରେ ପ୍ରଶାସନିକ ଟିମ୍ ଅତର୍କିତ ଚଢ଼ାଉ କରିଥିଲା। ଲିଙ୍ଗ ନିରୂପଣ ଓ ଭ୍ରୂଣ ନଷ୍ଟ ସମ୍ପର୍କିତ ଅଭିଯୋଗ ସହ ବେଆଇନ ଭାବେ ଅଲଟ୍ରାସାଉଣ୍ଡ କରାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଚଢ଼ାଉ ସମୟରେ ବିଭିନ୍ନ ରେଜିଷ୍ଟର, ମେଡିକାଲ କାଗଜପତ୍ର, ଉପକରଣ ଓ ଅନ୍ୟାନ୍ୟ ସାମଗ୍ରୀ ଯାଞ୍ଚ ଓ ଜବତ କରାଯାଇଥିଲା, ଏମିତି କି ଉଭୟ ମହାପାତ୍ର ହେଲଥ କେୟାର ଏବଂ ମହାପାତ୍ର ନର୍ସିଂ ହୋମକୁ ସିଲ କରିଥିଲା ଜିଲ୍ଲା ପ୍ରଶାସନ, ସେବେଠାରୁ ସିଲ ହୋଇ ଉଭୟ ୟୁନିଟ ସିଲ କରି ନିଜ ହେପାଜତରେ ରଖିଛି ଜିଲ୍ଲା ପ୍ରଶାସନ। ଏହି ଘଟଣାରେ ଉପ ଜିଲ୍ଲାପାଳ ଶିବ ମାଳବ୍ୟଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ତତ୍କାଳୀନ ମୁଖ୍ୟ ଚିକିତ୍ସାଧିକାରୀ ଡା. ଗିରିଜା ଶଙ୍କର ଦାସଙ୍କ ଏତଲା ଆଧାରରେ ସୋର ପୁଲିସ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ନର୍ସିଂହୋମର ମାଲିକ ସତ୍ୟ ରଞ୍ଜନ ମହାପାତ୍ର ଏବଂ ମ୍ୟାନେଜର ବାସୁଦେବ ଦାସଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିଲା। ଚଢ଼ାଉ ପରେ ପ୍ରଶାସନ ପକ୍ଷରୁ ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇଥିଲା। ତଦନ୍ତ ସମୟରେ ଘରୋଇ ପ୍ରତିଷ୍ଠାନରେ ଅଲଟ୍ରାସାଉଣ୍ଡ କରାଯାଉଥିବା ଘଟଣାରେ ବର୍ତ୍ତମାନ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର ସନ୍ତୋଷ କୁମାର ସାହୁଙ୍କ ସମ୍ପୃକ୍ତି ନେଇ ତଥ୍ୟ ମିଳିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ କରାଯାଇଥିଲା। ଉକ୍ତ ରିପୋର୍ଟ ଆଧାରରେ ଆଜି ସ୍ୱାସ୍ଥ୍ୟ ବିଭାଗ ଡାକ୍ତର ସାହୁଙ୍କ ବିରୋଧରେ ନିଲମ୍ବନ ଭଳି କଠୋର ବିଭାଗୀୟ ପଦକ୍ଷେପ ନେଇଛି।

ଆଗାମୀ ତଦନ୍ତରେ ଆଉ କାହାର ସମ୍ପୃକ୍ତି ସାମ୍ନାକୁ ଆସୁଛି ଏବଂ ଜବତ ଦସ୍ତାବିଜରୁ କେଉଁ ତଥ୍ୟ ମିଳୁଛି, ତାହା ଉପରେ ଏବେ ନଜର ରହିଛି। ଉକ୍ତ ମାମଲାରେ ଜଣେ ସରକାରୀ ଡାକ୍ତରଙ୍କ ନିଲମ୍ବନ ଘଟଣା ଏବେ ସମଗ୍ର ମାମଲାର ତଦନ୍ତକୁ ଆହୁରି ଚର୍ଚ୍ଚାର ଖୋରାକ ଯୋଗାଇଛି।

# ସମ୍ପାଦକୀୟ



ଶାନ୍ତି କେବଳ ହିଂସାର ଅନୁପସ୍ଥିତିକୁ ବୁଝାଏ ନାହିଁ, ବାସ୍ତବ ଅର୍ଥରେ ଏହା ହେଉଛି ମାନବୀୟ କରୁଣାର ପ୍ରଦର୍ଶନ।
-ଦଲାଇ ଲାମା

ସକାଳ
THE SAKALA

## ଗଣମାଧ୍ୟମର ବିଶ୍ୱସନୀୟତା ସଙ୍କଟ!

ଗଣମାଧ୍ୟମର ବିଶ୍ୱସନୀୟତା ଉପରେ ସଙ୍କଟ ସୃଷ୍ଟି ହୋଇଛି। ଏକ ସୁସ୍ଥ ଗଣତନ୍ତ୍ର ପାଇଁ ଏହା ଶୁଭଙ୍କର ନୁହେଁ। ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଏ ସମ୍ପର୍କରେ ବିଚାର କରିବାର ସମୟ ଆସିଛି ବୋଲି କହିଛନ୍ତି କେନ୍ଦ୍ର ସଡ଼କ ପରିବହନ ଓ ଜାହାଜ ଚଳାଚଳ ମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନିତିନ ଗଡ଼କରୀ। ମନ୍ତ୍ରୀ ମହୋଦୟଙ୍କ ଏହି ମନ୍ତବ୍ୟ ପରେ ସ୍ୱାଭାବିକ ଭାବେ ପ୍ରଶ୍ନ ଉଠିଛି ଯେ ଏଥିପାଇଁ ଦାୟୀ କିଏ? ଭାରତର ଗଣମାଧ୍ୟମ ମୂଲ୍ୟବୋଧରେ ଗତ ଦଶନ୍ଧିରେ ସବୁଠାରୁ ଅଧିକ ଅବକ୍ଷୟ ଘଟିଥିବା ଜାତୀୟ ଓ ଅନ୍ତର୍ଜାତୀୟ ସଂସ୍ଥାମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ମୁଖ୍ୟସ୍ରୋତର ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଅଧିକରୁ ଅଧିକ କୋଳଶ୍ରିତ ହେବାକୁ ପସନ୍ଦ କରୁଥିବାରୁ ଆଜି ଏହି ସ୍ଥିତି ସୃଷ୍ଟି ହୋଇଛି। ଏଠାରେ ଦୁଇଟି ସୁଖକର ବାର୍ତ୍ତା ରହିଛି। ପ୍ରଥମତଃ, ବିଳମ୍ବରେ ହେଲେ ମଧ୍ୟ ସରକାରୀ ଦଳର ଜଣେ ବରିଷ୍ଠ ନେତା ଏହାକୁ ସ୍ୱୀକାର କରିଛନ୍ତି ଏବଂ ଦ୍ୱିତୀୟତଃ, ସାମାଜିକ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ସ୍ୱାଧୀନଚେତା, ନିର୍ଭୀକ ଓ ନିରପେକ୍ଷ ଭୂମିକା ଯୋଗୁଁ ଭାରତୀୟ ଗଣମାଧ୍ୟମ ମୂଲ୍ୟବୋଧ ସୁରକ୍ଷାରେ ଆଶା ସଞ୍ଚାର ହୋଇଛି।

ଗତ ଜୁନ୍ ମାସରେ ଜେନ୍ ଜେଡ୍ ଆନ୍ଦୋଳନକୁ କୌଣସି ମୁଖ୍ୟସ୍ରୋତୀୟ ଗଣମାଧ୍ୟମ ଗୁରୁତ୍ୱ ଦେଇ ନ ଥିଲେ ହେଁ ସାମାଜିକ ଗଣମାଧ୍ୟମର ପ୍ରଭାବଶାଳୀ ଭୂମିକା ଯୋଗୁଁ ସାରା ଦେଶରେ ଜାଗରଣ ସୃଷ୍ଟି ହୋଇଥିଲା ଏବଂ କେନ୍ଦ୍ର ସରକାରଙ୍କୁ ମୁଣ୍ଡ ନୁଆଁଇବାକୁ ବିବଶ କରିଥିଲା। ଶିଳ୍ପପତି ସୁଭାଷ ଚନ୍ଦ୍ରାଙ୍କ ତଥାକଥିତ ‘ହେୟାର କଟ୍’ ମଧ୍ୟ ସାମାଜିକ ଗଣମାଧ୍ୟମର ଉପସ୍ଥିତି ଯୋଗୁଁ ସଫଳ ହୋଇପାରି ନାହିଁ। ଶତଚେଷ୍ଟା ସତ୍ତ୍ୱେ ଗଣମାଧ୍ୟମର କଣ୍ଠରୋଧ କରାଯାଇପାରିନାହିଁ। ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ପାଇଁ ଏହା ଏକ ଶୁଭସଙ୍କେତ। ତେଣୁ କେନ୍ଦ୍ର ମନ୍ତ୍ରୀ ଶ୍ରୀଗଡ଼କରୀ ଏହା ମଧ୍ୟ ସ୍ୱୀକାର କରିଛନ୍ତି ଯେ କେତେକ ଗଣମାଧ୍ୟମ ସଂସ୍ଥା ସାମଗ୍ରିକ ମୂଲ୍ୟବୋଧ ସୁରକ୍ଷାରେ ପ୍ରଶଂସନୀୟ ସଂଗ୍ରାମ କରୁଛନ୍ତି।

ଗଣମାଧ୍ୟମର ବିଶ୍ୱସନୀୟତା ଓ ମୂଲ୍ୟବୋଧ ସମ୍ପର୍କରେ ଆଲୋଚନା କଲା ବେଳେ ଏହାର ନିରପେକ୍ଷତା ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା ପ୍ରସଙ୍ଗକୁ ଏଡ଼ାଇ ଦେଇ ହେବ ନାହିଁ। ଅଭିବ୍ୟକ୍ତିର ସ୍ୱାଧୀନତା ସ୍ଥାନ, କାଳ ଓ ପାତ୍ର ନିର୍ବିଶେଷରେ ଅସୀମ ନୁହେଁ। ଆମ ସମ୍ବିଧାନ ଓ ସମ୍ପୃକ୍ତ ଆଇନରେ ଏଥିପାଇଁ ନିର୍ଦ୍ଦିଷ୍ଟ ସୀମା ନିର୍ଦ୍ଧାରଣ କରାଯାଇଛି। ବୃହତ୍ତର ସ୍ୱାର୍ଥଦୃଷ୍ଟିରୁ ଏହା ଆବଶ୍ୟକ ଓ ବିବେକାନୁମୋଦିତ। ମତପ୍ରକାଶର ଅଧିକାର ବଳରେ ସ୍ଥଳବିଶେଷରେ ଅନ୍ୟକୁ ଅପମାନିତ ଓ ଅପଦସ୍ତ କରିବା ଆଶଙ୍କା ରହିଛି, ଯାହାକି ଆଇନତଃ ଦଣ୍ଡନୀୟ। ସେଥିନିମନ୍ତେ ବିବେକପୂର୍ଣ୍ଣ ବିଚାର ଓ ଆତ୍ମସଂଯମ ମଧ୍ୟରେ ରହି ବାକ୍ ସ୍ୱାଧୀନତାର ପ୍ରୟୋଗ କରିବାକୁ ପଡ଼େ। ଆମେ ସ୍ୱାଧୀନ, ନିରଙ୍କୁଶ ମତପ୍ରକାଶର ଅଧିକାର ଜାହିର କଲା ବେଳେ ଅନ୍ୟକୁ ଅପମାନିତ, ଲାଞ୍ଛିତ କରିବା କି ନାହିଁ, ସେକଥା ଆମ ବିବେକ ଓ ବିଚାରର ସ୍ୱାଧୀନତା, ପରିପକ୍ୱତା ଓ ଦାୟିତ୍ୱବୋଧ ଉପରେ ନିର୍ଭର କରେ। ଏହା ଗଣମାଧ୍ୟମର ବିଶ୍ୱସନୀୟତାକୁ ଅଧିକ ସୁଦୃଢ଼ କରେ। ଏକ ମୁକ୍ତ ଗଣମାଧ୍ୟମ ବ୍ୟବସ୍ଥାରେ ସମସ୍ତଙ୍କର ସୁରକ୍ଷା ଓ ନିରାପତ୍ତା ନିହିତ ଥାଏ ଏବଂ ଯେକୌଣସି ପ୍ରସଙ୍ଗରେ ପକ୍ଷ ଓ ପ୍ରତିପକ୍ଷ ଉଭୟର ସ୍ୱାଧୀନତାକୁ ସମ୍ମାନ ଦିଆଯାଏ। ଏକ ମୁକ୍ତ ସମାଜ ଗଠନ ଲକ୍ଷ୍ୟ ହାସଲରେ ମୁକ୍ତ ଗଣମାଧ୍ୟମ ହିଁ ଆବଶ୍ୟକୀୟ ଉପାଦାନ ଏବଂ ଏକ ଯୁକ୍ତିଯୁକ୍ତ ସୀମା ନିର୍ଦ୍ଧାରଣ ଏହାର ଯଥାର୍ଥତାକୁ ପ୍ରତିପାଦନ କରେ। ତେଣୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଚତୁର୍ଥସ୍ତମ୍ଭର ଦାୟିତ୍ୱ ନିର୍ବାହ କରୁଥିବା ଗଣମାଧ୍ୟମ ସ୍ୱାଧୀନ ହେଲେ ମଧ୍ୟ ଦାୟିତ୍ୱହୀନ ହେବା ବାଞ୍ଛନୀୟ ନୁହେଁ।

ଆମ ଦେଶରେ ଗଣତନ୍ତ୍ର ପରିପକ୍ୱ ହେବା ସହ ଛାପା ଗଣମାଧ୍ୟମ ମଧ୍ୟ ପୋଖତ ଓ ଅଧିକ ଦାୟିତ୍ୱସମ୍ପନ୍ନ ହେଉଛି। ଦେଶ ଓ ସମାଜର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କ'ଣ ଛପାଯିବ, କେତେ ଲେଖାଯିବ, କ'ଣ ଲେଖାଯିବ ନାହିଁ ସେକଥା ସମ୍ବାଦପତ୍ର ତାହାର ଦୀର୍ଘ ଯାତ୍ରାପଥରେ ଅଭିଜ୍ଞତା ହାସଲ କରିଛି। ଭାରତୀୟ ପ୍ରେସ୍ ପରିଷଦ ମଧ୍ୟ ନିୟମିତ ଭାବେ ଏଥିପାଇଁ ପରାମର୍ଶ ଓ ଦିଗ୍‌ଦର୍ଶନ ଦେଇ ଆସୁଛି ଏବଂ ବିଭିନ୍ନ ବିଷୟରେ ମାର୍ଗଦର୍ଶିକା ଜାରି କରିଚାଲିଛି। ପରିବର୍ତ୍ତିତ ସମୟ ଓ ସମାଜର ଆବଶ୍ୟକତା ଦୃଷ୍ଟିରୁ ମାନବାଧିକାର, ଆଇନଗତ ମର୍ଯ୍ୟାଦା, ସାମ୍ବିଧାନିକ ସୁରକ୍ଷା ଆଦି ପ୍ରସଙ୍ଗ ଅଧିକ ଗୁରୁତ୍ୱ ପାଉଛି ଏବଂ ଏ କ୍ଷେତ୍ରରେ ସଂପୃକ୍ତ ପକ୍ଷ କିଛି ଗଠନମୂଳକ ସହଯୋଗ ଛାପା ଗଣମାଧ୍ୟମଠାରୁ ଆଶା କରୁଛନ୍ତି। ଏହା ମଧ୍ୟ ଅସ୍ୱୀକାର କରିବାର ନାହିଁ ଯେ ଗଣମାଧ୍ୟମ ନିଜର ଦାୟିତ୍ୱ ନିର୍ବାହ କରିବାର ଉଦ୍ଧାମତା ଭିତରେ ଅନେକ ସମୟରେ ଜଣା-ଅଜଣା ନ୍ୟାୟରେ ଅତିରଞ୍ଜନ କରିଥାଏ, ଯାହା ଦାୟିତ୍ୱହୀନତାକୁ ସୂଚିତ କରେ।

ସୂଚନାର ଆଦାନ ପ୍ରଦାନ ଓ ପ୍ରସାରଣରେ ଗଣମାଧ୍ୟମର ଭୂମିକା ଅନସ୍ୱୀକାର୍ଯ୍ୟ। ଏହାପଛରେ ଯେଉଁମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥା'ନ୍ତି ସେମାନେ ହେଲେ ସାମ୍ବାଦିକ ସମୁଦାୟ। ବୃହତ୍ତର ଭାବେ ଯାହା ‘ପ୍ରେସ୍’ ନାମରେ ପରିଚିତ ତାହା ଗଣତାନ୍ତ୍ରିକ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏକଛତ୍ରବାଦୀ ଶାସନରେ ଏହା ଦମିତ। ଅପରପକ୍ଷରେ ଗଣତନ୍ତ୍ରର ସତର୍କ ପ୍ରହରୀ ଭାବେ ଗଣମାଧ୍ୟମ ଦାୟିତ୍ୱ ନିର୍ବାହ କରୁଥିବାରୁ ଏହାର ସ୍ୱାଧୀନତାକୁ ଆମ ଶାସନ ଓ ପ୍ରଶାସନ ତଥା ନ୍ୟାୟପାଳିକା ସ୍ୱତନ୍ତ୍ର ମାନ୍ୟତା ଦେଇ ଆସିଛି। ତେଣୁ ଏହା ଅନସ୍ୱୀକାର୍ଯ୍ୟ ଯେ ସୂଚନା ହିଁ ଶକ୍ତି ଓ ଗଣତନ୍ତ୍ରର ଏକ ସୁରକ୍ଷା କବଚ।

ଆମ ଗଣତନ୍ତ୍ରର ତିନିଟି ସ୍ତମ୍ଭ କାର୍ଯ୍ୟପାଳିକା, ବିଧାନ ପାଳିକା ଓ ନ୍ୟାୟପାଳିକା ନିଜ ନିଜ କ୍ଷେତ୍ରରେ ସ୍ୱାଧୀନ ହୋଇଥିଲେ ହେଁ ସଂପର୍କ ରକ୍ଷା, ବ୍ୟବହାର ଓ ସମନ୍ୱୟ କ୍ଷେତ୍ରରେ ସେମାନଙ୍କ ମଧ୍ୟରେ ବେଳେବେଳେ ଦ୍ୱନ୍ଦ୍ୱ ଉପୁଜିଥାଏ। ଜାଣତରେ ହେଉ ବା ଅଜାଣତରେ ବେଳେବେଳେ ଜଣେ ଅନ୍ୟର ଅଧିକାର ଓ ଦାୟିତ୍ୱରେ ହସ୍ତକ୍ଷେପ କରିଥା'ନ୍ତି। ଏହି ସବୁ ସଂପର୍କରେ ଗଣମାଧ୍ୟମ ଜନତାଙ୍କୁ ଓ ସମ୍ପୃକ୍ତ ପକ୍ଷଙ୍କୁ ସଚେତନ କରାଇଥାଏ। ଏହି ସୂଚନା ଆଧାରରେ ସାଧାରଣରେ ବିଚାର-ବିମର୍ଶ ହୁଏ ଓ ନିଷ୍କର୍ଷ ବାହାରେ। ସୁଖର କଥା ଗଣମାଧ୍ୟମର ଏହି ଭୂମିକାଟି ଏ ପର୍ଯ୍ୟନ୍ତ ବିଶ୍ୱାସ ହରାଇ ନାହିଁ।

# ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର: କିଛି କଥା, କିଛି ବ୍ୟଥା

ରଞ୍ଜନ କୁମାର ରାୟ

‘ପୁରସ୍କାର’ କେବଳ ମଞ୍ଚ ଉପରେ ଝୁଲୁଥିବା ଏକ ମାନପତ୍ର ନୁହେଁ, ହାତରେ ଧରାଯାଉଥିବା ଏକ ପଦକ ନୁହେଁ କିମ୍ବା ଆଲୋକିତ ମଞ୍ଚରେ ଉଚ୍ଚାରିତ କିଛି ପ୍ରଶଂସାର ଶବ୍ଦ ନୁହେଁ; ଏହା ହେଉଛି ସମାଜର କୃତଜ୍ଞତାର ଏକ ସୁନ୍ଦର ଭାଷା ଏବଂ ନିରବରେ ଦୀର୍ଘପଥ ଅତିକ୍ରାନ୍ତ କରିଥିବା ଜଣେ ମଣିଷର ପଦଚିହ୍ନକୁ ସମାଜ ଦେଇଥିବା ସ୍ୱୀକୃତି। ତେଣୁ ଯେତେବେଳେ କୌଣସି ଏକ ପୁରସ୍କାରର ଚୟନ ପ୍ରକ୍ରିୟାକୁ ନେଇ ବିବାଦ ଉଠେ, ସେତେବେଳେ ପ୍ରଶ୍ନ କେବଳ ‘କିଏ ପାଇଲା ଓ କିଏ ପାଇଲା ନାହିଁ’ରେ ସୀମିତ ରହେ ନାହିଁ। ପ୍ରଶ୍ନ ଉଠେ ଆମର ମୂଲ୍ୟବୋଧ ଉପରେ, ଆମର ନ୍ୟାୟବୋଧ ଉପରେ ଏବଂ ଆମର ସଂସ୍ଥାଗତ ସ୍ୱଚ୍ଛତା ଉପରେ।

‘ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର’ ଆମ ରାଜ୍ୟ କ୍ରୀଡ଼ାଜଗତର ଏକ ଗରିମାମୟ ପରିଚୟ। ଏହାପଛରେ ରହିଛି ଅସଂଖ୍ୟ ଖେଳାଳିଙ୍କ ଅବଦାନ, ପ୍ରଶିକ୍ଷକଙ୍କ ତ୍ୟାଗ, ସଂଗଠକଙ୍କ ଶ୍ରମ ଏବଂ କ୍ରୀଡ଼ା ସାମ୍ବାଦିକଙ୍କ ନିରନ୍ତର କଲମ। ଖେଳାଳି ମଇଦାନରେ ଇତିହାସ ରଚନ୍ତି; କିନ୍ତୁ ସେହି ଇତିହାସକୁ ସମାଜର ସ୍ମୃତିରେ ସଂରକ୍ଷିତ କରେ ସାମ୍ବାଦିକଙ୍କ କଲମ। ଜଣେ ଖେଳାଳିଙ୍କ ବିଜୟର ଉଲ୍ଲାସ ହୁଏତ କିଛି ମୁହୂର୍ତ୍ତର; କିନ୍ତୁ ତାହାର କାହାଣୀକୁ ପିଢ଼ି ପରେ ପିଢ଼ି ପହଞ୍ଚାଇବାର ଦାୟିତ୍ୱ ନିଏ ସାମ୍ବାଦିକତା।

ତେଣୁ ଯଦି କ୍ରୀଡ଼ା ସାମ୍ବାଦିକତା ବର୍ଗର ପୁରସ୍କାରକୁ ନେଇ ପକ୍ଷପାତିତା, ସ୍ୱଜନତୋଷ କିମ୍ବା ଅସ୍ୱଚ୍ଛତାର ଅଭିଯୋଗ ଉଠେ, ତେବେ ତାହା ନିଶ୍ଚିତ ଚିନ୍ତାର ବିଷୟ। କିଛି କ୍ରୀଡ଼ା ସାମ୍ବାଦିକଙ୍କ ଅଭିଯୋଗ ହେଉଛି - ଦୀର୍ଘଦଶନ୍ଧି ଧରି ନିଷ୍ଠାର ସହ କାମ କରିଥିବା ଅଭିଜ୍ଞ ଓ ବରିଷ୍ଠମାନଙ୍କୁ ଉପେକ୍ଷା କରି କିଛି ଯୁବ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯାଇଛି। ଆଉ କେତେକଙ୍କ ଅଭିଯୋଗ - ସୁପାରିସ ପ୍ରକ୍ରିୟାରେ ବ୍ୟକ୍ତିଗତ ପସନ୍ଦ ଓ ଘନିଷ୍ଠତା ପ୍ରଭାବ ପକାଇଛି। ଏହି ଅଭିଯୋଗ ସତ୍ୟ କି ଅସତ୍ୟ, ତାହା ଭାବନା କିମ୍ବା ଅଭିଯୋଗର ତୀବ୍ରତା ଆଧାରରେ ନିର୍ଦ୍ଧାରଣ ହୋଇପାରିବ ନାହିଁ। ସତ୍ୟର ନିଜସ୍ୱ ଏକ ଆଲୋକ ରହିଛି। ତାହାକୁ ଖୋଜିବା ପାଇଁ ଆବଶ୍ୟକ ନିରପେକ୍ଷ ତଦନ୍ତ ଓ ସ୍ୱଚ୍ଛ ପ୍ରକ୍ରିୟା। କିନ୍ତୁ ଏହି ଅଭିଯୋଗ ଆମକୁ ଯେଉଁ ମୌଳିକ ପ୍ରଶ୍ନଟି ପଚାରିବାକୁ ବାଧ୍ୟ କରେ, ତାହା ହେଉଛି - ‘ପୁରସ୍କାର ପାଇଁ ଯୋଗ୍ୟତାର ମାପକାଠି କ'ଣ?’

ଏସବୁ ସତ୍ତ୍ୱେ ଆଉ ଏକ ଅପରିହାର୍ଯ୍ୟ ପ୍ରଶ୍ନ ଉଠେ ଯେ ଜଣେ ସାମ୍ବାଦିକଙ୍କ ଯୋଗ୍ୟତା କ'ଣ ତାଙ୍କର ପେସାଦାର ଅଭିଜ୍ଞତା-ବର୍ଷ ସଂଖ୍ୟାରେ ମାପାଯିବ? ନା ତାଙ୍କର କାର୍ଯ୍ୟର ଗୁଣବତ୍ତାରେ? କେବଳ ବରିଷ୍ଠତା ହିଁ ପୁରସ୍କାରର ଅଧିକାର ଦିଏ ନାହିଁ; ସେହିପରି କେବଳ ଯୁବତ୍ୱ ମଧ୍ୟ ପ୍ରତିଭାର ପ୍ରମାଣ ନୁହେଁ। ମୂଳ କଥା ହେଉଛି କିଏ କ୍ରୀଡ଼ାକୁ କେତେ ସମୃଦ୍ଧ କରିଛି, କିଏ ଅଜଣା ପ୍ରତିଭାକୁ ଲୋକଲୋଚନକୁ ଆଣିଛି, କିଏ ଖେଳାଳିଙ୍କ ସଫଳତା ସହିତ ତାଙ୍କର ସଂଘର୍ଷକୁ ମଧ୍ୟ ଲୋକଙ୍କ ସାମ୍ନାରେ ରଖିଛି, କିଏ ଅନ୍ୟାୟ ଓ ଅବ୍ୟବସ୍ଥା ବିରୋଧରେ ପ୍ରଶ୍ନ ଉଠାଇଛି। କ୍ରୀଡ଼ା ସାମ୍ବାଦିକର ମୂଲ୍ୟାୟନର ମାପକାଠି ଏସବୁ ବିଷୟ ହେବା ଉଚିତ।

କ୍ରୀଡ଼ା ସାମ୍ବାଦିକତା କୌଣସି ଆରାମଦାୟକ ପେସା ନୁହେଁ। ସକାଳରୁ ରାତି, ଖରାରୁ ବର୍ଷା - ସାମ୍ବାଦିକ ମଇଦାନର ଧାରରେ ଠିଆ ହୋଇ ଘଟଣାକୁ ଶବ୍ଦ ଦିଅନ୍ତି। କେବେ ଜଣେ ଅପରିଚିତ ଖେଳାଳିଙ୍କ କାହାଣୀ ତାଙ୍କ କଲମରେ ଆଲୋକ ପାଏ; କେବେ ପ୍ରଶାସନର ତ୍ରୁଟି ଉପରେ ତାଙ୍କ ପ୍ରଶ୍ନ ଉଠେ। କେବେ ପରାଜିତ ଖେଳାଳିଙ୍କ ଆଖିର ଲୁହ ତାଙ୍କ ଲେଖାରେ ମାନବୀୟ ଗାଥାରେ ପରିଣତ ହୁଏ। ଏପରି ଏକ ପେସାରେ ଯଦି ପୁରସ୍କାରର ମାନଦଣ୍ଡ ସ୍ପଷ୍ଟ ନ ରହେ, ତେବେ ଅସନ୍ତୋଷ ଜନ୍ମ ନେବା ସ୍ୱାଭାବିକ। ଆଉ ଯେଉଁଠାରେ ଅସନ୍ତୋଷ ରହେ, ସେଠାରେ ସଂସ୍ଥା ନିଜେ ଆଗକୁ ଆସି ସନ୍ଦେହ ଦୂର କରିବା ଉଚିତ। ପୁରସ୍କାରରୁ ବଞ୍ଚିତ ପ୍ରକୃତ ଓ ଯୋଗ୍ୟ ପ୍ରତିଭାର କ୍ଷୋଭ ଓ ରୋଷ ଲୁକ୍କାୟିତ ହୋଇ ରହିଥାଏ।

ଏଠାରେ ସୁପାରିସ ପ୍ରକ୍ରିୟା ମଧ୍ୟ ଆଲୋଚନାର ପରିସରକୁ ଆସୁଛି। ପୁରସ୍କାର ପାଇଁ ନାମ ସୁପାରିସ କଲା ବେଳ ତାହାର ଆଧାର କ'ଣ - ଏହା ଜାଣିବାର ଅଧିକାର ସମ୍ପୂର୍ଣ୍ଣ ସାମ୍ବାଦିକ ସମାଜର ଅଛି। କେଉଁ ମାନଦଣ୍ଡରେ ନାମ ଚୟନ ହେଲା? କେତେଜଣ ପ୍ରାର୍ଥୀଙ୍କୁ ବିଚାର କରାଗଲା? ଚୟନ ସମୟରେ କୌଣସି ସଦସ୍ୟଙ୍କ ବ୍ୟକ୍ତିଗତ ସମ୍ପର୍କ ସ୍ୱାର୍ଥ-ସଂଘାତ ସୃଷ୍ଟି କରୁଥିଲା କି? ଏସବୁ ପ୍ରଶ୍ନର ଉତ୍ତର ଥିଲେ ହିଁ ସଂସ୍ଥା ପ୍ରତି ବିଶ୍ୱାସ ଅକ୍ଷୁଣ୍ଣ ରହିବ। କାରଣ ଏକାଧିକ ବରିଷ୍ଠ କ୍ରୀଡ଼ା ସାମ୍ବାଦିକଙ୍କୁ ଉପେକ୍ଷା କରି ସ୍ୱଜନତୋଷ କରିବାର ଅଭିଯୋଗ ମଧ୍ୟ ହେଉଛି।

ତଥାପି ଏଠାରେ ଏକ ସନ୍ତୁଳିତ କଥା କହିବା ଆବଶ୍ୟକ। ଯୁବ ସାମ୍ବାଦିକଙ୍କୁ ପୁରସ୍କୃତ କରିବା ପକ୍ଷପାତିତା ନୁହେଁ। ନୂଆ ପିଢ଼ିର କଲମରେ ନୂଆ ଦୃଷ୍ଟି ଥାଏ, ନୂଆ ପ୍ରଯୁକ୍ତିର ବ୍ୟବହାର ଥାଏ, ନୂଆ ପ୍ରଶ୍ନ ଥାଏ। ସେମାନଙ୍କୁ ସମ୍ମାନ ମିଳିବା ଦରକାର। କିନ୍ତୁ ନୂଆ ପିଢ଼ିକୁ ସ୍ୱାଗତ କରିବାର ଅର୍ଥ ପୁରୁଣା ପିଢ଼ିର ଅବଦାନକୁ ଗୌଣ କରି ଦେଖିବା ନୁହେଁ। ଏକ ନଦୀ ତାହାର ଉତ୍ସକୁ ଭୁଲିଗଲେ ପ୍ରବାହର ଅର୍ଥ ହରାଇଥାଏ। ସେହିପରି ଏକ ସାମ୍ବାଦିକ ସଂଘ ବା ସମୁଦାୟ ନିଜର ଅଭିଜ୍ଞ ପିଢ଼ିକୁ ଭୁଲିଗଲେ ତାହାର ଭବିଷ୍ୟତ ମଧ୍ୟ ଦୁର୍ବଳ ହୋଇପାରେ। ବରିଷ୍ଠଙ୍କ ଅଭିଜ୍ଞତା ଓ ଯୁବକଙ୍କ ଉତ୍ସାହ - ଏହି ଦୁଇଟିର ସମନ୍ୱୟରେ ହିଁ ଏକ ସୁସ୍ଥ ସାମ୍ବାଦିକ ପରମ୍ପରା ଗଢ଼ିଉଠେ। ତେଣୁ ଏହି ବିବାଦର ସମାଧାନ ‘ବରିଷ୍ଠ ବନାମ ଯୁବ’ ନୁହେଁ। ସମାଧାନ ହେଉଛି ‘ଯୋଗ୍ୟତା ବନାମ ଅଯୋଗ୍ୟତା’ର ସ୍ପଷ୍ଟ ମାପକାଠି। କିଏ ଯୋଗ୍ୟ, କିଏ ଅଯୋଗ୍ୟ - ତାହା ନିର୍ଣ୍ଣୟ କରୁ ତଥ୍ୟ, କାର୍ଯ୍ୟ ଓ ଅବଦାନ; ବ୍ୟକ୍ତିଗତ ସମ୍ପର୍କ, ଗୋଷ୍ଠୀଗତ ପସନ୍ଦ କିମ୍ବା ପ୍ରଭାବ ନୁହେଁ। ପୁଣି ସବୁଠାରୁ ବଡ଼ କଥା ହେଉଛି ଏବେ ବି କ୍ରୀଡ଼ା ସାମ୍ବାଦିକତାରେ ଏକାଧିକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଖୋସାମତି, ଚାପଲୁସି ବା ନିଜର ଫାଇଦା ପାଇଁ କାହାକୁ ପ୍ରଭାବିତ କରନ୍ତି ନାହିଁ କିମ୍ବା ଚାହିଁଲେ ବି କରିପାରନ୍ତି ନାହିଁ। ସେମାନଙ୍କ ପାଇଁ ସ୍ୱାଭିମାନ ବା ଆତ୍ମସମ୍ମାନ ହିଁ ସବୁକିଛି। କିନ୍ତୁ ସେମାନଙ୍କୁ ଏଥିପାଇଁ ମୂଲ୍ୟ ଦେବାକୁ ପଡ଼ୁଛି ଏବଂ ଦୀର୍ଘବର୍ଷ ଅର୍ଥାତ ପାଖାପାଖି ଏକ ଦଶନ୍ଧି ଧରି ପୁରସ୍କାରରୁ ବଞ୍ଚିତ ହୋଇ ଆସୁଛନ୍ତି। ଏକଥା ଜାଣି ମଧ୍ୟ ନିଷ୍ପତ୍ତି ନେଉଥିବା ବହୁ ଅଭାବୀ ବ୍ୟକ୍ତି ଚୁପ୍ ରହିବା ସହ ନିଜର ଇଚ୍ଛା ଅନୁସାରେ କାର୍ଯ୍ୟ କରୁଛନ୍ତି। ତେଣୁ ଯୋଗ୍ୟ ପ୍ରତିଭାଟି ‘କିଂକର୍ତ୍ତବ୍ୟବିମୂଢ଼’ ହୋଇ ରହିଯାଉଛି।

ସରକାରଙ୍କ ପାଇଁ ମଧ୍ୟ ଏହି ଘଟଣା ଏକ ଆତ୍ମସମୀକ୍ଷାର ଏକ ସୁଯୋଗ ସୃଷ୍ଟି କରିଛି। ଯଦି ଚୟନ ପ୍ରକ୍ରିୟାକୁ ନେଇ ଗମ୍ଭୀର ଅଭିଯୋଗ ଉଠିଛି, ତେବେ ଏହାର ନିରପେକ୍ଷ ସମୀକ୍ଷା ହେଉ। ଚୟନର ମାନଦଣ୍ଡ ସାର୍ବଜନୀନ କରାଯାଉ। ମୂଲ୍ୟାୟନ ପାଇଁ ସ୍ପଷ୍ଟ ପ୍ରଣାଳୀ ରହୁ। ଆବଶ୍ୟକ ହେଲେ କ୍ରୀଡ଼ା, ସାମ୍ବାଦିକତା ଓ ପ୍ରଶାସନ କ୍ଷେତ୍ରର ସମ୍ମାନନୀୟ ଓ ସ୍ୱାଧୀନ ବ୍ୟକ୍ତିମାନଙ୍କୁ ନେଇ ଏକ ନିରପେକ୍ଷ ସମୀକ୍ଷା କମିଟି ଗଠନ କରାଯାଉ। ଆଜି ଯଦି ଜଣେ ବରିଷ୍ଠ ସାମ୍ବାଦିକ ନିଜର ଦଶନ୍ଧିର ପରିଶ୍ରମକୁ ମନେ ପକାଇ ପଚାରନ୍ତି - ‘ମୋର କଲମର ମୂଲ୍ୟ କେଉଁଠି?’, ତେବେ ତାହାର ଉତ୍ତର ଦେବା ଆମ ସମସ୍ତଙ୍କ ଦାୟିତ୍ୱ। ଆଉ ଯଦି ଜଣେ ଯୁବ ସାମ୍ବାଦିକ ନିଜ ପ୍ରତିଭାରେ ସମ୍ମାନ ଅର୍ଜନ କରନ୍ତି, ତେବେ ତାଙ୍କର ସଫଳତାକୁ ସନ୍ଦେହର ଛାୟାରେ ରଖିବା ମଧ୍ୟ ଅନ୍ୟାୟ।

ପୁରସ୍କାରର ଅସଲ ଗୌରବ ପୁରସ୍କୃତ ବ୍ୟକ୍ତିରେ ନୁହେଁ, ପୁରସ୍କାର ପ୍ରଦାନର ନିରପେକ୍ଷତାରେ ନିହିତ। ମଞ୍ଚର ଆଲୋକ କିଛି କ୍ଷଣ ପାଇଁ ଝଲମଲ କରେ, କିନ୍ତୁ ନ୍ୟାୟର ଆଲୋକ ଦୀର୍ଘକାଳ ଧରି ଜଳେ। ସେହି ଆଲୋକ ଯଦି ନିର୍ମଳ ରହେ, ପୁରସ୍କାର ଇତିହାସ ହୁଏ; ଯଦି ସେଥିରେ ସନ୍ଦେହର ଛାୟା ପଡ଼େ, ତେବେ ସୁନାର ପଦକ ମଧ୍ୟ ପ୍ରଶ୍ନର ଭାର ବୋହିବାକୁ ପଡ଼ିଥାଏ। କ୍ରୀଡ଼ାର ମଇଦାନରେ ବିଜୟ ଓ ପରାଜୟ ଉଭୟ ସ୍ୱାଭାବିକ। କିନ୍ତୁ ପୁରସ୍କାରର ମଇଦାନରେ ନ୍ୟାୟ ହାରିବା ଉଚିତ ନୁହେଁ। କାରଣ ଜଣେ ଖେଳାଳିଙ୍କ ପରାଜୟ ତାଙ୍କୁ ପରବର୍ତ୍ତୀ ବିଜୟ ପାଇଁ ପ୍ରସ୍ତୁତ କରିପାରେ; କିନ୍ତୁ ଜଣେ ଯୋଗ୍ୟ ସାମ୍ବାଦିକଙ୍କ ମନରେ ଅନ୍ୟାୟର ଅନୁଭବ ଜନ୍ମ ନେଲେ, ତାହା ସମଗ୍ର ବ୍ୟବସ୍ଥା ପ୍ରତି ଆସ୍ଥାକୁ କ୍ଷୟ କରେ। ସେଥିପାଇଁ ଆଜି ଆବଶ୍ୟକ କାହାକୁ ଦୋଷୀ କରିବା ନୁହେଁ, ଆବଶ୍ୟକ ସତ୍ୟକୁ ସାମ୍ନାକୁ ଆଣିବା। ଆବଶ୍ୟକ କାହାରି ସମ୍ମାନ କମାଇବା ନୁହେଁ, ଆବଶ୍ୟକ ପୁରସ୍କାରର ସମ୍ମାନ ବଢ଼ାଇବା। କାରଣ କଲମ ଯେତେବେଳେ କ୍ରୀଡ଼ାର ବିଜୟଗାଥା ଲେଖେ, ସେତେବେଳେ ସେ କେବଳ ଜଣେ ଖେଳାଳିଙ୍କ ଗୌରବ ଲେଖେ ନାହିଁ - ସେ ଏକ ରାଜ୍ୟର ଏକ ଜାତିର ଗୌରବ ଲେଖେ। ସେହି କଲମକୁ ସମ୍ମାନ ଦେବାର ଅର୍ଥ ହେଉଛି ସତ୍ୟ, ନିଷ୍ଠା ଓ ସାମ୍ବାଦିକତାର ମୂଲ୍ୟବୋଧକୁ ସମ୍ମାନ ଦେବା। ପୁରସ୍କାରର ମଞ୍ଚ ଛୋଟ ହୋଇପାରେ, କିନ୍ତୁ ତାହାର ନୈତିକ ଉଚ୍ଚତା ଆକାଶଠାରୁ ବଡ଼ ହେବା ଦରକାର।

ଭୁବନେଶ୍ୱର, ମୋ: ୯୬୯୨୦୮୩୯୦୪

# ବ୍ୟକ୍ତିଗତ ଚେତନାରୁ ବିଶ୍ୱ ଆଶାର ଅଭିସାର

ମନୋଜ କୁମାର ଶତପଥି

ସୃଷ୍ଟିର ଆଦିଲଗ୍ନରୁ ମଣିଷ ଯେଉଁ ଚିରନ୍ତନ ସତ୍ୟ ଏବଂ ଚରମ ଲକ୍ଷ୍ୟର ସନ୍ଧାନ କରିଆସିଛି, ତାହା ହେଉଛି ‘ଶାନ୍ତି’। ଶାନ୍ତି କେବଳ ଯୁଦ୍ଧର ବିରତି କିମ୍ବା କୋଳାହଳର ଅନୁପସ୍ଥିତି ନୁହେଁ; ଏହା ହେଉଛି ଚେତନାର ଏକ ପବିତ୍ର ଅବସ୍ଥା, ଯାହା ବ୍ୟକ୍ତିର ମନରୁ ଆରମ୍ଭ ହୋଇ ସମଗ୍ର ବିଶ୍ୱର ଆକାଶକୁ ବ୍ୟାପିଯାଏ।

ବାରୁଚ ସ୍ପିନୋଜାଙ୍କ ବିଚାରରେ - ‘ଶାନ୍ତି କେବଳ ଯୁଦ୍ଧର ଅନୁପସ୍ଥିତି ନୁହେଁ, ବରଂ ଏହା ଆତ୍ମାର ଶକ୍ତିରୁ ଜନ୍ମ ନେଉଥିବା ଏକ ସଦ୍‌ଗୁଣ।’ ଶାନ୍ତି କେବଳ ଏକ ବୁଝାମଣା ନୁହେଁ, ଏହା ହେଉଛି ମାନବତାର ସର୍ବଶ୍ରେଷ୍ଠ ନୈତିକ ଗୁଣ। ଆଜିର ଯାନ୍ତ୍ରିକ, ଅସ୍ଥିର ଓ ଉତ୍ତେଜିତ ବିଶ୍ୱରେ ଶାନ୍ତିର ପ୍ରତିଷ୍ଠା କେବଳ ଏକ ରାଜନୈତିକ ବୁଝାମଣା ନୁହେଁ, ବରଂ ଏହା ଏକ ଗଭୀର ଦାର୍ଶନିକ ଓ ନୈତିକ ଆବଶ୍ୟକତା। ଯେତେବେଳେ ଆମେ ମାନବୀୟ ଶାନ୍ତି ଏବଂ ବିଶ୍ୱ ଶାନ୍ତିର କଥା ଚିନ୍ତା କରୁ, ସେତେବେଳେ ଆମକୁ ଚେତନାର ବିଭିନ୍ନ ସ୍ତର ଏବଂ ତା'ର ଶବ୍ଦତାତ୍ତ୍ୱିକ ଅଭିବ୍ୟକ୍ତିଗୁଡ଼ିକୁ ବୁଝିବାକୁ ପଡ଼ିବ।

ମନୁଷ୍ୟ ଜୀବନର ପ୍ରଥମ ସୋପାନ ହେଉଛି ତା'ର ଅନ୍ତଃରାଜ୍ୟ। ବାହାରର କୋଳାହଳକୁ ଜିଣିବା ପୂର୍ବରୁ ମଣିଷକୁ ନିଜ ଭିତରର ଝଡ଼କୁ ଅତିକ୍ରମ କରିବାକୁ ପଡ଼େ। ‘ମନଃଶାନ୍ତି’ ଏହା ହେଉଛି ଏହାର ପ୍ରାଥମିକ ସୋପାନ। ଯେତେବେଳେ ମନର ଦ୍ୱନ୍ଦ୍ୱ, ଅହଂକାର ଓ ଅନାବଶ୍ୟକ ଚିନ୍ତାଗୁଡ଼ିକର କୋଳାହଳ ଶାନ୍ତ ହୁଏ, ସେତେବେଳେ ‘ମନଃଶାନ୍ତି’ର ଉଦୟ ହୁଏ। ଏହା ବ୍ୟକ୍ତିର ମାନସିକ ସ୍ୱାସ୍ଥ୍ୟ ଓ ଭାବପ୍ରବଣ ସନ୍ତୁଳନ ପାଇଁ ଅପରିହାର୍ଯ୍ୟ। ମନର ପରବର୍ତ୍ତୀ ସ୍ତର ହେଉଛି ହୃଦୟର ଗଭୀରତା। ବାହାରେ ଯେତେ ପ୍ରତିକୂଳ ପରିସ୍ଥିତି ଥାଉ ନା କାହିଁକି, ଯେତେବେଳେ ଅନ୍ତରର କୋଣରୁ ଏକ ମୃଦୁ, ସ୍ନିଗ୍ଧ ଆଲୋକ ପ୍ରବାହିତ ହୁଏ, ତାହାକୁ ‘ଅନ୍ତଃଶାନ୍ତି’ କୁହାଯାଏ। ଏହା ବ୍ୟକ୍ତିକୁ ବାହାରର ଆଘାତରୁ ସୁରକ୍ଷା ଦିଏ। ଯେତେବେଳେ ଜଣେ ବ୍ୟକ୍ତି ନିଜର ପ୍ରକୃତ ସ୍ୱରୂପକୁ ଚିହ୍ନିପାରେ ଏବଂ ନିଜ କର୍ମ ଓ ଧର୍ମ ଭିତରେ ସାମଞ୍ଜସ୍ୟ ରକ୍ଷା କରେ, ସେତେବେଳେ ତା'ର ଆତ୍ମା ଦିବ୍ୟ ତୃପ୍ତିଲାଭ କରେ, ଯାହାକୁ ‘ଆତ୍ମାଶାନ୍ତି’ କୁହାଯାଏ। ଏହା ଆଧ୍ୟାତ୍ମିକ ଚେତନାର ଚରମ ବିନ୍ଦୁ।

ବ୍ୟକ୍ତିଗତ ଶାନ୍ତି ଯେତେବେଳେ ସମାଜ ମଧ୍ୟକୁ ପ୍ରବେଶ କରେ, ସେତେବେଳେ ତାହା ନୈତିକତା ଓ ସହାନୁଭୂତିର ରୂପ ନିଏ। ଗୋଟିଏ ସୁସ୍ଥ ସମାଜ ଗଠନ ପାଇଁ ପରସ୍ପର ପ୍ରତି ପ୍ରେମ, କ୍ଷମା ଓ ନ୍ୟାୟବୋଧ ଜରୁରୀ। ତେଣୁ ଯେଉଁ ଶାନ୍ତି କେତେବେଳେ ଅସ୍ଥାୟୀ ନୁହେଁ, ବରଂ ନିତ୍ୟ ଓ ନିରନ୍ତର ତାହା ହିଁ ‘ନିତ୍ୟଶାନ୍ତି’। ନୈତିକ ମୂଲ୍ୟବୋଧ ଓ ସଚ୍ଚୋଟତା ଉପରେ ପ୍ରତିଷ୍ଠିତ ସମାଜରେ ହିଁ ‘ନିତ୍ୟଶାନ୍ତି’ର ସ୍ଥାୟିତ୍ୱ ମିଳିଥାଏ। ଅପରପକ୍ଷରେ ‘ପ୍ରଶାନ୍ତି’ ଏକ ଗଭୀର ସନ୍ତୋଷର ଅବସ୍ଥା। ଯେତେବେଳେ ସମାଜର ପ୍ରତ୍ୟେକ ବ୍ୟକ୍ତି ପରସ୍ପରର ଦୁଃଖ-ସୁଖର ସାଥୀ ହୁଅନ୍ତି ଏବଂ ଅସୂୟା ଓ ହିଂସାଠାରୁ ଦୂରେଇ ରୁହନ୍ତି, ସେତେବେଳେ ସାମାଜିକ ବାତାବରଣରେ ଏକ ଶୀତଳ ପ୍ରଶାନ୍ତି ଖେଳିଯାଏ। ଏହି ମୂଲ୍ୟବୋଧଗୁଡ଼ିକ ଆମକୁ ଶିକ୍ଷା ଦିଏ ଯେ, ଅନ୍ୟର ଅଧିକାରକୁ ସମ୍ମାନ ନ ଦେଲେ ଏବଂ ମାନବିକ ମୂଲ୍ୟବୋଧକୁ ଜଳାଞ୍ଜଳି ଦେଲେ କେବେହେଁ ସାମାଜିକ ଶାନ୍ତି ପ୍ରତିଷ୍ଠିତ ହୋଇପାରିବ ନାହିଁ।

ଦର୍ଶନଶାସ୍ତ୍ର ଓ ମାନବିକତାବାଦ ମନୁଷ୍ୟକୁ ସଂକୀର୍ଣ୍ଣ ପରିଧିରୁ ବାହାରକୁ ଆଣି ବିଶ୍ୱ-ମୈତ୍ରୀର ପଥ ଦେଖାଏ। ‘ବସୁଧୈବ କୁଟୁମ୍ବକମ୍’ର ଭାବନା ଏହି ସ୍ତରରେ ସାକାର ହୁଏ। ଯେତେବେଳେ ମାନବୀୟ ପ୍ରେମ ଓ କରୁଣା ସୀମାହୀନ ହୋଇଯାଏ, ସେତେବେଳେ ମଣିଷ ଭିତରେ ଦିବ୍ୟଗୁଣର ବିକାଶ ହୁଏ ଏବଂ ‘ଦିବ୍ୟଶାନ୍ତି’ର ପଥ ଦେଖାଏ। ଏହି ‘ଦିବ୍ୟଶାନ୍ତି’ ମଣିଷକୁ ସ୍ୱାର୍ଥପରତାରୁ ଊର୍ଦ୍ଧ୍ୱକୁ ଉଠାଇ ବିଶ୍ୱକଲ୍ୟାଣ ପାଇଁ ପ୍ରେରିତ କରେ। ଶେଷରେ ବିଶ୍ୱବ୍ୟାପୀ ସଂଘର୍ଷ, ଯୁଦ୍ଧ ଓ ବିଦ୍ୱେଷର ଅବସାନ ଘଟାଇ ଏକ ବୃହତ୍ତର ମାନବୀୟ ଏକତା ସ୍ଥାପନ କରେ ବା ‘ମହାଶାନ୍ତି’ ପ୍ରତିଷ୍ଠା କରେ। ‘ମହାଶାନ୍ତି’ ହେଉଛି ସେହି ଶକ୍ତି, ଯାହା ସମଗ୍ର ମାନବଜାତିକୁ ଗୋଟିଏ ସୂତାରେ ବାନ୍ଧି ରଖିଥାଏ।

ଶାନ୍ତି ଯେତେବେଳେ ସମଗ୍ର ବିଶ୍ୱର ପ୍ରତି କଣିକାରେ ବ୍ୟାପ୍ତ ହୁଏ, ସେତେବେଳେ ତାହା ଚରମ ପରିପୂର୍ଣ୍ଣତା ଲାଭ କରି ‘ପରମଶାନ୍ତି’ ପ୍ରାପ୍ତ କରେ। ଏହା ଆଧ୍ୟାତ୍ମିକ ଓ ମାନବୀୟ ଚରମ ଉପଲବ୍ଧି। ଯେଉଁଠାରେ କୌଣସି ଅଶାନ୍ତି, ଅସନ୍ତୋଷ କିମ୍ବା ଅଭାବର ବୋଧ ନଥାଏ, ସେଠାରେ ‘ପରମଶାନ୍ତି’ ପ୍ରାପ୍ତ ହୁଏ। ଏହା ପ୍ରତ୍ୟେକ ଆତ୍ମାର ଚିରନ୍ତନ କାମନା। ଅପରପକ୍ଷରେ ଯାହାକୁ କେହି ଖଣ୍ଡିତ କରିପାରିବେ ନାହିଁ, ଯାହା ସୀମା, ଜାତି, ଧର୍ମ ଓ ବର୍ଣ୍ଣର ପ୍ରାଚୀରକୁ ଭାଙ୍ଗି ସମଗ୍ର ବିଶ୍ୱରେ ଏକ ଅଭିନ୍ନ ବାତାବରଣ ସୃଷ୍ଟି କରେ, ତାହା ‘ଅଖଣ୍ଡଶାନ୍ତି’। ଶାନ୍ତିର ସର୍ବୋଚ୍ଚ ଓ ସର୍ବବ୍ୟାପୀ ସ୍ୱରୂପ ହେଉଛି ‘ପୂର୍ଣ୍ଣଶାନ୍ତି’। ଯେତେବେଳେ ପ୍ରକୃତି, ମନୁଷ୍ୟ ଓ ପରମସତ୍ତା ଏକାକାର ହୋଇଯାଆନ୍ତି, ସେତେବେଳେ ବିଶ୍ୱରେ ‘ପୂର୍ଣ୍ଣଶାନ୍ତି’ ପ୍ରତିଷ୍ଠା ହୁଏ।

ଆଜିର ଧ୍ୱଂସମୁଖୀ ଓ ଅଶାନ୍ତ ବିଶ୍ୱରେ ଏହି ସମସ୍ତ ଶାନ୍ତିର ଧାରାକୁ ବ୍ୟକ୍ତିଗତ ଏବଂ ସାମାଜିକ ଜୀବନରେ କାର୍ଯ୍ୟକାରୀ କରିବାର ବେଳ ଆସିଛି। ଯେତେବେଳେ ପ୍ରତ୍ୟେକ ମନରେ ‘ମନଃଶାନ୍ତି’ ଜାଗ୍ରତ ହେବ, ସେତେବେଳେ ଯାଇ ଧରାପୃଷ୍ଠରେ ‘ପୂର୍ଣ୍ଣଶାନ୍ତି’ ଓ ‘ପରମଶାନ୍ତି’ର ସୂର୍ଯ୍ୟୋଦୟ ହେବ। ଶାନ୍ତି ଏକ ଅନ୍ତଃସଲିଳା ଫଲ୍‌ଗୁଧାରା। ମାନବତାର କଲ୍ୟାଣ ଏବଂ ବିଶ୍ୱର ସ୍ଥାୟୀ ସୁରକ୍ଷା ପାଇଁ ଶାନ୍ତିର ମାର୍ଗ ହିଁ ଏକମାତ୍ର ଭରସା।

ଭାପୁର(ନୟାଗଡ଼)
ମୋ: ୯୯୩୮୫୫୯୫୬୮

# ଦିନ ଯେବେ ୨୫ ଘଣ୍ଟା ହେବ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ବିସ୍ମୟକର ମନେ ହେଲେ ହେଁ ଦିନେ ନା ଦିନେ ପୃଥିବୀ ପୃଷ୍ଠରେ ଦିନଟିଏ ୨୫ ଘଣ୍ଟିଆ ହେବ। ବୈଜ୍ଞାନିକମାନଙ୍କ ଆକଳନ ଅନୁସାରେ ତାହା ଘଟିବାକୁ ଲାଗିବ ପ୍ରାୟ ୨୦୦ ନିୟୁତ ବର୍ଷ। ଏହାର କାରଣ ହେଲା ଯେ ପୃଥିବୀ ସୂର୍ଯ୍ୟକୁ ପରିକ୍ରମା କରୁଥିବା ଅବସରରେ ନିଜ ଅକ୍ଷଦଣ୍ଡ ଚତୁଃପାର୍ଶ୍ୱରେ ନଟୁଟିଏ ଭଳି ଘୂର୍ଣ୍ଣନ କରୁଥାଏ। ଏହାରି ଫଳରେ ସୃଷ୍ଟି ହୁଏ ଦିନରାତି। ବର୍ତ୍ତମାନ ଏଥିପାଇଁ ଲାଗୁଛି ୨୪ ଘଣ୍ଟା ସମୟ। କିନ୍ତୁ ଆଗେ ଏହାର ଘୂର୍ଣ୍ଣନ ବେଗ ଥିଲା ଅଧିକ ଦ୍ରୁତ। ଆଜକୁ ପ୍ରାୟ ୧.୪ ହଜାର ନିୟୁତ ବର୍ଷ ପୂର୍ବେ ତହିଁରୁ ଗୋଟିଏ ଘୂର୍ଣ୍ଣନ ସଂପୂର୍ଣ୍ଣ କରିବାକୁ ଲାଗୁଥିଲା ୧୮ ଘଣ୍ଟା। ପୁନଶ୍ଚ ଧରାପୃଷ୍ଠରେ ଡାଇନୋସରମାନଙ୍କ ରାଜୁତି ଚାଲିଥିଲା ବେଳେ ଅର୍ଥାତ୍ ୨୦୧ ନିୟୁତ ବର୍ଷ ତଳେ ଏ ସମୟ ପ୍ରାୟ ୨୩ ଘଣ୍ଟା ଥିଲା। କଂପ୍ୟୁଟର ଆକଳନ ଅନୁସାରେ ପ୍ରତି ଶହେ ବର୍ଷରେ ଏହା ୧.୭ ରୁ ୨.୩ ମିଲି ସେକେଣ୍ଡ ବଢ଼ି ଚାଲିଛି। ଫଳରେ ଏହା ଆଜି ପହଞ୍ଚିଛି ୨୪ ଘଣ୍ଟାରେ।

ପୃଥିବୀର ଘୂର୍ଣ୍ଣନ ବେଗ ମନ୍ଥର ହେବାର ଏବଂ ସେଥିଯୋଗୁଁ ଦିନ ବଡ଼ ହୋଇ ଚାଲିବାର କେତେଗୁଡ଼ିଏ କାରଣ ରହିଛି। ତନ୍ମଧ୍ୟରୁ ପ୍ରଧାନଗୁଡ଼ିକ ହେଲା ଚନ୍ଦ୍ରର ମାଧ୍ୟାକର୍ଷଣ, ଜଳବାୟୁ ପରିବର୍ତ୍ତନ ହେତୁ ମେରୁ ଅଞ୍ଚଳ ଏବଂ ହିମବାହର ବରଫ ତରଳିବା ଇତ୍ୟାଦି। ପୃଥିବୀର ଘୂର୍ଣ୍ଣନ ଗତି ହ୍ରାସ ପାଇବାର ପ୍ରଥମ କାରଣ ହେଲା ଚନ୍ଦ୍ରର ଆକର୍ଷଣ ଏବଂ ଜୁଆର ଜନିତ ଘର୍ଷଣ। ଚନ୍ଦ୍ରର ଆକର୍ଷଣ ହେତୁ ସାଗର, ମହାସାଗରମାନଙ୍କରେ ଜୁଆର ଆସି ଜଳରାଶି ଫୁଲିଉଠେ। ଅନ୍ୟପକ୍ଷରେ, ପୃଥିବୀର ଚତୁଃପାର୍ଶ୍ୱରେ ଚନ୍ଦ୍ରର ପରିକ୍ରମା କରିବା ବେଗ ତୁଳନାରେ ପୃଥିବୀର ନିଜ ଅକ୍ଷଦଣ୍ଡ ଚତୁଃପାର୍ଶ୍ୱରେ ଘୂର୍ଣ୍ଣନ ବେଗ ଅଧିକ। ସେଥିପାଇଁ ଏହା ଫୁଲି ଉଠିଥିବା ଜଳରାଶିକୁ ଟିକିଏ ଆଗକୁ ଠେଲିବାକୁ ଲାଗେ। କିନ୍ତୁ ଚନ୍ଦ୍ରର ମାଧ୍ୟାକର୍ଷଣ ଏହାକୁ ପଛକୁ ଟାଣେ। ଏହି ଘୂର୍ଣ୍ଣନ ପ୍ରକ୍ରିୟା ପ୍ରଭାବରେ ଚନ୍ଦ୍ର କ୍ରମେ ଦୂରରୁ ଦୂରକୁ ଠେଲି ହୋଇଯାଏ ଏବଂ ପୃଥିବୀର ଘୂର୍ଣ୍ଣନ ମନ୍ଥର ହେବାକୁ ଲାଗେ। ପ୍ରାୟ ପ୍ରତି ଶହେବର୍ଷରେ ଏହା ଦିନଗୁଡ଼ିକୁ ୧.୭ ରୁ ୨.୩ ମିଲିସେକେଣ୍ଡ ପରିବର୍ଦ୍ଧିତ କରେ। ଅନ୍ୟପକ୍ଷରେ ଚନ୍ଦ୍ର ପ୍ରତିବର୍ଷ ପୃଥିବୀଠାରୁ ପ୍ରାୟ ୩.୮ ସେଣ୍ଟିମିଟର ଦୂରକୁ ଘୁଞ୍ଚି ଘୁଞ୍ଚିଯାଏ।

ଜଳବାୟୁ ପରିବର୍ତ୍ତନ ଏବଂ ମେରୁ ଅଞ୍ଚଳ ତଥା ହିମବାହର ବରଫ ତରଳିବା ଏହାର ଅନ୍ୟତମ କାରଣ। ଏହାଫଳରେ ଜଳ ମେରୁ ଅଞ୍ଚଳରୁ ବିଷୁବ ରେଖା ଆଡ଼କୁ ପ୍ରବାହିତ ହୁଏ। ତେଣୁ ସମୁଦ୍ରର ଜଳରାଶି ମଧ୍ୟ ବୃଦ୍ଧିପାଏ। ଫଳରେ ଏହାର ବସ୍ତୁତ୍ୱ ଅଧିକ ହୁଏ। ଅତଏବ ପୃଥିବୀର ଘୂର୍ଣ୍ଣନ ଜଡ଼ତା ବୃଦ୍ଧିପ୍ରାପ୍ତ ହେବାକୁ ଲାଗେ ଏବଂ ତା'ର ଘୂର୍ଣ୍ଣନ ବେଗ ମନ୍ଥର ହୁଏ। ଏହାବ୍ୟତୀତ ପୃଥିବୀର କେନ୍ଦ୍ରାଞ୍ଚଳରେ ରହିଛି ତରଳ ପଦାର୍ଥ। ଘୂର୍ଣ୍ଣନକାଳରେ ଏହା କିଛିମାତ୍ରାରେ ଗୋଟିଏ ଆଡ଼କୁ ଢଳିଯାଏ। ପୁନଶ୍ଚ ତା' ଉପରକୁ ଥିବା କଠିନ ମେଣ୍ଟିଲ୍ ସହିତ ତାହାର ସଂଘର୍ଷ ଘଟେ। ପୃଥିବୀର ଘୂର୍ଣ୍ଣନ ବେଗ କମ ହେବାର ଏହାର ଅନ୍ୟତମ କାରଣ।

ବଡ଼ ବଡ଼ ଜଳଭଣ୍ଡାର ନିର୍ମାଣକୁ ମଧ୍ୟ ଏଥିପାଇଁ ଦାୟୀ କରାଯାଏ। ଉଦାହହଣ ସ୍ୱରୂପ, ମନେ କରାଯାଏ ଯେ ଚାଇନା ଦ୍ୱାରା ନିର୍ମିତ ୩ଟି ‘ଗର୍ଜେସ ଡ୍ୟାମ’ ପୃଥିବୀର ଘୂର୍ଣ୍ଣନକୁ ଦୈନିକ ୦.୦୬ ମାଇକ୍ରୋସେକେଣ୍ଡ ହ୍ରାସ କରି ଦେଉଛି ଏହି ଜଳଭଣ୍ଡାରଗୁଡ଼ିକ ପ୍ରାୟ ୪୦ ହଜାର ନିୟୁତ ଘନମିଟର ଜଳ ସମୁଦ୍ର ସ୍ତରଠାରୁ ୧୭୫ ମିଟର ଊର୍ଦ୍ଧ୍ୱରେ ଧାରଣ କରିଛନ୍ତି। ସେଥିପାଇଁ ଏପରି ଘଟୁଛି। ପୃଥିବୀର ଅନ୍ୟାନ୍ୟ ଅନୁରୂପ ଜଳଭଣ୍ଡାରଗୁଡ଼ିକର ମଧ୍ୟ ସେହିପ୍ରକାର ପ୍ରଭାବ ଥିବା ସମ୍ଭବ। ଏଥିସହିତ ଆହୁରି ଅନେକ ଛୋଟ ବଡ଼ କାରଣରୁ ପୃଥିବୀର ଘୂର୍ଣ୍ଣନ ବେଗ ହ୍ରାସ ପାଇବାରୁ ଦିନଗୁଡ଼ିକର ସମୟ ସଂପ୍ରସାରିତ ହେଉଛି। ତେବେ ତାହା ଅତି ଅଳ୍ପ ହୋଇଥିବାରୁ ଆମ ନିତିଦିନିଆ ଜୀବନକୁ ପ୍ରଭାବିତ କରି ପାରୁନାହିଁ। ଅତଏବ ତାହା ବଢ଼ି ବଢ଼ି ୨୫ ଘଣ୍ଟାରେ ପହଞ୍ଚିଲା ବେଳକୁ ଲାଗିଯିବ ଅନେକ ବର୍ଷ। ସେ ସମୟକୁ ପୃଥିବୀରେ ମଣିଷ ପ୍ରଜାତି ଥିବ କି ବିଲୁପ୍ତ ହୋଇ ସାରିଥିବ ତାହା କହି ହେଉନାହିଁ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. ‘ସକାଳ’ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. ‘ସକାଳ’କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. ‘ସକାଳ’ ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

# ପୂର୍ବତନ କନିଷ୍ଠ ଯନ୍ତ୍ରୀ ଭିଜିଲାନ୍ସ ଦ୍ୱାରା ଗିରଫ



ବାରିପଦା, ୭।୯(ସମିସ): ନିଜ ଆୟଠାରୁ ୧୨୩ ପ୍ରତିଶତରୁ ଅଧିକ ସମ୍ପତ୍ତି ଠୁଳ ଅଭିଯୋଗରେ ମୟୂରଭଞ୍ଜ ଜିଲ୍ଲା ଉଦଳା ଓଡ଼ିଶା ଉଠା ଜଳସେଚନ ନିଗମର ପୂର୍ବତନ କନିଷ୍ଠ ଯନ୍ତ୍ରୀ (ଜେଇ) ସୁବ୍ରତ ମହାନ୍ତିଙ୍କୁ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି। ସୂଚନା ମୁତାବକ, ଶ୍ରୀ ମହାନ୍ତି ଉଦଳା ସବଡିଭିଜନରେ କାର୍ଯ୍ୟରତ ଥିଲେ ଓ ପରବର୍ତ୍ତୀ ସମୟରେ ବାଲେଶ୍ୱର ଡିଭିଜନରେ ଅବସ୍ଥାପିତ ହୋଇଥିଲେ। ତାଙ୍କର ଓ ତାଙ୍କ ପତ୍ନୀଙ୍କ ନାମରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଦୁର୍ନୀତି ନିବାରଣ ସଂଶୋଧିତ ଆଇନ,୨୦୧୮ର ଧାରା ୧୩(୨) ସହ ପଠିତ ୧୩(୧)(ଖ)/୧୨ ଅନୁଯାୟୀ କେସ ନଂ୨୧ (ତାରିଖ: ୭।୯।୨୦୨୬)ରେ ଏକ ନୂତନ ମାମଲା ରୁଜୁ କରାଯାଇଛି। ତଦନ୍ତ ସମୟରେ ତାଙ୍କ ନିକଟରୁ ବ୍ୟାପକ ବେଆଇନ ସମ୍ପତ୍ତି ଠାବ ହେବା ପରେ ଭିଜିଲାନ୍ସ ତାଙ୍କୁ ଆନୁଷ୍ଠାନିକ ଭାବେ ଗିରଫ କରି ବାଲେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତକୁ ଚାଲାଣ କରିଛି। ଗତ ଜାନୁଆରୀ ୬ ତାରିଖରେ ଜଣେ ଠିକାଦାରଙ୍କ ବକେୟା ବିଲ୍ ପାସ୍ କରାଇଦେବାକୁ ୬୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ବାଲେଶ୍ୱର ଭିଜିଲାନ୍ସ କେସ ନଂ୧/୨୦୨୬ରେ ତାଙ୍କୁ ପୂର୍ବରୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏବେ ପୁଣି ତାଙ୍କ ବିରୋଧରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଭିଜିଲାନ୍ସ ଜାଲରେ ଆର୍‌ଆଇ ଓ ଏଆର୍‌ଆଇ

ପିପିଲି,୭।୯(ସମିସ): ଜମି ମ୍ୟୁଟେସନ୍ କାମ ପାଇଁ ୩୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ପିପିଲି ତହସିଲ୍ ଅଧୀନ ସିଉଳା ଆର୍‌ଆଇ ସର୍କଲର ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ଓ ସହକାରୀ ରାଜସ୍ୱ ନିରୀକ୍ଷକ (ଏଆର୍‌ଆଇ) ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଲାଞ୍ଚ ଟଙ୍କା ନେଉଥିବାବେଳେ ଭିଜିଲାନ୍ସ ଟିମ୍ ଉଭୟଙ୍କୁ ଧରି ଗିରଫ କରିଥିବା ଜଣାପଡ଼ିଛି। ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଅଧିକାରୀଦ୍ୱୟ ହେଲେ ସିଉଳା ଆର୍‌ଆଇ କଲ୍ୟାଣୀ ଜେନା ଓ ଏଆର୍‌ଆଇ ପୂର୍ଣ୍ଣଚନ୍ଦ୍ର ବେହେରା। ଉଭୟଙ୍କୁ ଭିଜିଲାନ୍ସ ଅଧିକାରୀମାନେ ଟ୍ରାପ୍ କରିବା ପରେ ଗିରଫ କରି ଭୁବନେଶ୍ୱର ନେଇଥିବା ସୂଚନା ମିଳିଛି।

ସୂଚନାନୁସାରେ, କୃଷି ଜମିକୁ ଘରବାରି ଜମିରେ ପରିବର୍ତ୍ତନ ସହ ଜଡ଼ିତ ଏକ ମ୍ୟୁଟେସନ୍ ମାମଲାର ତଦନ୍ତ ରିପୋର୍ଟ ପ୍ରସ୍ତୁତ କରି ତାହାକୁ ଆଗକୁ ପଠାଇବା ପାଇଁ ଅଭିଯୋଗକାରୀଙ୍କୁ ୩୫ ହଜାର ଟଙ୍କା ଲାଞ୍ଚ ଦାବି କରାଯାଇଥିବା ଅଭିଯୋଗ ହୋଇଥିଲା। ବାରମ୍ବାର ଅନୁରୋଧ ସତ୍ତ୍ୱେ ଟଙ୍କା ନ ଦେଲେ କାମ ଆଗକୁ ବଢୁ ନ ଥିବା ଅଭିଯୋଗ କରି ସମ୍ପୃକ୍ତ ବ୍ୟକ୍ତି ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପରେ ଭିଜିଲାନ୍ସ ପକ୍ଷରୁ ଯୋଜନାବଦ୍ଧ ଭାବେ ଟ୍ରାପ୍ କରାଯାଇଥିଲା। ଯୋଜନା ଅନୁଯାୟୀ, ସୋମବାର ମଧ୍ୟାହ୍ନରେ ୩୫ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଉଭୟ ଅଧିକାରୀ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଥିଲେ। ଟ୍ରାପ୍ ପରେ ଭିଜିଲାନ୍ସ ପକ୍ଷରୁ ସିଉଳା ଆର୍‌ଆଇ ସର୍କଲ କାର୍ଯ୍ୟାଳୟ ସମେତ ଅଭିଯୁକ୍ତ ଅଧିକାରୀଙ୍କ ବ୍ରହ୍ମକୁଣ୍ଡି, ଅଚ୍ୟୁତପୁର ଓ ଭୁବନେଶ୍ୱର ରସୁଲଗଡ଼ସ୍ଥିତ ବାସଭବନ ଓ ନିଜସ୍ୱ କାର୍ଯ୍ୟାଳୟରେ ମଧ୍ୟ ଏକକାଳୀନ ଚଢ଼ଉ କରାଯାଇ ଯାଞ୍ଚ ଚାଲିଥିବା ଜଣାପଡ଼ିଛି। ତେବେ ପିପିଲି ତହସିଲ୍ ଅଞ୍ଚଳରେ ଜମିର କିସମ ପରିବର୍ତ୍ତନ ଓ ମ୍ୟୁଟେସନକୁ ନେଇ ପୂର୍ବରୁ ମଧ୍ୟ ବିଭିନ୍ନ ଅଭିଯୋଗ ଓ ଚର୍ଚ୍ଚା ରହିଆସିଛି।

# ଏଫ୍‌ସିଆଇ ଅଧିକାରୀଙ୍କଠାରୁ ବଟି ଆଦାୟ ମାମଲା: ୩ କୋର୍ଟ ଚାଲାଣ

ଭବାନୀପାଟଣା,୭।୯(ସମିସ): ଜଣେ ସରକାରୀ ଅଧିକାରୀଙ୍କୁ ଭୟଭୀତ କରି ବଟିନେବା ଘଟଣାରେ ୩ ଜଣଙ୍କୁ ପୁଲିସ ଗିରଫକରି ସୋମବାର କୋର୍ଟ ଚାଲାଣ କରିଛି। ଏହି ଘଟଣା କଳାହାଣ୍ଡି ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ଗିରଫ ବ୍ୟକ୍ତି ଜୁନାଗଡ଼ ଅଞ୍ଚଳର ଦୁଷ୍ମନ୍ତ ପଣ୍ଡା ଓ ଅନୀଲ ପଣ୍ଡା ହୋଇଥିବାବେଳେ ଅନ୍ୟଜଣେ ନିରଞ୍ଜନ ଶତପଥୀ ଓରଫ କାଳିଆ ବୋଲି ଜଣାପଡ଼ିଛି। ଗତ ୫ ତାରିଖରେ ଜୁନାଗଡ଼ ଏଫ୍‌ସିଆଇର ଅଧିକାରୀଙ୍କୁ ସେମାନେ ଭୟଭୀତ କରି ୫୦ ହଜାର ଟଙ୍କା ବଟି ନେଇଥିବା ଅଭିଯୋଗ ହୋଇଥିଲା। ଏନେଇ ସମ୍ପୃକ୍ତ ଅଧିକାରୀ ଭବାନୀପାଟଣା ଟାଉନ ଥାନାରେ ଲିଖିତ ଏତଲା ଦେବାପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାରେ ତଦନ୍ତ କରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେହିପରି ବଟି ନେଇଥିବା ୫୦ ହଜାର ଟଙ୍କାଙ୍କୁ ପୁଲିସ ଜବତ କରିଥିବା ସୂଚନା ମିଳିଛି। ତେବେ ଏଫସିଆଇର ଅଧିକାରୀ ଜଣକ କାହିଁକି ଭୟଭୀତ ହେଲେ ଏବଂ ଟଙ୍କା ଦେଇ ଥାନାରେ ଜଣାଇବା ରହସ୍ୟରୁ ମଧ୍ୟ ପରଦା ଉଠିବା ଉଚିତ୍ ବୋଲି ମତପ୍ରକାଶ ପାଇଛି।


## Notice (forMinor)

By virtue of an affidavit sworn before Notary Public, Borigumma, dated 05-09-2026 I SRIDHAR RATH, At/Po-Borigumma, Dist - Koraput, Odisha, Pin-764056 declare that I have changed the name of My son from DUVDUTTA RATH to DEVDUTTARATH. Henceforth, He shall be known as **DEVDUTTA RATH** for all purposes.

**SRIDHAR RATH**

## AFFIDAVIT

By virtue of an affidavit No.: 3546, Dated: 1/9/2026 sworn before Executive Magistrate, Banpur, declare that I, Sadasiba Mohapatra, S/o.: Suresh Mohapatra, At: Lalitapatapura, PO.: Lendo, P.S.: Nirakarpur, Dist.: Khordha, PIN- 752019 Odisha, that I have changed my name from Siva Mohapatra to Sadasiba Mohapatra. Henceforth I shall be known as **Sadasiba Mohapatra** for all purposes.

**SD/- Sadasiba Mohapatra**

## AFFIDAVIT

I, JITENDRA KUMAR PALLAI aged about 38 years, S/O.: PURNACHANDRA PALLAI, AT/PO: NAMATARA, RAJKANIKA, DIST.: KENDRAPARA-755016, ODISHA, declared by this Affidavit No.: 1826/2026 Dated.: 03.09.2026, hat now onwards I shall Be Known As **JITENDRA PALLAI** for all future Purposes.

## LOST

I, **Nageswar Sahu,** son of Badrika Prasad Sahu, aged 41 years, R/O At/P.O.-Dava, P.S/Tah-Jharbandh. Bargarh pin code 768042 declare that I along with my brother Ashok Sahu have purchased land of Khata no. 152/5, Plot No. 237/1943, Area Ac.0.33dc.-kisam Ma.Sa. from its owner Madhuru Sahu son of Bhuru Sahu. its original previous link deed ROR bearing Khata No. 152/5 of Mouza Dava recorded in the name of Madhuru Sahu son of Bhuru Sahu which was handed over to me by aforesaid Madhuru Sahu was lost some where on dt. 25.8.2026 when I was going from Dava to Jharbandh. Further I declare that I have never mortgaged the above noted link RORs in any Bank, F.I.. Now I am applying for a loan from Odisha Grameen Bank branch At Dava, P.O. Dava, P.S./Tahasil Jharbandh, Dist. Bargarh by mortgaging the property. If anybody has any objection may kindly draw notice before abovementioned Bank.


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ହିମାଳୟ ବରଫ...

ଇନ୍ଧନର ବ୍ୟବହାର ୯୪% ଦାୟୀ ରହିଛି। ଗବେଷଣା ଅନୁଯାୟୀ, ୨୦୨୩ ବସନ୍ତ ଋତୁରେ ଏହି ସମସ୍ତ କାର୍ଯ୍ୟକଳାପରୁ ନିର୍ଗତ ଉତ୍ତାପ ପ୍ରାୟ ୨,୪୯୨ ଟନ୍ ବରଫ ଓ ତୁଷାରକୁ ତରଳାଇବା ପାଇଁ ଯଥେଷ୍ଟ। ଗତ ୩୨ ବର୍ଷର ଉପଗ୍ରହ ତଥ୍ୟ ଅନୁଯାୟୀ ବେସ୍ କ୍ୟାମ୍ପର ଭୂପୃଷ୍ଠ ତାପମାତ୍ରା ପ୍ରତିବର୍ଷ ୦.୨୮ ଡିଗ୍ରୀ ସେଲସିୟସ ହାରରେ ବୃଦ୍ଧି ପାଉଛି। ଏହା ଅନ୍ୟ ପାର୍ଶ୍ୱବର୍ତ୍ତୀ ବରଫ ପର୍ବତର ତାପମାତ୍ରା ବୃଦ୍ଧି ହାର ତୁଳନାରେ ପ୍ରାୟ ୨ ଗୁଣ ଅଧିକ। ଏହି ସଙ୍କଟରୁ ରକ୍ଷା ପାଇବା ପାଇଁ ଗବେଷକମାନେ ବେସ୍ କ୍ୟାମ୍ପର କିଛି ଅଂଶକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ସହ ବର୍ଜ୍ୟବସ୍ତୁର ସୁପରିଚାଳନା ପାଇଁ ପରାମର୍ଶ ଦେଇଛନ୍ତି।

### ଜଟିଳ ହେଉଛି...

ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରକାଶ ସିଂ ଗାଇଡ୍‌ଲାଇନ୍‌ସର କେଉଁଠି ଉଲଘଂନ ହୋଇଛି କି ନାହିଁ ସେ କୋର୍ଟଙ୍କୁ ଜଣାଇସାରିଛନ୍ତି।

ସୂଚନାଯୋଗ୍ୟ, ଗତ ଅଗଷ୍ଟ ୧୬ ତାରିଖରେ ପୂର୍ବତନ ସ୍ଥାୟୀ ପୁଲିସ ଡିଜି ୱାଇ. ବି ଖୁରାନିଆ ଅବସର ନେଇଥିଲେ। ଏହା ପୂର୍ବରୁ ରାଜ୍ୟ ସରକାର କିଛି ହାତ ଗଣତି ବରିଷ୍ଠ ଆଇପିଏସ୍ ଅଫିସରଙ୍କ ନାମ ୟୁପିଏସ୍‌ସିକୁ ପଠାଇଥିଲେ। ୟୁପିଏସ୍‌ସି ଏମାନଙ୍କ ମଧ୍ୟରୁ ୩ଟି ନାମ ରାଜ୍ୟ ସରକାରଙ୍କ ପାଖକୁ ପଠାଇଥାନ୍ତା। ଏହି ୩ଟି ନାମ ମଧ୍ୟରୁ ଜଣଙ୍କ ନାମକୁ ରାଜ୍ୟ ସରକାର ସ୍ଥାୟୀ ପୁଲିସ ଡିଜି ଭାବେ ଘୋଷଣା କରିଥା'ନ୍ତେ। ହେଲେ ଅଗଷ୍ଟ ପ୍ରଥମ ସପ୍ତାହରେ ୟୁପିଏସ୍‌ସି ଭବନରେ ଓଡ଼ିଶା ଡିଜି ଚୟନକୁ ନେଇ ଏକ ବୈଠକ ଡକାଯାଇଥିଲା। ଏଥିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜଣଙ୍କ ନାମ କାଢି ନେବାକୁ ନେଇ ବୈଠକରେ କୁହାଯାଇଥିବା ଚର୍ଚ୍ଚା ଆରମ୍ଭ ହେଲା। ଏହାପରେ ସୁପ୍ରିମ୍‌କୋର୍ଟରେ ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା (ପିଆଇଏଲ୍) ଫାଇଲ୍ କରିଥିଲେ। ଯେଉଁଥିରେ ଦର୍ଶାଯାଇଥିଲା ଯେ ରାଜ୍ୟ ସରକାର ପ୍ରକାଶ ସିଂ ଗାଇଡ୍‌ଲାଇନ୍‌କୁ ଉଲଘଂନ କରି ନିଜ ମନମୁତାବକ ଜଣେ ଆଇପିଏସ୍ ଅଫିସରଙ୍କୁ ଡିଜି କରାଇବାକୁ ଯୋଜନା କରିଛନ୍ତି। ଶୁଣାଣି ନ ହେବା ପର୍ଯ୍ୟନ୍ତ କୋର୍ଟ ଡିଜି ଚୟନ ପ୍ରକ୍ରିୟାକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ସୁପ୍ରିମକୋର୍ଟ ଡିଜିପି ଚୟନ ଉପରେ ରୋକ ଲଗାଇଥିଲେ ଏବଂ ଅଗଷ୍ଟ ୧୬ରେ ପୂର୍ବତନ ଡିଜିଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ରାଜ୍ୟ ସରକାର ବିନୟତୋଷ ମିଶ୍ରଙ୍କୁ କାର୍ଯ୍ୟକାରୀ ଡିଜି ଭାବେ ନିଯୁକ୍ତି ଦେଇଛନ୍ତି।

### ଫେବୃଆରୀ-ମାର୍ଚ୍ଚରେ...

କରାଯିବ। ଏଭଳି ସୂଚନା ମିଳିବା ପରେ ସମସ୍ତ ଦଳ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ବିଜେପିର ଉତ୍ତରପ୍ରଦେଶ ପ୍ରଭାରୀ ତାୱଡ଼େ ଆଜି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟି ଆଲୋଚନା କରିଥିବା ଜଣାପଡ଼ିଛି।

### ୯ରେ ଲୋକଭବନ...

ଓଡ଼ିଶାର ପ୍ରାପ୍ୟ ବକେୟା ବାବଦକୁ ୧ ଲକ୍ଷ କୋଟି ଟଙ୍କା ଓ ବାର୍ଷିକ ରାଜସ୍ୱ ବାବଦକୁ ପ୍ରାୟ ୧୨ ହଜାର କୋଟି ଟଙ୍କା ହରାଇବ। ଏକତରଫା ଭାବେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ଏହି ନିଷ୍ପତ୍ତି ଦେଶର ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ। ଏହି ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ପାଇଁ ବିଧାନସଭାର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବା ପାଇଁ ରାଜ୍ୟପାଳଙ୍କୁ ଅନୁରୋଧ କରାଯିବ। ସମ୍ବିଧାନର ଧାରା ୧୭୪ ଅନୁଯାୟୀ ମାନ୍ୟବର ରାଜ୍ୟପାଳ ସ୍ୱତନ୍ତ୍ର ଅଧିବେଶନ ଡାକି ପାରିବେ। ଏହାଛଡା ସମ୍ବିଧାନର ଧାରା ୨୪୪(୧)ର ସିଡ୍ୟୁଲ ୫ ଅନୁଯାୟୀ ରାଜ୍ୟର ଜନଜାତି ମାନଙ୍କର ସ୍ୱାର୍ଥକୁ ରକ୍ଷା କରିବା ପାଇଁ ରାଜ୍ୟପାଳଙ୍କ ଦାୟିତ୍ୱ ରହିଛି। ଖଣି ଅଞ୍ଚଳରେ ବାସ କରୁଥିବା ଜନଜାତି ମାନଙ୍କ ସ୍ୱାର୍ଥରକ୍ଷା ପାଇଁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ାଯିବ। ଏତଦ୍‌ବ୍ୟତୀତ ଆଗାମୀ ଦିନରେ ଏହି ଆଇନର ପ୍ରତ୍ୟାହାର ଦାବି ନେଇ ବିଜୁ ଜନତା ଦଳ ରାଜ୍ୟବ୍ୟାପୀ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ହାତକୁ ନେବ ବୋଲି ବିଜେଡିର ଏହି ନେତାମାନେ ପ୍ରକାଶ କରିଛନ୍ତି।

### କଟକରୁ ଉଠିଯିବ...

ବୋର୍ଡ ଗଠନ ପାଇଁ ଦାବି କରୁଥିବାବେଳେ ଖର୍ଚ୍ଚ ହ୍ରାସ ଆଳରେ ସରକାର ଉଭୟ ବୋର୍ଡକୁ ମିଶାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ସୁଦୃଢ଼ ହେବ ବୋଲି ସରକାର କହୁଛନ୍ତି। ମାତ୍ର କେବଳ ପ୍ରଶାସନିକ ଢାଞ୍ଚା ବଦଳାଇ ଦେଲେ ଗୁଣାତ୍ମକ ଶିକ୍ଷା ଆସିଯିବ ତାହାର କୌଣସି ଗ୍ୟାରେଣ୍ଟି ନାହିଁ। ସରକାର ଯଦି ଆନ୍ତରିକତାର ସହିତ ଗୁଣାତ୍ମକ ଶିକ୍ଷା ଚାହୁଁଛନ୍ତି ତେବେ ଅନ୍ୟ ରାଜ୍ୟ ଓ କେନ୍ଦ୍ରୀୟ ବିଦ୍ୟାଳୟ ଭଳି ପ୍ରତ୍ୟେକ ମାଧ୍ୟମିକ ବିଦ୍ୟାଳୟରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ବ୍ୟବସ୍ଥା କରନ୍ତୁ। ଭିତ୍ତିଭୂମିର ବିକାଶ କରନ୍ତୁ; ପ୍ରତ୍ୟେକ ସ୍କୁଲରେ ବିଜ୍ଞାନାଗାର, ଲାଇବ୍ରେରୀ, ଖେଳ ପଡିଆ ଯୋଗାଇ ଦେଇ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରନ୍ତୁ। ଏସବୁ ନ କରି ମିଶାଇ ଦେଲେ ଏହି ନିଷ୍ପତ୍ତି କେବଳ ଏକ ଖର୍ଚ୍ଚ କାଟ ପଲିସି ହୋଇ ରହିଯିବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ସେହିପରି ଅଭିଭାବକ ମହାସଂଘର କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଶୋଇ ଦଶମ ଓ ଦ୍ୱାଦଶକୁ ଗୋଟିଏ ବୋର୍ଡ କରିବା ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ ମଧ୍ୟ ଅନୁସାଙ୍ଗିକ ପର୍ଯ୍ୟାପ୍ତ ଭିତ୍ତିଭୂମି ଯୋଗାଇଦେବା ସରକାରଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିବ ବୋଲି କହିଛନ୍ତି।

### କାର୍ଯ୍ୟକାରିଣୀକୁ...

ଦିଆଯାଉଛି ବୋଲି ସେ ଅନୁଭବ କରୁଛନ୍ତି। ସେଥିପାଇଁ ସେ କାର୍ଯ୍ୟକାରିଣୀକୁ ଆସିପାରିନଥାନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି।

ପୂର୍ବ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକାରିଣୀ ଚାଲୁଥିବା ସମୟରେ ବରଗଡରେ ଏକାଧିକ ବ୍ୟକ୍ତିଗତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତେବେ ରାଜ୍ୟରେ ଦଳର ନୀତି ନିର୍ଦ୍ଧାରଣ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକକୁ ଧର୍ମେନ୍ଦ୍ର ଯେ ବିନା କାରଣରେ ବୟକଟ କରିଥିବେ, ତାହା କେହି ବିଶ୍ୱାସ କରିପାରୁ ନାହାନ୍ତି। ତାଙ୍କ ଅନୁପସ୍ଥିତିକୁ ଦଳରେ ଚାଲିଥିବା ଛକାପଞ୍ଝା ରାଜନୀତି ସହ ରାଜନୈତିକ ସମୀକ୍ଷକମାନେ ଯୋଡୁଥିବା ଦେଖାଯାଉଛି। ସେହିପରି ରାଜ୍ୟସଭା ସାଂସଦ ଦିଲ୍ଲୀପ ରାୟ ମଧ୍ୟ କାର୍ଯ୍ୟକାରିଣୀରେ ଅନୁପସ୍ଥିତ ଥିବା ଦେଖାଯାଇଛି। ଗତ ରାଜ୍ୟସଭା ନିର୍ବାଚନ ସମୟରେ ଦିଲ୍ଲୀପଙ୍କୁ ଦଳ ବୋଧହୁଏ ସ୍ୱାଧୀନ କରି ଦେଇଥିବାରୁ ସେ ସମ୍ଭବତଃ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେବାକୁ ଉଚିତ୍ ମଣିନାହାନ୍ତି ବୋଲି ମଧ୍ୟ ଆଲୋଚନା ହେଉଛି।

କେନ୍ଦ୍ରାପଡା ସାଂସଦ ତଥା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ମଧ୍ୟ କାର୍ଯ୍ୟକାରିଣୀ ବୈଠକକୁ ଆସିନାହାନ୍ତି। ଦୀର୍ଘଦିନ ହେଲା ଯୋଗଦାନ କରିଥିଲେ ହେଁ ଶ୍ରୀ ପଣ୍ଡାଙ୍କୁ ବିଜେପି ଶୀର୍ଷ ନେତୃତ୍ୱ ପୁଣିଥରେ ଉପାଧ୍ୟକ୍ଷ ପଦବୀରେ ଥଇଥାନ କରିଛନ୍ତି। ଯାହାକୁ ନେଇ ବୈଜୟନ୍ତ ଅସନ୍ତୁଷ୍ଟ ଥିବା କୁହାଯାଉଛି। ଏପରିକି ରାଜ୍ୟରେ ବିଜେପି ସରକାର ଥିଲେ ହେଁ ତାଙ୍କୁ ବିଶେଷ ଗୁରୁତ୍ୱ ମିଳୁନାହିଁ। ଏହା ତାଙ୍କର ଅନୁପସ୍ଥିତିର କାରଣ ହୋଇପାରିଥାଏ ବୋଲି ସାଧାରଣରେ ସନ୍ଦେହ କରାଯାଉଛି। ରାଜ୍ୟରେ ବିଜେପି ସରକାର ଆସିବା ପରଠାରୁ ତୀବ୍ର ଅନ୍ତକନ୍ଦଳ ବାହାକୁ ଜଳଜଳ ଦିଶୁଛି। ଏକାଧିକ ସାଂସଦ, ବିଧାୟକ ଉଭୟ ସରକାର ଓ ସଂଗଠନ ଉପରେ ଖୁସି ନଥିବା ଆଲୋଚନା ହେଉଛି।

### ବାପ, ପୁଅ ମୃତ...

ଅଦ୍ୟାଶା ଝିଟିକି ପଡ଼ି ଆହତ ହୋଇଥିବା ବେଳେ ଅଶୋକ ଓ ଆଦିଶ ଗୁରୁତର ଆହତ ହୋଇଥିଲେ। ସେହି ସମୟରେ ବିଦ୍ୟାଳୟକୁ ଯାଉଥିବା ଭକଣ୍ଡରୀ ଗ୍ରାମର ଗୌରାଙ୍ଗ ଓଝାଙ୍କ ପୁଅ ସାହିଲ ଓଝା (ଅଷ୍ଟମ ଶ୍ରେଣୀ) ମଧ୍ୟ ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ସେଠାରେ ପ୍ରାଥମିକ ଚିକିତ୍ସା କରାଯାଇ ଗୁରୁତର ଅବସ୍ଥାରେ ୪ଜଣଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ଅଶୋକ ଓ ଆଦିଶର ମୃତ୍ୟୁ ଘଟିଥିବା ବେଳେ ଝିଅ ଅଦ୍ୟାଶା ସୁସ୍ଥ ରହିଛି। ଅପରପକ୍ଷେ ସାହିଲକୁ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରାଯାଇଛି। ଏନେଇ ଅଶୋକର ବାପା କାର୍ତ୍ତିକ ଚନ୍ଦ୍ର ସାହୁ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା ୩୨୨/୨୬ ରୁଜୁ କରାଯିବା ସହ ତଦନ୍ତ ଜାରି ରଖିଛି। ଅଶୋକଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ୯ରୁ ରାଜ୍ୟରେ...

ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଏହି ସପ୍ତାହରେ ବଙ୍ଗୋପସାଗରରେ ଏକ ନୂଆ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ଅଛି। ୯-୧୦ ବେଳକୁ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ପରେ ୧୦-୧୧ରେ ଏହା ପ୍ରଭାବରେ ଲଘୁଚାପ ସୃଷ୍ଟି ହୋଇପାରେ। ଏହା ପଶ୍ଚିମ-ମଧ୍ୟ ବଙ୍ଗୋପସାଗର ଓ ଏହାର ନିକଟବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ, ଓଡ଼ିଶା ଉତ୍ତର ଆନ୍ଧ୍ର ଉପକୂଳ ନିକଟରେ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପରବର୍ତ୍ତୀ ସମୟରେ ସୁଦୃଶ୍ୟ ଲଘୁଚାପରେ ମଧ୍ୟ ପରିଣତ ହୋଇପାରେ। ଏହି ଲଘୁଚାପ ପଶ୍ଚିମରୁ ଉତ୍ତର-ପଶ୍ଚିମ ଦିଗରେ ଓଡ଼ିଶା ଦେଇ ଛତିଶଗଡ଼ ଓ ମଧ୍ୟ ଭାରତ ଆଡ଼କୁ ଗତି କରିପାରେ। ଏବେ ମୌସୁମୀ ସକ୍ରିୟ ରହିଛି ଏବଂ ବଙ୍ଗୋପସାଗରରୁ ପ୍ରଚୁର ଜଳୀୟ ବାଷ୍ପ ଆସୁଛି। ତେଣୁ ଲଘୁଚାପ ଯୋଗୁଁ ବର୍ଷା ବଢ଼ିବାର ସଙ୍କେତ ମିଳୁଛି। ଏହି ଲଘୁଚାପ ପ୍ରଭାବରେ ୯-୧୨ ତାରିଖ ପର୍ଯ୍ୟନ୍ତ ବର୍ଷା ହୋଇପାରେ। ପ୍ରଥମେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଓ ଆଖପାଖ ଉତ୍ତର ଏବଂ ଉତ୍ତର ଉପକୂଳ ଜିଲ୍ଲାରେ ବର୍ଷା ଅଧିକ ହୋଇପାରେ। ପରେ ଉପକୂଳ, କେନ୍ଦ୍ରୀୟ ଓଡ଼ିଶା ଏବଂ ପରେ ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ବଢ଼ିପାରେ। ଏହା ପରେ ୧୭-୨୦ ସେପ୍ଟେମ୍ବର ମଧ୍ୟରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ତେଣୁ ୧୯-୨୨ ସେପ୍ଟେମ୍ବର ବେଳକୁ ଓଡ଼ିଶାରେ ପୁଣି ବର୍ଷା ବଢ଼ିପାରେ। ଗତ ୨୪ଘଣ୍ଟାରେ ରାଜ୍ୟର କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ କିଛି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ସର୍ବାଧିକ ବର୍ଷା ମୟୂରଭଞ୍ଜ ଜିବି ନଗର ଠାରେ ୬୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଅନ୍ୟପଟେ ବର୍ଷା କମିବା ସହ ଆକାଶ ନିର୍ମଳ ରହୁଥିବାରୁ ସେହିପରି ଗଜପତି ଜିଲ୍ଲାର ପାରଳାଖେମୁଣ୍ଡିରେ ସର୍ବାଧିକ ୩୭.୬ ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ ହୋଇଛି। ଚଳିତବର୍ଷ ମୌସୁମୀ ଋତୁ ଆରମ୍ଭରୁ ଗତ ଜୁନ ୧ ତାରିଖରୁ ଏଯାବତ ସମୁଦାୟ ୧୧୭୯.୭ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷାର ପରିମାଣ ୯୮୪.୯ ମିମି ତୁଳନାରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ ୨୦ ପ୍ରତିଶତ ଅଧିକ ରହିଛି। ଏହାସହ ୧୧ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ରହିଥିବା ବେଳେ ୧୬ଟି ଜିଲ୍ଲାରେ ଅତ୍ୟଧିକ ବର୍ଷା ସହ ଓ ଗୋଟିଏ ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଛି। ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ଏବେବି ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଛି।


25001/1093/2627 e-mail: eerwbnir@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, BHANJANAGAR**

**"e" Procurement Notice for Building Works**
**Identification No. Online Tender / 07 / RWDBNJ / 2026-2027**

**No. 2378 Date: 25.08.2026**

1. Name of the work : Building Works
2. Total Number of works : 2 (Two) Nos.
3. Estimated cost : 34.40 Lakhs
4. Class of Contractor : 'C' & 'B' Class of Contractor
5. Period of Completion : 03 (Three) Calendar Months
6. Other details :

| Procurement Officer | Bid Identification No | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Division, Bhanjanagar | Online Tender/07/ RWDBNJ/2026-2027 | 11.09.2026 at 10.00 A.M. | 24.09.2026 at 5.00 P.M. |

Further details can be seen from the website: - www.tendersodisha.gov.in

Sd/-
Executive Engineer
R.W.Division, Bhanjanagar

OIPR-25001/25174/1/26-27/0011

**OFFICE OF THE SUPERINTENDING ENGINEER** 10001/521/2627
**DHENKANAL (R&B) DIVISION, DHENKANAL**
Email - eedklpwd@gmail.com

**INVITATION FOR BIDS THROUGH e-Procurement**
**Bid Identification No. SE DKL (R&B), 18/ 2026-27**
**Invitation for Bids**

| | | | |
|---|---|---|---|
| 1. | The Superintending Engineer Dhenkanal (R&B) Division, Dhenkanal, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2. | Nature of work | : | 1 Nos Building work |
| 3. | No. of work | : | 01 No. |
| 4. | Bid Cost. | : | ₹ 6,000/- |
| 5. | Class of Contractor | : | 'C & 'B' License |
| 6. | Availability of Bid Documents in the website | : | From 10.00 AM of 10.09.2026 to 5.00 PM of 24.09.2026 |
| 7. | Date of Opening of Bid | : | Dt. 25.09.2026 at 11:00 AM. |
| 8. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

OIPR-10001/10018/1/26-27/0006

Superintending Engineer
Dhenkanal (R&B) Division

25001/1096/2627 E-mail: rw_bhawanipatna@yahoo.co.in

**GOVERNMENT OF ODISHA**
**OFFICE OF THE SUPERINTENDING RURAL ENGINEER**
**RURAL WORKS DIVISION, BHABANIPATNA**

**INVITATIONS FOR BIDS THROUGH e -Procurement**

**No. 3389 Date: 02.09.2026**
**Bid Identification No- SERWBPT-Online-07/2026-27**
**e - Procurement Notice No. 07 Of 2026-27**

| | | |
|---|---|---|
| 1 | Name of the Work | Road Works |
| 2 | Total No of works | 28 Nos Road Works |
| 3 | Estimated Cost | Rs. 8.13 Lakh to Rs.47.59 lakh |
| 4 | Class of Contractor | 'D', 'C' & 'B' Class |
| 5 | Period of Completion | 1 Months |
| 6 | Type of Tender | Single cover System Tender |
| 7 | Date & time of availability of bid document in the portal | Dt. 09.09.2026 10.00 AM to 23.09.2026 17.00 PM |
| 8 | Last Date & Time for Receipt of bids in the Portal | Dt. 23.09.2026 at 17.00 PM |
| 9 | Opening of Bid through online | Dt. 24.09.2026 at 11.00 AM |
| 10 | Name & Address of the Officer inviting Bid | Superintending Engineer, Rural Works Division, Bhabanipatna |

**Further details can be seen from the e-procurement portal https://tendersorissa.gov.in**

The Tender Inviting Authority reserves the right to reject / cancel / modify the tender at any time without assigning any reason thereof.

**N.B: Subsequent corrigendum/addendum if required shall be available in the website as indicated above.**

Superintending Engineer
Rural Works Division, Bhabanipatna

OIPR-25001/25070/1/26-27/0004

10001/521/2627

**ZILLA SWASTHYA SAMITI, KENDRAPARA**
(Department of Health & FW, Govt. of Odisha)

Notice. No. **4651** / DPMUKDP Date: **05.09.2026**

**NOTICE**

In continuation to this Office Advt. No. 4561/ DPMUKDP Dated. 01.09.2026, the Walk-in-interview for In-house Recruitment of **ANM- RBSK (ST-4, SC-2), Pharmacist- RBSK (ST-2, SC-1) & RMNCH/ FP Counselors re-designated as Counselor under NHM, Kendrapara** which is scheduled to be conducted on 23.09.2026 & 24.09.2026 at 10.30 AM at the O/o. CDM & PHO, Kendrapara is hereby cancelled due to unavoidable circumstances. Walk-In-Interview for all other category will remain unchanged.

Sd/-
CDM & PHO-cum-District Mission Director, Kendrapara.

OIPR-10001/10018/1/26-27/0006

यूनियन बैंक Union Bank of India

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
ମାଣିଖମ୍ବ, ଓଟି ରୋଡ୍, ପୋଲିସ୍ ଲାଇନ୍, ଭାସ୍କରଗଞ୍ଜ, ଜିଲ୍ଲା: ବାଲେଶ୍ୱର
ପିନ୍-୭୫୬୦୦୧, ମୋ.: ୯୬୮୩୭୬୪୧୧

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହା ହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୨୩.୦୯.୨୦୨୬ରିଖ ଅପରାହ୍ନ ୧୨.୩୦ ଘଟିକା** ସମୟରେ ସେମାନଙ୍କରୁ ବନ୍ଧକଥିବା ସୁନା ଅଳଙ୍କାରଗୁଡିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତରେ ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ରାଶି ପରିଶୋଧ କରି ଅଳଙ୍କାରଗୁଡିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ସୁନା ଋଣ ଆକାଉଣ୍ଟ ନଂ. | ବକେୟା ଋଣ | ନେଟ୍ ଓଜନ (ଗ୍ରାମରେ) | ମୋଟ ଓଜନ (ଗ୍ରାମରେ) |
|---|---|---|---|---|
| | **ଯାଜପୁର ରୋଡ ମୁଖ୍ୟ ଶାଖା, ବସ୍‌ଷ୍ଟାଣ୍ଡ ନିକଟ, ଯାଜପୁର ରୋଡ, ପିନ୍-୭୫୫୦୧୯, ମୋ.: ୯୯୬୪୫୧୪୪୪୫** | | | |
| ୧. | **ସ୍ୱସ୍ତିକା ମହାପାତ୍ର,** ପିତା: ରାଜେନ୍ଦ୍ର ସାହୁ, ସା: କହ୍ନେଇପୁର,ପୋ: ଯାଜପୁର ରୋଡ, ହେନା ଆପାର୍ଟମେଣ୍ଟ ନିକଟ, ଯାଜପୁର, ଓଡ଼ିଶା, ପିନ୍-୭୫୫୦୧୯ / ୦୨୭୫୧୬୫୪୦୦୦୦୪୬୩ | ଟ.୨୭,୦୬୨.୦୦ | ୪.୭୭ | ୫.୩୦ |
| | **ଯୋଡ଼ା ଶାଖା, ମେନ୍ ରୋଡ, ଯୋଡ଼ା, ପିନ୍-୭୫୭୦୪୧, ମୋ.: ୯୬୩୫୧୪୨୭୨୩** | | | |
| ୧. | **ସୁନୀତା ପୂର୍ତ୍ତୀ,** ସ୍ୱାମୀ: ଶୁକଦେବ ପୂର୍ତ୍ତୀ, ସା: କୋହ୍ଲଇଡା, ଭୂୟାଁରଇଡା, ପୋ: ଯୋଡ଼ା, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୩୫ / ୧୩୬୭୧୬୫୩୦୦୦୦୩୮୦ | ଟ.୨୬,୯୯୫.୮୫ | ୫.୫୭ | ୬.୬୫ |
| | **ଧାମରା ଶାଖା, ପ୍ଲଟ୍ ନଂ. ୭୬୮/୧୨୭୭, ମୌଜା: ଧାମରା, ପାଇକସାହି, ଭଦ୍ରକ-୭୫୬୧୭୧, ମୋ.: ୮୬୬୦୭୩୧୦୦୭** | | | |
| ୧. | **ସଞ୍ଜୁଲତା ମାଝୀ,** ସ୍ୱାମୀ: ବିଜୟ ମାଝୀ, ସା/ପୋ: କରଞ୍ଜମାଳ, ବାଁଶଡା, ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୬୪ / ୧୪୧୨୧୬୬୩୦୦୦୦୦୯୪ | ଟ.୩୨,୨୨୮.୭୭ | ୭.୬୦ | ୯.୪୦ |
| ୨. | **ସବିତା ଦାସ,** ସ୍ୱାମୀ: ଅଶୋକ ଦାସ, ସା/ପୋ: ପାଇକସାହି, ବାଁଶଡା, ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୭୧ / ୧୪୧୨୧୬୬୩୦୦୦୦୦୧୪ | ଟ.୩୪,୭୫୫.୫୫ | ୭.୬୦ | ୯.୬୦ |
| ୩. | **ନିତ୍ୟାନନ୍ଦ ଦାସ,** ପିତା: ଶ୍ରୀକାନ୍ତ ଦାସ, ସା/ପୋ: କରଞ୍ଜମାଳ, ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୬୪ / ୧୪୧୨୧୬୬୩୦୦୦୦୦୯୩ | ଟ.୪୩,୫୬୯.୨୮ | ୯.୦୦ | ୧୧.୨୦ |
| ୪. | **ସମିନା ବିବି,** ସା: ଝାଡକଟା, ପୋ: ବାଁଶଡା, ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୭୧ / ୧୪୧୨୧୬୬୩୦୦୦୦୧୨୫ | ଟ.୬୫,୫୭୧.୮୭ | ୧୨.୦୦ | ୧୫.୦୦ |
| | **ଉଦଳା ଶାଖା, ୱାର୍ଡ ନଂ. ୫, ସିନେମା ହଲ୍ ରୋଡ୍, ଉଦଳା, ମୟୂରଭଞ୍ଜ-୭୫୭୦୪୧, ମୋ.: ୮୬୩୭୨୬୧୮୪୪** | | | |
| ୧. | **ବସନ୍ତ ନାୟକ,** ପିତା: ଗଜେନ୍ଦ୍ର ନାୟକ, ସା: ବୃନ୍ଦାଗଡି, ପୋ: ଆଠପଡ଼ା, ଜିଲ୍ଲା: ମୟୂରଭଞ୍ଜ, ପିନ୍-୭୫୭୦୮୭ / ୨୫୫୪୧୬୫୪୦୦୦୦୧୫୨ | ଟ.୭,୫୫୩.୫୯ | ୧.୩୦ | ୧.୭୦ |
| | **ବାଲେଶ୍ୱର ଶାଖା, ପ୍ଲଟ୍ ନଂ.: ୧୯୪/୯୭୯/୨୧୪୦/୨୩୫୭ ଏବଂ ୧୯୪/୯୭୯/୨୧୪୦/୨୩୫୬, ବାଲେଶ୍ୱର, ମୌଜା: ବାଗବୃନ୍ଦାବନ, ମୋ.: ୯୦୯୯୯୦୨୯୭୯** | | | |
| ୧. | **କୃଷ୍ଣ ଚନ୍ଦ୍ର ସେଠୀ,** ସା/ପୋ: ମୋତିଗଞ୍ଜ, ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୦୩ / ୩୦୯୯୨୬୬୩୦୦୦୦୨୮୫ | ଟ.୩୮,୦୮୬.୦୦ | ୬.୭୦ | ୭.୧୦ |
| | **ବଡବିଲ ମୁଖ୍ୟ ଶାଖା, ମାୟା କମ୍ପ୍ଲେକ୍ସ, ବଡବିଲ ମେନ୍ ରୋଡ୍, ବଡବିଲ, କେନ୍ଦୁଝର, ଓଡ଼ିଶା-୭୫୮୦୩୫, ମୋ.: ୮୦୦୭୯୨୨୩୩୬** | | | |
| ୧. | **ଶୁକ୍ରମଣି କାରୁଆ,** ପିତା: ଅଇଁଠୁ କାରୁଆ, ସା/ପୋ: ବଲାଣି, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୩୭ / ୩୧୦୨୨୬୫୪୦୦୦୦୨୮୫ | ଟ.୧୯,୫୫୧.୩୩ | ୫.୩୦ | ୭.୦୨ |
| ୨. | **ଶୁକ୍ରମଣି କାରୁଆ,** ପିତା: ଅଇଁଠୁ କାରୁଆ, ସା/ପୋ: ବଲାଣି, କେନ୍ଦୁଝର, ଓଡ଼ିଶା, ପିନ୍-୭୫୮୦୩୭ / ୩୧୦୨୨୬୬୩୦୦୦୦୦୮୩ | ଟ.୨୩,୮୯୪.୦୦ | ୪.୧୮ | ୫.୪୦ |
| | **ବେତନଟୀ ଶାଖା, ପ୍ଲଟ୍ ନଂ.: ୨୯୪, ଖାତା ନଂ.: ୧୬୫, ବେତନଟୀ ଏମ୍.ପି.ସି. ହାଇସ୍କୁଲ ରୋଡ୍, ବେତନଟୀ, ମୟୂରଭଞ୍ଜ, ଓଡ଼ିଶା-୭୫୭୦୨୫, ମୋ.: ୯୧୦୮୨୭୧୮୪୬** | | | |
| ୧. | **ମୟୂରୀ ମଡୁଆଲ,** ସ୍ୱାମୀ: ତାପସ କୁମାର ମଡୁଆଲ, ସା: ଛଟିଣାପଦା, ପୋ: ମୁକ୍ତାପୁର, ବେତନଟୀ, ଜିଲ୍ଲା: ମୟୂରଭଞ୍ଜ, ଓଡ଼ିଶା, ପିନ୍-୭୫୭୧୦୦ / ୩୧୦୩୨୬୬୩୦୦୦୦୧୩୩ | ଟ.୧୩,୬୨୦.୦୦ | ୨.୧୬ | ୨.୪୧ |
| | **ମାଷ୍ଟର ବାବୁ କମ୍ପ୍ଲେକ୍ସ ଶାଖା, ପ୍ଲଟ୍ ନଂ.: ୧୯୧/୩୭୮୬ ଏବଂ ୧୯୨, ମୌଜା: କୁଆଁଶ, ଭଦ୍ରକ ବାଏପାସ୍ ରୋଡ୍, ଭଦ୍ରକ, ପିନ୍-୭୫୬୧୦୦, ମୋ.: ୯୯୧୦୧୧୦୬୯୬** | | | |
| ୧. | **ମୀର ରିୟାଜ କାଦ୍ରି,** ପିତା: ମୀର ମଙ୍ଗା, ସା: ମୀରା ମହଲା, ବାଙ୍କ ବଜାର, ପୋ: ଭଦ୍ରକ, ଓଡ଼ିଶା, ପିନ୍-୭୫୬୧୦୦ / ୩୩୫୬୨୬୬୩୦୦୦୦୫୫୨ | ଟ.୧୫,୮୨୪.୫୦ | ୨.୮୦ | ୩.୦୦ |
| | **ରେମୁଣା-ଜାନୁଗଞ୍ଜ ଶାଖା, ଗଣେଶ୍ୱରପୁର, ଜାନୁଗଞ୍ଜ, ରେମୁଣା ଗୋଲେଇ, ବାଲେଶ୍ୱର, ପିନ୍-୭୫୬୦୧୯, ମୋ.: ୯୯୭୩୨୬୧୦୩୩** | | | |
| ୧. | **ପ୍ରଶାନ୍ତ ବାରିକ,** ସା: ମାନ୍ଧାତାବଜାର, ପୋ: ବାଲେଶ୍ୱର, ଓଡ଼ିଶା, ପିନ୍-୭୫୬୦୨୪ / ୭୨୩୭୦୬୫୪୦୦୦୧୦୦୮ | ଟ.୧,୦୯,୯୭୨.୮୦ | ୨୦.୦୫ | ୨୩.୬୩ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ।**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୫,୦୦୦/-** ଅମାନତ ଆକାରରେ ଜମା ଏବଂ ବୈଧ କେୱାଇସି (KYC) ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମରେ ଅଂଶଗ୍ରହଣ କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ଅଳଙ୍କାରଗୁଡିକୁ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ସମ୍ପୂର୍ଣ୍ଣ ରାଶି ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ସମ୍ପୂର୍ଣ୍ଣ ରାଶି ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଦୃଢ଼ୀକରଣ ହେବା ସୂଚନା ପାଇବା ପରେ ସମ୍ପୂର୍ଣ୍ଣ ନିଲାମ ରାଶି ସଙ୍ଗେସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଅମାନତ ରାଶି ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ କରନ୍ତି / ସ୍ଥଗିତ ରଖନ୍ତି, ତେବେ ଜମା ହୋଇଥିବା ଅମାନତ ରାଶି ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାରଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବେ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିବ।

**ସ୍ଥାନ : ବାଲେଶ୍ୱର, ତାରିଖ : ୦୭.୦୯.୨୦୨୬** **ଶାଖା ପ୍ରବନ୍ଧକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

## ବାଲେଶ୍ୱରରେ ନିଶା ମାଫିଆଙ୍କ ରାଜ୍

# ଏନ୍‌ସିବି ଗୋଡ଼ାଉଛି, ଜିଲ୍ଲା ପୁଲିସ-ଅବକାରୀ ଟେର୍ ପାଉନି

**ବାଲେଶ୍ୱର, ୭।୯ (ରୁଚିକ ରଞ୍ଜନ ମହାପାତ୍ର)**

ବାଲେଶ୍ୱର ଜିଲ୍ଲାରେ ନିଶା କାରବାର ରୋକିବାକୁ ନେଇ ଏବେ ସବୁଠାରୁ ବଡ଼ ପ୍ରଶ୍ନ। ଭୁବନେଶ୍ୱରରୁ ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଆସି ଗୋଡ଼ାଇ ଗୋଡ଼ାଇ ଗଞ୍ଜେଇ ବୋଝେଇ ଗାଡ଼ି ଧରୁଛି, ହେଲେ ଜିଲ୍ଲା ପୁଲିସ ଓ ଅବକାରୀ ବିଭାଗ କରୁଛନ୍ତି କ'ଣ ? ମାତ୍ର ଦୁଇ ଦିନରେ ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଦୁଇଟି ବଡ଼ ଅପରେସନ୍‌ରେ ବାଲେଶ୍ୱର ଜିଲ୍ଲାରୁ ପ୍ରାୟ ୧୮୦ କେଜିରୁ ଅଧିକ ଗଞ୍ଜେଇ ଜବତ ହେବା ଏବଂ ଚାଲାଣକାରୀ ଗିରଫ ହେବା ପରେ ସ୍ଥାନୀୟ ଗୁଇନ୍ଦା ବ୍ୟବସ୍ଥାର କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନଚିହ୍ନ ଛିଡ଼ା ହୋଇଛି। ଗତ ଶୁକ୍ରବାର ଭୁବନେଶ୍ୱରରୁ ଆସିଥିବା ଏନସିବି ଟିମ୍ ରେମୁଣା ଅଭିମୁଖେ ଗଞ୍ଜେଇ ନେଇ ଯାଉଥିବା ଏକ କାରକୁ ପିଛା କରି ନୀଳଗିରିରେ ଧରିଥିଲା। କାରରୁ ପାଖାପାଖି ୮୦ କେଜି ଗଞ୍ଜେଇ ଜବତ ହେବା ସହ ଦୁଇଜଣ ଗିରଫ ହୋଇଛନ୍ତି। ଏହି ଘଟଣାର ଠିକ୍ ପୂର୍ବଦିନ ଅର୍ଥାତ ଶୁକ୍ରବାର ୧୬ ନମ୍ବର ଜାତୀୟ ରାଜପଥ ଖନ୍ତାପଡ଼ା ଥାନା ଠାରୁ ଅନତି ଦୂରରେ ଏନସିବି ଟିମର ଆଉ ଏକ ଚଢ଼ାଉରେ ଦୁଇଟି କାରରୁ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ ହୋଇଥିବା ଖବର ସାମ୍ନାକୁ ଆସିଥିଲା। ଅନୁଗୁଳରୁ ଗଞ୍ଜେଇ ନେଇ ପଶ୍ଚିମବଙ୍ଗର ଦୀଘା ଅଭିମୁଖେ ଚାଲାଣ ହେଉଥିବା ଜଣା ପଡ଼ିଥିଲା। ଦୁଇଟି ଘଟଣାକୁ ମିଶାଇ ଦେଖିଲେ ୨ ଦିନ ମଧ୍ୟରେ ବାଲେଶ୍ୱର ଜିଲ୍ଲା ଦେଇ ପ୍ରାୟ ୧୮୦ କେଜିରୁ ଅଧିକ ଗଞ୍ଜେଇ ଚାଲାଣ ହୋଇ ଧରା ପଡ଼ିଥିବା ଚିତ୍ର ସାମ୍ନାକୁ ଆସିଛି। ଏତେ ବଡ଼ ପରିମାଣର ଗଞ୍ଜେଇ ନେଇ ଗାଡ଼ି ଜିଲ୍ଲା ପରେ ଜିଲ୍ଲା ଅତିକ୍ରମ କରି ରାସ୍ତାରେ ଯାଉଥିବାବେଳେ ସ୍ଥାନୀୟ ପୁଲିସ କିମ୍ବା ଅବକାରୀ ବିଭାଗ ଏହାର ଟେର୍ ପାଇନଥିବା ଘଟଣା ସାଧାରଣରେ ଚିନ୍ତା ଓ ଆଲୋଚନାର ବିଷୟ ହୋଇଛି। ଯଦି ଏନସିବି ଭୁବନେଶ୍ୱରରୁ ଆସି ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ଚାଲାଣକାରୀଙ୍କୁ ଠାବ କରିପାରୁଛି, ଗାଡ଼ିକୁ ପିଛା କରି ଧରିପାରୁଛି ଏବଂ କୁଇଣ୍ଟାଲ କୁଇଣ୍ଟାଲ ଗଞ୍ଜେଇ ଜବତ କରିପାରୁଛି, ତେବେ ଜିଲ୍ଲାର ନିଜସ୍ୱ ଗୁଇନ୍ଦାର କାର୍ଯ୍ୟ କେଉଁଠି ? ବାଲେଶ୍ୱର ପଶ୍ଚିମବଙ୍ଗ ସୀମାନ୍ତ ଜିଲ୍ଲା ହୋଇଥିବାରୁ ଏହା ଦେଇ ଆନ୍ତଃରାଜ୍ୟ ନିଶା ଚାଲାଣର ସମ୍ଭାବନା ସବୁବେଳେ ରହିଥାଏ। ଏଭଳି ସ୍ଥିତିରେ ୧୬ ନମ୍ବର ଜାତୀୟ ରାଜପଥ ଠାରୁ ଆରମ୍ଭ କରି ଜିଲ୍ଲାର ଅନ୍ୟାନ୍ୟ ପ୍ରମୁଖ ରୁଟ୍‌ରେ ନିଶା ଚାଲାଣ ଉପରେ କଡ଼ା ନଜର ରହିବା କଥା। କିନ୍ତୁ ଏନସିବିର ଲଗାତାର ଅପରେସନ୍ ଯେଉଁ ଚିତ୍ର ଦର୍ଶାଉଛି, ତାହା ସ୍ଥାନୀୟ ପ୍ରଶାସନିକ ବ୍ୟବସ୍ଥାର ଦକ୍ଷତା ଉପରେ ପ୍ରଶ୍ନ ଉଠାଇବାକୁ ବାଧ କରୁଛି। ଅନ୍ୟପଟେ ଜିଲ୍ଲା ଅବକାରୀ ବିଭାଗର କାର୍ଯ୍ୟଶୈଳୀକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଗାଁ ଗହଳିରେ ୨ ଲିଟରରୁ ୧୦ ଲିଟର ଦେଶୀ ମଦ ବିକ୍ରି କରି ଧରାପଡୁଥିବା ଛୋଟ ବେପାରୀଙ୍କୁ ଧରି ସଫଳତା ଦେଖାଇବା ସହଜ, କିନ୍ତୁ ଚୋରାମଦର ମୂଳ ଉତ୍ସ, ମଦ ରନ୍ଧା ସ୍ଥାନ, ବଡ଼ ଚାଲାଣକାରୀ ଓ ଏହା ପଛରେ ଥିବା ନେଟୱର୍କ ପର୍ଯ୍ୟନ୍ତ ବିଭାଗ କେତେ ଦୂର ପହଞ୍ଚିପାରୁଛି, ତାହା ନେଇ ଜନ ଅସନ୍ତୋଷ ଦେଖାଦେବା ସହ ପ୍ରଶ୍ନ ଉଠିବା ସ୍ୱାଭାବିକ। ଅଭିଯୋଗ ହେଉଛି, ଛୋଟ ବେପାରୀଙ୍କୁ ଧରିବାରେ ଯେତିକି ତତ୍ପରତା ଦେଖାଯାଉଛି, ନିଶା କାରବାରର ମୂଳ ଉତ୍ସ ଓ ବଡ଼ ଚାଲାଣକାରୀଙ୍କ ପର୍ଯ୍ୟନ୍ତ ପହଞ୍ଚିବାରେ ସେତିକି ତତ୍ପରତା ଦେଖାଯାଉନାହିଁ କାହିଁକି। ତେଣୁ ଏବେ ପ୍ରଶ୍ନ କେବଳ ଗଞ୍ଜେଇ ଜବତ ଓ ଅଭିଯୁକ୍ତ ଗିରଫରେ ଅଟକି ନାହିଁ; ପ୍ରଶ୍ନ ହେଉଛି ବାଲେଶ୍ୱରକୁ ନିଶା ଚାଲାଣର ଏକ ସୁରକ୍ଷିତ କରିଡର୍ ଭାବେ କିଏ ବ୍ୟବହାର କରୁଛି ଏବଂ ତାହାର ଖବର ସ୍ଥାନୀୟ ପୁଲିସ-ଅବକାରୀକୁ କାହିଁକି ମିଳୁନାହିଁ ? ନୀଳଗିରିରେ ୮୦ କେଜି ଗଞ୍ଜେଇ ଧରାପଡ଼ିବା ଓ ଖନ୍ତାପଡ଼ାରୁ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ ହେବା ଦୁଇଟି ଘଟଣା ଏକ ଛୋଟ ଘଟଣା ନୁହେଁ। ଏହା ପଛରେ ଥିବା ଚାଲାଣର ମାଷ୍ଟରମାଇଣ୍ଡ, ଯୋଗାଯୋଗ ନେଟୱର୍କ ଓ ଟଙ୍କା କାରବାରର ମୂଳ ପର୍ଯ୍ୟନ୍ତ ତଦନ୍ତ ପହଞ୍ଚିବା ଦରକାର। ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ବାହାରୁ ଆସି ଯଦି ବାଲେଶ୍ୱରରେ ନିଶା ମାଫିଆଙ୍କ ଗାଡ଼ି ଗୋଡ଼ାଇ ଧରିପାରୁଛି, ତେବେ ଜିଲ୍ଲାର ପୁଲିସ ଓ ଅବକାରୀ ବିଭାଗ ଏବେ ସଜାଗ ହେବେ ? ଏହି ପ୍ରଶ୍ନ ଏବେ ସାଧାରଣରେ ଜୋର ଧରିଛି। କେବଳ ଛୋଟ ବେପାରୀଙ୍କୁ ଧରି ସଫଳତାର ଡିଣ୍ଡିମ ପିଟିଲେ ହେବନାହିଁ; ନିଶା କାରବାରର ମୂଳ ଉପାଡ଼ିବାରେ ହିଁ ପୁଲିସ ଓ ଅବକାରୀ ବିଭାଗର ପ୍ରକୃତ ସଫଳତା ହେବ ବୋଲି ଲୋକେ କହୁଛନ୍ତି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି

# ୧୧୨ ଅଭିଯୋଗର ତତ୍କାଳ ଫଇସଲା



**ବାଲେଶ୍ୱର, ୭।୯ (ସମିସ):** ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୨୬୧ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥିମଧ୍ୟରୁ ୧୪୪ଟି ବ୍ୟକ୍ତିଗତ ଏବଂ ୧୭ଟି ସାମୁହିକ ଅଭିଯୋଗ ସମ୍ପର୍କିତ ହୋଇଥିବା ବେଳେ ୧୦୦ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ନିମନ୍ତେ ଆବେଦନ କରିଥିଲେ ଓ ଏହି ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରେ ୧୧୨ଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର, ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ ସଞ୍ଜୟ କୁମାର ରାଉତ, ଉପ ଜିଲ୍ଲାପାଳ ଶିବ ମାଲବ୍ୟ, ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ, ଡ. ଦିଲ୍ଲୀପ କୁମାର ଜେନା, ପୌରପାଳିକା ନିର୍ବାହୀ ଅଧିକାରୀ ଶିରୀୟାଲ ଶୁଭ୍ର ପଟେଲ, ସଦର ବିଡିଓ ଉତ୍ତମ କୁମାର ଜେନା, ସଦର ତହସିଲଦାର ଅନିଲ କୁମାର ମହାନ୍ତିଙ୍କ ସମେତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ବଜ୍ରପାତରେ ଯୁବକ ମୃତ

**ଜଳେଶ୍ୱର, ୭।୯ (ସମିସ):** ବଜ୍ରପାତରେ ଯୁବକର ମୃତ୍ୟୁ ଘଟିଛି। ଆଜି ଅପରାହ୍ନ ୩ ଘଟିକା ସମୟରେ ବିଜୁଳି ଘଡଘଡି ସହିତ ମେଘ ଘୋଟିଆସିଥିଲା ତା ସହିତ ବିଭିନ୍ନ ଜାଗାରେ ଘନଘନ ବଜ୍ରପାତ ହୋଇଥିବାର ଦେଖିବାକୁ ମିଳିଥିଲା। ଏହି ସମୟରେ ଜାତୀୟ ରାଜପଥ ନିକଟ ରାଜପୁର ମୌଜା ଅଂଚଳରେ ଥିବା ଏକ ଚାଷ ଜମିରେ ଚାଷ କାର୍ଯ୍ୟ କରୁଥିବା କଳମା ପଂଚାୟତ ଗୁଣ୍ଡୁରୁଶୋଳ ଗ୍ରାମର ପୁରେନ୍ଦ୍ର ସିଂଙ୍କ ପୁଅ ଦେବବ୍ରତ ସିଂ(୨୮) ଉପରେ ବଜ୍ରପାତ ହୋଇଥିଲା। ପାଖରେ ଥିବା ଅନ୍ୟ ଲୋକମାନେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଜଳେଶ୍ୱର ଭଙ୍ଗର ହସପିଟାଲକୁ ନେଇଯାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଘଟଣା ସ୍ଥଳରେ ପହଂଚି ଏକ ଯୁଡି ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଥିବା ଜଣାଯାଇଛି।

# ଜିଲ୍ଲାପାଳଙ୍କୁ 'ବାଲେଶ୍ୱର ଯୁବଶକ୍ତି'ର ସ୍ମାରକପତ୍ର

**ବାଲେଶ୍ୱର, ୭।୯ (ସମିସ):** ବାଲେଶ୍ୱର ସହରର ଗୁରୁତ୍ୱପୂର୍ଣ୍ଣ ତାମୁଲିଆ ଫ୍ଲାଏଓଭରର ଶୋଚନୀୟ ଓ ବିପଦସଙ୍କୁଳ ସ୍ଥିତିକୁ ନେଇ ସାମାଜିକ ସଂଗଠନ 'ବାଲେଶ୍ୱର ଯୁବଶକ୍ତି ଚାରିଟେବୁଲ ଟ୍ରଷ୍ଟ' ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ପ୍ରାୟ ୬୩ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପ୍ରମୁଖ ଫ୍ଲାଏଓଭରର ରାସ୍ତା ଫାଟି ଆଁ କରିବା ସହିତ ସ୍ଥାନେ ସ୍ଥାନେ ଦବିଯାଇ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି ଏବଂ ବର୍ଷା ଯୋଗୁଁ ଜଳବନ୍ଦୀ ସମସ୍ୟା ଉପୁଜି ନିତ୍ୟଯାତ୍ରୀମାନେ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି। ଏଥିସହ ଫ୍ଲାଏଓଭରର ସଂକୀର୍ଣ୍ଣତା ଯୋଗୁଁ ଭାରୀ ଯାନବାହାନ ଚଳାଚଳ ବେଳେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏହି ପରିପ୍ରେକ୍ଷୀରେ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଚାରିଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ସେମାନଙ୍କ ଦାବି ଅନୁଯାୟୀ, କ୍ଷତିଗ୍ରସ୍ତ ଫୁଟ୍‌ବ୍ରିଜ୍ ଓ ଦବିଯାଇଥିବା ସ୍ଥାନଗୁଡ଼ିକର ବୈଷୟିକ ଯାଞ୍ଚ କରାଯାଇ ସ୍ଥାୟୀ ପୁନଃନିର୍ମାଣ, ଅସ୍ଥାୟୀ ପ୍ୟାଚିଂ ବଦଳରେ ଉଚ୍ଚମାନର କାର୍ପେଟିଂ, ବର୍ଷାଜଳ ଜମି ରହିବା ରୋକିବା ପାଇଁ ସ୍ଥାୟୀ ତଥା ବୈଜ୍ଞାନିକ ଜଳ ନିଷ୍କାସନ ବ୍ୟବସ୍ଥା ଏବଂ ମରାମତି ସରିବା ଯାଏଁ ସତର୍କ ସୂଚନା, ରିଫ୍ଲେକ୍ଟର, ବାରିକେଡିଂ ସହ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଉ। ସ୍ମାରକପତ୍ର ପ୍ରଦାନର ୫ ଦିନ ମଧ୍ୟରେ ରାସ୍ତା ମରାମତି କାର୍ଯ୍ୟ ଆରମ୍ଭ କରାନଗଲେ ସାଧାରଣ ଜନତାଙ୍କ ଜୀବନ ଓ ସୁରକ୍ଷା ଦୃଷ୍ଟିରୁ 'ବାଲେଶ୍ୱର ଯୁବଶକ୍ତି' ନିଜ ସଂଗଠନର ଅର୍ଥ ଓ ଶ୍ରମଦାନରେ ନିଜେ ମରାମତି କାର୍ଯ୍ୟ କରିବାକୁ ବାଧ୍ୟ ହେବ ବୋଲି ସଂଗଠନ ଚେତାବନୀ ଦେଇଛି।

# ଉତ୍କଳ ବାଳାଶ୍ରମ ଜମି ରେକର୍ଡ ସଂଶୋଧନ ଦାବି

**ବାଲେଶ୍ୱର, ୭।୯ (ସମିସ):** ବାଲେଶ୍ୱର ସହରର ସହଦେବଖୁଣ୍ଟା ୟୁନିଟ୍-୨ ମୌଜା ଅଧୀନରେ ଥିବା ଉତ୍କଳ ବାଳାଶ୍ରମ ଓ ପୌର ଉଚ୍ଚ ବିଦ୍ୟାଳୟ ପରିସରଭୁକ୍ତ ଜମିର ସ୍ୱତ୍ୱଲିପି (ପଟ୍ଟା) ସଂଶୋଧନ ନିମନ୍ତେ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ତଥା ବରିଷ୍ଠ ନାଗରିକମାନଙ୍କ ପକ୍ଷରୁ ଦାଖଲ ହୋଇଥିବା ଅଭିଯୋଗ ଅନୁଯାୟୀ, ଉକ୍ତ ମୌଜାର ଖତିୟାନ ନମ୍ବର ୪୯୪ ଅନ୍ତର୍ଗତ ପ୍ଲଟ୍ ନମ୍ବର ୬୪୭, ୭୨୬, ୬୪୯, ୭୨୯, ୭୨୮ (କିସମ: ଘରବାରୀ) ଏବଂ ୭୨୭, ୬୪୮ (କିସମ: ଜଳାଶୟ-୨) ର ସମୁଦାୟ ୭ଟି ପ୍ଲଟ୍‌ର ମୋଟ ୯ ଏକର ୪୩ ଡେସିମିଲ୍ ଜମି ବର୍ତ୍ତମାନ ସୁଦ୍ଧା ସରକାରୀ ରେକର୍ଡରେ "ଭି.ଜି. କ୍ରସ୍, ଇନ୍‌ଚାର୍ଜ ଫର୍ ଆମେରିକା ବାପ୍ଟିଷ୍ଟ"ଙ୍କ ନାମରେ ଦର୍ଜ ରହିଛି। ଦୀର୍ଘ ବର୍ଷ ଧରି ଏଠାରେ ଅନାଥ ଶିଶୁ, ନିରାଶ୍ରୟ ମହିଳା ଓ ବିପନ୍ନମାନଙ୍କ ଥଇଥାନ ତଥା ମାଗଣା ରହଣି ସୁବିଧା ସହ ଉତ୍କଳ ବାଳାଶ୍ରମ ଶିଶୁ ଯତ୍ନ ଅନୁଷ୍ଠାନ (ସିସିଆଇ) ଓ ମାଗଣା ଶିକ୍ଷାଦାନ ନିମନ୍ତେ ମ୍ୟୁନିସିପାଲିଟି ହାଇସ୍କୁଲ କାର୍ଯ୍ୟକାରୀ ହୋଇଆସୁଛି। ଉଭୟ ଅନୁଷ୍ଠାନର ଭିତ୍ତିଭୂମି ବିକାଶ ପାଇଁ ବିଭିନ୍ନ ସରକାରୀ ପାଣ୍ଠିରୁ ଅର୍ଥ ବ୍ୟୟ କରାଯାଉଥିଲେ ମଧ୍ୟ ଜମିଜମା ରେକର୍ଡରେ କୌଣସି ପରିବର୍ତ୍ତନ ହୋଇନାହିଁ। ଗତ ୧୯୮୭ ଫେବୃଆରୀ ୨୮ ତାରିଖରେ ପ୍ରକାଶିତ ଚୂଡ଼ାନ୍ତ ଆର୍‌ଓଆର୍‌ର ମନ୍ତବ୍ୟ ଘରେ ବାଳାଶ୍ରମ ସ୍ଥାପନ ବିଷୟ ଉଲ୍ଲେଖ ରହିଛି, ମାତ୍ର ମୂଳ ମାଲିକାନା କ୍ରମରେ ଆମେରିକା ବାପ୍ଟିଷ୍ଟର ନାମ ରହିବା ଏବଂ ବର୍ତ୍ତମାନ ସେହି ସଂସ୍ଥାର କୌଣସି ଉପସ୍ଥିତି ବା କାର୍ଯ୍ୟକଳାପ ନ ଥିବାରୁ ଜନସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଜମିର ବ୍ୟବହାରିକ ପରିବର୍ତ୍ତନ ଘଟିସାରିଥିବାରୁ ଓଡ଼ିଶା ରାଜସ୍ୱ ଆଇନ ବ୍ୟବସ୍ଥା ଅନୁସାରେ ଖତିୟାନ ଫର୍ମାଟ୍ ନଂ-୨ ର କ୍ରମିକ ସଂଖ୍ୟା ୨ ରେ ଉଲ୍ଲେଖ ଥିବା ଭଡ଼ାଟିଆ/ମାଲିକଙ୍କ ନାମ, ପିତାଙ୍କ ନାମ ଓ ଠିକଣା ସ୍ଥଳରେ ପରିବର୍ତ୍ତନ କରି ଏହାକୁ ଉତ୍କଳ ବାଳାଶ୍ରମ, ବାଲେଶ୍ୱର ଶାଖା ନାମକୁ ସଂଶୋଧନ କରିବା ଲାଗି ସଂପୃକ୍ତ ରାଜସ୍ୱ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ନିର୍ଦ୍ଦେଶ ଦେବାକୁ ପ୍ରଶାସନ ନିକଟରେ ଅନୁରୋଧ କରାଯାଇଛି। ଏହି ଦାବିପତ୍ରରେ ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି) ର ପୂର୍ବତନ ସଦସ୍ୟ ଶତ୍ରୁଘ୍ନ ମଲ୍ଲିକ, ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ (ଜେଜେବି) ସଦସ୍ୟ ଗୋପାଳକୃଷ୍ଣ କର, ମମତା ଦାଶ ଏବଂ କଳ୍ପନା ମଲ୍ଲିକ ପ୍ରମୁଖ ସ୍ୱାକ୍ଷର କରି ତୁରନ୍ତ ଆଇନଗତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ଜଣାଇଛନ୍ତି।

# ବିଶ୍ୱ ହିନ୍ଦୁ ପରିଷଦର ସ୍ଥାପନା ଦିବସ

**ବାଲେଶ୍ୱର,୭।୯ (ସମିସ):** ବିଶ୍ୱ ହିନ୍ଦୁ ପରିଷଦର ନଗର କମିଟି ତରଫରୁ ସହରରେ ଆଠଟି ସ୍ଥାନରେ ବିଶ୍ୱ ହିନ୍ଦୁ ପରିଷଦର ସ୍ଥାପନା ଦିବସ ଓ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ଜ୍ଞାନରଞ୍ଜନ ଦାଶ, ପ୍ରତାପ ମହାନ୍ତି, ମୁରଲୀଧର ନାୟକ, ଜିତେନ୍ ବେହେରା, ସାଗର ମହାନ୍ତି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବାଲିଆ ହାଉସିଂ ବୋର୍ଡ ଓ ଉତ୍ସର୍ଗ ବୃଦ୍ଧାଶ୍ରମରେ ସତ୍ୟଭାମା ମୁଦୁଲି, ଅଙ୍ଗାର ଗଡିଆ ରାମେଶ୍ୱର ନଗରରେ ପ୍ରସନ୍ନ ବିଶ୍ୱାଳ ଓ ସ୍ନେହଲତା ରାଉତ, ଅଙ୍ଗାରଗଡ଼ିଆ ମଙ୍ଗଳା ମନ୍ଦିରଠାରେ ସଂଗ୍ରାମ ପତି ଓ ବାସୁଦେବ ସ୍ୱାଇଁ, ପଡୁଆଁପଦାରେ କଳ୍ପନା ନାୟକ, ବଟେଶ୍ୱରରେ ସୌମ୍ୟରଞ୍ଜନ କର, ସହଦେବଖୁଣ୍ଟାରେ ଚନ୍ଦନ ଦାସ, ଭାସ୍କରଗଞ୍ଜ (ଖ )ରେ ଅଷ୍ଟକୁମାର ସାମନ୍ତ ଅତି ସଫଳତାର ସହ ନେତୃତ୍ୱ ନେଇଥିଲେ।

# ଗଣେଶ ପୂଜା ପାଇଁ ଶାନ୍ତି କମିଟି ବୈଠକ

**ସୋର, ୭।୯(ସମିସ):** ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ସୋର ଥାନା ପରିସରରେ ଶାନ୍ତି କମିଟି ବୈଠକ ଡିଏସପି ତପସ୍ୱିନୀ କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସୋର ତହସିଲଦାର କୃଷ୍ଣ ମୋହନ ସିଂହ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଂଜନ ପ୍ରଧାନ ଯୋଗଦେଇ ପୂଜା ସମୟରେ ଆଇନଶୃଙ୍ଖଳା ରକ୍ଷା କରିବା, ଶୋଭାଯାତ୍ରା ଏବଂ ମୂର୍ତ୍ତି ବିସର୍ଜନ ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ ଏବଂ ଶାନ୍ତିବଜାୟ ରଖିବା, ସରକାରୀ ନିୟମାବଳୀ, ପରିବେଶ ସୁରକ୍ଷା ଏବଂ ସାମ୍ପ୍ରଦାୟିକ ସଦଭାବ ବଜାୟ ରଖିବା ପାଇଁ ଆହ୍ୱାନ କରିଥିଲେ। ପୂଜା ମଣ୍ଡପଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ ସଚେତନତା ଅବଲମ୍ବନ କରିବାକୁ ପରାମର୍ଶ ଦିଆଯାଇଥିଲା। ଏଥର ପୂଜାରେ ଡିଜେକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଶେଷରେ ଥାନାଧିକାରୀ ଅନୁରାଗ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଶାନ୍ତି କମିଟି ସଦସ୍ୟ ସେକ ରେହମାନ, ବଙ୍କେଶ ବେହେରା, ରାଜେନ୍ଦ୍ର ମହାନ୍ତି, କାହ୍ନୁ ଚରଣ ବେହେରା, ସେକ ସୁଲତାନ, ସେକ ହାଲିମ, ମହେନ୍ଦ୍ର ପାତ୍ର, ସାହେବ ଖାନ କାଦ୍ରୀ, କାଳନ୍ଦ୍ରି ଗୁଇଁ, ସଂଗ୍ରାମ ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପ୍ରଶାସନ ପକ୍ଷରୁ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ



**ଜଳେଶ୍ୱର, ୭।୯ (ସମିସ):** ଜଳେଶ୍ୱର ପୌରାଞ୍ଚଳର ୯ନଂ ୱାର୍ଡ ବ୍ଲକ ବଜାର ସ୍ଥିତ ମୁଖ୍ୟ ରାସ୍ତା କଡରେ ଥିବା ସରକାରୀ ଜାଗାରେ ଦୀର୍ଘଦିନ ଧରି ବସବାସ କରି ଆସୁଥିବା ଲୋକଙ୍କ ବାସଗୃହ ଗୁଡିକୁ ଆଜି ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଛି। ରାସ୍ତା କଡ଼ରେ ଥିବା ସରକାରୀ ଜାଗା ପଛରେ ନିଜସ୍ୱ ମାଲିକାନାରେ ଥିବା ଜମିଦାରୀ ଜାଗାର ମାଲିକ କିରଣ ବାଳା ପାତ୍ର ନିଜର ଜାଗାର ସମ୍ମୁଖରୁ ସରକାରୀ ଜାଗାରେ ଥିବା ଜବର ଦଖଲ କରି ନିର୍ମାଣ କରାଯାଇଥିବା ବାସ ଗୃହ ଗୁଡିକର ଉଚ୍ଛେଦ ପାଇଁ କୋର୍ଟର ଆଶ୍ରୟ ନେଇଥିଲେ। ଫଳରେ ଗତ ୩ ମାସ ପୂର୍ବରୁ ରୁମା ବିନ୍ଧାଣୀ ଓ କ୍ରୀଷ୍ଣା ପାତ୍ର ନାମକ ବ୍ୟକ୍ତିଙ୍କର ୨ଟି ବାସ ଗୃହକୁ ଉଚ୍ଛେଦ କରାଯାଇଥିବା ବେଳେ ଆଜି ଲକ୍ଷ୍ମୀ ମହାପାତ୍ରଙ୍କ ଘରକୁ ଉଚ୍ଛେଦ କରାଯାଇଛି। ତେବେ ରାସ୍ତା କଡରେ ଥିବା ସରକାରୀ ଜାଗାରେ ଲୋକମାନେ ଦୀର୍ଘଦିନ ଧରି ରହିଆସୁଥିବା ବେଳେ ସେମାନଙ୍କୁ ଜାଗା ମିଶନ ଯୋଜନାରେ ୨୦୨୦ମସିହାରେ ତହସିଲ ତରଫରୁ ପଟ୍ଟା ପ୍ରଦାନ କରାଯାଇଥିଲା। ମାତ୍ର ଆଜିଯାଏ ଜାଗା ଚିହ୍ନଟ କରାଯାଇ ନ ଥିବାରୁ ଏହି ଲୋକମାନେ ରାସ୍ତା କଡ ସରକାରୀ ଜାଗାରେ ରହିଆସୁଛନ୍ତି। ମାତ୍ର ଏବେ ବର୍ଷା ଦିନରେ ଗରିବ ଲୋକମାନଙ୍କର ବାସଗୃହ ଭାଙ୍ଗି ଦେବାକୁ ନେଇ ବହୁ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି। ଗତ ୩ ମାସ ତଳେ ଏହି ଜାଗାରେ ୨ଟି ବାସଗୃହ ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଥିବା ବେଳେ ସେମାନଙ୍କୁ ଥଇଥାନ କରା ଯିବାର ପ୍ରତିଶ୍ରୁତି ଦେଇଥିଲେ ମାତ୍ର ଆଜିଯାଏ ସେମାନଙ୍କୁ ଥଇଥାନ କରାଯାଇ ନ ଥିବା ବେଳେ ପୁଣି ଆଜି ଗୋଟିଏ ଘର ଉଚ୍ଛେଦ କରାଯାଇଛି। ତେଣୁ ଉଚ୍ଛେଦ ହେଉଥିବା ଲୋକମାନଙ୍କୁ ତୁରନ୍ତ ଥଇଥାନ କରିବା ପାଇଁ ୯ନଂ ୱାର୍ଡର କାଉନସିଲର ଗବିନ୍ଦ ସାହୁ, ଅନନ୍ତ ଦାସ, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ସେକ ଅବଦୁଲ ରହିମଙ୍କ ସହିତ ବହୁ ଜନସାଧାରଣ ଦାବୀ କରିଛନ୍ତି। ପ୍ରକାଶ ଥାଉକି ଜଳେଶ୍ୱର ସହରର ବ୍ଲକ ବଜାର ଠାରୁ ବଡ ବଜାର ଛକ, ବଡ ବଜାର ଛକ ଠାରୁ ଷ୍ଟେସନ ବଜାର ଓ ହିରୋ ଶୋରୁମ ପର୍ଯ୍ୟନ୍ତ ଏବଂ ବଡ ବଜାର ଛକ ଠାରୁ ନୂଆ ବଜାର ପର୍ଯ୍ୟନ୍ତ ପ୍ରାୟ ଦୋକାନ ଓ ବାସଗୃହ ଗୁଡିକ ସରକାରୀ ଜାଗାରେ ରହିଅଛି। ସେଥିରୁ କେତେକ ଲୋକ ନିଜସ୍ୱ ମାଲିକାନାରେ ରଖି ବ୍ୟବସାୟ ବାଣିଜ୍ୟ କରୁଥିବା ବେଳେ ବହୁ ଲୋକ ଭଡା ସୂତ୍ରରେ ଲୋକଙ୍କୁ ଦେଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସହରର ରାସ୍ତା କଡରେ ଥିବା ବହୁ ମୂଲ୍ୟବାନ ସରକାରୀ ଜାଗା ଗୁଡିକୁ ଜବରଦଖଲ କରି ବହୁ ବଡ ବଡ ପ୍ରତିଭାଶାଳୀ ଲୋକମାନେ ବାସ ଗୃହ କରି ରହିଆସୁଛନ୍ତି। ମାତ୍ର ସରକାରୀ ଜାଗାରେ ଥିବା ଗରିବ ଲୋକ ଯେଉଁମାନେ ଜୀବନ ଜୀବିକା କରି ଚଳୁଛନ୍ତି ସେମାନଙ୍କର ବାସ ଗୃହ ଓ ଦୋକାନ ଗୃହ ବାରଂବାର ଭଙ୍ଗା ଯାଉଛି। ତେଣୁ ଜଳେଶ୍ୱର ସହରରୁ ସମ୍ପୂର୍ଣ୍ଣ ସରକାରୀ ଜାଗା ଉଚ୍ଛେଦ କରି ନୂତନ ସହରର ନିର୍ମାଣ ପାଇଁ ଜନସାଧାରଣ ପ୍ରଶାସନ ନିକଟରେ ଦାବି କରିଛନ୍ତି।

# ବନ୍ୟା ବିପନ୍ନଙ୍କୁ ମିଳିଲା ପଲିଥିନ୍

**ଜଳେଶ୍ୱର ବ୍ଲକ, ୭।୯ (ସମିସ) :** ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ଓ ଲଗାଣ ବର୍ଷା ଯୋଗୁ ନାହିଁ ନ ଥିବା ଦୁର୍ଦ୍ଦଶା ଭିତରେ ରହୁଛନ୍ତି ଅଞ୍ଚଳ ବାସୀ। ଆଜକୁ ଦୀର୍ଘ ଦିନ ଧରି ଜଳେଶ୍ୱର ବ୍ଲକ ଅନ୍ତର୍ଗତ ପଶ୍ଚିମବାଡ଼ ଗ୍ରାମ ପଞ୍ଚାୟତର ବିଭିନ୍ନ ଗାଁ ପାଣି ଘେରରେ ରହିଛନ୍ତି। ଲଗାଣ ବର୍ଷାରେ ବହୁତ କଚ୍ଚା ଘର ନଷ୍ଟ ହୋଇଥିବା ବେଳେ ପ୍ରକୃତ ହିତାଧିକାରୀଙ୍କୁ ଚିହ୍ନଟ ନ କରି ରାଜନୈତିକ ଚାପରେ ବଶବର୍ତ୍ତୀ ହୋଇ ବଡ଼ କୋଠା ଥିବା ହିତାଧିକାରୀଙ୍କୁ ପଲିଥିନ ଦିଆଯାଇଛି ବୋଲି ଜଳେଶ୍ୱର କଂଗେସ ଅଭିଯୋଗ କରି ଜଳେଶ୍ୱର ତହସିଲ ସାମ୍ନାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା। ଆଜିର ଏହି ଧାରଣାରେ ବସିଥିବା ବନ୍ୟା ବିପନ୍ନଙ୍କ ମଧ୍ୟରୁ ଆଧାର କାର୍ଡ ଯାଞ୍ଚ କରି ଯୋଗ୍ୟ ୬୦ରୁ ଅଧିକ ହିତାଧକାରୀଙ୍କୁ ପଲିଥିନ ବଣ୍ଟନ କରିଥିଲେ। ଆଜିର ଏହି ବିକ୍ଷପରେ ଜଳେଶ୍ୱର କଂଗେସ ନେତା ସୁଦର୍ଶନ ଦାସ, ବ୍ଲକ କଂଗେସ ସଭାପତି ହେମନ୍ତ ଗିରି, ଯୁବନେତା ମଧୁସୁଧନ ଦାସ, ସୁଦାମ ପାତ୍ର, ଗୋପାଳକୃଷ୍ଣ ଜେନା, ଦୁର୍ଗା ଶଙ୍କର ଆସ, ସୌଭିକ ଜେନା ପ୍ରମୁଖ କଂଗ୍ରେସ କର୍ମୀ ଉପସ୍ଥିତ ରହି ବନ୍ୟା ବିପନ୍ନଙ୍କୁ ପଲିଥିଲ ପାଇବାରେ ସହୋଯୋଗ କରିଥିଲେ।

# ଔପଦାରେ ଆଞ୍ଚଳିକ ବିଦ୍ୟାଳୟ ସମୂହ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା



**ଔପଦା, ୭।୯ (ସମିସ):** ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ଅଧୀନ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ସୋମବାର ଆଞ୍ଚଳିକ ବିଦ୍ୟାଳୟ ସମୂହ କ୍ରୀଡା ଓ ଦୌଡ଼କୁଦ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଔପଦା ଓ ଦରଖୋଳି ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନରେ ଥିବା ସମସ୍ତ ହାଇସ୍କୁଲ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପୂର୍ବାହ୍ନ ୧୧ ଘଟିକାରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ଦାସଙ୍କ ପୌରୋହିତ୍ୟରେ ଏକ ଉଦଘାଟନୀ ସଭା ଆୟୋଜିତ ହୋଇଥିଲା। ଏଥିରେ ତଳକିଆ ସରପଞ୍ଚ ଦୀପ୍ତିରାଣୀ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ରତ୍ନାକର ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପୂର୍ଣ୍ଣଚନ୍ଦ୍ର ଦାସ, ବ୍ଲକ କ୍ରୀଡ଼ା ସମ୍ପାଦକ ଚକ୍ରଧର ଜେନା, ଆଞ୍ଚଳିକ କ୍ରୀଡ଼ା ସମ୍ପାଦକ କରୁଣାକର ଦଳେଇ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ସୁଶାନ୍ତ କୁମାର ନାୟକ ମଞ୍ଚ ଆହ୍ୱାନ ଓ ପରିଚାଳନା କରିଥିବା ବେଳେ ଶେଷରେ କରୁଣାକର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିଯୋଗିତାରେ ଜୁନିୟର ଓ ସିନିୟର ଗ୍ରୁପ୍‌ର ବାଳକ-ବାଳିକାଙ୍କ ମଧ୍ୟରେ ୧୦୦ ମିଟର, ୨୦୦ ମିଟର ଦୌଡ଼, ଲମ୍ବ ଡିଆଁ, ଉଚ୍ଚ ଡିଆଁ ସମେତ ଖୋ-ଖୋ, ଫୁଟବଲ ଓ ଭଲିବଲ ଆଦି ଖେଳ ଅନୁଷ୍ଠିତ ହୋଇଥିଲା। ଅଂଶଗ୍ରହଣକାରୀ ବିଦ୍ୟାଳୟଗୁଡ଼ିକର କ୍ରୀଡ଼ା ଓ ଗାଇଡ୍ ଶିକ୍ଷକମାନେ ଖେଳ ପରିଚାଳନାରେ ସହାୟତା କରିଥିଲେ।

# ଭେଲୋରା ହାଟପିଣ୍ଡି ଜବରଦଖଲ ଘଟଣାରେ କାର୍ଯ୍ୟାନୁଷ୍ଠାନ ଶୂନ

**ରାଜଘାଟ, ୭।୯ (ସମିସ):** ବସ୍ତା ବ୍ଲକ ଭେଲୋରା ପଞ୍ଚାୟତ ହାଟ ପିଣ୍ଡିକୁ ଜଣେ ମିଠା ବ୍ୟବସାୟୀ ଲୁହା ବାଡ କରି ଜବରଦଖଲ ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଅଭିଯୋଗ ପରେ ବସ୍ତା ବିଡ଼ିଓ ଜିପିଓ ବିଷ୍ଣୁ ଦାସଙ୍କୁ ଜବରଦଖଲ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିପିଓ ସେହି ନିର୍ଦ୍ଦେଶକୁ ମାନୁନାହାଁନ୍ତି। ଲୁହା ବାଡ ଯେମିତି ଥିଲା ସେମିତି ଅଛି, ବ୍ୟବସାୟୀ ନିର୍ଭୟରେ ବ୍ୟବସାୟ କରୁଛି। ଏଠି ପ୍ରଶ୍ନ ଉଠୁଛି, ବିଡ଼ିଓଙ୍କ କଥା ଜିପିଓ କାହିଁକି ମାନୁ ନାହାଁନ୍ତି? କାହା ଚାପରେ ଜିପିଓ କାର୍ଯ୍ୟାନୁଷ୍ଠାନ ନେବାକୁ ଡରୁଛନ୍ତି? ମିଠା ବ୍ୟବସାୟୀ ପଛରେ କିଏ ସେ ପ୍ରଭାବଶାଳୀ ବ୍ୟକ୍ତିର ହାତ ଅଛି? ସମସ୍ତ ଘଟଣାର ତଦନ୍ତ ହେବାର ଆବଶ୍ୟକତା ରହିଛି। ସ୍ଥାନୀୟ ବ୍ୟବସାୟୀ କହିଛନ୍ତି, ଆମେ ହାଟରେ ବସିବାକୁ ଜାଗା ପାଉନୁ, ଆଉ ଜଣେ ବ୍ୟବସାୟୀ ସରକାରୀ ହାଟ ପିଣ୍ଡିକୁ ଘେରି ରଖିଛି। ଖବର ପ୍ରସାରଣ ପରେ ବି ପ୍ରଶାସନ ଚୁପ୍ ରହିବା ଦୁଃଖର ବିଷୟ। ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନ ହୁଏ, ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ବାଲେଶ୍ୱରରେ କୃତ୍ରିମ ଜଳବନ୍ଦୀ ସମସ୍ୟା

# ପ୍ରାକୃତିକ ନାଳ ପୁନରୁଦ୍ଧାର ଓ ଚାଷଜମିର ସୁରକ୍ଷା ଦାବି

**ବାଲେଶ୍ୱର, ୭।୯ (ସମିସ)**



ବାଲେଶ୍ୱର ଜିଲ୍ଲାର ରେମୁଣା, ବାହାନଗା ଏବଂ ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ କ୍ରମାଗତ ବର୍ଷା ଓ ଜଳନିଷ୍କାସନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେତୁ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଏବଂ ବ୍ୟାପକ ଫସଲ ହାନି ନେଇ ଚାଷୀମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଆଞ୍ଚଳିକ କୃଷି ସୁରକ୍ଷା ମଞ୍ଚ ତଥା ସ୍ଥାନୀୟ ଜନପ୍ରତିନିଧି ଓ ଚାଷୀଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇ ତୁରନ୍ତ ହସ୍ତକ୍ଷେପ ଲୋଡ଼ାଯାଇଛି। ଗତ ଜୁଲାଇ ୨୭ ତାରିଖରୁ ଲାଗି ରହିଥିବା ପ୍ରବଳ ବର୍ଷା ପରଠାରୁ ପ୍ରାକୃତିକ ନାଳ ଗୁଡ଼ିକ ଦେଇ ବର୍ଷାଜଳ ନିଷ୍କାସନ ହୋଇ ନ ପାରିବାରୁ ଏକର ଏକର ଖରିଫ ଚାଷଜମି, ବାସଗୃହ ଏବଂ ରାସ୍ତାଘାଟ ଜଳମଗ୍ନ ହୋଇ ରହିଛି, ଯାହା ଫଳରେ ଅଞ୍ଚଳର ବହୁସଂଖ୍ୟକ ଚାଷୀ ପରିବାରଙ୍କ ଜୀବନଜୀବିକା ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ପ୍ରାକୃତିକ ନାଳ ଏବଂ ଜଳପଥ ଉପରେ ବେଆଇନ ଜବରଦଖଲ, ମାଟି ଭରାଟ ତଥା ଅଣ-ପ୍ରାକୃତିକ ନିର୍ମାଣ କାର୍ଯ୍ୟ ଯୋଗୁଁ ଜଳ ପ୍ରବାହ ବାଧାପ୍ରାପ୍ତ ହୋଇ ପରିସ୍ଥିତି ଅତି ସଙ୍ଗୀନ ହୋଇଥିବା ଅଭିଯୋଗ ହୋଇଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ପ୍ରଶାସନ ପକ୍ଷରୁ ରାଜସ୍ୱ, ଜଳସେଚନ, ଡ୍ରେନେଜ୍, ଗ୍ରାମ୍ୟ ନିର୍ମାଣ ଏବଂ ପୂର୍ତ୍ତ ବିଭାଗର ଯନ୍ତ୍ରୀମାନଙ୍କୁ ନେଇ ଏକ ମିଳିତ ତଦନ୍ତକାରୀ ଦଳ ଗଠନ କରିବାକୁ ଦାବି କରାଯାଇଛି। କ୍ଷତିଗ୍ରସ୍ତ ସମସ୍ତ ନାଳ ଓ ନୟନଯୋରିର ମାପଚୁପ କରି ବେଆଇନ ଅବରୋଧ ତୁରନ୍ତ ଉଚ୍ଛେଦ କରିବା, ନାଳଗୁଡ଼ିକର ପଙ୍କୋଦ୍ଧାର ଓ ପୁନରୁଦ୍ଧାର କରି ଚାଷଜମିରୁ ତୁରନ୍ତ ପାଣି ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଅନୁରୋଧ କରାଯାଇଛି। ବିଶେଷ କରି ଶ୍ରୀଜଙ୍ଗ ମୌଜା ଅନ୍ତର୍ଗତ ଇଞ୍ଚୁଡ଼ି ରାଜସ୍ୱ ଗ୍ରାମକୁ ସଂଯୋଗ କରୁଥିବା କାନ୍ତିଆଚିରା ନାଳ ଉପରେ ନିର୍ମିତ ନୂତନ ପୋଲ ନିକଟସ୍ଥ ମାଟିବନ୍ଧକୁ ହଟାଇବା, ଜାମୁକା ମୁହାଣ ତଳପଦା ପଏଣ୍ଟ ପର୍ଯ୍ୟନ୍ତ ନାଳର ପୁନରୁଦ୍ଧାର, ତୁଣ୍ଡୁରା ପଞ୍ଚାୟତ ଅଧୀନସ୍ଥ ଖଣ୍ଡିଆ ମୁହାଣ ପର୍ଯ୍ୟନ୍ତ ବାଗାଡ଼ିପା ନାଳର ସଂସ୍କାର ଏବଂ ପଟେଲ ସ୍ଲୁଇସ ଗେଟ୍‌ର ଭଙ୍ଗା ଲୁହା ଫାଟକ ଅପସାରଣ କରିବାକୁ ଲିଖିତ ଭାବେ ଜଣାଯାଇଛି। ଏଥିସହ ଗାଦ୍ରେ ମେରାଇନ୍ ଏକ୍ସପୋର୍ଟ ପ୍ରାଇଭେଟ୍ ଲିମିଟେଡ୍ କାରଖାନା ନିକଟରେ ହୋଇଥିବା ରାସ୍ତା ନିର୍ମାଣର ବୈଷୟିକ ତଦନ୍ତ, ବେଆଇନ କିସମ ପରିବର୍ତ୍ତନ ତଥା ଓପିଏଲଇ ଏବଂ ଓଏଲ୍‌ଆର୍ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ, ୧୩ କିଲୋମିଟରରୁ ୧୬ କିଲୋମିଟର ପର୍ଯ୍ୟନ୍ତ ବାଲେଶ୍ୱର ବାଙ୍କା ଖଜୁରୀ ଛକରୁ ବାସୁଦେବପୁର ମଧ୍ୟସ୍ଥ କ୍ଷତିଗ୍ରସ୍ତ ରାସଲପୁର-ଶ୍ରୀଜଙ୍ଗ ମୁଖ୍ୟ ଜିଲ୍ଲା ରାସ୍ତାର ମରାମତି ଏବଂ ଦୀର୍ଘକାଳୀନ ବନ୍ୟା ନିୟନ୍ତ୍ରଣ ଯୋଜନା ପ୍ରସ୍ତୁତ କରିବାକୁ ଦାବି କରାଯାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ପାଇଁ ଉଚିତ ପଦକ୍ଷେପ ଗ୍ରହଣ କରା ନ ଗଲେ ଅଞ୍ଚଳବାସୀ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବା ସହ ନ୍ୟାୟାଳୟର ଆଶ୍ରୟ ନେବାକୁ ବାଧ୍ୟ ହେବେ ବୋଲି ବାହାନଗା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ରାମନାରାୟଣ ଶତପଥୀ, ଶରତଚନ୍ଦ୍ର ପାଣି, ଗୋବର୍ଦ୍ଧନ ଦାସ, ଜଗନ୍ନାଥ ବିଶ୍ୱାଳ, ପ୍ରଦୀପ ଦାସ, ମନ୍ମଥ ବେହେରା, ଶଶିକାନ୍ତ ଦାସ ପ୍ରମୁଖ ଚାଷୀ ଓ ପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି।

### ଶିଳ୍ପ ପାର୍କ ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପାଲଟିଛି ପ୍ରହସନ

# ଯୁବପିଢ଼ିଙ୍କ ନିଯୁକ୍ତି ସ୍ୱପ୍ନ ଧୂଳିସାତ୍



- ଶିଳ୍ପ ନାଁରେ କୋଟି କୋଟି ଟଙ୍କା ହରିଲୁଟ୍ ଅଭିଯୋଗ
- ଚାଷ ଜମି ହରାଇ ମଜୁରି ପାଇଁ ଡହଳବିକଳ ଶ୍ରମିକ

ବାରିପଦା, ୭।୯(ସମିସ):ଆଦିବାସୀ ଯୁବପିଢ଼ିଙ୍କୁ ରୋଜଗାରକ୍ଷମ ଓ ଦାଦନ ଦୂର କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଶିଳ୍ପ ପାର୍କ ଧୂଳିସାତ୍ ହେବାକୁ ବସିଛି। ମୟୂରଭଞ୍ଜ ଜିଲ୍ଲା ମୋରଡା ବ୍ଲକ୍ କାନ୍ଦଣା ଗ୍ରାମରେ ସରକାରୀ ଅନୁଦାନରେ ସ୍ଥାପିତ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ଏବେ ବାଟବଣା। କୋଟି ଟଙ୍କାର ପ୍ରକଳ୍ପ ଶିଳ୍ପ ବଦଳରେ ପଡ଼ିଆ ଭୂଇଁ ପଡ଼ିରହିଥିବାବେଳେ ମଜୁରି ପାଇଁ ଶ୍ରମିକମାନେ ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରର ଦ୍ୱାରସ୍ଥ ହୋଇଛନ୍ତି। ସ୍ଥାନୀୟ ଯୁବକଙ୍କୁ କର୍ମନିଯୁକ୍ତି ପାଇଁ ଆଇଟିଡିଏ ପକ୍ଷରୁ ଶିଳ୍ପ ପାର୍କ ଓ ଖାଦ୍ୟ ପ୍ରକ୍ରିୟାକରଣ ୟୁନିଟ୍ ପ୍ରତିଷ୍ଠା ହୋଇଥିଲା। ୨୦୨୪ ନଭେମ୍ବରରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରି ଦାଦନ ସମସ୍ୟା ରୋକିବାକୁ ଆଶା ରଖିଥିଲେ। ହେଲେ ବାସ୍ତବ ଚିତ୍ର ପୂରା ଓଲଟା। ସ୍ଥାନୀୟ ଲୋକ ଅଭିଯୋଗ ଅନୁଯାୟୀ, ଶିଳ୍ପ କାରଖାନା ନାଁରେ କିଛି ରାଜନେତା, ଠିକାଦାର ଓ ସରକାରୀ ବାବୁ ମିଶି କୋଟି କୋଟି ଟଙ୍କା ହଡ଼ପ କରିଛନ୍ତି। ମନରେଗା ଯୋଜନାରେ କିଛି କଦଳୀ, ଲଙ୍କା ଓ ସପୁରୀ ଗଛ ଲଗାଯାଇଥିଲେ ବି ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହୋଇଯାଇଛି। ଫାଟକ ମୁକୁଳା, ପାର୍କର କୌଣସି ନାମଫଳକ ନାହିଁ। କେବଳ ପଡ଼ିରହିଛି ୭୦ ଏକର ଟାଙ୍ଗରା ଭୂଇଁ। ସ୍ଥାନୀୟ ଚାଷୀଙ୍କ କହିବାନୁଯାୟୀ ଆମେ ୫୦ ବର୍ଷରୁ ଏହି ଜମିରେ ଚାଷ କରି ପରିବାର ଚଳାଉଥିଲୁ। କାରଖାନା ହେବ କହି ଜମି ଛଡ଼ାଇନେଲେ, ଏବେ ନା କାମ ମିଳିଲା ନା ପୂର୍ବ କାମର ମଜୁରି ମିଳୁଛି।' ପୂର୍ବରୁ ଏହି ଜମିରେ ସବାଇଘାସ ଓ ମାଣ୍ଡିଆ ଚାଷ କରି ଗୁଜୁରାଣ ମେଣ୍ଟାଉଥିବା ଚାଷୀମାନେ ଏବେ କୂଳ କିନାରା ପାଉନାହାନ୍ତି। ଶହ ଶହ ଜବ କାର୍ଡଧାରୀ ଶ୍ରମିକଙ୍କୁ ସେମାନଙ୍କ ହକ୍ ପ୍ରାପ୍ୟ ମିଳିନଥିବା ଅଭିଯୋଗ ହୋଇଛି। ଯୁବପିଢ଼ି ପୁଣି ବାହାର ରାଜ୍ୟକୁ ଦାଦନ ଖଟିବାକୁ ବାଧ୍ୟ ହେଉଛନ୍ତି। ଏହି ମହାଦୁର୍ନୀତିର ଉଚ୍ଚସ୍ତରୀୟ ତଦନ୍ତ ଓ ପ୍ରକଳ୍ପର ପୁନରୁଦ୍ଧାର ଦାବି କରି ଶ୍ରମିକମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଜିଲ୍ଲା ପରିଷଦ ସଦସ୍ୟ ଅଭିରାମ ଭୋଇ କହନ୍ତି ରୋଜଗାର ବାହାନାରେ କୋଟି କୋଟି ଟଙ୍କା ଆତ୍ମସାତ ହୋଇଛି। ଶିଳ୍ପ ନାଁରେ କଦଳୀ ଗଛ ଲଗାଇ ଲୋକଙ୍କ ସହ ପ୍ରହସନ କରାଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବା ଦରକାର। ତେବେ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ କୋଟି କୋଟି ଟଙ୍କାର ସରକାରୀ ଅନୁଦାନ ପାଣିରେ ପଡ଼ିଲା। ଆଉ ଯୁବପିଢ଼ିଙ୍କ ନିଯୁକ୍ତି ସ୍ୱପ୍ନ ଅଧାବାଟରେ ଅଟକି ରହିଲା। ପ୍ରଶ୍ନ ଉଠୁଛି, ଚାଷୀ ଓ ଶ୍ରମିକଙ୍କ ପେଟରେ ଲାତ ମାରିଥିବା ଦୋଷୀଙ୍କ ବିରୋଧରେ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ, ନା ଅନ୍ୟ ପ୍ରକଳ୍ପ ଭଳି ଏହି ଫାଇଲ୍ ମଧ୍ୟ ଚାପି ହୋଇ ରହିଯିବ। ତାହା ଦେଖିବାକୁ ବାକି ରହିଲା।

## ଚାଷଜମିର ସୁରକ୍ଷା ପାଇଁ ଦମ୍ପତିଙ୍କ ଅନଶନ




ବାରିପଦା, ୭।୯(ସମିସ): ଚାଷଜମିର ସୁରକ୍ଷା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ଦମ୍ପତି ବସିଛନ୍ତି। ପ୍ରଶାସନର ଭୁଲ ପାଇଁ ଉର୍ବର ଚାଷଜମି ଏବେ ଜଳାଶୟରେ ପରିଣତ ହୋଇ ଚାଷ ଅନୁପଯୋଗୀ ହୋଇପଡିଥିବା ସ୍ୱାମୀ-ସ୍ତ୍ରୀ ଅଭିଯୋଗ କରିଛନ୍ତି। ବର୍ଷ ଧରି ଚାଷ କରିପାରୁ ନ ଥିବାରୁ ଜମିର ସମ୍ପୂର୍ଣ୍ଣ କ୍ଷତିପୂରଣ ପ୍ରଦାନ, ଜମିକୁ ପୂର୍ବଭଳି ଚାଷପୋଯୋଗୀ କରାଇବା ଦାବି ନେଇ ସବୁଆଡୁ ନିରାଶ ହେବା ପରେ ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ମଧ୍ୟ ଅଭିଯୋଗ କରିଥିଲେ। ତା'ପରେ ମଧ୍ୟ ନିରାଶ ହେବାରୁ ସୋମବାର ମୟୁରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦମ୍ପତି ଆମରଣ ଅନଶନରେ ବସିଛନ୍ତି। ଦମ୍ପତି ହେଲେ ବଡ଼ସାହି ବ୍ଲକ୍ ମାନଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମିରିଗିଦାରି ଗ୍ରାମର ଶଶିଧର ମହାନ୍ତ ଓ ରଙ୍ଗଲତା ମହାନ୍ତ। ଅଭିଯୋଗ ମୁତାବିକ ଶଶିଧରଙ୍କର ବଡ଼ସାହି ତହସିଲ ଅଧୀନ ଧନାପାଳ ମୌଜାରେ ୧-ଏକର ୩୩ ଡେସିମିଲ ଚାଷ ଜମି ରହିଥିଲା। ଯେଉଁଥିରେ ଚାଷବାସ କରି ତାଙ୍କ ପରିବାର ସୁରୁଖୁରୁରେ ଚଳିଯାଉଥିଲା। ହେଲେ ୨୦୨୫ରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ବୈଶିଙ୍ଗା-ଉଦଳା ରାସ୍ତାରେ ଏକ ପୋଲ ନିର୍ମାଣ କରିଥିଲା। ଯାହା ତାଙ୍କର ଚାଷ ଜମିକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛି। ଏହାକୁ ନେଇ ସେ ବିଭିନ୍ନ ସ୍ତରରେ ଅଭିଯୋଗ କରିବା ସହିତ ୮୮ ଡେସିମିଲ ଜମିକୁ ନେଇ କେସ୍ ମଧ୍ୟ କରିଛନ୍ତି। ଆଜିକୁ ୨ ବର୍ଷ ଧରି ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ସମାଧାନ କରାଯାଉ ନଥିବା କାରଣରୁ ଉଭୟ ସ୍ୱାମୀ ସ୍ତ୍ରୀ ଅନଶନରେ ବସିଥିବା କହିଛନ୍ତି।

### ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାରେ ଅବ୍ୟବସ୍ଥା

# ଡାକ୍ତର ଅଭାବ; ରୋଗୀଙ୍କୁ ଇଞ୍ଜେକ୍ସନ ଦେଉଛନ୍ତି ସୁରକ୍ଷାକର୍ମୀ

ବାରିପଦା/ରାଇରଙ୍ଗପୁର ୭।୯(ସମିସ): ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବାର ଚରମ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଡାକ୍ତର ଓ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଅଭାବରୁ ଏଠାରେ ସୁରକ୍ଷାକର୍ମୀ ରୋଗୀଙ୍କୁ ଇଞ୍ଜେକ୍ସନ ଦେଉଥିବା ଭଳି ସଙ୍ଗୀନ ଅଭିଯୋଗ ସାମ୍ନାକୁ ଆସିଛି। ଏଥିସହ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ପ୍ରତି ଦୁର୍ବ୍ୟବହାର କରାଯାଉଥିବା ନେଇ ସ୍ଥାନୀୟ ଲୋକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

ଅଭିଯୋଗ ମୁତାବିକ, ଡାକ୍ତରଖାନାରେ ନିୟୋଜିତ ଘରୋଇ ସଂସ୍ଥାର ସୁରକ୍ଷାକର୍ମୀ ନିଜ ଦାୟିତ୍ୱ ଛାଡ଼ି ରୋଗୀଙ୍କ ରକ୍ତଚାପ ମାପିବା, ଶିଶୁଙ୍କ ଓଜନ ମାପିବା ଓ ରୋଗୀଙ୍କୁ ଇଞ୍ଜେକ୍ସନ ଦେବା ଭଳି କାର୍ଯ୍ୟ କରୁଛନ୍ତି। ତାଲିମପ୍ରାପ୍ତ ନର୍ସ ବା ଡାକ୍ତରଙ୍କ ବଦଳରେ ଅଣତାଲିମପ୍ରାପ୍ତ ସୁରକ୍ଷାକର୍ମୀ ଇଞ୍ଜେକ୍ସନ ଫୋଡ଼ିବାରୁ ରୋଗୀଙ୍କୁ ଅସହ୍ୟ ଯନ୍ତ୍ରଣା ଭୋଗିବାକୁ ପଡୁଛି। ଏହାକୁ କେହି ବିରୋଧ କଲେ କିମ୍ବା ମୋବାଇଲରେ ଭିଡିଓ ରେକର୍ଡିଂ କରିବାକୁ ଚେଷ୍ଟା କଲେ, ସୁରକ୍ଷାକର୍ମୀ ତାଙ୍କ ସହ ଦୁର୍ବ୍ୟବହାର ଓ ଧସ୍ତାଧସ୍ତି କରୁଥିବା ଅଭିଯୋଗ ହୋଇଛି। ଡାକ୍ତରଖାନାର ଅନ୍ୟତମ ବଡ଼ ସମସ୍ୟା ହେଉଛି ଗତ ଦୁଇ ମାସ ଧରି ଲିଫ୍ଟ ଅଚଳ ହୋଇ ପଡ଼ିରହିଛି। ଏହି କାରଣରୁ ଗୁରୁତର ରୋଗୀଙ୍କୁ ୪ର୍ଥ ଓ ୫ମ ମହଲାକୁ ନେବା ଆଣିବା କରିବାରେ ପରିବାର ଲୋକଙ୍କୁ ନାହିଁ ନଥିବା ହଇରାଣ ହେବାକୁ ପଡୁଛି। କୋଟି କୋଟି ଟଙ୍କାର ଭିତ୍ତିଭୂମି ଥାଇ ମଧ୍ୟ ପର୍ଯ୍ୟାପ୍ତ ଡାକ୍ତର ନ ଥିବାରୁ ଏହି ଡାକ୍ତରଖାନାଟି ଏକପ୍ରକାର 'ରେଫରାଲ ସେଣ୍ଟର'ରେ ପରିଣତ ହୋଇଛି। ସାମାନ୍ୟ ଗୁରୁତର ରୋଗୀଙ୍କୁ ବାରିପଦା, କଟକ କିମ୍ବା ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଛି। ଏହି ଘଟଣା ସମ୍ପର୍କରେ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ରବୀନ୍ଦ୍ର ନାଥ ମାରାଣ୍ଡିଙ୍କ ଦୃଷ୍ଟିଆକର୍ଷଣ କରାଯିବାରୁ ସେ କହିଛନ୍ତି ଯେ, ଏଭଳି କାର୍ଯ୍ୟ ସମ୍ପୂର୍ଣ୍ଣ ଅନୁଚିତ। ଏହି ଘଟଣାର ତଦନ୍ତ କରାଯିବ ଓ ଅଭିଯୋଗ ସତ୍ୟ ପ୍ରମାଣିତ ହେଲେ ସମ୍ପୃକ୍ତ ସିକ୍ୟୁରିଟି ଏଜେନ୍ସି ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଡାକ୍ତର ରୋଗୀଙ୍କୁ ଦେଖିବାରେ ଅବହେଳା କଲେ ମଧ୍ୟ ପଦକ୍ଷେପ ନିଆଯିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି।

## ପିଆରଏମ ହସ୍ପିଟାଲରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ବିରୋଧରେ ମାସାଆର୍ମିର ପଦଯାତ୍ରା

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୪ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ

ବାରିପଦା, ୭।୯(ସମିସ): ରଙ୍ଗାମାଟିଆସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା। ବିଭିନ୍ନ ପ୍ରକାରର ଅବ୍ୟବସ୍ଥା ଓ ସ୍ୱାସ୍ଥ୍ୟ ସେବାର ସୁଧାର ସହିତ ଭିତ୍ତିଭୂମିର ବିକାଶ ଦାବିରେ ମାସାଆର୍ମି ପୂର୍ବ ଘୋଷଣା ଅନୁସାରେ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରିଛି । ମାସାଆର୍ମିର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ପଦଯାତ୍ରାରେ ସଙ୍ଗଠନର ବହୁ ସଦସ୍ୟ ସାମିଲ ରହିଥିବାବେଳେ ଏହା ଜିଲ୍ଲା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହୋଇଥିବାରୁ ଅନେକ ବୁଦ୍ଧିଜୀବୀ ମଧ୍ୟ ଏହାକୁ ସମର୍ଥନ ଜଣାଇଛନ୍ତି। ସୋମବାର ପୂର୍ବାହ୍ଣରେ ମାସାଆର୍ମିର ସଦସ୍ୟ ପିଆରଏମ ହସ୍ପିଟାଲ ପରିସରରୁ ପଦଯାତ୍ରାରେ ବାହାରି ପ୍ରାୟ ୧୦ କିମି ଅତିକ୍ରମ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସି ନିଜର ଦାବି ଉପସ୍ଥାପନ କରିଥିଲେ। ୧୪ ଦଫା ଦାବିର ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଯଥାଶୀଘ୍ର ଉକ୍ତ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ମାସାଆର୍ମିର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡି। ଜୁନ ୮ରେ ମୁଖ୍ୟମନ୍ତ୍ରୀ ନୂତନ କ୍ୟାମ୍ପସ ଉଦ୍‌ଘାଟନ ପରେ ୧୭ରେ ସମସ୍ତ ବିଭାଗ ସ୍ଥାନାନ୍ତର ହୋଇଥିବା ବେଳେ ଅଗଷ୍ଟ ୩ରେ ପ୍ରସୂତି ଓ ସ୍ତ୍ରୀରୋଗ ବିଜ୍ଞାନ ସ୍ଥାନାନ୍ତର ହୋଇଥିଲା । ତେବେ ସମସ୍ତ ବ୍ୟବସ୍ଥା ନ କରି ତରବରିଆ ବିଭାଗ ସ୍ଥାନାନ୍ତର ପାଇଁ ଜିଲ୍ଲାବାସୀ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି । ଯେଉଁ ଲକ୍ଷ୍ୟ ନେଇ ନବୀନ ପଟ୍ଟନାୟକ ଏହି ମେଡିକାଲ କଲେଜ ପ୍ରତିଷ୍ଠା କରିଥିଲେ, ମୋହନ ସରକାର କେବଳ ରଙ୍ଗ ପରିବର୍ତ୍ତନ କରି ବାହାବା ନେବାରେ ବ୍ୟସ୍ତ । ଏଠାକୁ ଆସୁଥିବା ରୋଗୀଙ୍କୁ କଟକ, ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଥିବାରୁ ଏହା କେବଳ ରେଫରାଲ ହସ୍ପିଟାଲ ଭାବେ ପରିଚୟ ଲାଭ କଲାଣି । ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ବଡ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ସୁକଲାଲ ମାରାଣ୍ଡି ଚେତାବନୀ ଦେଇଛନ୍ତି ।



● ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ମିଳିନି ପ୍ରଧାନମନ୍ତ୍ରୀ ଫସଲ ବୀମା

## ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଭୀମଦା ପଞ୍ଚାୟତବାସୀ



ବାରିପଦା/ବଡ଼ସାହି, ୭।୯(ସମିସ): ଗତବର୍ଷ ବନ୍ୟାରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ନ ମିଳିବା ଅଭିଯୋଗରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଦ୍ୱାରସ୍ଥ ହୋଇଛନ୍ତି ବଡ଼ସାହି ତହସିଲ ଅନ୍ତର୍ଗତ ଭୀମଦା ପଞ୍ଚାୟତର ଚାଷୀ। ଅଭିଯୋଗ ମୁତାବିକ, ଭୀମଦା ପଞ୍ଚାୟତ ଅଧୀନ ଚେଙ୍ଗୁଆ-ମଙ୍ଗଳପୁର, ପେରକୁଳି, ଦାସିପୁର, ରତନପୁର, ଟିକାୟତପୁର, ଭୀମଦା ଓ ଅର୍ଜୁନବାରିଆ ମୌଜାର ଚାଷୀ ୨୦୨୪-୨୫ ମସିହା ଖରିଫ ଧାନ ଫସଲ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା କରିଥିଲେ। ପଞ୍ଚାୟତ ପାର୍ଶ୍ୱ ଦେଇ ପ୍ରବାହିତ ଗଙ୍ଗାହାର ନଦୀର ପ୍ରଳୟଙ୍କରୀ ବନ୍ୟା ଜଳ ମାଡ଼ିଯିବା ଯୋଗୁଁ ଚାଷୀଙ୍କ ଧାନ ଫସଲ ବ୍ୟାପକ ଭାବେ ନଷ୍ଟ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ 'କ୍ରପ୍ କଟିଂ' (ଫସଲ କାଟିବା ପରୀକ୍ଷଣ) କରାଯାଇଥିଲା ଓ ସେଥିରେ ଧାନ ଅମଳ ଖୁବ୍ କମ୍ ଥିବା ଦେଖିବାକୁ ମିଳିଥିଲା। ତେବେ ବୀମା ରାଶି ପ୍ରଦାନ କରିବାର ନିର୍ଦ୍ଧାରିତ ସମୟ ସୀମା ଅତିକ୍ରାନ୍ତ ହୋଇସାରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି ଅନୁଦାନ ମିଳି ନ ଥିବାରୁ ଚାଷୀ ଘୋର ଆର୍ଥିକ ସଙ୍କଟ ମଧ୍ୟରେ ଗତି କରୁଛନ୍ତି। ଏ ନେଇ କ୍ରପ୍ କଟିଂ ଓ ଜଳମଗ୍ନ ଫସଲର ଫଟୋଚିତ୍ର ସହ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ଚାଷୀ ନିବେଦନ କରିଛନ୍ତି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ୭ ଦିନ ମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କୁ ଅଭିଯୋଗର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବତନ ସରପଞ୍ଚ ପ୍ରତାପ ଚନ୍ଦ୍ର ଗାୟା, ଅତୁଲ୍ୟ ମାହାର୍ଣ୍ଣା, ଭାବେନ୍ଦ୍ର ଗାୟା, ଗୁଣାକର ସାମଲ, ଦିଲ୍ଲୀପ କୁମାର ପ୍ରଧାନ, ପ୍ରଶାନ୍ତ ବେହେରା ଓ ରଘୁନାଥ ବେହେରାଙ୍କ ସମେତ ୩୦ରୁ ଉର୍ଦ୍ଧ୍ୱ କ୍ଷତିଗ୍ରସ୍ତ ଚାଷୀ ଅଭିଯୋଗ ପାଇଁ ଆସିଥିଲେ ।

## ମୁଣ୍ଡାରୀ ଭାଷା ଆନ୍ଦୋଳନ ସମ୍ବନ୍ଧୀୟ ସଚେତନତା ବୈଠକ

ସାରସକଣା, ୭।୯(ସମିସ): ମୁଣ୍ଡାରୀ ଭାଷାର ସାମାଜିକ ଓ ସାମ୍ବିଧାନିକ ସ୍ୱୀକୃତି ହାସଲ କରିବା ସହ ଏହାର ଗୌରବ ଓ ସମ୍ମାନର ସୁରକ୍ଷା ନିମନ୍ତେ 'ମୁଣ୍ଡାରୀ ଭାଷା ସମନ୍ୱୟ କମିଟି' ପକ୍ଷରୁ ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ଅଭିଯାନ କ୍ରମରେ ସାରସକଣା ବ୍ଲକ୍ ଅନ୍ତର୍ଗତ ଡୁମୁରଡିହା ଓ କଳାପାଣି ଗ୍ରାମରେ ପୃଥକ୍ ପୃଥକ୍ ୨ଟି ସାଙ୍ଗଠନିକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଣ୍ଡାରୀ ଭାଷା ସମନ୍ୱୟ କମିଟିର ସାରସକଣା ବ୍ଲକ୍ ଆବାହକ କରମଚାନ୍ଦ ସିଂ ସଭାପତିତ୍ୱ କରିଥିଲେ। ଏଥିରେ ସମନ୍ୱୟ କମିଟିର କେନ୍ଦ୍ରୀୟ ସାଧାରଣ ସମ୍ପାଦକ ଇଂ. ସୁନାରାମ ସିଂ, ପର୍ଯ୍ୟବେକ୍ଷକ ରାମେଶ୍ୱର ସିଂ, ବଡ଼ସାହି ବ୍ଲକ୍ ଆବାହକ ବୈଦ୍ୟନାଥ ସିଂ, କୁଳିଅଣା ବ୍ଲକ୍ ଆବାହକ ସତ୍ୟବାନ ସିଂ, ମୁଣ୍ଡାରୀ ଶିକ୍ଷା ପରିଷଦ ସମ୍ପାଦକ ବୁଧିଆ ସିଂ ଓ ମୁଣ୍ଡା ସ୍ୱଶାସନ ଗୁଟୁ ଗାମ ସଭାପତି ମନୋରଞ୍ଜନ ସିଂ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗଦେଇ ମୁଣ୍ଡାରୀ ଭାଷାର ସୁରକ୍ଷା ଓ ଏହାକୁ ସମ୍ବିଧାନର ୮ମ ସୂଚୀରେ ସାମିଲ କରିବା ନେଇ ଦିଗଦର୍ଶନ ଦେଇଥିଲେ। ଉକ୍ତ ବୈଠକରେ ଉପସ୍ଥିତ ସମସ୍ତ କର୍ମକର୍ତ୍ତା ଓ ଗ୍ରାମବାସୀଙ୍କ ସର୍ବସମ୍ମତିକ୍ରମେ ଉକ୍ତ ଡୁମୁରଡିହା ଓ କଳାପାଣି ଗ୍ରାମରେ ୨ଟି ନୂତନ ମୁଣ୍ଡାରୀ ଭାଷା ବିଦ୍ୟାଳୟ ପ୍ରତିଷ୍ଠା କରାଗଲା । ସର୍ବସମ୍ମତିକ୍ରମେ ଡୁମୁରଡିହା ଗ୍ରାମର ମୁଣ୍ଡାରୀ ବିଦ୍ୟାଳୟ ଶିକ୍ଷୟିତ୍ରୀ ଭାବେ ଶାନ୍ତିଲତା ସିଂ ଓ କଳାପାଣି ଗ୍ରାମରେ ମଧୁସ୍ମିତା ସିଂଙ୍କୁ ଶିକ୍ଷୟିତ୍ରୀ ଭାବେ ଚୟନ କରାଗଲା। ମୁଣ୍ଡାରୀ ବିଦ୍ୟାଳୟର ସୁପରିଚାଳନା ନିମନ୍ତେ ୨ଟି ଗ୍ରାମରେ ମୁଣ୍ଡାରୀ ବିଦ୍ୟାଳୟ ପରିଚାଳନା କମିଟି ଗଠନ କରାଯାଇଛି। ମୁଣ୍ଡାରୀ ଭାଷାର ସାମ୍ବିଧାନିକ ସ୍ୱୀକୃତି ଦାବି ନେଇ ନଭେମ୍ବର ୧୫ରେ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀରେ ବାରିପଦାରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ମହାସମାବେଶରେ ଯୋଗଦାନ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରାଯାଇଛି ।

## ଟ୍ରାନ୍ସଫର୍ମର କଏଲ ଚୋରି ଅଭିଯୋଗରେ ୮ ଗିରଫ



କରଞ୍ଜିଆ ୭।୯ (ସମିସ):ମୟୂରଭଞ୍ଜ ଜିଲ୍ଲା ବେତନଟୀ, ଛାଞ୍ଚ, ଚମ୍ପୁଆ ଘାଗରବେଡା, ବହଳଦା, ଠାକୁରମୁଣ୍ଡା ଏବଂ ଅନ୍ୟାନ୍ୟ ସ୍ଥାନରୁ ଟ୍ରାନ୍ସଫରମର କଏଲ ଚୋରି ଅଭିଯୋଗରେ କରଞ୍ଜିଆ ଏସଡିପିଓ ନବକୃଷ୍ଣ ନାଏକଙ୍କ ନେତୃତ୍ୱରେ ଗଠିତ ପୁଲିସ ଟିମ ୮ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଏନେଇ ରାଇରଙ୍ଗପୁର ଜିଲ୍ଲା ପୁଲିସ ଆରକ୍ଷୀ ଅଧିକ୍ଷକ ସୁରେଶ ଚନ୍ଦ୍ର ପାତ୍ର ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ଟିପିଏନଓଡିଏଲ ସେକ୍ସନ ମ୍ୟାନେଜରଙ୍କ ପକାମୁଣ୍ଡାଙ୍କ ଟ୍ରାନ୍ସଫର୍ମର କଏଲ ଚୋରି ଅଭିଯୋଗକୁ ଆଧାର କରି କରଞ୍ଜିଆ ପୁଲିସର ଏକ ସ୍ୱତନ୍ତ୍ର ଦଳ ଘାଗରବେଡା ଥାନା ସଗଡା ଗ୍ରାମକୁ ଯାଇ କଏଲ ଚୋରି କରୁଥିବା ସମୟରେ ହାତ ଗୋଡ଼ ହରାଇଥିବା ଅରୂପ ଗିରିଙ୍କଠାରୁ ପ୍ରମାଣ ପାଇ ବାରିପଦାର ପାଲବଣି, ଦାନ୍ତିଆମୁହାଁ, ଘାଗରବେଡା, ଚମ୍ପୁଆ ଓ ଯଶିପୁର ଅଞ୍ଚଳରୁ ୮ ଜଣ ଚୋରଙ୍କୁ ଧରିବାରେ ସକ୍ଷମ ହୋଇଥିଲେ। ଏହି ଦଳ ରାଇରଙ୍ଗପୁର ଓ କରଞ୍ଜିଆ ଅଞ୍ଚଳର ବିଭିନ୍ନ ସ୍ଥାନରୁ ଟ୍ରାନ୍ସଫର୍ମର କଏଲ ଚୋରି କରୁଥିବା ଜଣାପଡିଛି। ସେମାନଙ୍କ ନିକଟରୁ କଣ୍ଡକ୍ଟର ତାର ୨୧୦ କିଲୋ, ତମ୍ବା ତାର ୧୨୦ କିଲୋ, ୧୧ କେଭି ଓ ୩୩ କେଭି ଇନସୁଲେଟର ପିନ୍, କଟର ମେସିନ ୨ ଟା, କଟର ପ୍ଲାସ ୩ ଟା, ଲାଇନମେନ ହେଲମେଟ ୩, ଜ୍ୟାକେଟ ୨, ମଟରସାଇକେଲ ୩ ଓ ମୋବାଇଲ ୧୦ ଟି ଜବତ୍ କରିଛି। ସମସ୍ତ ଗିରଫଙ୍କ ବିରୋଧରେ ପୂର୍ବରୁ ବହୁ କେଶରେ ଜଡିତ ହୋଇ କୋର୍ଟ ଚାଲାଣ ମଧ୍ୟ ହୋଇଛନ୍ତି ବୋଲି ଶ୍ରୀ ପାତ୍ର ସୂଚନା ଦେଇଥିଲେ। କରଞ୍ଜିଆ ପୁଲିସର ଏହି ସଫଳତା ଆଗାମୀ ସମୟରେ ବହୁ ଚୋରି ଘଟଣାର ପର୍ଦ୍ଦାଫାଶ କରିବ ବୋଲି ସେ ଆଶାବାଦୀ ଅଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କରଞ୍ଜିଆ ଏସପିଓ ନବକୃଷ୍ଣ ନାଏକ, କରଞ୍ଜିଆ ଆଇଆଇସି ମୃତ୍ୟୁଞ୍ଜୟ ପ୍ରଧାନ, ଯଶିପୁର ଆଇଆଇସି ରାଜେଶ କୁମାର ସେଠୀ ଓ ବହଳଦା ଆଇଆଇସି ଭାସ୍କର ପ୍ରଧାନ ପ୍ରମୁଖଙ୍କ ଉପସ୍ଥିତ ଥିଲେ।

## ଭୀମଦା ପଞ୍ଚାୟତରେ ମନରେଗା ଦୁର୍ନୀତି ଅଭିଯୋଗ

ବାରିପଦା/ବଡ଼ସାହି,୭।୯(ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକ୍ ଅନ୍ତର୍ଗତ ଭୀମଦା ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଆର୍ଥିକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ନେଇ ସୋମବାର ଜନଶୁଣାଣି ଶିବିରରେ ଲିଖିତ ଅଭିଯୋଗ ହୋଇଛି। ଏଥିରେ ଭୀମିଦା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ହରିଶ ଚନ୍ଦ୍ର ମହାନ୍ତ, ସ୍ଥାନୀୟ ସରପଞ୍ଚ ଓ ବଡ଼ସାହି ବିଡିଓଙ୍କ ଜାଣତରେ ସରକାରୀ ଅର୍ଥ ହଡ଼ପ କରାଯାଇଥିବା ଦର୍ଶାଯାଇଛି। ଚେଙ୍ଗୁଆ ମଙ୍ଗଳପୁରର ସାମାଜିକ କର୍ମୀ ପ୍ରଦୀପ ପଲେଇଙ୍କ ଅଭିଯୋଗ ଅନୁସାରେ, ଭୀମଦା ପଞ୍ଚାୟତ ଅଧୀନ ସୁନ୍ଦରମୋହନ ସିଂହଙ୍କ ଘରଠାରୁ ପିଏମ୍‌ଏ ତାଳବିଲ୍ଲା ପର୍ଯ୍ୟନ୍ତ ଏକ ଜଳ ନିଷ୍କାସନ ନାଳ ନିର୍ମାଣ ପାଇଁ ମଞ୍ଜୁରୀ ମିଳିଥିଲା। ତଥ୍ୟ ଅନୁଯାୟୀ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଥିବା ଦର୍ଶାଯାଇଥିଲେ ସୁଦ୍ଧା ବାସ୍ତବିକ କୌଣସି କାର୍ଯ୍ୟ ହୋଇନାହିଁ। ସେହିପରି ଚେଙ୍ଗୁଆ ମଙ୍ଗଳପୁର ଲକ୍ଷ୍ମୀଧର ନାଏକଙ୍କ ଜମିରେ ଫାର୍ମ ପୋଖରୀ ଖନନ ନାମରେ କୌଣସି କାମ ନକରି ନକଲି ମାଷ୍ଟର ରୋଲ୍ ପ୍ରସ୍ତୁତ ପୂର୍ବକ ସରକାରୀ ତହବିଲରୁ ଟଙ୍କା ଉଠାଇ ନିଆଯାଇଛି। ଅଭିଯୋଗକାରୀ ଆହୁରି ଦର୍ଶାଇଛନ୍ତି ଯେ, ଏ ସମ୍ପର୍କରେ ପୂର୍ବରୁ ବ୍ଲକ୍ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ବରଂ ପଞ୍ଚାୟତରାଜ ଶାଖାରୁ ଅଭିଯୋଗ ପତ୍ର ଗାଏବ ହୋଇଯାଇଛି। ଲୋକଙ୍କ ସରକାର ବୋଲି ଡିଣ୍ଡିମ ପିଟୁଥିବାବେଳେ କ୍ଷେତ୍ରସ୍ତରରେ ଜନସାଧାରଣଙ୍କ ଟଙ୍କାର ଖୋଲାଖୋଲି ଲୁଟ୍ ଚାଲିଛି ବୋଲି ସେ କ୍ଷୋଭ ପ୍ରକାଶ କରିଛନ୍ତି। ଜିଲ୍ଲାପାଳ ଏହି ସମ୍ବେଦନଶୀଳ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ଅଧିକାରୀ ଓ ପ୍ରତିନିଧିଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସରକାରୀ ଅର୍ଥ ଫେରସ୍ତକୁ ଅଭିଯୋଗକାରୀ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ ବଡ଼ସାହି ବ୍ଲକ୍‌ର ତାଳପଦା ପଞ୍ଚାୟତରେ ମନରେଗା ଅର୍ଥ ଅନିୟମିତତା ନେଇ ଉଚ୍ଚନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ବିଚାର ଚାଲିଥିବାବେଳେ ଭୀମିଦା ପଞ୍ଚାୟତରୁ ସମାନ ଅଭିଯୋଗ ବ୍ଲକ୍ ପ୍ରଶାସନକୁ ଅଡୁଆରେ ପକାଇଛି ।

### ଗୋବରଯୋଡ଼ା ନଦୀରେ ନାହିଁ ପୋଲ

# ୧୦ କିମି ବୁଲି ଯାଉଛନ୍ତି ଚିରୁପଦା ଓ ବଡ଼ବାଲିପୋଷି ବାସିନ୍ଦା



ମହୁଲଡିହା,୭।୯(ସମିସ): ମୟୂରଭଞ୍ଜ ଠାକୁରମୁଣ୍ଡା ବ୍ଲକ କେଶଡିହା ପଞ୍ଚାୟତ ମଣ୍ଡଳଝରି ଆଦିବାସୀ ଅଧ୍ୟୁଷିତ ଗ୍ରାମବାସୀଙ୍କୁ ମାତ୍ର ୨ କିଲୋମିଟର ରାସ୍ତା ଅତିକ୍ରମ ପାଇଁ ୧୦ କିମି ବୁଲିବାକୁ ପଡୁଛି। ମଝିରେ ନଦୀ ପ୍ରତିବନ୍ଧକ ସାଜିଥିବାରୁ ଲୋକେ ୧୦ କି.ମି ବୁଲି ଚିରୁପଦା ଯାଉଛନ୍ତି। ଶିମିଳିପାଳ ପାଦଦେଶସ୍ଥ କେଶଡିହା ପଞ୍ଚାୟତ ଅନ୍ତର୍ଗତ ଚିରୁପଦା ଓ ବଡ଼ବାଲିପୋଷିରୁ ପଞ୍ଚାୟତ ମୁଖ୍ୟାଳୟ କେଶଡିହା ମଣ୍ଡଳଝରି ଗ୍ରାମ ମାତ୍ର ୨ କିମି ଦୂର। ମଝିରେ ପ୍ରବାହିତ ହେଉଥିବା ଗୋବରଯୋଡ଼ା ନଦୀ ପ୍ରତିବନ୍ଧକ ସାଜିଛି। ପୂର୍ବରୁ ଏଠାରେ ଏକ ହୋମ ପାଇପ ପୋଲ ଥିଲା। ଦୁଇବର୍ଷ ତଳେ ବନ୍ୟା ପାଣି ଆସି ପୋଲ ସମ୍ପୂର୍ଣ୍ଣ ଭାବେ ଧୋଇ ହୋଇ ଯାତାୟାତ ଠପ ହୋଇଯାଇଛି। ଏହା ପରଠୁ ନୂତନ ପୋଲ ନିର୍ମାଣ ହୋଇନାହିଁ। ପୋଲ ନ ଥିବାରୁ ଚିରୁପଦା ଓ ବଡ଼ବାଲିପୋଷି ଗ୍ରାମ ଲୋକେ ନିଜ ପଞ୍ଚାୟତ କେଶଡିହାକୁ ଯିବା ପାଇଁ ୧୦ କିମି ଅତିରିକ୍ତ ରାସ୍ତା ବୁଲି ଯାଉଛନ୍ତି। ଏହା ଗର୍ଭବତୀ ମହିଳା,ଅସୁସ୍ଥ ରୋଗୀ,ସ୍କୁଲ ଛାତ୍ରୀ ଏବଂ ବୃଦ୍ଧଙ୍କ ପାଇଁ ସବୁଠୁ ବଡ଼ ଅସୁବିଧା ସୃଷ୍ଟି କରିଛି। ସରକାରୀ ବସ୍ ଦୈନିକ ବ୍ଲକ୍ କାର୍ଯ୍ୟାଳୟରୁ ୭ଥର କେଶଡିହା ଯାତାୟାତ କରେ। ବସଟି ମିଟୁଆଣୀ ଦେଇ କେଶଡିହା ଯାଏ। ଚିରୁପଦା ନିକଟରେ ପୋଲ ଥିଲେ ବଡବାଲିପୋଷି, ଚିରୁପଦା, ମଣ୍ଡଳଝରି ଦେଇ ବସ୍ ସେବା ସମସ୍ତ ଗ୍ରାମକୁ ହୁଅନ୍ତା। ଏହାଦ୍ୱାରା ଚାଷୀ, ଛାତ୍ରଛାତ୍ରୀ , ରୋଗୀ ଓ ବୃଦ୍ଧଙ୍କୁ ସହାୟକ ହୁଅନ୍ତେ। କେଶଡିହା ପଞ୍ଚାୟତ ୧ ଓ ୨ ନମ୍ବର ୱାର୍ଡ ଚିରୁପଦାରେ ୧୮୭ ପରିବାରର ୮୮୮ ଲୋକ ବାସ ଏବଂ ବଡ଼ବାଲିପୋଷି ଗ୍ରାମର ୧୮୦ ପରିବାରର ୮୮୯ ଲୋକ ବାସ କରନ୍ତି। ଏହି ଅଞ୍ଚଳର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ। ନଦୀରେ ପୋଲ ନ ଥିବାରୁ ଚାଷୀମାନେ ନିଜ ଉତ୍ପାଦିତ ଧାନ ଓ ପନିପରିବାକୁ ବଜାର ନେଇ ପାରୁନାହାନ୍ତି। ସେମାନଙ୍କୁ କମ୍ ଦାମ୍‌ରେ ମଧ୍ୟସ୍ଥିଙ୍କୁ ବିକ୍ରି କରିବାକୁ ପଡୁଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଗୋବରଯୋଡ଼ା ନଦୀ ଉପରେ ପୋଲ ନିର୍ମାଣ ହୁଏ ତେବେ ବଡ଼ ବାଲିପୋଷି, ଚିରୁପଦାରୁ ସିଧା ମଣ୍ଡଳଝରି ଦେଇ କେଶଡିହା ପର୍ଯ୍ୟନ୍ତ ସରକାରୀ ବସ୍ ଚଳାଚଳ କରିପାରିବ। ଏହାଦ୍ୱାରା ଲୋକେ ସହଜରେ ପଞ୍ଚାୟତ ଓ ବ୍ଲକ୍ କାର୍ଯ୍ୟାଳୟକୁ ଯାତାୟାତ କରିପାରିବେ। ସ୍ୱାସ୍ଥ୍ୟ ସେବା, ଶିକ୍ଷା ଓ ବଜାର ବ୍ୟବସ୍ଥା ମଧ୍ୟ ଉନ୍ନତ ହେବ। ଗ୍ରାମବାସୀମାନେ ବହୁବାର ପ୍ରଶାସନ ଓ ଜନପ୍ରତିନିଧିଙ୍କ ପାଖରେ ଦାବି ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ। ତୁରନ୍ତ ଗୋବରଯୋଡ଼ା ନଦୀ ଉପରେ ଏକ ପକ୍କା ପୋଲ ନିର୍ମାଣ କରିବା ପାଇଁ ସରକାରଙ୍କୁ ଅନୁରୋଧ କରିଛନ୍ତି। ଏହି ଗ୍ରାମରେ ୯୯ % ଲୋକ ଆଦିବାସୀ। ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ବିଭାଗ ଆଇଟିଡିଏ ରହିଛି ସେମାନଙ୍କ ଉନ୍ନତି ଦେଖିବା ପାଇଁ। ମାତ୍ର ଏଠି ଏଭଳି ଗୁରୁତ୍ୱପୂର୍ଣ୍ଣ ଘଟଣାଟି କିପରି ସମ୍ପୃକ୍ତ ବିଭାଗ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗକୁ ବିବ୍ରତ କରିନାହିଁ ନା ସେ ନେଇ ପ୍ରଶ୍ନ ଉଠିଛି। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ମଧ୍ୟ ତାହା ସ୍ଥାନ ପାଇବାକୁ ଯୋଗ୍ୟ ବୋଲି ଗ୍ରାମବାସୀ କହିଛନ୍ତି। ଗ୍ରାମବାସୀଙ୍କ କହିବାନୁଯାୟୀ ସରକାରଙ୍କ ସବୁ ଯୋଜନାରୁ ଆମେ ବଞ୍ଚିତ। ପୋଲଟିଏ ହୋଇଗଲେ ଯାତାୟାତ ସୁବିଧା ହେବରା ସହ ଜୀବିକା ସହଜ ହୋଇପାରିବ। ସରପଞ୍ଚ ଶ୍ରୀମତୀ ବୀଣାପାଣି ନାୟକ ମଧ୍ୟ ସରକାରୀ ସହାୟତା ଆବଶ୍ୟକ ଏବଂ ପଞ୍ଚାୟତ ପାଣ୍ଠିରେ ଏହା ସମ୍ଭବ ନୁହେଁ ବୋଲି କହିଛନ୍ତି। ପ୍ରଶାସନ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।

## ଶିକ୍ଷକ ଅଭାବକୁ ନେଇ ଅସନ୍ତୋଷ ତୀବ୍ର

# ସ୍କୁଲ ଗେଟ୍‌ରେ ତାଲା ପକାଇ ରାସ୍ତାରେ ପଢ଼ିଲେ ଛାତ୍ରଛାତ୍ରୀ

ଚନ୍ଦନେଶ୍ୱର, ୭।୯ (ସମିସ)



ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କାନ୍ଠିଥଭଉଁରୀ ପଞ୍ଚାୟତ ଅଧୀନ ରଣସିଂହପୁର ଆଶ୍ରମ ବିଦ୍ୟାଳୟରେ ଏଭଳି ଦୟନୀୟ ଚିତ୍ର ଦେଖିବାକୁ ମିଳିଛି। ଶିକ୍ଷକ ଅଭାବକୁ ନେଇ ଅସନ୍ତୋଷ ତୀବ୍ର ହେବା ପରେ ଛାତ୍ରଛାତ୍ରୀମାନେ ସ୍କୁଲ ଗେଟ୍‌ରେ ତାଲା ପକାଇ ରାସ୍ତା ଉପରେ ବସି ପାଠ ପଢ଼ିବା ଘଟଣା ଶିକ୍ଷା ବ୍ୟବସ୍ଥା ପ୍ରତି ପ୍ରଶାସନର ଅବହେଳାକୁ ପଦାରେ ପକାଇଛି। ୧୯୫୫ ମସିହାରେ ପ୍ରତିଷ୍ଠିତ ଏହି ପୁରାତନ ଆଶ୍ରମ ବିଦ୍ୟାଳୟଟି ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାରଙ୍କ ଅଧୀନରେ ପରିଚାଳିତ। ଏଠାରେ ଶିଶୁ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୦୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏତେ ବଡ଼ ସଂଖ୍ୟକ ପିଲାଙ୍କ ଶିକ୍ଷାଦାନ ପାଇଁ ଦୀର୍ଘଦିନ ଧରି ମାତ୍ର ୩ ଜଣ ଶିକ୍ଷକଙ୍କ ଉପରେ ନିର୍ଭର କରି ନିୟମିତ ଶିକ୍ଷାଦାନ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥିଲା। ଏହି ସଂକଟ ମଧ୍ୟରେ ପ୍ରାୟ ୧୫ ଦିନ ପୂର୍ବେ ହଠାତ୍ ଦୁଇଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଥିବାରୁ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ପ୍ରାୟ ଭୁଶୁଡ଼ି ପଡ଼ିଛି।

ଏବେ ପ୍ରଶ୍ନ ଉଠୁଛି ୨୦୧ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଶିକ୍ଷକ ନିଯୁକ୍ତି ନକରି ଦୁଇଜଣ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଗଲା କାହିଁକି? ବଦଳି ପୂର୍ବରୁ ବିଦ୍ୟାଳୟର ଶିକ୍ଷକ ଆବଶ୍ୟକତା ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପ୍ରତି କାହିଁକି ଧ୍ୟାନ ଦିଆଗଲା ନାହିଁ? ଏହାର ଉତ୍ତର ଅଭିଭାବକ ଓ ସ୍ଥାନୀୟ ଲୋକେ ଦାବି କରୁଛନ୍ତି। ବିଦ୍ୟାଳୟର ଏହି ସମସ୍ୟା ନେଇ ଅଭିଭାବକ ଓ ସ୍ଥାନୀୟ ଲୋକେ ପୂର୍ବରୁ ମଧ୍ୟ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଭୋଗରାଇ ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣିରେ ମଧ୍ୟ ଏନେଇ ବାରମ୍ବାର ଅଭିଯୋଗ ହୋଇଥିବା କୁହାଯାଉଛି। କିନ୍ତୁ ଅଭିଯୋଗ ପରେ ମଧ୍ୟ ସ୍ଥାୟୀ ସମାଧାନ ନହେବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦିନକୁ ଦିନ ବଢୁଛି। ଶିକ୍ଷକ ନ ଥିବାରୁ ଯଦି ପିଲାମାନେ ରାସ୍ତାରେ ବସି ପାଠ ପଢ଼ିବାକୁ ବାଧ୍ୟ ହୁଅନ୍ତି, ତେବେ ଏହାଠାରୁ ଶିକ୍ଷା ବ୍ୟବସ୍ଥାର ଦୁର୍ଦ୍ଦଶାର ବଡ଼ ଉଦାହରଣ ଆଉ କ'ଣ ହୋଇପାରେ? ଯେଉଁ ପିଲାମାନଙ୍କୁ ଗୁଣାମକ ଶିକ୍ଷା ଦେଇ ଭବିଷ୍ୟତର ନାଗରିକ ଭାବେ ଗଢ଼ି ତୋଳିବା ସରକାରଙ୍କ ଦାୟିତ୍ୱ, ସେମାନଙ୍କୁ ଶିକ୍ଷକ ଅଭାବରେ ଅବହେଳିତ କରିବା ନିଶ୍ଚୟ ଚିନ୍ତାଜନକ। ସ୍ଥାନୀୟ ଅଭିଭାବକ ଓ ଜନସାଧାରଣଙ୍କ ଦାବି ହେଉଛି ତୁରନ୍ତ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତ କରାଯାଉ, ବଦଳି ହୋଇଥିବା ଶିକ୍ଷକଙ୍କ ସ୍ଥାନରେ ବିକଳ୍ପ ବ୍ୟବସ୍ଥା କରାଯାଉ। ଅଭିଭାବକମାନେ ଆହୁରି କହିଛନ୍ତି ଯେ, ଏହା କେବଳ ଏକ ବିଦ୍ୟାଳୟର ସମସ୍ୟା ନୁହେଁ; ଏହା ଶତାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଜଡ଼ିତ ପ୍ରଶ୍ନ। ତେଣୁ ଆଉ ପ୍ରତିଶ୍ରୁତି ନୁହେଁ, ତୁରନ୍ତ ଦୃଶ୍ୟମାନ ପଦକ୍ଷେପ ଆବଶ୍ୟକ। ଯଦି ଦାବିଗୁଡ଼ିକ ତୁରନ୍ତ ପୂରଣ କରାନଯାଏ, ତେବେ ଅଭିଭାବକ, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଅଭିଭାବକ ଓ ସ୍ଥାନୀୟ ଲୋକେ ସ୍ପଷ୍ଟ କରିଛନ୍ତି।

## ● କରଞ୍ଜିଆ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ, ୩ ଗିରଫ

# ୫ ହଜାର କେଜି ପୋଚ ନଷ୍ଟ, ୩୨୦ ଲିଟର ଦେଶୀମଦ ଜବତ

କରଞ୍ଜିଆ,୭।୯ (ସମିସ): ଆଗକୁ ପାର୍ବଣ ଋତୁ ଥିବାରୁ ବେଆଇନ ମଦ କାରବାର ଉପରେ କରଞ୍ଜିଆ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉକୁ ଜୋରଦାର କରାଯାଇଛି। କରଞ୍ଜିଆ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଇ ବିପୁଳ ପରିମାଣର ପୋଚ ନଷ୍ଟ କରାଯିବା ସହ ଦେଶୀ ମଦ ଜବତ ହୋଇଛି। ଏଥିସହ ବେଆଇନ ଭାବେ ବିଦେଶୀ ମଦ ଜବତ ହୋଇଥିବାବେଳେ ୩ ଜଣଙ୍କୁ ଗିରଫ କରାଯାଇଛି।



ମିରିଗିନେଣ୍ଡି ଜଙ୍ଗଲ ଅଞ୍ଚଳରେ ଚଢ଼ଉ କରାଯାଇ ପ୍ରାୟ ୫ ହଜାର କେଜି ପୋଚ ନଷ୍ଟ କରାଯାଇଥିବାବେଳେ ୩୨୦ ଲିଟର ଦେଶୀ ମଦ ଜବତ କରାଯାଇଛି। ସେହିପରି ପିଙ୍ଗୁ ଗ୍ରାମରେ ଚଢ଼ଉ କରି ବେଆଇନ ଭାବେ ବିଦେଶୀ ମଦ ବିକ୍ରି କରୁଥିବା ଅଭିଯୋଗରେ ଚକ୍ରଧର ନାୟକଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ ହୋଇଛି। ପରେ କରଞ୍ଜିଆ ବ୍ଲକର ତାଟୋ ଅଞ୍ଚଳରେ ଚଢ଼ଉ କରାଯାଇ ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ତୁଳସୀ ନାୟକଙ୍କୁ ଗିରଫ କରାଯାଇଛି। ସମଗ୍ର ଚଢ଼ଉରେ ଜଣେ ମହିଳାଙ୍କ ସମେତ ୩ ଜଣ ଅଭିଯୁକ୍ତ ଗିରଫ ହୋଇଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗିରଫ ଅଭିଯୁକ୍ତଙ୍କ ବିରୋଧରେ ଅବକାରୀ ଥାନାରେ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉ ଉପଅଧୀକ୍ଷକ ସମରଞ୍ଜନ ବେହେରାଙ୍କ ନେତୃତ୍ୱରେ କରାଯାଇଥିଲା। ଏଥିରେ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଜୟନ୍ତୀ ଆଚାର୍ଯ୍ୟ, ଅବକାରୀ ଓଆଇସି ରଶ୍ମିରଞ୍ଜନ ନାୟକ, ରାଇରଙ୍ଗପୁର ଓ ବିଷୟ ଅବକାରୀ ଅଧିକାରୀ, ଏଏସଆଇ ଫୁଲମଣି ନାୟକଙ୍କ ସମେତ ଅନ୍ୟ ଅବକାରୀ କର୍ମଚାରୀ ସାମିଲ ହୋଇଥିଲେ। ପୂଜାପର୍ବକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ମଧ୍ୟ ବେଆଇନ ମଦ କାରବାର ବିରୋଧରେ ଚଢ଼ାଉ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

# ଭୁଜାଲି ଆକ୍ରମଣରେ ଜଣେ ଗୁରୁତର

ନୀଳଗିରି, ୭।୯ (ସମିସ): ନୀଳଗିରି ଏନ୍‌ଏସି ଘାଟଘରସାହି ଗ୍ରାମର ହୃଷିକେଶ ଦାସଙ୍କ ପୁଅ ସରୋଜ କୁମାର ଦାସ (୪୭) ଗତ ସେପ୍ଟେମ୍ବର ୬ ତାରିଖ ରବିବାର ରାତ୍ରୀ ପ୍ରାୟ ୧୦.୩୦ ସମୟରେ ପଞ୍ଚଲିଙ୍ଗେଶ୍ୱରରୁ ନିଜ ଘରକୁ ଫେରୁଥିବା ବେଳେ ଉକ୍ତ ନୀଳଗିରି-ପଞ୍ଚଲିଙ୍ଗେଶ୍ୱର ପି.ଡବ୍ଲ୍ୟୁ.ଡି ରାସ୍ତା ମରାମତି କାର୍ଯ୍ୟ ଚାଲିଥିଲା। ତେବେ ସଂପୃକ୍ତ ରାସ୍ତାର ମରାମତି କାର୍ଯ୍ୟ ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟବରାଦ ଚାଲିଥିବା ସମୟରେ ସେଠାରେ ବିଭାଗୀୟ ଅଧିକାରୀ ମାନେ ରାସ୍ତା କାର୍ଯ୍ୟ ସ୍ଥଳରେ ରହୁନଥିବା ଏବଂ ରାତି ୧୦.୩୦ ସମୟରେ ଠିକାଦାର ଜଣଙ୍କ ରାସ୍ତାରେ ରାବିସ୍ ଠିକ ଭାବେ ନ ପକାଇ ଛାଞ୍ଚ ପିଚ ପକାଉଥିବାର ଦେଖି ସେଠାରେ ବାଇକ ଛିଡା କରି ଠିକା କର୍ମଚାରୀଙ୍କୁ ଟିକେ ଭଲ କାମ କରିବାକୁ କହିଥିଲେ। ସେହି ସମୟରେ ସେଠାରେ ଉପସ୍ଥିତ ଥିବା ବାଲେଶ୍ୱର ଜିଲ୍ଲା ଶିକ୍ଷାଞ୍ଚଳ ଥାନା ବାମପଦା ଗ୍ରାମର ଭବେଶ୍ ପ୍ରଧାନ (୪୦) ଉତ୍ତ୍ୟକ୍ତ ହୋଇ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହ ସମସ୍ତଙ୍କୁ ପିସି ଦିଆଯାଇଛି, ରାତ୍ରିରେ ପିଚୁ କାମ ହେବ, କାମ ଭଲ କି କରିହେବ ନାହିଁ। ଏହାକୁ ନେଇ ଯୁକ୍ତି ତର୍କ ବଢିବା ସହ ଠିକା ସଂସ୍ଥାର ଶ୍ରୀ ପ୍ରଧାନ ସହ ୪-୫ ତାଙ୍କ କର୍ମଚାରୀ ହାତରେ ଭୁଜାଲି, ଲୁହାରଡ ଧରି ପଥଚାରୀ ସରୋଜ କୁମାର ଦାସଙ୍କୁ ଆକ୍ରମଣ କରି ରକ୍ତାକ୍ତ କରି ତାଙ୍କ ବେକରୁ ସୁନା ଚେନ୍ ଓ ହାତରୁ ଘଣ୍ଟା ନେଇଯାଇଥିଲେ। ରାସ୍ତାରେ ଯିବା ଆସିବା କରୁଥିବା ଲୋକେ ପ୍ରତିବାଦ କରିବାରୁ ଛାଡି ଦେଇଥିଲେ। ଏହି ଆକ୍ରମଣରେ ଗୋଟିଏ ହାତର ଲିଗାମେଣ୍ଟ ଛିଡି ଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ନୀଳଗିରି ମେଡିକାଲ୍‌କୁ ଅଣାଯାଇ ଚିକିତ୍ସା ଚାଲିଛି। ଏ ନେଇ ନୀଳଗିରି ଥାନାରେ ସରୋଜ କୁମାର ଦାସ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଠିକା ସଂସ୍ଥା ପକ୍ଷରୁ ଗୋଟିଏ ଅଭିଯୋଗ ହୋଇଛି। ଏ ନେଇ ନୀଳଗିରି ଥାନା ପକ୍ଷରୁ ଦୁଇଟି ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି।

# ସାନକେରକୋ ଜୋନାଲସ୍ତରୀୟ କ୍ରୀଡ଼ା ଉଦ୍‌ଘାଟିତ



ବଡ଼ସାହି,୭।୯ (ସମିସ): ବଡ଼ସାହି ବ୍ଲକ ଅନ୍ତର୍ଗତ ସାନକେରକୋ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୪ ଓ ୧୭ ବର୍ଷରୁ କମ୍ ଜୋନାଲସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ସଦାନନ୍ଦ ମୁର୍ମୁଙ୍କ ସଭାପତିତ୍ୱରେ ଉକ୍ତ ପ୍ରତିଯୋଗିତା ଉଦଘାଟିତ ହୋଇଛି। ମୁଖ୍ୟ ଅତିଥି ରୂପେ ଯଦୁନାଥପୁର ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଜା ମହାପାତ୍ର ଯୋଗଦେଇ କ୍ରୀଡ଼ା ଓ ଶିକ୍ଷା ମୁଦ୍ରାର ଦୁଇ ପାଶ୍ୱର୍ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସାନକେରକୋ କ୍ଲଷ୍ଟରର ସିଆରସିସି ରାମଚନ୍ଦ୍ର ବେହେରା ଓ ବିଶିଷ୍ଟ ଅତିଥି ଭାବେ ଯଦୁନାଥପୁର କ୍ଲଷ୍ଟର ସିଆରସିସି ଶାଙ୍ଗ କିସ୍କୁ ଯୋଗଦେଇ କ୍ରୀଡାବିତ ଖେଳୁଆଡ଼ ମନଭାବ ନେଇ ନିଜକୁ ସୁନାଗରିକ ରୂପେ ଗଢି ତୋଳି ଦେଶର ଉନ୍ନତି କରିବା ଉଚିତ ବୋଲି କହିଥିଲେ। ଶାରୀରିକ ଶିକ୍ଷା ଶିକ୍ଷକ ପାର୍ଥସାରଥୀ ଜେନା କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରୁଥିବାବେଳେ ଶାରୀରିକ ଶିକ୍ଷା ଶିକ୍ଷକ ଶଙ୍କର ମାରାଣ୍ଡି ଓ ଶରତ କୁମାର ସିଂ ପ୍ରମୁଖ ବିଭିନ୍ନ ବିଭାଗର କ୍ରୀଡା ପ୍ରତିଯୋଗିତାକୁ ସୁଚାରୁ ରୂପେ ସମ୍ପାଦନ କରୁଛନ୍ତି। ଏଥିରେ ସାନକରକୋ ଉଚ୍ଚବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପିଲାଙ୍କୁ କ୍ରୀଡା ପ୍ରତିଯୋଗିତା ଅଂଶଗ୍ରହଣ କରିବାରେ ସହଯୋଗ କରିଥିଲେ।

# ଚୋରା ମଦ କାରବାର ବନ୍ଦ ଦାବିକଲେ ମହିଳା



ଉଦଳା,୭।୯ (ସମିସ): ଗାଁଗହଳିରେ ଚାଲିଛି ଚୋରା ମଦ କାରବାର। ମଦ ପିଇ ପରିବାର ସର୍ବସାନ୍ତ ହୋଇ ସାରିଲେଣି। ଉଦଳା ଥାନାରେ ଆଜି ଶତାଧିକ ମହିଳା ପହଞ୍ଚି ଚୋରା ମଦ କାରବାର ବନ୍ଦ କରାଯିବାକୁ ଦାବି କରିଛନ୍ତି। ଉଦଳା ଥାନା ଅନ୍ତର୍ଗତ ବହୁବନ୍ଧ ଓ କନକପଦା ଗ୍ରାମରେ ମଦ ବହୁ ପରିବାର ନଷ୍ଟ କରିସାରିଲାଣି। ନାବାଳକ ମଧ୍ୟ ନିଶାସକ୍ତ ହୋଇ ପରିବାରରେ ଅଶାନ୍ତି ସୃଷ୍ଟି କରୁଛନ୍ତି। ଗ୍ରାମରେ ବେଆଇନ ମଦ ବିକ୍ରି କରୁଥିବା ବେପାରୀଙ୍କୁ ଗ୍ରାମରେ ବୈଠକ ଡକାଇ ମଦ କାରବାର ବନ୍ଦ କରିବାକୁ ଗ୍ରାମବାସୀ ଓ ସରପଞ୍ଚ ତାଗିଦ କରିଥିଲେ। ତେବେ ମଦ ବ୍ୟବସାୟୀ ତାହା ନ ଶୁଣିବାରୁ ଶେଷରେ ଗ୍ରାମବାସୀ ନିଜ ପରିବାରକୁ ସୁରକ୍ଷିତ ରଖିବା ପାଇଁ ନିଜର ଗୁହାରି ନେଇ ଉଦଳା ଥାନାରେ ପହଞ୍ଚିଛନ୍ତି। ଗ୍ରାମରେ ଚାଲିଥିବା ମଦ ବେପାରକୁ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ତୁରନ୍ତ ଗ୍ରାମରେ ମଦ ବିକ୍ରି ବନ୍ଦ ନ ହେଲେ ଆଗାମୀ ଦିନରେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ

ତେଲକୋଇ/ଆନନ୍ଦପୁର,୭।୯ (ସମିସ): ତେଲକୋଇ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ବ୍ୟାଙ୍କର ୧୨୧ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଗ୍ରାହକମାନଙ୍କ ଉପସ୍ଥିତିରେ ବ୍ୟାଙ୍କର ସିନିୟର୍ ମ୍ୟାନେଜର ବିବେକାନନ୍ଦ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବରିଷ୍ଠ ନାଗରିକ ତଥା ଗ୍ରାହକଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ସେହିପରି ବ୍ୟାଙ୍କର ସମସ୍ତ ବର୍ଗର ଗ୍ରାହକ, ବ୍ୟାଙ୍କ କର୍ମଚାରୀ ଏଥିରେ ଯୋଗଦେଇଥିଲେ। ଏହି ଅବସରରେ ବ୍ୟାଙ୍କର ସିନିୟର୍ ମ୍ୟାନେଜର ସମସ୍ତ ଗ୍ରାହକଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ସେହିପରି ଆନନ୍ଦପୁର ଅନ୍ତର୍ଗତ ରାମଚନ୍ଦ୍ରପୁର ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ମଧ୍ୟ ବ୍ୟାଙ୍କର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମସ୍ତ ଗ୍ରାହକଙ୍କୁ ବରିଷ୍ଠ ଶାଖା ପ୍ରବନ୍ଧକ ଜଗନ୍ନାଥ ଦେହୁରୀ ସ୍ୱାଗତ କରିବା ସହିତ ଅଭିନନ୍ଦନ ଜଣାଇଥିଲେ। ବ୍ୟାଙ୍କ ପକ୍ଷରୁ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ଅବସରରେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ବର୍ଷକୁ ୨୦ ଟଙ୍କା ଦେଇ ବୀମା କରିଥିବା ଜରଦା ଗ୍ରାମର ମଞ୍ଜୁଲତା ଜେନାଙ୍କର ଦୁର୍ଘଟଣାରେ ପରଲୋକ ହୋଇଯାଇଥିବାରୁ ଉତ୍ତରାଧିକାରୀ ଭାବରେ ତାଙ୍କର ସ୍ୱାମୀ ଫକୀର ଜେନାଙ୍କୁ ବୀମା ରାଶି ଦୁଇ ଲକ୍ଷ ଟଙ୍କା ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଇଥିଲା। ବ୍ୟାଙ୍କ ପକ୍ଷରୁ ଉତ୍ତମ ଗ୍ରାହକ ଓ ବ୍ୟାଙ୍କ ସହିତ ସବୁ କ୍ଷେତ୍ରରେ ସର୍ବଦା ସୁ ସମ୍ପର୍କ ପ୍ରତିଷ୍ଠା କରିପାରିଥିବା ଦେବାଶିଷ ପାତ୍ର, ଅଚ୍ୟୁତାନନ୍ଦ ଜେନା, ପତିତପାବନ ପଣ୍ଡା, ରାଜ କିଶୋର ତ୍ରିପାଠୀ ଓ ବିଶ୍ୱରଞ୍ଜନ ରଥଙ୍କୁ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ୟାଙ୍କ ପରିସରରେ ପ୍ରତିଷ୍ଠା ଦିବସ ଉତ୍ସବର ସମସ୍ତ କାର୍ଯ୍ୟକ୍ରମକୁ ସହ- ଶାଖା ପ୍ରବନ୍ଧକ ସୁଶୀଲ କୁମାର ସାହୁ, ସ୍ୱସ୍ତି ପ୍ରିୟମ୍ବଦା ରଥ, କ୍ୟାସିଅର ଶୁଭାଶିଷ ମିଶ୍ର, କର୍ମଚାରୀ ଗୌରହରୀ ମହାକୁଡ଼, ଉପେନ୍ଦ୍ର ସାହୁ, ନିକିତା ନାୟକ, ନୀଳମାଧବ କର, ବ୍ୟାଙ୍କ ମିତ୍ର ରୁପାଲୀ ରାଉତ ଓ ବ୍ୟାଙ୍କର ଡିସି କଳ୍ପତରୁ ସାହୁ, ବିପିନ ବିହାରୀ ମାଝୀ ପରିଚାଳନା କରିଥିଲେ।





# ବସ୍ ଧକ୍କାରେ ମହିଳା ଗୁରୁତର

ବିଶୋଇ,୭।୯ (ସମିସ): ବିଶୋଇ ଥାନା ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥରେ ଆଜି ଏକ ଘରୋଇ ବସ୍ ଧକ୍କାରେ ଜଣେ ଅଚିହ୍ନା ମାନସିକ ବିକାରଗ୍ରସ୍ତ ମହିଳା ଗୁରୁତର ଆହତ ହୋଇଛନ୍ତି। ବନେଇକଳା ପଟୁ ବିଶୋଇ ଅଭିମୁଖେ ବିଶ୍ୱକର୍ମା ନାମକ ଏକ ଘୋରଇ ବସ୍ ଆସୁଥିବାବେଳେ ଅସନା ଛକସ୍ଥ ବସ୍ ରହଣି ସ୍ଥଳରେ ଉକ୍ତ ମହିଳା ଜଣକ ବସ୍ ଆଗକୁ ଆସିଯାଇଥିଲେ। ଫଳରେ ବସ୍‌ଟି ଭାରସାମ୍ୟ ହରାଇ ଉକ୍ତ ମହିଳାଙ୍କୁ ଧକ୍କା ଦେଇଥିଲା। ବସ୍ ଧକ୍କା ଦେବା ଫଳରେ ମହିଳା ଜଣଙ୍କ ବସ୍ ତଳେ ଚାପି ହୋଇ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସକୁ ଖବର ଦେଇଥିଲେ ସୁଦ୍ଧା ବିଶୋଇ ଓ ମଣଦାରେ କୌଣସି ଆମ୍ବୁଲାନ୍ସ ଉପଲବ୍ଧ ନ ଥିବାରୁ ବହୁ ସମୟଧରି ଉକ୍ତ ମହିଳା ଜଣଙ୍କ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯନ୍ତ୍ରଣାରେ ଘଟଣା ସ୍ଥଳରେ ପଡ଼ିରହିଥିଲେ। ଦୁଇ ଘଣ୍ଟା ପରେ ଯଶିପୁରରୁ ଏନଏଚଏଆଇ ବିଭାଗର ଏକ ଆମ୍ବୁଲାନ୍ସ ସହାୟତାରେ ଉକ୍ତ ମହିଳାଙ୍କୁ ପ୍ରଥମେ ମଣଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ମହିଳାଙ୍କ ପଞ୍ଜରାରେ ଗଭୀର ଆଘାତ ଲାଗିବା କାରଣରୁ ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଦେଖାଯାଇଥିଲା। ଡାକ୍ତର ତାଙ୍କୁ ବାରିପଦା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ଉକ୍ତ ମହିଳା ଜଣକ ଦୀର୍ଘବର୍ଷ ଧରି ଅସନା ଅଞ୍ଚଳକୁ ଆସି ଅସନା ହାଟ ଚାଳିରେ ରହି ଆସୁଥିଲେ। ଉକ୍ତ ମହିଳା ଭିକ୍ଷା ବୃତ୍ତି କରି ପେଟ ପୋଷୁଥିଲେ।



# ତେଲକୋଇ ଅଞ୍ଚଳରେ ମଦର ବନ୍ୟା; ବିଭାଗ ନିଷ୍କ୍ରିୟ

ତେଲକୋଇ,୭।୯ (ସମିସ): ତେଲକୋଇ ବ୍ଲକ ଅବକାରୀ ଥାନା ଅଞ୍ଚଳରେ ଦେଶୀ ଓ ବିଦେଶୀ ମଦର ବେଆଇନ କାରବାର ବହୁଳ ମାତ୍ରାରେ ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି। ଅବକାରୀ ଥାନା ଅଧିକାରୀ ଓ ପୁଲିସ ବିଭାଗର ମନମାନି ଯୋଗୁଁ ତେଲକୋଇ ଅଞ୍ଚଳ ଏବେ ମଦ ବନ୍ୟାରେ ଉବୁଟୁବୁ ହେଉଛି। ବଜାର ଛକ ଠାରୁ ଆରମ୍ଭ କରି ଗାଁ ଗଣ୍ଡା ଓ ସାହିମାନଙ୍କରେ ମଦ ବିକ୍ରି ହେଉଛି। ଏହି ବେଆଇନ କାରବାରରେ ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନର ହାତ ରହିଥିବା ଅଭିଯୋଗ ହୋଇଛି। ତେଲକୋଇ ବ୍ଲକ ମୁଖ୍ୟାଳ ରେ ଗୋଟିଏ ବିଦେଶୀ ଓ ଗୋଟିଏ ଦେଶୀ ସ୍ୱୀକୃତିପ୍ରାପ୍ତ ମଦ ଦୋକାନ ରହିଛି। ସେହିଠାରୁ ସ୍ୱତନ୍ତ୍ର ଗାଡ଼ି ଯୋଗେ ଗ୍ରାମାଞ୍ଚଳରେ ଥିବା ମଦ ମାଫିଆଙ୍କୁ ମଦ ବିକ୍ରି କରିବା ପାଇଁ ମଦ ଯୋଗାଇ ଦିଆଯାଉଛି। ଦିନ ଦ୍ୱିପହରରେ ଏହି ମଦ ଚାଲାଣ କାରବାର ଚାଲିଥିବା ବେଳେ ଅବକାରୀ ଓ ପୁଲିସ ବିଭାଗ ନିରବ ସାଜିବା ବିଭାଗୀୟ କାର୍ଯ୍ୟକାରିତା ଉପରେ ସନ୍ଦେହ ସୃଷ୍ଟି କରିଛି। ତେଲକୋଇ ହାଟ ପଦା ନିକଟରେ ଥିବା ଦେଶୀ ମହୁଲି ଭାଟିରୁ ଦୈନିକ ବ୍ୟାରେଲ ବ୍ୟାରେଲ ମହୁଲି ନିକଟସ୍ଥ ତେଲକୋଇ ସମେତ କତରା ପାଲି, ଓରିଆ, ରାମଚନ୍ଦ୍ର ପୁର, ଶଙ୍କର ପୁର୍, ଶିବ ନାରାୟଣପୁର ଗୋଡ଼ା, ବେତଖୋଲି, ଖୁଣ୍ଟା ପଡ଼ା, ଗୁଣ୍ଡୁରିଯୋଡ଼ା, କରଦାଙ୍ଗି, ରଣ ବିଜୁଳି, କରମଙ୍ଗି, ପଡିଆ ପଶି , ମଧୁସୂଦନ ପୁର ଆଦି ବିଭିନ୍ନ ଗାଁକୁ ବେଆଇନ ଚାଲାଣ ହେଉଛି। ସମସ୍ତ ଗ୍ରାମରେ ଭାଟି ମାଲିକ ବେଆଇନ ଭାବେ ଖୁଚୁରା ମଦ ବିକ୍ରେତା ରଖି ଏହି ବେଆଇନ କାରବାରର ଜାଲ ବିଛାଇଥିବା ଜଣାପଡ଼ିଛି। ସେହିପରି ବିଦେଶୀ ମଦ ମାଫିଆ ମଧ୍ୟ ବିଭିନ୍ନ ଗାଁ ଗଣ୍ଡା ଓ ଛକ ବଜାରରେ ଥିବା ରାସନ୍ ଦୋକାନ, ହୋଟେଲଗୁଡ଼ିକୁ ମଦ ଚାଲାଣ କରି ବେଆଇନ କାରବାର ଚଳାଇଥିବା ଅଭିଯୋଗ ହୋଇଛି। ତେଲକୋଇ ବ୍ଲକର ଖୁଣ୍ଟାପଡ଼ା, କନ୍ତଲେଇ, ଆକୁଳ, ସିରିଗିଡ଼ା, ପୋଡାଙ୍ଗ, ବିମଳା, ରାଇସୁଆଁ, ବେଣାମୁଣ୍ଡା, କାଳିଆ ହତା, ତାଳପଦା, କରଦାଙ୍ଗୀ, ଗୋଡ଼ା ଆଦି ଅନେକ ଗ୍ରାମରେ ବିଦେଶୀ ମଦ ବେଆଇନ କାରବାର ଚାଲିଛି। ଏହାସହ ବିଦେଶୀ ଠିପି ବନ୍ଦ ମଦ ଦୋକାନ ପରିସରରେ ଖୁଲମ୍ ଖୋଲା ଲୋକେ ମଦ ପିଉ ଥିବା ଅଭିଯୋଗ ହୋଇଛି। ମଦ ଦୋକାନ ଆଖ ପାଖ ଅଞ୍ଚଳରେ କେତେକ ଚାଖଣା ଦୋକାନ କରିଥିବା ବେଳେ ଚଖଣା ଦୋକାନକୁ ବାର୍ ଭଳି ବ୍ୟବହାର କରୁଛନ୍ତି। ସେହିପରି ଜଗମୋହନ ପୁରରେ ମଧ୍ୟ ଗୋଟିଏ ଦେଶୀ ଓ ଗୋଟିଏ ବିଦେଶୀ ମଦ ଭାଟି ରହିଛି। ସେଠାରୁ ଦିନ ଦ୍ୱିପ୍ରହରରେ ସ୍ୱତନ୍ତ୍ର ଗାଡ଼ି ଯୋଗେ ବିଭିନ୍ନ ସ୍ଥାନକୁ ବେଆଇନ ଭାବେ ମଦ ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଦେଉଳ ଡିହା ଅଞ୍ଚଳରେ ଗୋଟିଏ ଅସ୍ଥାୟୀ ମଦ ଡିପୋ କରାଯାଇଥିବା ବେଳେ ସେଠାରୁ ବିଭିନ୍ନ ସ୍ଥାନକୁ ମଦ ଚାଲାଣ ହେଉଥିବା ଅଭିଯୋଗ ହୋଇଛି। ତେବେ ମଦର ଏହି ବେଆଇନ କାରବାରକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ଅବକାରୀ ଅଧୀକ୍ଷକ ଏହି ବେଆଇନ ମଦ କାରବାର ଉପରେ ଅଙ୍କୁଶ ଲଗାଇବା ସହିତ ଏହାକୁ ପ୍ରୋତ୍ସାହନ ଦେଉଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ତେଲକୋଇ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।

# ସତ୍ୟସାଇ ଛକରୁ ମେଡିକାଲ ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ

ବାରିପଦା, ୭।୯ (ସମିସ): ସତ୍ୟସାଇ ସ୍କୁଲ ଛକଠାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଥିବା ମୁଖ୍ୟ ରାସ୍ତା ଓ ଡ୍ରେନ୍‌କୁ ଜବରଦଖଲ କରି ବ୍ୟବସାୟ କରୁଥିବା ଓ ବେଆଇନ ଭାବେ ଗାଡ଼ି ପାର୍କିଂ ହଟାଇବାରେ ଅଣ୍ଟା ଭିଡ଼ିଛି ଜିଲ୍ଲା ପ୍ରଶାସନ। ଏହି ଜନଗହଳିପୂର୍ଣ୍ଣ ମୁଖ୍ୟ ରାସ୍ତାକୁ ତୁରନ୍ତ ସଫା କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଜାରି ସହ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର ହୋଇଥିଲା। ସମ୍ପୃକ୍ତ ସମସ୍ତ ବ୍ୟକ୍ତି ଓ ବ୍ୟବସାୟୀଙ୍କୁ ଗତ ୨ ଦିନ ପୂର୍ବରୁ ଉକ୍ତ ସ୍ଥାନକୁ ସମ୍ପୂର୍ଣ୍ଣ ଭାବେ ଖାଲି କରିବାକୁ କୁହାଯାଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ କିଛି ସ୍ଥାନ ଖାଲି କରାଯାଇଥିବାବେଳେ ଅନ୍ୟ କିଛି ସ୍ଥାନ ଖାଲି କରାଯାଇ ନ ଥିବାରୁ ଆଜି ବାରିପଦା ତହସିଲଦାର ସପନ କୁମାର ସାହୁଙ୍କ ଉପସ୍ଥିତିରେ ଏସବୁ ଜବରଦଖଲ ସ୍ଥାନକୁ ଉଚ୍ଛେଦ କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।



# ଅଶ୍ୱିନୀ ସାହାରପଡା ବ୍ଲକ କୃଷକ ଉପଦେଷ୍ଟା କମିଟି ସଭାପତି

ତୁରୁମୁଙ୍ଗା,୭।୯ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ୍ କୃଷି ସୂଚନା ପରାମର୍ଶ କେନ୍ଦ୍ରର ନୂତନ କମିଟି ଗଠିତ ହେବା ସହ କୃଷକ ଉପଦେଷ୍ଟା କମିଟିର ସଭାପତି ଭାବରେ ବଡ଼ବିଲ ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ଅଶ୍ୱିନୀ ମହାନ୍ତ ନିର୍ବାଚିତ ହୋଇଛନ୍ତି। ସୋମବାର ବ୍ଲକ୍ କୃଷି ଅଧିକାରୀ ତନୟା ସାହୁଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ନୂତନ ଅଧ୍ୟକ୍ଷ ଭାବରେ ଅଶ୍ୱିନୀ ମହାନ୍ତ ନିର୍ବାଚିତ ହେବା ପରେ ବ୍ଲକ୍ ଅଧ୍ୟକ୍ଷା ରୀନା ନାଏକ, ସାଂସଦଙ୍କ ପ୍ରତିନିଧି ସୁଦର୍ଶନ ମହାନ୍ତଙ୍କ ସମେତ ନୂତନ କମିଟିର ସଦସ୍ୟମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ।



# ୪ ନାତିନାତୁଣୀ ଉଦ୍ଧାର, ବୁଢ଼ୀ ମାଆ ନିଖୋଜ

କୁଆମରା, ୭।୯ (ସମିସ): ଏକ ଘରୋଇ ବସ୍‌ରେ ନାତିନାତୁଣୀଙ୍କୁ ନେଇ ବୁଢ଼ୀ ମାଆ ବାରିପଦା ବନ୍ଧୁ ଘରକୁ ଯାଉଥିବାବେଳେ ରାସ୍ତାରେ ବୁଢ଼ୀ ମାଆ ନିଖୋଜ ହୋଇଯାଇଥିବାବେଳେ ନାତିନାତୁଣୀଙ୍କୁ ପୁଲିସ ଉଦ୍ଧାର କରିଛି। ଏଭଳି ଘଟଣା ଖୁଣ୍ଟା ଥାନା ଶିମିଳିପାଳ ପାଦଦେଶର ଡେଙ୍ଗାମ ପଞ୍ଚାୟତ ବଣିଆ ବସା ଗ୍ରାମରେ ଘଟିଛି। ଆଜି ସକାଳେ ଏହି ଗ୍ରାମର ସନ୍ତୋଷ କୁମାର ଭୁକ୍ତଙ୍କ ପୁଅ ଓ ତିନୋଟି ଝିଅଙ୍କୁ ନେଇ ତାଙ୍କ ମାଆ ବାରିପଦା ଅଭିମୁଖେ ବସ୍‌ରେ ଯାଉଥିବାବେଳେ ରାସ୍ତାରେ କେଉଁଠି ଏକୁଟିଆ ଓହ୍ଲାଇ ଯାଇଥିଲେ। କିଛି ସମୟ ପରେ ବୁଢ଼ୀ ମାଆଙ୍କୁ ନ ପାଇ ନାତିନାତୁଣୀ କାନ୍ଦିବାରୁ ବସ୍ କର୍ମଚାରୀ ଘଟଣା ଜାଣିବା ପରେ ଚାରି ସନ୍ତାନଙ୍କୁ କେରକ ଛକରେ ଓହ୍ଲାଇ ଦେଇଥିଲେ। ସ୍ଥାନୀୟ ଲୋକେ ଘଟଣା ଜାଣିବା ପରେ ବଡ଼ସାହି ଥାନାକୁ ଜଣାଇଥିବାରୁ ପୁଲିସ ପହଞ୍ଚି ଖୁଣ୍ଟା ପୁଲିସକୁ ଉକ୍ତ ଚାରି ଶିଶୁଙ୍କୁ ହସ୍ତାନ୍ତର କରିଥିଲେ। ଖୁଣ୍ଟା ପୁଲିସ ଥାନାକୁ ଆଣି ପଚରାଉଚରା କରିବା ପରେ ପିଲାଙ୍କ ଠିକଣା ଜଣାପଡିଥିଲା। ପୁଲିସ ଡେଙ୍ଗାମ ପଞ୍ଚାୟତର ସରପଞ୍ଚ ଲବ କିଶୋର ମୁର୍ମୁଙ୍କୁ ଜଣାଇଥିଲେ। ସରପଞ୍ଚ ଥାନାରେ ପହଞ୍ଚି ଶିଶୁଙ୍କୁ ଚିହ୍ନଟ କରିବା ପରେ ପୁଲିସ ତାଙ୍କ ବାପା ସନ୍ତୋଷଙ୍କୁ ହସ୍ତାନ୍ତର କରିଛି। ତେବେ ଆଜି ସନ୍ଧ୍ୟା ସୁଦ୍ଧା ବୁଢ଼ୀ ମାଆର କୌଣସି ସନ୍ଧାନ ମିଳିନାହିଁ। ଉଦ୍ଧାର ହୋଇଥିବା ଶିଶୁଙ୍କ ବୟସ ୪ରୁ ୧୦ ବର୍ଷ ମଧ୍ୟରେ ହୋଇଥିବାର ପୁଲିସ କହିଛି।

# ଟିପିଏନ୍‌ଓଡିଏଲ୍ ପକ୍ଷରୁ ୩ୟ ଜାତୀୟ ଲୋକ ଅଦାଲତ

ବାଲେଶ୍ୱର, ୭।୯ (ସମିସ)

TPNODL
ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ

ଟିପି ନର୍ଦ୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିଏନଓଡିଏଲ୍) ପକ୍ଷରୁ ବେଆଇନ୍ ତଥା ଅନଧିକୃତ ବିଦ୍ୟୁତ୍ ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ସମ୍ବନ୍ଧୀୟ ବିବାଦଗୁଡ଼ିକର ଆପୋସ ଓ ତ୍ୱରିତ ସମାଧାନ ପାଇଁ ଆସନ୍ତା ୧୨ ସେପ୍ଟେମ୍ବର ୨୦୨୬ ରେ ନିଜସ୍ୱ ବିଦ୍ୟୁତ ସେବା ଯୋଗାଣ ଅଞ୍ଚଳରେ ଚଳିତ ବର୍ଷର ୩ୟ ଜାତୀୟ ଲୋକ ଅଦାଲତ ଏବଂ ସମାଧାନ ଶିବିର ଆୟୋଜନ ହେବାକୁ ଯାଉଛି। ଏହି ସମାଧାନ ଶିବିର ସକାଳ ୯ଟାରୁ ଅପରାହ୍ନ ୫ ଘଟିକା ପର୍ଯ୍ୟନ୍ତ ବାଲେଶ୍ୱର, କେନ୍ଦୁଝର, ଯାଜପୁର, ଭଦ୍ରକ ଏବଂ ବାରିପଦା ବୈଦ୍ୟୁତିକ ମଣ୍ଡଳ ଅଧୀନସ୍ଥ ସମସ୍ତ ଡିଭିଜନ୍, ସବ୍-ଡିଭିଜନ୍ କାର୍ଯ୍ୟାଳୟ ସମେତ ନିର୍ଦ୍ଧାରିତ ଅଦାଲତ ପରିସରରେ ଅନୁଷ୍ଠିତ ହେବ। ଜାତୀୟ ଆଇନ ସେବା ପ୍ରାଧିକରଣର ଦିଗଦର୍ଶନରେ ଆୟୋଜିତ ଏହି ଶିବିର, ଉପଭୋକ୍ତାମାନଙ୍କୁ ଦୀର୍ଘଦିନର ବିବାଦର ସହଜ, ସ୍ୱଚ୍ଛ ଏବଂ ସମୟବଦ୍ଧ ସମାଧାନ ପାଇଁ ଏକ ନିର୍ଭରଯୋଗ୍ୟ ମଞ୍ଚ ପ୍ରଦାନ କରିବାରେ ବିଶେଷ ସହାୟକ ହେବ। ଉପଭୋକ୍ତାମାନଙ୍କୁ ଦସ୍ତାବିଜ ଯାଞ୍ଚ, ଯୋଗ୍ୟତା ନିରୂପଣ ଏବଂ ତତ୍କାଳ ସମାଧାନ ପ୍ରକ୍ରିୟାରେ ସହାୟତା ପାଇଁ ପ୍ରତ୍ୟେକ କେନ୍ଦ୍ରରେ ଏନ୍‌ଫୋର୍ସମେଣ୍ଟ ଅଧିକାରୀ, ଆଇନଜୀବୀ ଏବଂ ପ୍ରଶାସନିକ କର୍ମଚାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ନିୟୋଜିତ ହେବାର ଯୋଜନା ରହିଛି। ବିଦ୍ୟୁତ୍ ଆଇନ, ୨୦୦୩ର ଧାରା ୧୨୬ ଅନୁଯାୟୀ ବିଦ୍ୟୁତର ଅନଧିକୃତ ବ୍ୟବହାର ଏବଂ ଧାରା ୧୩୫ ଅନୁଯାୟୀ ବିଦ୍ୟୁତ୍ ଚୋରି ଏକ ଦଣ୍ଡନୀୟ ଅପରାଧ ଅଟେ, ଯେଉଁଥିପାଇଁ ଆର୍ଥିକ ଜରିମାନା, କାରାଦଣ୍ଡ, ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ଏବଂ ଆଇନ ଅନୁଯାୟୀ ଅନ୍ୟାନ୍ୟ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରାବଧାନ ରହିଛି। ଏହି ବେଆଇନ୍ କାର୍ଯ୍ୟ କେବଳ ଅଭିଯୁକ୍ତଙ୍କ ପାଇଁ ଆଇନଗତ ସମସ୍ୟା ସୃଷ୍ଟି କରେ ନାହିଁ, ବରଂ ବିଦ୍ୟୁତ ବିତରଣ ବ୍ୟବସ୍ଥାରେ ସମୁଦାୟ ବୈଷୟିକ ଓ ବ୍ୟବସାୟିକ କ୍ଷତି (ଏଟିଏଣ୍ଡସି କ୍ଷତି) ମଧ୍ୟ ବୃଦ୍ଧି କରିଥାଏ। ବିଦ୍ୟୁତ ଚୋରି ଦ୍ୱାରା କେବଳ ରାଜସ୍ୱ ହାନି ନୁହଁ, ସଚ୍ଚୋଟ ଉପଭୋକ୍ତାମାନେ ମଧ୍ୟ ବିଶେଷ ପ୍ରଭାବିତ ହୋଇଥାନ୍ତି। ଏହା ଯୋଗୁଁ ଭୋଲ୍ଟେଜ୍ ସମସ୍ୟା, ଟ୍ରାନ୍ସଫର୍ମର ପୋଡ଼ିଯିବା ଏବଂ ଅପ୍ରତ୍ୟାଶିତ ବିଦ୍ୟୁତ୍ କାଟ ଭଳି ସମସ୍ୟା ଦେଖାଦେଇଥାଏ। ଜାତୀୟ ଲୋକ ଅଦାଲତର ଆଭିମୁଖ୍ୟ ସମ୍ପର୍କରେ ଟିପିଏନ୍‌ଓଡ଼ିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଷ୍ୟନ୍ତ କୁମାର ତ୍ୟାଗୀ କହିଛନ୍ତି, "ଏକ ସୁଦୃଢ଼, ସ୍ୱଚ୍ଛ ଏବଂ ନ୍ୟାୟପୂର୍ଣ୍ଣ ବିଦ୍ୟୁତ୍ ସେବା ପାଇଁ ସମସ୍ତଙ୍କର ନୈତିକ ଭାଗୀଦାରୀତା ନିତାନ୍ତ ଜରୁରୀ ଅଟେ। ବିଦ୍ୟୁତର ଅନଧିକୃତ ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ଆଇନଗତ ଅପରାଧ ହୋଇଥିବାବେଳେ ଏହା ସୁଲଭ, ଗୁଣାତ୍ମକ ତଥା ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ଯୋଗାଣରେ ମଧ୍ୟ ବାଧା ସୃଷ୍ଟି କରିଥାଏ। ଏଥିପାଇଁ ଏଥିରୁ ସମସ୍ତେ ନିବୃତ୍ତ ରହିବା ଉଚିତ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରୁ ସଫଳତା ମିଳିବ। ସନ୍ତାନଙ୍କ ପ୍ରଗତିରେ ଅଭିଭାବକ ଖୁସି ହେବେ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ପଡୋଶୀଙ୍କ ସହ ସୁସମ୍ପର୍କ ରହିବ।

**ବୃଷ:** ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ମହିଳାମାନେ ପୂଜାର୍ଚ୍ଚନା କରିବେ।

**ମିଥୁନ:** କୌଣସି କ୍ଷେତ୍ରରୁ ଆଘାତ ପାଇପାରନ୍ତି। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। କଳା ଓ ସାହିତ୍ୟ କ୍ଷେତ୍ରରେ ସମ୍ମାନିତ ହୋଇପାରନ୍ତି।

**କର୍କଟ:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାରବର୍ଗଙ୍କ ସହ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ।

**ସିଂହ:** ଶତ୍ରୁଙ୍କୁ ଦୁର୍ବଳ ମନେ କରନ୍ତୁନି। ଉଧାର ଟଙ୍କା ଫେରି ପାଇବେ। ବିଦ୍ୟାର୍ଥୀମାନେ ଖେଳମନସ୍କ ହେବେ। ବ୍ୟବସାୟ ଦୃଷ୍ଟିରୁ ଦିନଟି ବହୁତ ଭଲ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**କନ୍ୟା:** ପ୍ରେମ ବ୍ୟାପାରରେ ସମସ୍ୟା ଦେଖାଦେବ। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ କାର୍ଯ୍ୟରେ ଯୋଗ ଦିଅନ୍ତୁ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। ନୂତନ ଜମି କ୍ରୟ କରିପାରନ୍ତି।

**ତୁଳା:** ଭୂମି, ଯାନବାହନ କିଣିବାର ଅଧିକ ସମ୍ଭାବନା ରହିଛି। ଅଭିଭାବକମାନେ ସନ୍ତାନଙ୍କ କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପ୍ରତିକୂଳ ପରିସ୍ଥିତିରେ ଧୈର୍ଯ୍ୟହରା ହୁଅନ୍ତୁନି।

**ବିଛା:** ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଅଚାନକ ଖୁସି ଖବର ମିଳିବ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ ଜରୁରି।

**ଧନୁ:** ସୃଜନାଶୀଳତା ବୃଦ୍ଧି ପାଇବ। ଅଧିକ ଖର୍ଚ୍ଚାନ୍ତ ହେବେ। ପ୍ରେମ ବ୍ୟାପାରରେ ସଫଳ ହେବେ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ମିଳିପାରେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ମକର:** ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ାପ୍ରତି ଅଧିକ ଧ୍ୟାନ ଦେବେ। ଦିନଟି ବେଶ୍ ହସଖୁସିରେ ବିତିବ। ଘରେ ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ।

**କୁମ୍ଭ:** ଅଚାନକ ମନ ଭିତରେ ପରିବର୍ତ୍ତନ ଆସିପାରେ। ଆର୍ଥିକ ସମସ୍ୟା ରହିବନି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ଜମି କିଣାବିକା ଯୋଗ ରହିଛି। ଅଧିକ ଲାଭ ପାଇବା ଆଶାରେ ଭୁଲ୍ କରନ୍ତୁନି। ପାରିବାରିକ ସମସ୍ୟା ସମାଧାନ ହେବ। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

## ଆଜିର ଇତିହାସ

- ୧୯୦୦: ଟେକ୍ସାସ୍ ଘୂର୍ଣ୍ଣିଝଡ଼ରେ ୬୦୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା।
- ୧୯୩୪: ନ୍ୟୁୟର୍କ ଉପକୂଳରେ ଯାତ୍ରୀବାହୀ ଜଳ ଜାହାଜରେ ଅଗ୍ନିକାଣ୍ଡ ଘଟି ୧୩୪ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା।
- ୧୯୫୧: ବିଶ୍ୱର ୧୪୮ଟି ରାଷ୍ଟ୍ର ଜାପାନ ସହ ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିଥିଲେ।
- ୧୯୯୧: ମାସିଡୋନିଆ ସ୍ୱାଧୀନ ହୋଇଥିଲା।
- ୨୦୦୪: ନାସାର ମହାକାଶଯାନ ଜେନେସିସ୍ ଦୁର୍ଘଟଣାଗ୍ରସ୍ତ ହେଲା।



# ଆନ୍ତର୍ଜାତିକ ସାକ୍ଷରତା ଦିବସ

ନିରକ୍ଷରତା ଏକ ଆଞ୍ଚଳିକ, ପ୍ରାଦେଶିକ କି ଜାତୀୟ ସମସ୍ୟା ନୁହେଁ, ଏହା ବିଶ୍ୱ ସମସ୍ୟା। ଦାରିଦ୍ର୍ୟ ଦୂରୀକରଣ, ଶିଶୁ ମୃତ୍ୟୁହାର କମାଇବା, ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା, ଲିଙ୍ଗଗତ ପ୍ରଭେଦ ଦୂର କରିବା ପାଇଁ ଶିକ୍ଷାର ଆବଶ୍ୟକତା ରହିଛି। ଉନ୍ନତ ଶିକ୍ଷା ମାଧ୍ୟମରେ ହିଁ ଏଭଳି ସମସ୍ୟାକୁ ଦୂର କରାଯାଇପାରିବ। ଏକ ନୂଆ ସମାଜ ଗଠନ ପାଇଁ ଶିକ୍ଷାର ଆବଶ୍ୟକତା ଅନେକାଂଶରେ ରହିଛି। ଶିକ୍ଷା କେବଳ ପଢ଼ିବା ଓ ଲେଖିବା ମଧ୍ୟରେ ସୀମିତ ରହି ନ ଥାଏ। ଏହା ଲୋକମାନଙ୍କୁ ନିଜ ଅଧିକାର ପ୍ରତି ସଚେତନ କରିବା ସହ ସାମାଜିକ ବିକାଶ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଥାଏ। ଶିକ୍ଷାଦ୍ୱାରା ଜଣେ ସାକ୍ଷର ହୋଇଥାଏ। ସାକ୍ଷରତା ସମ୍ପର୍କରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ୮ ସେପ୍ଟେମ୍ବରରେ ବିଶ୍ୱ ସାକ୍ଷରତା ଦିବସ ପାଳନ କରାଯାଉଛି। ସାକ୍ଷରତା ବିନା ଜଣେ ନାଗରିକ ହିସାବରେ ବିକାଶ ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ଅସମ୍ଭବ। ପଢ଼ିବା, ଲେଖିବା ପାଇଁ ଅସମର୍ଥ ହେଲେ ଶିକ୍ଷା ବାଧାପ୍ରାପ୍ତ ହୁଏ ଓ ବ୍ୟକ୍ତିତ୍ୱର ବିକାଶ ମଧ୍ୟ କଷ୍ଟକର ପାଲଟିଥାଏ। ସାକ୍ଷରତା ବିନା ଗୋଟିଏ ସମାଜ ଅନୁନ୍ନତ ହୋଇରହେ ଏବଂ ଜନ ସହଯୋଗ ଓ ଭାଗିଦାରୀ ବିନା ଏହା ବିକାଶ ପଥରେ ଅଗ୍ରସର ହୋଇପାରେ ନାହିଁ। ତେଣୁ ସାକ୍ଷରତାର ପ୍ରୟୋଜନ ପ୍ରତି ଜନସଚେତନତା ସୃଷ୍ଟି କରିବା ଆନ୍ତର୍ଜାତିକ ସାକ୍ଷରତା ଦିବସର ପ୍ରମୁଖ ଉଦ୍ଦେଶ୍ୟ। ମିଳିତ ଜାତିସଂଘର ୟୁନେସ୍କୋ ସଂସ୍ଥା ଦ୍ୱାରା ପ୍ରଥମକରି ୧୯୬୬ ମସିହା ସେପ୍ଟେମ୍ବର ୮ ତାରିଖରେ ସାକ୍ଷରତା ଦିବସ ପାଳିତ ହୋଇଥିଲା। ସେବେଠାରୁ ପ୍ରତିବର୍ଷ ୮ ତାରିଖରେ ଏହା ପାଳିତ ହୋଇଆସୁଛି। ସାରା ବିଶ୍ୱରେ ନିରକ୍ଷରତା ହଟାଇବା ପାଇଁ ଏହି ଦିବସ ପାଳନ କରାଯାଉଥିବାବେଳେ ଏହାର ସୂତ୍ରପାତ ଇରାନରୁ ହୋଇଥିଲା। ୧୯୬୫ ମସିହା ସେପ୍ଟେମ୍ବର ୮ରୁ ୧୯ ତାରିଖ ଏହି ଦିବସ ପ୍ରଥମେ ଇରାନ୍‌ର ରାଜଧାନୀ ତେହେରାନ୍‌ରେ ପାଳିତ ହୋଇଥିଲା। ସେତେବେଳେ ଏହା ଅନ୍ତର୍ଜାତୀୟ ମାନ୍ୟତା ପାଇ ନ ଥିଲା। ଅକ୍ଟୋବର, ୧୯୬୬ ମସିହାରେ ୟୁନେସ୍କୋ ଦ୍ୱାରା ଏହାର ୧୪ତମ ଅଧିବେଶନରେ ୮ ସେପ୍ଟେମ୍ବରକୁ ଅନ୍ତଃରାଷ୍ଟ୍ରୀୟ ସାକ୍ଷରତା ଦିବସ ରୂପେ ପାଳିବାକୁ ଏକ ଘୋଷଣାନାମା ଗୃହୀତ ହୋଇଥିଲା। ପ୍ରଥମ ଥର ପାଇଁ ଏହା ୧୯୬୭ ମସିହାରେ ପାଳିତ ହେଲା। ଏକ ସୁସ୍ଥ, ସମୃଦ୍ଧ ଏବଂ ସଚେତନ ସମାଜ ଗଠନ ପାଇଁ ପ୍ରତ୍ୟେକ ବ୍ୟକ୍ତି ସାକ୍ଷର ହେବା ନିହାତି ଜରୁରି। ସାକ୍ଷରତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସୃଷ୍ଟି କରିଥିବା ସଂସ୍ଥାଗୁଡ଼ିକୁ ୟୁନେସ୍କୋ ପକ୍ଷରୁ ପ୍ରତିବର୍ଷ ଅନ୍ତର୍ଜାତୀୟ ସାକ୍ଷରତା ଦିବସରେ ସମ୍ମାନିତ କରାଯାଏ। ଏହି ଦିନ ବିଦ୍ୟାଳୟ, କଲେଜ ଓ ବିଭିନ୍ନ ଅନୁଷ୍ଠାନମାନଙ୍କରେ ସାକ୍ଷରତା ଅଭିଯାନକୁ ଆଗେଇ ନେବା ପାଇଁ ସଭାସମିତି, ର୍ୟାଲି ଏବଂ ପ୍ରତିଯୋଗିତାମାନ ଆୟୋଜନ କରାଯାଏ।

# ଜାନୁଆରୀ ୨୧ରେ 'ଲଭ୍ ଆଣ୍ଡ ୱାର୍'



ରଣବୀର କପୁର ଓ ଆଲିଆ ଭଟ୍ଟ ବିବାହ ପରେ ପ୍ରଥମ ଥର ପାଇଁ 'ଲଭ୍ ଆଣ୍ଡ ୱାର୍' ଫିଲ୍ମରେ ଏକାଠି ନଜର ଆସିବେ। ସେହିପରି, ଏଥିରେ ସେମାନଙ୍କ ସହ ଭିକି କୌଶଲ ମଧ୍ୟ ମୁଖ୍ୟ ଭୂମିକାରେ ଦେଖାଯିବେ। ସଞ୍ଜୟ ଲୀଲା ଭଁସାଲୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମକୁ ନେଇ ଏବେ ଏକ ଖବର ଆସିଛି। ଏହାର ସୁଟିଂ ଶେଷ ହୋଇସାରିଛି ଏବଂ ଏବେ ଫିଲ୍ମର ରିଲିଜ୍ ଡେଟ୍ ମଧ୍ୟ ସାମ୍ନାକୁ ଆସିଛି। 'ଲଭ୍ ଆଣ୍ଡ ୱାର୍' ୨୦୨୭ର ସବୁଠାରୁ ପ୍ରତିକ୍ଷିତ ଫିଲ୍ମଗୁଡ଼ିକ ମଧ୍ୟରୁ ଗୋଟିଏ। ଏହାର ରିଲିଜ୍‌କୁ ଦର୍ଶକମାନେ ଆଗ୍ରହର ସହ ଅପେକ୍ଷା କରିଛନ୍ତି। ଏଭଳି ପରିସ୍ଥିତିରେ ଏବେ ଫିଲ୍ମର ରିଲିଜ୍ ଡେଟ୍ ଫାଇନାଲ୍ ହେବା ମାତ୍ରେ ଦର୍ଶକଙ୍କ ଉତ୍ସାହ ଆହୁରି ବଢ଼ିଯାଇଛି। ଏହି ଫିଲ୍ମ ୨୧ ଜାନୁଆରୀ, ୨୦୨୭ରେ ସିନେମା ହଲ୍‌ରେ ମୁକ୍ତିଲାଭ କରିବ। ହିନ୍ଦୀ, ତାମିଲ ଏବଂ ତେଲୁଗୁ ଭାଷାରେ ଏହା ରିଲିଜ୍ ହେବ। ଏହି ଚଳଚ୍ଚିତ୍ରର ସୁଟିଂ ଶେଷ ହେବା ମାତ୍ରେ ସଞ୍ଜୟ ଏବେ ଏହାର ପୋଷ୍ଟ ପ୍ରଡକ୍ସନ କାମରେ ବ୍ୟସ୍ତ ଅଛନ୍ତି। ଏଠାରେ ପ୍ରକାଶ ଥାଉ କି, ରଣବୀର ଏବଂ ଆଲିଆଙ୍କୁ ଏକାଠି ଶେଷ ଥର ପାଇଁ 'ବ୍ରହ୍ମାସ୍ତ୍ର' ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହା ସେମାନଙ୍କର ବିବାହ ପୂର୍ବର ଫିଲ୍ମ ଥିଲା। ବିବାହ ପରେ ଏଯାବତ୍ ସେମାନଙ୍କୁ କୌଣସି ବି ଚଳଚ୍ଚିତ୍ରରେ ଏକାଠି ଦେଖାଯାଇ ନାହିଁ। ଅବଶ୍ୟ ଏହାର ସିକ୍ୱେଲରେ ଦୁହେଁ ସାଙ୍ଗ ହୋଇ ନଜର ଆସିବେ। ରଣବୀରଙ୍କ କାମ କଥା କହିବାକୁ ଗଲେ, ସେ ନୀତେଶ ତିୱାରୀଙ୍କ ବହୁ ଚର୍ଚ୍ଚିତ ଚଳଚ୍ଚିତ୍ର 'ରାମାୟଣ'ରେ ନଜର ଆସିବେ। ଏଥିରେ ସେ ଭଗବାନ ଶ୍ରୀରାମଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ଏଥିରେ ମାତା ସୀତାଙ୍କ ଭୂମିକାରେ ସାଇ ପଲ୍ଲବୀ ଦେଖାଯିବେ। ଏହି ଚଳଚ୍ଚିତ୍ରର ପ୍ରଥମ ପାର୍ଟ ଚଳିତ ବର୍ଷ ଦୀପାବଳି ଅବସରରେ ମୁକ୍ତିଲାଭ କରିବ। ଅନ୍ୟପଟେ, ଆଲିଆଙ୍କୁ ଶେଷ ଥର ପାଇଁ 'ଆଲ୍‌ଫା' ଚଳଚ୍ଚିତ୍ରରେ ଦେଖିବାକୁ ମିଳିଥିଲା।

# ଅଧୁରା ପ୍ରେମର ବଜାର

ଭିଏତନାମରେ ଏମିତି ଏକ ବଜାର ଅଛି, ଯେଉଁଠି ଦୋକାନୀ ନ ଥାନ୍ତି କି ଗ୍ରାହକ ନ ଥାନ୍ତି। ସେଠାରେ କୌଣସି ଜିନିଷପତ୍ର, ପନିପରିବା କିମ୍ବା ପୋଷାକପତ୍ରର କିଣାବିକା ହୁଏ ନାହିଁ, ବରଂ କିଣାବିକା ହୁଏ କେବଳ ସ୍ମୃତି, ଭାବନା ଏବଂ ଅଧୁରା ରହିଯାଇଥିବା ପ୍ରେମର। ଭିଏତନାମର ପାର୍ବତ୍ୟ ଅଞ୍ଚଳରେ ପ୍ରତିବର୍ଷ ବସୁଥିବା 'ଖୌ ବାଇ ଲଭ୍ ବଜାର' ହେଉଛି ସାରା ବିଶ୍ୱରେ ଏକମାତ୍ର ବଜାର, ଯାହା କେବଳ ପୁରୁଣା ପ୍ରେମୀଯୁଗଳଙ୍କ ମିଳନ ପାଇଁ ଉଦ୍ଦିଷ୍ଟ। ପ୍ରତିବର୍ଷ ତୃତୀୟ ଚନ୍ଦ୍ର ମାସର ୨୭ ତମ ଦିନରେ (ପ୍ରାୟତଃ ଏପ୍ରିଲ୍ କିମ୍ବା ମେ ମାସରେ) ଏଠାକୁ ହଜାର ହଜାର ଲୋକ ଛୁଟି ଆସନ୍ତି। ଏହି ବଜାରର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି, ଏଠାକୁ ସେହି ପ୍ରେମୀଯୁଗଳମାନେ ଆସନ୍ତି ଯେଉଁମାନଙ୍କ ପ୍ରେମ କୌଣସି କାରଣବଶତଃ ସଫଳ ହୋଇପାରିନାହିଁ ଏବଂ ଯେଉଁମାନେ ଆଜି ଅନ୍ୟ କାହାକୁ ବିବାହ କରି ସଂସାର କରିଛନ୍ତି। ବର୍ଷ ସାରା ନିଜ ଜୀବନରେ ବ୍ୟସ୍ତ ରହିବା ପରେ, ଏହି ଦୁଇଟି ଦିନ ସେମାନେ ନିଜର ସେହି ପୁରୁଣା ସାଥୀକୁ ଭେଟିବାକୁ ଏଠାକୁ ଆସନ୍ତି। ଏହି ବଜାରକୁ ବିବାହିତ ପୁରୁଷ ଏବଂ ମହିଳାମାନେ ନିଜ ନିଜର ସ୍ୱାମୀ କିମ୍ବା ସ୍ତ୍ରୀଙ୍କ ସହିତ ଆସିଥାନ୍ତି। ବଜାରରେ ପହଞ୍ଚିବା ପରେ ସ୍ୱାମୀ ନିଜର ପୁରୁଣା ପ୍ରେମିକାକୁ ଏବଂ ସ୍ତ୍ରୀ ନିଜର ପୁରୁଣା ପ୍ରେମିକକୁ ଖୋଜିବାକୁ ବାହାରି ପଡ଼ନ୍ତି। ଦୁହେଁ ପରସ୍ପରକୁ ଭେଟି ଗପସପ କରନ୍ତି, ଜୀବନର ସୁଖ-ଦୁଃଖ ବାଣ୍ଟନ୍ତି ଏବଂ ପୁରୁଣା ସ୍ମୃତିକୁ ମନେ ପକାନ୍ତି। ଦିନ ଶେଷ ହେବା ପରେ, ସମସ୍ତେ ପୁଣି ନିଜ ସ୍ୱାମୀ ବା ସ୍ତ୍ରୀଙ୍କ ହାତ ଧରି ହସଖୁସିରେ ନିଜ ଘରକୁ ଫେରିଯାନ୍ତି। ତେବେ ଏହି ବଜାର ଆରମ୍ଭ ହେବା ପଛରେ ଏକ ସୁନ୍ଦର ଏକ କାହାଣୀ ଅଛି। ୧୦୦ ବର୍ଷ ପୂର୍ବରୁ ନୁଙ୍ଗ ଜାତିର ଯୁବକ ବା ଗିୟାୟୀ ଜାତିର ଯୁବତୀ ଉଭୟଙ୍କୁ ଭଲ ପାଉଥିଲେ। ଉଭୟ ଅଲଗା ଜାତିର ହୋଇଥିବାରୁ ସେମାନଙ୍କ ପ୍ରେମକୁ କେହି ସ୍ୱୀକୃତି ଦେଲେନାହିଁ, ଯାହାଫଳରେ ଦୁଇଟି ପରିବାର ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଆରମ୍ଭ ହୋଇଗଲା। ନିଜ ପ୍ରେମ ପାଇଁ ନିରୀହ ଲୋକଙ୍କ ରକ୍ତ ନ ବହୁ ବୋଲି ଚିନ୍ତା କରି ଦୁହେଁ ଅଲଗା ହେବାର ଏକ କଠିନ ନିଷ୍ପତ୍ତି ନେଲେ। ଅଲଗା ହେବା ପୂର୍ବରୁ ସେମାନେ ପ୍ରତିଜ୍ଞା କରିଥିଲେ ଯେ, ପ୍ରତିବର୍ଷ ଏହି ନିର୍ଦ୍ଦିଷ୍ଟ ଦିନରେ ସେମାନେ 'ଖୌ ବାଇ'ଠାରେ ପରସ୍ପରକୁ କେବଳ ଗୋଟିଏ ଦିନ ପାଇଁ ଭେଟିବେ। ସେହି ଦିନଠାରୁ ପ୍ରେମର ସ୍ମାରକୀ ସ୍ୱରୂପ ଏହି ବଜାର ଚାଲିଆସୁଛି। ଆଜିର ସମୟରେ ଏହି ଲଭ୍ ବଜାର କେବଳ ପ୍ରେମୀମାନଙ୍କ ମିଳନ ସ୍ଥାନ ହୋଇ ରହିନାହିଁ, ବରଂ ଏହା ଭିଏତନାମର ଏକ ବଡ଼ ସାଂସ୍କୃତିକ ଉତ୍ସବର ରୂପ ନେଇଛି। ଏଠାରେ ସ୍ଥାନୀୟ ଜନଜାତିଙ୍କ ପାରମ୍ପରିକ ନୃତ୍ୟ, ସଙ୍ଗୀତ, ରଙ୍ଗବେରଙ୍ଗର ପୋଷାକ ଏବଂ ସ୍ୱାଦିଷ୍ଟ ଖାଦ୍ୟର ଆୟୋଜନ କରାଯାଏ। ବିଶ୍ୱର ବିଭିନ୍ନ କୋଣରୁ ପର୍ଯ୍ୟଟକମାନେ ଏହି ଅଦ୍ଭୁତ ସଂସ୍କୃତିକୁ ଅତି ନିକଟରୁ ଦେଖିବା ପାଇଁ ଏଠାକୁ ଆସିଥାନ୍ତି।

# ବର୍ଷାଦିନିଆ ଝାଉଁଳା ରୋଗ



**ବର୍ଷାଦିନେ ପନିପରିବା ଚାରାରେ ଚେର ସଢ଼ା ବା ଝାଉଁଳା ରୋଗ ସବୁଠାରୁ ବଡ଼ ସମସ୍ୟା। ଏହି ରୋଗ ହେଲେ ଚାରା ଗଛର ମୂଳ ଅଂଶ ଦୁର୍ବଳ ହୋଇ କଳା ବା ବାଦାମୀ ପଡ଼ିଯାଏ ଏବଂ ଗଛଗୁଡ଼ିକ ମାଟିରେ ଶୋଇପଡ଼ନ୍ତି। ଅତ୍ୟଧିକ ଆଦ୍ରତା ଏବଂ ଜମିରେ ପାଣି ଜମି ରହିବା ଯୋଗୁଁ ଏହି କବକ ଜନିତ ରୋଗ ବ୍ୟାପିଥାଏ। ଏହି ରୋଗରୁ ଚାରାକୁ ରକ୍ଷା କରିବା ପାଇଁ ନିମ୍ନଲିଖିତ ଉପାୟଗୁଡ଼ିକ ଆପଣାଯାଇ ପାରିବ।**

**କପର୍ ଅକ୍ସିକ୍ଲୋରାଇଡ୍:** ୨.୫ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ଗଛ ମୂଳରେ ଦିଅନ୍ତୁ। ଏହା ମାଟିରେ ଥିବା କବକକୁ ନଷ୍ଟ କରିଦିଏ।

ରିଡୋମିଲ୍ ଗୋଲ୍ଡ: ଯଦି ରୋଗ ଅଧିକ ବ୍ୟାପୁଛି, ତେବେ ଏହି ଔଷଧ ୨ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସ୍ପ୍ରେ କଲେ ବହୁତ ଭଲ ଫଳପ୍ରଦ ହୁଏ।

**ଟ୍ରାଇକୋଡେର୍ମା ବିରିଡି:** ଚାରା ମାଟି ପ୍ରସ୍ତୁତ କଲାବେଳେ କିମ୍ବା ଚାରା ଲଗାଇବା ପରେ ୫ ଗ୍ରାମ୍ ଟ୍ରାଇକୋଡେର୍ମା ପାଉଡରକୁ ୧ ଲିଟର ପାଣିରେ ମିଶାଇ ଗଛ ମୂଳରେ ଢାଳନ୍ତୁ। ଏହା ଏକ ଉପକାରୀ କବକ ଯାହା ରୋଗ ସୃଷ୍ଟି କରୁଥିବା ଫଙ୍ଗସ୍‌କୁ ମାରିଦିଏ।

**ପାଣି ଜମିବାକୁ ଦିଅନ୍ତୁ ନାହିଁ:** ଚାରା କିଆରିରେ ପାଣି ଜମିଲେ ଏହି ରୋଗ ୧୦ ଗୁଣ ଶୀଘ୍ର ବ୍ୟାପେ। ତେଣୁ ଜଳ ନିଷ୍କାସନ ବ୍ୟବସ୍ଥା ଠିକ୍ ରଖନ୍ତୁ।

**ଚାରା ମଝିରେ ଦୂରତା:** ମଞ୍ଜିଗୁଡ଼ିକୁ ଘଞ୍ଚ କରି ନ ବୁଣି ଧାଡ଼ି ପ୍ରଣାଳୀରେ ଦୂରତା ରଖି ବୁଣନ୍ତୁ। ଘଞ୍ଚ ଚାରା ହେଲେ ପବନ ଚଳାଚଳ ହୋଇପାରେ ନାହିଁ ଏବଂ ରୋଗ ବଢ଼େ।

**ଆକ୍ରାନ୍ତ ଗଛକୁ ବାହାର କରନ୍ତୁ:** ଯେଉଁ ଚାରାଗୁଡ଼ିକ ମରିଯାଇଛି, ସେଗୁଡ଼ିକୁ ଉପାଡ଼ି ଦୂରରେ ଫିଙ୍ଗି ଦିଅନ୍ତୁ କିମ୍ବା ପୋଡ଼ି ଦିଅନ୍ତୁ, ନଚେତ୍ ସେଥିରୁ ଅନ୍ୟ ସୁସ୍ଥ ଗଛକୁ ରୋଗ ଡେଇଁବ।




# ପଲିହାଉସରେ ପରିବା ଚାଷ

ପଲିହାଉସରେ ପରିବା ଚାଷ ହେଉଛି ଏକ ଆଧୁନିକ ଓ ଲାଭଦାୟକ କୃଷି ପଦ୍ଧତି। ଏଥିରେ ନିୟନ୍ତ୍ରିତ ପରିବେଶ ମଧ୍ୟରେ ବର୍ଷସାରା ଉନ୍ନତମାନର ପରିବା ଉତ୍ପାଦନ କରାଯାଇପାରେ। ଏହାଦ୍ୱାରା ପ୍ରତିକୂଳ ପାଣିପାଗ, ରୋଗ ଓ ପୋକ ଆକ୍ରମଣରୁ ଫସଲକୁ ରକ୍ଷା କରାଯାଇଥାଏ। ଏହି ପଦ୍ଧତିରେ ଚାଷ କଲେ ପାରମ୍ପରିକ ଚାଷ ତୁଳନାରେ ଅଧିକ ଉତ୍ପାଦନ ଏବଂ ଅଧିକ ଲାଭ ମିଳିଥାଏ। ତେବେ ସବୁ ପ୍ରକାର ପରିବା ପଲିହାଉସରେ ଚାଷ କରାଯାଏ ନାହିଁ। ସାଧାରଣତଃ ଅଧିକ ଚାହିଦା ଥିବା ଏବଂ ଅଦିନିଆ ପରିବା ଏଥିରେ ଚାଷ କରାଯାଏ।

- ନାଲି, ହଳଦିଆ ଓ ସବୁଜ ରଙ୍ଗର କ୍ୟାପ୍ସିକମ୍ ପଲିହାଉସ ପାଇଁ ସବୁଠାରୁ ଲାଭଦାୟକ ଫସଲ।
- ଚେରି ଟମାଟୋ ଏବଂ ହାଇବ୍ରିଡ୍ ଜାତୀୟ ଟମାଟୋ ଏଥିରେ ଚାଷ କରାଯାଇ ପାରିବ।
- ବିନା ମଞ୍ଜିଥିବା ଉନ୍ନତ କିସମର କାକୁଡ଼ିର ଚାହିଦା ବଜାରରେ ଅଧିକ। ଏହା ପଲିହାଉସ୍‌ରେ ଚାଷ କରାଯାଇ ପାରିବ।
- ବହୁତ କମ୍ ସମୟରେ ଅଧିକ ଅମଳ ପାଇଁ ଧନିଆ ଓ ପୁଦିନାକୁ ଏଥିରେ ଚାଷ କରାଯାଇ ପାରିବ।
- ଶୀତଦିନିଆ ପରିବା ଯେପରି ବ୍ରୋକଲି, ଫୁଲକୋବି ଆଦିକୁ ମଧ୍ୟ ପଲିହାଉସରେ ଚାଷ କରାଯାଇ ପାରିବ।



# 'ହାର୍ଭେଷ୍ଟରୱାଲା'



ଚାଷ କ୍ଷେତ୍ରରେ ଏବେ ଡିଜିଟାଲ ଟେକ୍ନିକ୍‌ର ବ୍ୟବହାର ବଢ଼ିବାରେ ଲାଗିଛି। ଏହି କ୍ରମରେ ବର୍ତ୍ତମାନ ଅମଳ ଭଳି କାମରେ ମଧ୍ୟ ଡିଜିଟାଲ୍ ରେକର୍ଡ ଏବଂ ପରିଚାଳନାର ଆବଶ୍ୟକତା ବୃଦ୍ଧି ପାଉଛି। ତେଣୁ ଅମଳ ସମ୍ବନ୍ଧିତ କାର୍ଯ୍ୟର ଡିଜିଟାଲ ହିସାବ ରଖିବାରେ ସାହାଯ୍ୟ କରିବ 'ହାର୍ଭେଷ୍ଟରୱାଲାଆପ୍।' ଏହି ଆପ୍‌ର ମୂଳ ଲକ୍ଷ୍ୟ ହେଉଛି ଅମଳ ସମ୍ବନ୍ଧୀୟ କାର୍ଯ୍ୟ, ଦେୟ, ଖର୍ଚ୍ଚ ଏବଂ ରେକର୍ଡଗୁଡ଼ିକୁ ଗୋଟିଏ ସ୍ଥାନରେ ବ୍ୟବସ୍ଥିତ ରଖିବା। ଏହାକୁ ମୁଖ୍ୟତଃ ଡ୍ରାଇଭର, ଠିକାଦାର ଏବଂ ଫସଲ ମାଲିକଙ୍କ ପାଇଁ ଡିଜାଇନ୍ କରାଯାଇଛି। ଏହି ଆପ୍‌ର ଅନ୍ୟତମ ଉଦ୍ଦେଶ୍ୟ ହେଉଛି ଅମଳ ସହ ଜଡ଼ିତ ହିସାବକିତାବର ରେକର୍ଡ କାଗଜପତ୍ରରେ ନ ରଖିବା। ଏ ସମ୍ବନ୍ଧିତ ରେକର୍ଡକୁ ଅଧିକ ବ୍ୟବସ୍ଥିତ ଓ ସହଜ କରିବା ହେଉଛି ଏହି ଆପ୍‌ର ଉଦ୍ଦେଶ୍ୟ। ଫସଲ ଅମଳ ସମୟରେ ଡ୍ରାଇଭରଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଫସଲ ଠିକ୍ ସମୟରେ ଅମଳ ହେବା ଏବଂ ଏହା ସହିତ ଜଡିତ ରେକର୍ଡଗୁଡ଼ିକ ସୁରକ୍ଷିତ ରଖିବା। ଏଣୁ ହାର୍ଭେଷ୍ଟରୱାଲା ଆପ୍‌ରେ ଫସଲ ସୂଚନା, ଅମଳ ହୋଇଥିବା କ୍ଷେତ୍ର ଏବଂ ଦେୟ ରେକର୍ଡକୁ ଗୋଟିଏ ସ୍ଥାନରେ ରଖିବାର ଅନୁମତି ପ୍ରଦାନ କରେ। ଅନ୍ୟପଟେ ଏହି ଆପ୍‌ରେ ପୁରୁଣା ରେକର୍ଡକୁ ସାଇତି ରଖିବା ଏବଂ ଦରକାର ପଡ଼ିଲେ ପୁଣି ଥରେ ତାହାକୁ ସମୀକ୍ଷା କରିବା ସହଜ ହୋଇଥାଏ। ଏହିପରି ଭାବେ କାଗଜପତ୍ର ହିସାବକିତାବ ଉପରେ ଲୋକଙ୍କୁ କମ୍ ନିର୍ଭରଶୀଳ ହେବାକୁ ପଡ଼ିଥାଏ।

# କୃଷି ପାଣିପାଗ

- ଧାନ ତଳି ବେଶୀ ଦିନର ହୋଇଯାଇଥିଲେ, ତଳି ଗୁଡ଼ିକୁ ବୁଦା ପ୍ରତି ୫-୭ ହରରେ ପ୍ରତିରୋପଣ କରନ୍ତୁ।
- ବୁଣାଧାନ ୪୫ ଦିନରୁ ଅଧିକ ହୋଇଯାଇଥିଲେ ବେଉଷଣ କରନ୍ତୁ ନାହିଁ।
- ଅଧିକ ତାପମାତ୍ରାର ପୂର୍ବାନୁମାନ ଥିବାରୁ ଆବଶ୍ୟକ ହେଲେ ଧାନ ଫସଲରେ ଅପରାହ୍ନରେ ଜଳସେଚନ କରନ୍ତୁ।
- କୁକୁଡ଼ା ଘର ଭିତରେ ଯଥେଷ୍ଟ ବାୟୁ ଚଳାଚଳ ବ୍ୟବସ୍ଥା କରନ୍ତୁ। ପାଣିରେ ଇଲେକ୍ଟ୍ରୋଲାଇଟ୍ ମିଶାଇ ପିଇବାକୁ ଦିଅନ୍ତୁ।
- ଶୁଖିଲା ପାଗ ଦେଖି ନାଳି କଖାରୁ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦୦ ଗ୍ରାମ ସ୍ୟାନଟ୍ରାନିଲିପ୍ରୋଲ ନାମକ କୀଟନାଶକ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।



# ରିଲେ କ୍ରପିଂ ପ୍ରଣାଳି

**ପନିପରିବା ଚାଷୀ ଭଲ ଅମଳ ପାଇଁ ରିଲେ କ୍ରପିଂ ସିଷ୍ଟମକୁ ଆପଣାଇପାରିବେ। ରିଲେ କ୍ରପିଂ ପ୍ରଣାଳି ଏମିତି ଏକ ଟେକ୍ନିକ୍, ଯାହା ମାଧ୍ୟମରେ ଗୋଟିଏ ଜମିରେ ଅଲଗା ଅଲଗା ପନିପରିବା ଚାଷ କରାଯାଇପାରିବ।**

**ଏହା କ'ଣ:** ରିଲେ କ୍ରପିଂ ସିଷ୍ଟମରେ ଗୋଟିଏ ପ୍ରକାର ଫସଲ ଗୋଟିଏ କ୍ଷେତରେ ଲଗାଯାଏ। ସେହିପରି ପୂର୍ବ ଫସଲର ଆର୍ଦ୍ରତା ଓ ପୋଷାକ ତତ୍ତ୍ୱର ଲାଭ ଉଠାଇବା ପାଇଁ ସେହି କ୍ଷେତରେ ଅନ୍ୟ ଏକ ଫସଲ ଲଗାଯାଏ। ଏଥିରେ ପ୍ରଥମ ଫସଲ ଅମଳ ହେବା ପୂର୍ବରୁ ଦ୍ୱିତୀୟ ଫସଲ ବୁଣାଯାଏ। ଏହାଦ୍ୱାରା ପ୍ରଥମ ଫସଲର ଆର୍ଦ୍ରତା ଦ୍ୱିତୀୟ ଫସଲକୁ ମିଳିଥାଏ। କେବଳ ସେତିକି ନୁହେଁ, ଏହି ପ୍ରଣାଳିରେ ଜଳସେଚନର ଆବଶ୍ୟକତା କମ୍ ପଡ଼େ। ସରଳ ଭାଷାରେ କହିଲେ, ଏହା ମାଧ୍ୟମରେ କମ୍ ଜଳସେଚନରେ ଅଧିକ ଫସଲର ଲାଭ ଉଠାଇ ହେବ।

**ଲାଭ**

- ଏହି ପ୍ରଣାଳିରେ ଫସଲ ଉତ୍ପାଦନ ଅଧିକ ହୁଏ।
- ଏହି ପ୍ରଣାଳି ଦ୍ୱାରା ଚାଷୀଙ୍କ ଆୟ ବଢ଼ିପାରିବ।
- ଏହି ଟେକ୍ନିକ୍‌ରେ ସାର କମ୍ ବ୍ୟବହାର କରାଯାଏ। କ୍ଷେତରେ ସନ୍ତୁଳିତ ମାତ୍ରାରେ ସାର ପ୍ରୟୋଗ କରାଯାଏ।
- ଏହି ଟେକ୍ନିକ୍ ଦ୍ୱାରା ପାଣିର ସଞ୍ଚୟ ହେବା ସହ ମାଟିର ଉର୍ବରତା ବଜାୟ ରଖାଯାଇପାରିବ।
- ଏହାସହ ଉତ୍ତମ କିସମ ଚୟନ, ଉପଯୁକ୍ତ ବିହନ ପଦ୍ଧତି, କୀଟପତଙ୍ଗ ପରିଚାଳନା, ସମୟାନୁସାରେ ଅମଳ ଇତ୍ୟାଦି କରି ହୁଏ।



- ଏହି ପ୍ରଣାଳୀରେ କାକୁଡ଼ି, ଲଙ୍କା, ମଟର, ଲାଉ, ଆଳୁ, ପିଆଜ, ଫୁଲକୋବି ଚାଷ କରିହେବ।
- ଅନ୍ୟପଟେ ଅନେକ ଫସଲ ଅଛି, ଯାହାକୁ ଏକାଠି ବୁଣାଯିବା ଉଚିତ୍ ନୁହେଁ। କାରଣ ଏହି ସମାନ ପ୍ରକାରର ପନିପରିବା କୀଟପତଙ୍ଗ କିମ୍ବା ରୋଗ ପ୍ରତି ସମ୍ବେଦନଶୀଳ ହୋଇପାରେ।

## ଦୁଲୀପ୍ ଟ୍ରଫି ଫାଇନାଲ- ଇଶାନ ୨୭୦, କୁମାର ୧୦୧

# ପ୍ରଥମ ଇନିଂସରେ ପୂର୍ବାଞ୍ଚଳ ୭୦୮

ଚେନ୍ନଇ,୭।୯ (ଏଜେନ୍ସି)

ଅଧିନାୟକ ଇଶାନ କିଶାନଙ୍କ ଦ୍ୱିଶତକ ଓ ୫ମ ୱିକେଟରେ କୁମାର କୁଶାଗ୍ରଙ୍କ ସହ ଦ୍ୱିଶତକୀୟ ଭାଗିଦାରୀ ବଳରେ ଏଠାରେ ଦକ୍ଷିଣାଞ୍ଚଳ ସହ ଚାଲିଥିବା ଦୁଲୀପ ଟ୍ରଫି ଫାଇନାଲ୍‌ରେ ପୂର୍ବାଞ୍ଚଳ ପ୍ରଥମ ଇନିଂସରେ ୭୦୮ ରନ୍‌ର ବିଶାଳ ସ୍କୋର ସଂଗ୍ରହ କରିଛି। ଦ୍ୱିତୀୟ ଦିନର ଶେଷ ବଲରେ ମୁକେଶ କୁମାରଙ୍କ ଆଉଟ ହେବା ସହ ପୂର୍ବାଞ୍ଚଳର ପ୍ରଥମ ଇନିଂସ ଶେଷ ହୋଇଥିଲା। ପୂର୍ବାଞ୍ଚଳ ପକ୍ଷରୁ ଝାଡଖଣ୍ଡର ଦୁଇ ଖେଳାଳି ଇଶାନ କିଶାନ ସର୍ବାଧିକ ୨୭୦, ୱିକେଟ ରକ୍ଷକ କୁମାର କୁଶାଗ୍ର ୧୦୧ ରନ୍ କରିଥିଲେ। ଏମାନେ ୫ମ ୱିକେଟରୁ ୨୩୦ ରନ୍ ଉଠାଇ ଦଳକୁ ଭଲ ସ୍ଥିତିରେ ପହଞ୍ଚାଇଥିଲେ। ଏହି କ୍ରମରେ ଦୁଲୀପ୍ ଟ୍ରଫି ଫାଇନାଲରେ ଦ୍ୱିତୀୟ ଅଧିନାୟକ ଏବଂ ୬ଷ୍ଠ ଖେଳାଳି ଭାବେ ଦ୍ୱିଶତକ ହାସଲ କରିବାରେ ଇଶାନ ସଫଳ ହୋଇଛନ୍ତି। ସେହିପରି ଅରୁଣ ଲାଲ ଓ ସୟଦ ସାବା କରିମ୍‌ଙ୍କ ପରେ ଇଶାନ ପୂର୍ବାଞ୍ଚଳର ତୃତୀୟ ବ୍ୟାଟର ଭାବେ ଦୁଲୀପ୍ ଟ୍ରଫିରେ ଦ୍ୱିଶତକ ହାସଲ କରିଛନ୍ତି। ଆଜିର ଖେଳରେ ଅନୁକୂଳ ରୟ ୪୫, ମହମ୍ମଦ୍ କୌନେନ୍ କ୍ୱରେଶୀ ୪୦ ଓ ଏଠାରେ ପ୍ରଥମଶ୍ରେଣୀ କ୍ରିକେଟ ଜୀବନର ୧୦୦ତମ ମ୍ୟାଚ୍




ଖେଳୁଥିବା ମହମ୍ମଦ୍ ସାମି ୨୮ ରନ୍‌ର ଯୋଗଦାନ ଦେଇଥିଲେ। ଦକ୍ଷିଣାଞ୍ଚଳ ପକ୍ଷରୁ ସ୍ପିନରମାନେ ୮ଟି ୱିକେଟ ନେଇଥିଲେ। ଅଫ୍ ସ୍ପିନର ତ୍ରିପୁରାନା ବିଜୟ ୪ଟି, ଲେଗ୍ ସ୍ପିନର ଶ୍ରେୟସ ଗୋପାଳ ୨ଟି, ପେସର ଚାମା ମିଲିନ୍ଦ ୨ଟି ୱିକେଟ ପାଇଛନ୍ତି।

ଏମ୍‌ଏ ଚିଦାମ୍ବରମ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଦୁଲୀପ୍ ଟ୍ରଫି ଫାଇନାଲରେ ପ୍ରଥମଦିନରେ ଶତକ ହାସଲ କରି ୧୧୧ ରନ୍‌ରେ ଅପରାଜିତ ଥିବା ଇଶାନ କିଶାନ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିଲେ। ତାଙ୍କୁ ମଧ୍ୟ ଭଲ ସହାୟତା ଦେଇଥିଲେ କୁମାର କୁଶାଗ୍ର। ଉଭୟ ଖେଳାଳି ୫ମ ୱିକେଟରେ ୨୩୦ ରନ୍ ଉଠାଇଲା ବେଳକୁ କୁମାର ଶତକ ପୂରଣ କରିନେଇଥିଲେ। କିନ୍ତୁ ସେ ୧୩୨ବଲ୍‌ରୁ ୮ଚୌକା ଓ ୫ଛକା ସହ ୧୦୧ ରନ୍ କରିବା ପରେ ଆଉଟ ହୋଇଯାଇଥିଲେ। ଚେନ୍ନଇର ଅତ୍ୟଧିକ ଗରମ ମଧ୍ୟ ଖେଳାଳିଙ୍କ ଉପରେ ପ୍ରଭାବ ପକାଇଥିଲା। ଫଳରେ ୨୫୦ ରନ୍ କରିଥିଲାବେଳେ ଇଶାନ ରିଟାୟର୍ଡ ହର୍ଟ ହୋଇଥିଲେ। ଏହା ପୂର୍ବରୁ ଅନୁକୂଳ ରୟଙ୍କ ସହ ସେଞ୍ଚୁରୀ ପାର୍ଟନରସିପ୍ (୧୮୦ବଲ୍‌ରେ ୧୪୦ରନ୍) କରିଥିଲେ। ଅନୁକୂଳ ୯୮ବଲ୍‌ରୁ ୪୫, କୁରେଶୀ ୯୧ ବଲ୍‌ରୁ ୪୦ ଓ ମହମ୍ମଦ୍ ସାମି ୨୮ ରନ୍‌ର ଯୋଗଦାନ ଦେଇଥିଲେ। ପରେ ଦ୍ୱିତୀୟଥର ବ୍ୟାଟିଂ କରିବାକୁ ଆସି ଇଶାନ ୨୭୦ ରନ୍ କରି ୯ମ ଖେଳାଳିଭାବେ ଆଉଟ ହୋଇଥିଲେ। ଏହି ସ୍କୋରରେ ମୁକେଶଙ୍କ ଆଉଟ ସହ ପୂର୍ବାଞ୍ଚଳ ୧୬୩ ଓଭରରେ ୭୦୮ ରନ୍ କରି ଅଲଆଉଟ ହୋଇଥିଲା। ଇଶାନ ୩୩୪ବଲ୍‌ର ସାମ୍ନା କରି ୩୦ ଚୌକା ଓ ୭ ଛକା ସହ ୨୭୦ରନ୍‌ର ବିଶାଳ ସ୍କୋର ସଂଗ୍ରହ କରିଥିଲେ। ପ୍ରଥମଶ୍ରେଣୀ କ୍ୟାରିୟରରେ ଏହା ତାଙ୍କର ଦ୍ୱିତୀୟ ଦ୍ୱିଶତକ ଓ ଦ୍ୱିତୀୟ ସର୍ବାଧିକ ସ୍କୋର। ଦିଲ୍ଲୀ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ୍‌ରେ ସେ ୨୭୩ ରନ୍ କରିଥିଲେ।

### ଦୁଲୀପ୍ ଟ୍ରଫି ଫାଇନାଲରେ ଦ୍ୱିଶତକ

୧: ରମଣ ଲାମ୍ବା- ୩୨୦, ଉତ୍ତରାଞ୍ଚଳ ବନାମ ପଶ୍ଚିମାଞ୍ଚଳ, ୨: ଅଂଶୁମାନ ଗାଏକ୍ୱାଡ- ୨୧୬, ପଶ୍ଚିମାଞ୍ଚଳ ବନାମ ଉତ୍ତରାଞ୍ଚଳ, ୩: ଚେତେଶ୍ୱର ପୂଜାରା- ୨୫୬*, ଇଣ୍ଡିଆ ବ୍ଲୁ ବନାମ ରେଡ୍, ୪: ଯଶସ୍ୱୀ ଜୟସ୍ୱାଲ- ୨୦୯, ପଶ୍ଚିମାଞ୍ଚଳ ବନାମ ଦକ୍ଷିଣାଞ୍ଚଳ, ୫: ୟୁସୁଫ୍ ପଠାନ- ୨୧୦*, ପଶ୍ଚିମାଞ୍ଚଳ ବନାବ ଦକ୍ଷିଣାଞ୍ଚଳ, ୬: ଇଶାନ କିଶାନ-୨୭୦, ପୂବାଞ୍ଚଳ ବନାମ ଦକ୍ଷିଣାଞ୍ଚଳ।

# କ୍ୱାର୍ଟରରେ ନାଭାରୋ, ନୋସ୍କୋଭା





ୟୁଏସ୍ ଓପନ୍

ନ୍ୟୁୟର୍କ, ୭।୯ (ଏଜେନ୍ସି): ଦ୍ୱିତୀୟ ସିଡ୍ କାର୍ଲୋସ ଆଲ୍‌କାରାଜ, ୮ମ ସିଡ୍ ବେନ୍ ସେଲଟନ, ୧୧ତମ ସିଡ୍ ଫ୍ରାନସିସ୍ ଟିଆଫୋଏ ଏଠାରେ ଚାଲିଥିବା ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ମ୍ୟାଚରେ ଆଲ୍‌କାରାଜ ୬-୪, ୬-୩, ୬-୪ ସିଧାସଳଖ ସେଟରେ ଆମେରିକାର ଟମି ପଲ୍‌ଙ୍କୁ ପରାସ୍ତ କରିଥିଲେ। ଷଷ୍ଠଥର ଲାଗି ୟୁଏସ୍ ଓପନ ଖେଳୁଥିବା ସ୍ପାନିଶ ତାରକା ଆଲ୍‌କାରାଜଙ୍କ ଏଠାରେ ପଞ୍ଚମଥର କ୍ୱାର୍ଟର ଫାଇନାଲରେ ପହଞ୍ଚିଛନ୍ତି। କ୍ରମାଗତ ଦ୍ୱିତୀୟ ୟୁଏସ୍ ଓପନ୍ ଟାଇଟଲ୍ ଜିତିବା ଲକ୍ଷ୍ୟରେ ଥିବା ଆଲ୍‌କାରାଜ କ୍ୱାର୍ଟର ଫାଇନାଲରେ ଘରୋଇ ଖେଳାଳି ତଥା ୮ମ ସିଡ୍ ବେନ୍ ସେଲଟନଙ୍କୁ ଭେଟିବେ। ଅନ୍ୟ ଏକ ରାଉଣ୍ଡ-୧୬ ମ୍ୟାଚରେ ସେଲଟନ ୬-୨, ୬-୩, ୬-୪ ସିଧାସଳଖ ସେଟରେ ୭ମ ସିଡ୍ ଗ୍ରୀସର ଷ୍ଟିଫାନୋସ ସିତ୍‌ସିପାସଙ୍କ ହରାଇଥିଲେ। ସେହିଭଳି ପୂର୍ବତନ ଚାମ୍ପିଅନ ଦାନିଲ ମେଦଭେଦେଭଙ୍କୁ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡ଼ିଛି। ସପ୍ତମ ସିଡ୍ ମେଦଭେଦେଭ ୬-୭ (୧/୭), ୪-୬, ୬-୭ (୬/୮) ସେଟରେ ୧୧ତମ ସିଡ୍ ଟିଆଫୋଏଙ୍କଠାରୁ ହାରି ଅଭିଯାନ ଶେଷ କରିଛନ୍ତି। ଟିଆଫୋଏ କ୍ୱାର୍ଟର ଫାଇନାଲରେ ସାଥୀ ଆମେରିକୀୟ ଖେଳାଳି ଆଲେକ୍ସ ମାଇକେଲସେନଙ୍କୁ ଭେଟିବେ।

### କ୍ୱାର୍ଟରରେ ପେଗୁଲା, ନାଭାରୋ, ନୋସ୍କୋଭା

ଅପରପକ୍ଷରେ ମହିଳା ବିଭାଗରେ ଘରୋଇ ଆମେରିକା ଦୁଇ ତାରକା ଖେଳାଳି ଜେସିକା ପେଗୁଲା ଓ ଏମା ନାଭାରୋଙ୍କ ସମେତ ୱିମ୍ବଲଡନ ଚାମ୍ପିଅନ ଲିଣ୍ଡା ନୋସ୍କୋଭା କ୍ୱାର୍ଟର ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ୨୦୨୪ ବିଜୟିନୀ ପେଗୁଲା ୬-୩, ୬-୪ ସେଟରେ ରୋମାନିଆର ସୋରାନା କ୍ରିଷ୍ଟିଆଙ୍କୁ, ଏମା ୬-୪, ୬-୨ ସେଟରେ ରୁଷିଆର ଆନ୍ନା କାଲିନସ୍କାୟାଙ୍କୁ ଏବଂ ନୋସ୍କୋଭା ୭-୫, ୫-୭, ୬-୪ ସେଟରେ ୧୧ତମ ସିଡ୍ ୟୁକ୍ରେନର ମାର୍ତା କୋସ୍ତ୍ୟୁକଙ୍କୁ ହରାଇଥିଲେ। କ୍ୱାର୍ଟର ଫାଇନାଲରେ ପେଗୁଲା ନିଜ ଦେଶର ଏମାଙ୍କୁ ଭେଟିବେ।

### ଭାରତର ଅଭିଯାନ ଶେଷ

ଶ୍ରୀରାମ ବାଲାଜୀଙ୍କ ପରାଜୟ ସହ ୟୁଏସ୍ ଓପନରେ ଭାରତର ଅଭିଯାନ ଶେଷ ହୋଇଛି। ବାଲାଜୀ ଓ ତାଙ୍କ ଆମେରିକା ପାର୍ଟନର ଇଭାନ କିଙ୍ଗ ପୁରୁଷ ଡବଲ୍ସର ଦ୍ୱିତୀୟ ରାଉଣ୍ଡରେ ହାରିଯାଇଥିଲେ। ପୂର୍ବରୁ ପୁରୁଷ ଡବଲ୍ସରେ ଅନ୍ୟ ଦୁଇ ଭାରତୀୟ ୟୁକି ଭାମ୍ବ୍ରୀ ଓ ଅନିରୁଦ୍ଧ ଚନ୍ଦ୍ରଶେଖର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ।

## ଫାତିମା ସାନା ଦଣ୍ଡିତ



ଦୁବାଇ,୭।୯ (ଏଜେନ୍ସି): ଭାରତ ବିପକ୍ଷ ମ୍ୟାଚ୍‌ରେ ଆଚରଣ ସଂହିତା ଉଲ୍ଲଙ୍ଘନ କରି ପାକିସ୍ତାନର ଅଧିନାୟିକା ଫାତିମା ସାନା ଦଣ୍ଡିତ ହୋଇଛନ୍ତି। ଦଣ୍ଡସ୍ୱରୂପ ତାଙ୍କ ମ୍ୟାଚ୍ ଫି'ର ୧୦ ଶତକଡ଼ା କାଟି ନିଆଯାଇଥିଲାବେଳେ ଗୋଟିଏ ଡିମେରିଟ୍ ପଏଣ୍ଟ ପାଇଛନ୍ତି। ଏଠାରେ ଚାଲିଥିବା ମହିଳା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ଭାରତ ବିପକ୍ଷ ମୁକାବିଲାରେ ଶେଫାଳି ବର୍ମାଙ୍କୁ ଆଉଟ କରିବା ଲାଗି ଫାତିମା କ୍ୟାଚ୍ ଧରିବା ପରେ ପାଭିଲିଅନ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ତାଙ୍କର ଏପରି ବ୍ୟବହାର ଆଇସିସି ଆଚରଣ ସଂହିତା ଧାରା ୨.୫ର ବିରୋଧ କରୁଛି। ପୂର୍ବରୁ ୨୦୨୫ ଅଗଷ୍ଟ ୬ ତାରିଖ ଆୟର୍ଲାଣ୍ଡ ବିପକ୍ଷ ମୁକାବିଲାରେ ଫାତିମା ଆଚରଣ ସଂହିତା ଉଲ୍ଲଙ୍ଘନ କରିଥିବାରୁ ଏବେ ତାଙ୍କ ଡିମେରିଟ୍ ପଏଣ୍ଟ ସଂଖ୍ୟା ୨ରେ ପହଞ୍ଚିଛି।

## ଇଂଲଣ୍ଡ କୋଚିଂ ଟିମ୍‌ରେ କେଭିନ୍ ପିଟରସନ

ଲଣ୍ଡନ,୭।୯ (ଏଜେନ୍ସି): ଇଂଲଣ୍ଡର ପୂର୍ବତନ ଅଧିନାୟକ କେଭିନ ପିଟରସନ ସୀମିତ ଓଭର କୋଚିଂ ଟିମ୍‌ରେ ସାମିଲ ହୋଇଛନ୍ତି। ଦକ୍ଷିଣ ଆଫ୍ରିକାରେ ଜନ୍ମିତ ଏହି ବ୍ୟାଟରକୁ ସେଠାରେ ଖେଳାଯିବାକୁ ଥିବା ୨୦୨୭ ଦିନିକିଆ ବିଶ୍ୱକପ୍ ପୂର୍ବରୁ ଇଂଲଣ୍ଡ ଦଳର ସ୍ପେଶାଲ ମେଣ୍ଟର ଭାବେ ସାମିଲ କରାଯାଇଛି। ଏହା ଫଳରେ ସେ ବ୍ରେଣ୍ଡାନ ମ୍ୟାକ୍‌କୁଲାମଙ୍କ ସହ ଇଂଲଣ୍ଡ କୋଚିଂ ଟିମ୍‌ରେ ନିଯୁକ୍ତ ହୋଇଛନ୍ତି। ଅନ୍ୟ କୋଚ୍ ଭାବେ ମାର୍କସ ଟ୍ରେସ୍କୋଥିକ୍, ଟିମ୍ ସୌଦୀ, ଜିତନ ପଟେଲ ଓ ସାରା ଟେଲରଙ୍କ ସହ ଇଂଲଣ୍ଡ ସୀମିତ ଓଭର ଟିମ୍ ଲାଗି କାମ କରିବେ।



**ମହିଳା ଏସିଆ କପ୍ କ୍ରିକେଟ**

## ଗ୍ରୁପ୍ ଶୀର୍ଷରେ ଭାରତ ଓ ଶ୍ରୀଲଙ୍କା

ଦୁବାଇ,୭।୯ (ଏଜେନ୍ସି): ଏଠାରେ ଚାଲିଥିବା ମହିଳା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟରେ ଆଉ ଗୋଟିଏ ମ୍ୟାଚ୍ ବାଂଲାଦେଶ ଓ ୟୁଏଇ ମଧ୍ୟରେ ଖେଳାଯିବାକୁ ବାକି ରହିଛି। ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇଥିଲାବେଳେ ଗ୍ରୁପ୍-ଏ'ରେ ଭାରତ ଓ ବି'ରେ ଶ୍ରୀଲଙ୍କା ସମସ୍ତ ୩ଟି ଯାକ ଲିଗ୍ ମ୍ୟାଚ୍ ଜିତି ଶୀର୍ଷସ୍ଥାନରେ ରହିଛନ୍ତି। ଆଜି ହଂକଂକୁ ହରାଇ ପାକିସ୍ତାନ ଗ୍ରୁପ୍-ଏ'ରୁ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଆସନ୍ତାକାଲି ମଧ୍ୟ ହଂକଂ ବିପକ୍ଷରେ ବାଂଲାଦେଶ ଜିତିବାର ଯଥେଷ୍ଟ ସମ୍ଭାବନା ରହିଛି। ଏଣୁ ଆସନ୍ତା ୧୦ରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଭାରତ ସହ ସମ୍ଭବତଃ ବାଂଲାଦେଶ ଓ ୧୧ ତାରିଖ ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ଶ୍ରୀଲଙ୍କା ସହ ପାକିସ୍ତାନର ମୁକାବିଲା ହେବ। ଦୁଇ ସେମିଫାଇନାଲର ବିଜେତା ଦଳ ମଧ୍ୟରେ ଫାଇନାଲ ମୁକାବିଲା ୧୩ରେ ଖେଳାଯିବ।

## ଭାରତ-ଜାପାନ ମୁକାବିଲା ଲାଗି ପ୍ରସାରଣକାରୀ ଖୋଜା

ନୂଆଦିଲ୍ଲୀ,୭।୯ (ଏଜେନ୍ସି): ଭାରତ ଓ ଜାପାନ ମଧ୍ୟରେ ସୃଷ୍ଟି ହୋଇଥିବା ବନ୍ଧୁତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଏକ ଟି-୨୦ ମ୍ୟାଚ୍ ଜାପାନରେ ଆୟୋଜନ କରିବାକୁ ଉଭୟ ଦେଶର ପ୍ରଧାନମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଏହି ମ୍ୟାଚ୍‌ଟି ସେପ୍ଟେମ୍ବର ୨୨ରେ ଟୋକିଓରେ ଖେଳାଯିବ। କିନ୍ତୁ ମ୍ୟାଚ୍‌ର ସିଧାସଳଖ ପ୍ରସାରଣ କରିବାକୁ ଏଯାଏ କେହି ଆଗେଇ ଆସିନାହାନ୍ତି। ଫଳରେ ମ୍ୟାଚ୍‌ର ପ୍ରସାରଣ କରିବାକୁ ଦେଶରେ ଥିବା ସମସ୍ତ ପ୍ରସାରଣକାରୀ ସଂସ୍ଥାକୁ ବିଡ୍ ଦାଖଲ କରିବାକୁ କୁହାଯାଇଛି। ବିସିସିଆଇଠାରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ଦିନେ କିମ୍ବା ଦୁଇ ଦିନ ମଧ୍ୟରେ ଏହି ମ୍ୟାଚ୍‌କୁ କେଉଁ ପ୍ରସାରଣକାରୀ ସଂସ୍ଥା ପ୍ରସାରଣ କରିବ ତାହା ଆପାତତଃ ସ୍ଥିର ହେବ। ବିଶ୍ୱଚାମ୍ପିଅନ ତଥା ବିଶ୍ୱର ନଂ-୧ ଟିମ୍ ଭାରତ ସହ ନଂ-୪୧ ଟିମ୍‌ର ମୁକାବିଲା ହୁଏତ ଦର୍ଶକଙ୍କ ଲାଗି ଖୋରାକ ଯୋଗାଇ ନ ପାରେ। କିନ୍ତୁ ଏହି ମ୍ୟାଚ୍ ଲାଗି ଉଭୟ ଦେଶରେ ଉତ୍ସାହ ଥିବାରୁ ପ୍ରସାରଣକାରୀ ସଂସ୍ଥା ଗୁଡିକ ଲାଗି ଲାଭପ୍ରଦ ହେବ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି।

## ଓଡ଼ିଶାରେ ରୋଲର୍ ସ୍ପୋର୍ଟ୍ସର ବିକାଶ ଉପରେ ଗୁରୁତ୍ୱ



ଭୁବନେଶ୍ୱର, ୭।୯ (ସମିସ): ଓଡ଼ିଶାରେ ରୋଲର୍ ସ୍ପୋର୍ଟ୍ସର ବିକାଶ ଓ ବିସ୍ତାର ପାଇଁ ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଉଛି। ଏନେଇ ସ୍କେଟିଂ ଆସୋସିଏସନ୍ ଅଫ୍ ଓଡ଼ିଶା (ଏସଓଏ) ଓ ରୋଲର୍ ସ୍କେଟିଂ ଫେଡେରେସନ୍ ଅଫ୍ ଇଣ୍ଡିଆ (ଆରଏସଏଫଆଇ)ର ମିଳିତ ସହଯୋଗରେ କଳିଙ୍ଗ ଷ୍ଟାଡିୟମ୍‌ରେ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ରାଜ୍ୟରେ ରୋଲର୍ ସ୍ପୋର୍ଟସ୍‌କୁ ଏକ ସୁଦୃଢ଼ ଓ ସ୍ଥାୟୀ କ୍ରୀଡ଼ା ପରିବେଶ ଦେବା ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ରହିଛି। ସ୍ପିଡ୍ ସ୍କେଟିଂ, ଆର୍ଟିଷ୍ଟିକ୍ ସ୍କେଟିଂ, ଇନ୍‌ଲାଇନ୍ ଫ୍ରିଷ୍ଟାଇଲ୍, ରୋଲର୍ ହକି ଓ ସ୍କେଟ୍‌ବୋର୍ଡିଂ ଭଳି ବିଭିନ୍ନ ବିଭାଗର ବିକାଶ ଉପରେ ଗୁରୁତ୍ୱ ଦିଆଯିବ। ସେହିଭଳି ସ୍କୁଲ୍ ଓ ଜିଲ୍ଲାସ୍ତରରେ ରୋଲର୍ ସ୍ପୋର୍ଟ୍ସର ପ୍ରସାର ସହ ତାଲିମ୍ ଶିବିର ଆୟୋଜନ ପାଇଁ ଯୋଜନା କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ରୋଲର୍ ସ୍କେଟିଂ ଫେଡେରେସନ୍ ଅଫ୍ ଇଣ୍ଡିଆର ସଭାପତି ତୁଳସୀ ରାମ ଅଗ୍ରୱାଲ୍, ସ୍କେଟିଂ ଆସୋସିଏସନ୍ ଅଫ୍ ଓଡ଼ିଶାର ସଭାପତି ଡ. ଦିଲୀପ କୁମାର ତିର୍କୀ, ସାଧାରଣ ସମ୍ପାଦକ ସତ୍ୟଜିତ ମହାନ୍ତି, କୋଷାଧ୍ୟକ୍ଷ ଅଙ୍କିତା ସନ୍ତୁକାଙ୍କ ସମେତ ପ୍ରତିନିଧିମାନେ ଯୋଗଦେଇଥିଲେ।

● ପାକିସ୍ତାନ କ୍ରିକେଟରେ ମ୍ୟାଚ୍ ଫିକ୍ସିଂ !

## ମୋବାଇଲ ଜବତ ପରେ ଆଭ୍ୟନ୍ତରୀଣ ତଦନ୍ତ

କରାଚି,୭।୯ (ଏଜେନ୍ସି): କ୍ରିକେଟ ଖେଳରେ ସଫଳତାକୁ ନେଇ ପାକିସ୍ତାନ ଦଳ ଓ ବୋର୍ଡ ଯେତିକି ଚର୍ଚ୍ଚାକୁ ଆସିନାହିଁ, ତାଠାରୁ ପଡ଼ିଆ ବାହାରର ଘଟଣାବଳୀକୁ ନେଇ କିଛି ନା କିଛି ଚର୍ଚ୍ଚାରେ ରହିଛି। ଏବେ ଇଂଲଣ୍ଡ ସହ ୩ ଟିକିଆ ଟେଷ୍ଟ ସିରିଜ୍ ଚାଲିଛି। ଏହା ମଧ୍ୟରୁ ପ୍ରଥମ ଦୁଇଟି ଟେଷ୍ଟରେ ପାକିସ୍ତାନ ଶୋଚନୀୟ ପରାଜୟ ବରଣ କରିଛି। ଏହି ପରାଜୟ ପରେ ତୃତୀୟ ଟେଷ୍ଟ ଲାଗି ହେଡ୍ କୋଚ୍ ସର୍ଫରାଜ ଅହମ୍ମଦ୍, ବୋଲିଂ କୋଚ୍ ଉମର ଗୁଲ୍‌ଙ୍କ ସମେତ ୭ଜଣ ଖେଳାଳିଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଏହାର ଦୁଇ ଦିନ ପରେ ପାକିସ୍ତାନ କ୍ରିକେଟ ବୋର୍ଡର ନିର୍ଦ୍ଦେଶକ ଆମିର ମିରଙ୍କ ପୋଷ୍ଟ ଅନୁଯାୟୀ ଦଳର ପରାଜୟ ସମ୍ପର୍କରେ ଏବେ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ ହୋଇଛି। କିନ୍ତୁ ଗୋଟିଏ ଟେଷ୍ଟ ଲାଗି ୭ଜଣ ଖେଳାଳିଙ୍କୁ ବାଦ୍ ଦେବା ଲାଗି ଯେ କେବଳ ପ୍ରଦର୍ଶନ ଦାୟୀ ତାହାକୁ କେହି ସ୍ୱୀକାର କରୁନାହାନ୍ତି। ତୃତୀୟ ଟେଷ୍ଟ ଆରମ୍ଭ ପୂର୍ବରୁ କିଛି ଖେଳାଳିଙ୍କ ମୋବାଇଲ ଜବତ କରିନେବା ଘଟଣାରେ ପାକିସ୍ତାନ ଖେଳାଳି ଯେ, ମ୍ୟାଚ୍ ଫିକ୍ସିଂ କିମ୍ବା ଅନ୍ୟ କୌଣସି ବଡ଼ ଅପରାଧରେ ସମ୍ପୃକ୍ତ ତାହାର ସନ୍ଦେହ ଦୃଢ଼ୀଭୂତ ହୋଇଛି। ଅନ୍ୟପକ୍ଷରେ ପାକିସ୍ତାନ କ୍ରିକେଟକୁ ପୁଣିଥରେ ମ୍ୟାଚ୍ ଫିକ୍ସିଂର ଭୂତ ଘେରିଛି ବୋଲି କୁହାଯାଉଛି।

## ଅଷ୍ଟ୍ରେଲିଆ ଟେଷ୍ଟ ଦଳରେ ଲାବୁସେନ୍

ମେଲବୋର୍ଣ୍ଣ,୭।୯ (ଏଜେନ୍ସି): ଅକ୍ଟୋବର ୯ରୁ ଦକ୍ଷିଣ ଆଫ୍ରିକା ସହ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଫର୍ମରେ ନ ଥିବା ଏବଂ ତୀବ୍ର ସମାଲୋଚିତ ହୋଇଥିବା ନଂ-୩ ବ୍ୟାଟର ମାର୍ନସ ଲାବୁସେନଙ୍କୁ ସାମିଲ କରାଯାଇଛି।

**ଟେଷ୍ଟ ଦଳ** : ପ୍ୟାଟ କମିନ୍ସ (ଅଧିନାୟକ), ସ୍କଟ ବୋଲାଣ୍ଡ, ଆଲେକ୍ସ କ୍ୟାରୀ, କୁପର କୋନୋଲୀ, କାମେରନ ଗ୍ରୀନ୍, ଜୋଶ ହାଜ୍‌ଲେଉଡ୍, ଟ୍ରାଭିସ୍ ହେଡ୍, ଜୋଶ ଇଂଲିଶ, ମାଥ୍ୟୁ କୁନେମାନ, ମାର୍ନସ ଲାବୁସେନ, ନାଥାନ ଲାୟନ, ମାଇକେଲ ନେସର, ମାଥ୍ୟୁ ରେନ୍‌ଶା, ଷ୍ଟିଭ୍ ସ୍ମିଥ୍, ମିଚେଲ ଷ୍ଟାର୍କ ଓ ବିଉ ୱେବ୍‌ଷ୍ଟର।

● ସିଏଚେମ୍ ଟ୍ରଫି କ୍ରିକେଟ

## ଓଡ଼ିଶା -ହିମାଚଳ ମ୍ୟାଚ୍ ଡ୍ର'

ଭୁବନେଶ୍ୱର,୭।୯ (ସମିସ): ସମ୍ବିତ ବେଜାଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ପୁଡୁଚେରୀରେ ଚାଲିଥିବା ସିଏଚେମ୍ ଟ୍ରଫି ଆନ୍ତଃରାଜ୍ୟ ସିନିଅର କ୍ରିକେଟରେ ହିମାଚଳ ପ୍ରଦେଶ ସହ ଓଡ଼ିଶା ମ୍ୟାଚ୍ ଡ୍ର ରଖିଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ପ୍ରଥମେ ବ୍ୟାଟିଂ କରି ହିମାଚଳ ପ୍ରଦେଶ ୨୪୦ ରନ୍ କରିଥିଲା। ଜବାବରେ ସମ୍ବିତ ୩ଟି ଚୌକା ଓ ୨ଟି ଛକା ସହାୟତାରେ ୬୯ ଓ ଆଶୁତୋଷ ଛୁରିଆ ୧୫ ରନ୍‌ରେ ଅପରାଜିତ ରହିବା ଫଳରେ ଓଡ଼ିଶା ପ୍ରଥମ ଇନିଂସରେ ୯ ୱିକେଟ ହରାଇ ୨୬୯ ରନ୍ କରିଥିଲା। ଫଳରେ ଓଡ଼ିଶା ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ବିଜୟୀ ହୋଇଛି। ଓଡ଼ିଶାର ସୌମ୍ୟରଞ୍ଜନ ଲେଙ୍କାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି।





## କିସ୍ ଓ ଗଞ୍ଜାମ ଜିତିଲା ରାଜ୍ୟ ଯୁବ ବାସ୍କେଟବଲ୍

ଭୁବନେଶ୍ୱର,୭।୯ (ସମିସ): ଗୋଠପଟଣାସ୍ଥିତ ଟାଇମ୍ସ ସ୍କଲାର୍ସ' ଗୁରୁକୁଳ ସ୍କୁଲ୍ ପରିସରରେ ଶେଷ ହୋଇଥିବା ୩୯ତମ ରାଜ୍ୟ ଯୁବ ବାସ୍କେଟବଲ୍ ପ୍ରତିଯୋଗିତାରେ ଗଞ୍ଜାମ ଓ କିସ୍ ଦଳ ଚାମ୍ପିଅନ ହୋଇଛି। ବାଳକ ବିଭାଗ ଫାଇନାଲରେ ଗଞ୍ଜାମ କଟକର ସେଲଟିକ୍ସ ଦଳକୁ ହରାଇଥିଲା। ସେହିଭଳି ବାଳିକା ବିଭାଗରେ ଖୋର୍ଦ୍ଧାକୁ ହରାଇ କିସ୍ ଟାଇଟଲ୍ ଜିତିଥିଲା। ଉଭୟ ବିଭାଗର ଚମ୍ପିଅନ୍ ଦଳକୁ ଟ୍ରଫି ସହ ୧୦ହଜାର ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୫୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ବାଳକ ବିଭାଗର ଫାଇନାଲ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଆଲୋକ ରଞ୍ଜନ ଲାକ୍ରା (ଗଞ୍ଜାମ) ଏବଂ ବାଳିକା ବିଭାଗରେ ଯମୁନା ହାଁସଦା (କିସ୍) ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଟିଟିଲାଗଡ଼ର ପୂର୍ବତନ ବିଧାୟିକା ତଥା ବିଜୁ ଜନତା ଦଳର ବରିଷ୍ଠ ନେତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥିଭାବରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ହକି ଇଣ୍ଡିଆର ସଭାପତି ଡ. ଦିଲ୍ଲୀପ ତୀର୍କି, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ପୂର୍ବତନ ସାଂସଦ ଡ଼.ପ୍ରସନ୍ନ ପାଟସାଣୀ, ଓଡ଼ିଶା ବାସ୍କେଟବଲ୍ ସଂଘର ସଭାପତି ଜ୍ଞାନରଞ୍ଜନ ପରିଡ଼ା, ସମ୍ପାଦକ ଅଶୋକ କୁମାର ସାହୁ, ଟାଇମ୍ସ ସ୍କଲାର୍ସ' ଗୁରୁକୁଳର ପ୍ରତିଷ୍ଠାତା ଡ. ଶାରଦା ପ୍ରସାଦ ମିଶ୍ର ଏବଂ ଅଧ୍ୟକ୍ଷା ରଞ୍ଜିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରୁ ଚୟନ ହେବାକୁ ଥିବା ଶ୍ରେଷ୍ଠ ଯୁବ ଖେଳାଳିମାନେ ଆଗାମୀ ଜାତୀୟ ଯୁବ ବାସ୍କେଟବଲ୍ ଚାମ୍ପିଅନସିପ୍‌ରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବେ।



**ଓଡ଼ିଶା ଟି-୨୦ ଲିଗ୍ ୨୦ରୁ**

## କଟକ-ସମ୍ବଲପୁର ଉଦ୍‌ଘାଟନୀ ଲଢ଼େଇ



ଭୁବନେଶ୍ୱର, ୭।୯ (ସମିସ)

ଓଡ଼ିଶା ଟି-୨୦ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଲାଗି ଖେଳାଳି ଡ୍ରାଫ୍ଟ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟେକ ଫ୍ରାଞ୍ଚାଇଜ ଡ୍ରାଫ୍ଟ ପ୍ରକ୍ରିୟାରେ ୧୬ଜଣ ଲେଖାଏ ଖେଳାଳିଙ୍କୁ ନେଇଛନ୍ତି। ଆଇକନିକ ଖେଳାଳି ବିପ୍ଳବ ସାମନ୍ତରାୟ ଡିଫେଣ୍ଡିଂ ଚାମ୍ପିଅନ କଟକ ପାନ୍ଥର୍ସ ଦଳର ଅଧିନାୟକ ରହିଛନ୍ତି। ଭାରତ ମସଲା ପ୍ରାୟୋଜିତ ଏହି ଟିମ୍ ଟାଇଟଲ ବଜାୟ ରଖିବାକକୁ ସମସ୍ତ ପ୍ରକାର ଉଦ୍ୟମ କରିବ ବୋଲି ଏମ୍‌ଡି ସୁଶାନ୍ତ ପଣ୍ଡା କହିଛନ୍ତି। ଭାରତୀୟ ବଧିର କ୍ରିକେଟ୍ ଦଳର ସଦସ୍ୟ ଶିବୁନା ନନ୍ଦଙ୍କୁ କଟକ ଦଳରୁ ଖେଳିବାର ସୁଯୋଗ ମିଳିଛି। କେନ୍ଦୁଝର ମାଇନ୍ସର ନେତୃତ୍ୱ ଶୁଭ୍ରାଂଶୁ ସେନାପତିଙ୍କୁ ଦିଆଯାଇଛି। ଦଳରେ ରାଜେଶ ଧୁପର, ଦେବବ୍ରତ ପ୍ରଧାନ, ଜାମଳା ମହାପାତ୍ର, କ୍ଷମାସାଗର ବଳ ପ୍ରମୁଖ ସ୍ଥାନ ପାଇଛନ୍ତି। ଗୋବିନ୍ଦ ପୋଦ୍ଦାରଙ୍କ ନେତୃତ୍ୱରେ ଖେଳିବାକୁ ଥିବା ରାଉରକେଲା ଷ୍ଟିଲର୍ସ ଦଳରେ ସମ୍ବିତ ବରାଳ, ବିଶ୍ୱଜିତ ପ୍ରଧାନ, ପପୁ ରାୟ, ସନ୍ଦୀପ ପଟ୍ଟନାୟକ ପ୍ରମୁଖ ଖେଳାଳି ରହିଛନ୍ତି। ସ୍ୱସ୍ତିକ ସାମଲଙ୍କ ଭୁବନେଶ୍ୱର ଟାଇଗର୍ସ ଦଳରେ ରାଜେଶ ମହାନ୍ତି, ଶ୍ରେୟାଂଶ ଭରଦ୍ୱାଜ, ରାକେଶ ପଟ୍ଟନାୟକ ପ୍ରମୁଖ ସ୍ଥାନ ପାଇଛନ୍ତି। ଗୌରବ ଚୌଧୁରୀ ସମ୍ବଲପୁର ୱାରିୟର୍ସର ଅଧିନାୟକ ରହିଥିବାବେଳେ ଶାନ୍ତନୁ ମିଶ୍ର, ସାଇଦୀପ ମହାପାତ୍ର, ସୟଦ ତୁଫେଲ ଅହମ୍ମଦ, ଓମ ଟି ମୁଣ୍ଡେ ଓ ସୌମ୍ୟ ଲେଙ୍କା ଦଳରେ ରହିଛନ୍ତି। ଅନ୍ତର୍ଜାତୀୟ ତାରକା ସୁରେଶ ରାଇନା ଓ ଦେବାଶିଷ ମହାନ୍ତି ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି। ସେପ୍ଟେମ୍ବର ୨୦ରେ ଉଦଘାଟନୀ ଦିବସରେ କଟକ ସହ ସମ୍ବଲପୁରର ମୁକାବିଲା ହେବ।

**ଓସିଏ ଟି-୨୦ ଲିଗ୍: କ୍ୟାପ୍ଟେନ ଓ କୋଚ୍**

| ଟିମ୍ | କ୍ୟାପ୍ଟେନ | ହେଡ୍ କୋଚ୍ |
|---|---|---|
| ଭୁବନେଶ୍ୱର ଟାଇଗର୍ସ | ସ୍ୱସ୍ତିକ ସାମଲ | ସୁବିତ ବିଶ୍ୱାଳ |
| ପୁରୀ ଟାଇଟାନ୍ସ | ଆଦିତ୍ୟ ରାଉତ | ପ୍ରୀତମଜିତ୍ ଦାସ |
| କେନ୍ଦୁଝର ମାଇନର୍ସ | ଶୁଭ୍ରାଂଶୁ ସେନାପତି | ସୂର୍ଯ୍ୟକାନ୍ତ ପ୍ରଧାନ |
| ରାଉରକେଲା ସୁପରଷ୍ଟାର୍ସ | ଗୋବିନ୍ଦ ପୋଦ୍ଦାର | ସଞ୍ଜୟ ରାଉଳ |
| ସମ୍ବଲପୁର ୱାରିଅର୍ସ | ଗୌରବ ଚୌଧୁରୀ | ବସନ୍ତ ମହାନ୍ତି |
| କଟକ ପାନ୍ଥର୍ସ | ବିପ୍ଳବ ସାମନ୍ତରାୟ | ପ୍ରଭଞ୍ଜନ ମଲ୍ଲିକ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS